# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 322 ଭାଗ ୩୩ | ସଂଖ୍ୟା ୩୨୨ | Saturday 14 February 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୧୪ ଫେବୃଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ବିଜୟଙ୍କ ରାଲିରେ ଅଘଟଣ — ପୃଷ୍ଠା ୫



## ସେବା ତୀର୍ଥରୁ ଯୁଗାନ୍ତକାରୀ ନିଷ୍ପତ୍ତି

- ୨ଲକ୍ଷ କୋଟି ହେଲା କୃଷି ଭିତ୍ତିଭୂମି ପାଣ୍ଠି
- ଷ୍ଟାର୍ଟଅପ ଇଣ୍ଡିଆ ୨.୦କୁ ମିଳିଲା ମଂଜୁରି



## ଦ୍ୱିଗୁଣିତ ହେଲା ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟ

**ନୂଆଦିଲ୍ଲୀ, ୧୩।୨:** ସେବା ତୀର୍ଥରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସେ ଅତି ଜରୁରୀ ଫାଇଲରେ ସ୍ୱାକ୍ଷର କରିଛନ୍ତି ଯାହା ତାଙ୍କର ସେବା ଭାବନାକୁ ପ୍ରତିଫଳିତ କରୁଛି। ସେ ଆଜି ନେଇଥିବା ନିଷ୍ପତ୍ତି ଦେଶର ଚାଷୀ, ମହିଳା, ଯୁବବର୍ଗ ଏବଂ ବଞ୍ଚିତ ନାଗରିକଙ୍କ ସମେତ ସମାଜର ପ୍ରତ୍ୟେକ ବର୍ଗକୁ ଲାଭାନ୍ୱିତ କରିବ।

ପ୍ରଧାନମନ୍ତ୍ରୀ ପିଏମ ରାହତ ଯୋଜନା ଆରମ୍ଭ କରିବାକୁ ଅନୁମୋଦନ କରିଛନ୍ତି। ଏହି ପଦକ୍ଷେପ ଅଧୀନରେ, ଦୁର୍ଘଟଣା ପୀଡିତମାନେ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦମୁକ୍ତ ବା କ୍ୟାସଲେସ୍ ଚିକିତ୍ସା ପାଇବେ, ଯାହାଦ୍ୱାରା ତୁରନ୍ତ ଚିକିତ୍ସା ସହାୟତା ଅଭାବରୁ କେହି ଜୀବନ ହରାଇବେ ନାହିଁ।

ସେହିପରି ଲକ୍ଷପତି ଦିଦିଙ୍କ ଲକ୍ଷ୍ୟକୁ ଦ୍ୱିଗୁଣିତ କରି ୬ କୋଟି କରାଗଲା। ସରକାର ମାର୍ଚ୍ଚ ୨୦୨୭ର ଧାର୍ଯ୍ୟ ସମୟସୀମାଠାରୁ ଗୋଟିଏ ବର୍ଷରୁ ଅଧିକ ସମୟ ପୂର୍ବରୁ ୩ କୋଟି ଲକ୍ଷପତି ଦିଦିଙ୍କ ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ପ୍ରଧାନମନ୍ତ୍ରୀ ଏବେ ମାର୍ଚ୍ଚ ୨୦୨୯ ସୁଦ୍ଧା ୬ କୋଟି ଲକ୍ଷପତି ଦିଦିଙ୍କ ଏକ ନୂତନ ଏବଂ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି, ଯାହା ଏହି ➪ପୃଷ୍ଠା-୬

### ଭକ୍ତର ସନ୍ତୋଷ ହିଁ ମୋ ପାଇଁ ଶ୍ରେଷ୍ଠ ପୁରସ୍କାର

# ଆରମ୍ଭ ହେଲା 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନା




- ନବରଙ୍ଗପୁରରୁ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ
- ୫ ଜିଲ୍ଲାର ୫୦୦ ଶହରୁ ଅଧିକ ଶ୍ରଦ୍ଧାଳୁ ଗଲେ ପୁରୀ
- ୪ ବର୍ଷରେ ଏହି ଯୋଜନାରେ ଜଗା ଦର୍ଶନ କରିବେ ୧ ଲକ୍ଷରୁ ଉର୍ଦ୍ଧ୍ୱ
- ନୂଆ ସରକାରୀ ମେଡିକାଲ କଲେଜ ପାଇଁ ପଡିଲା ଭିତ୍ତିପ୍ରସ୍ତର
- ୪୪୬ କୋଟି ଟଙ୍କା ମୂଲ୍ୟର ୧୭୭ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ
- ରାଜଧାନୀ ଠାରୁ ଦୂରରେ ଥିଲେ ବି ବିକାଶ ଦୂର ହେବ ନାହିଁ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଜଗତର ନାଥ, ତେଣୁ ତାଙ୍କ ଦର୍ଶନ ପାଇଁ କୌଣସି ବାଧା ରହିବା ଉଚିତ ନୁହେଁ। ପ୍ରତିଟି ଓଡିଆ ଯେପରି ଜୀବନରେ ଅନ୍ତତଃ ଥରେ ସମ୍ମାନର ସହ ମହାପ୍ରଭୁଙ୍କ ଦର୍ଶନ ପାଇବେ, ଏହି ଚିନ୍ତାଧାରା ରଖି ଆମ ସରକାର 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନା ଆରମ୍ଭ କରିଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁର ଠାରେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ଏବଂ ସରକାରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଏହା କହିଛନ୍ତି।

ଯେଉଁ ଦିନ ପ୍ରତିଟି ଗରିବ ଲୋକ ବିନା କୌଣସି ବାଧାରେ ମହାପ୍ରଭୁଙ୍କ ଚକାନୟନ ସହ ଆଖି ମିଳାଇ ପାରିବ ଏବଂ ଶ୍ରଦ୍ଧାରେ ଲୁହ ଝରାଇବ, ସେହିଦିନ ହିଁ ମୋର ମୁଖ୍ୟମନ୍ତ୍ରୀ ପଦ ସାର୍ଥକ ହେବ ଏବଂ ମୋ ପାଇଁ ସେହି ଭକ୍ତର ସନ୍ତୋଷ ହିଁ ହେବ ସର୍ବଶ୍ରେଷ୍ଠ ପୁରସ୍କାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ ଯେ, ଆଜି ରାଜ୍ୟର ନବରଙ୍ଗପୁର, ଭଦ୍ରକ, ବାରିପଦା, ସମ୍ବଲପୁର, ଏବଂ ବ୍ରହ୍ମପୁରଠାରୁ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ଶୁଭାରମ୍ଭ ହୋଇଛି। ୫ଟି ଜିଲ୍ଲାରୁ ପ୍ରାୟ ୫୦୦ ଶ୍ରଦ୍ଧାଳୁ ତୀର୍ଥଯାତ୍ରୀ ଏସ୍କଟ ଅଫିସରଙ୍କ ସହିତ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଯୋଜନାରେ ଚଳିତ ବର୍ଷ ରାଜ୍ୟର ୫ ହଜାର ହିତାଧିକାରୀ ଏବଂ ଆସନ୍ତା ୪ ବର୍ଷ ମଧ୍ୟରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାର ଲକ୍ଷ୍ୟ ରହିଛି। ଆର୍ଥିକ ଦୁର୍ବଳ ଶ୍ରେଣୀର ୬୦ ରୁ ୭୫ ବର୍ଷ ବୟସ ସୀମା ମଧ୍ୟରେ ଥିବା ବରିଷ୍ଠ ନାଗରିକ ଓ ୭୫ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ବିଧବା ମା' ମାନଙ୍କୁ ଏହି ଯୋଜନାରେ ସାମିଲ ➪ପୃଷ୍ଠା-୬

## ପଞ୍ଚାୟତ ପୂର୍ବରୁ ହେବ ପୌର ନିର୍ବାଚନ!

### ପ୍ରକାଶ ପାଇଲା ଭଦ୍ରକ, ଗଂଜାମ ଓ ପୁରୀର ୱାର୍ଡ ତାଲିକା

**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ପଞ୍ଚାୟତ ପୂର୍ବରୁ ହେବ ପୌର ନିର୍ବାଚନ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ଆଗକୁ ବଢୁଛି ନଗର ଉନ୍ନୟନ ବିଭାଗ। ଘୋଷଣା ହୋଇଥିବା ନୂଆ ଏନଏସି ଏବଂ ପୌରପାଳିକାର ସୀମା ନିର୍ଦ୍ଧାରଣ ଏବଂ ସଂରକ୍ଷଣ ନେଇ ଚିଠା ପ୍ରସ୍ତାବ ପ୍ରକାଶ ପାଇଛି। ଭଦ୍ରକ ଜିଲ୍ଲାର ଦୁଇଟି ନୂଆ ଏନଏସି ଧୂଷୁରୀ ଏବଂ ତିହିଡି ପାଇଁ




ପ୍ରକାଶ ପାଇଥିବା ଚିଠା ପ୍ରସ୍ତାବ ଏହା ଦର୍ଶାଉଛି ଯେ ଉଭୟ ଏନଏସିରେ ୧୪ ଲେଖାଏଁ ୱାର୍ଡ ରହିବ। ଯାହା ଭିତରୁ ୮ଟି ୱାର୍ଡ ସଂରକ୍ଷିତ ହେବ। ଧୂଷୁରୀର ଜନସଂଖ୍ୟା ୧୦ ହଜାର ୩୪୯ ରହିଥିବା ବେଳେ ତିହିଡିର ଜନସଂଖ୍ୟା ୧୩ ହଜାର ୮୦୫ ରହିଛି।

ସେହିପରି ଗଞ୍ଜାମ କବିସୂର୍ଯ୍ୟନଗର ଏନଏସିକୁ ପୌରପାଳିକାରେ ରୂପାନ୍ତରଣ ପାଇଁ ମଧ ଚିଠା ପ୍ରସ୍ତାବ ପ୍ରକାଶ ପାଇଛି। ଏନଏସି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ମ୍ୟୁନସିପାଲିଟିରେ ୨୬ଟି ୱାର୍ଡ ରଖାଯାଇଛି। ସେହିପରି ପୁରୀ ମହାନଗର ନିଗମରେ ୩୯ ୱାର୍ଡ ନେଇ ମଧ ଚିଠା ପ୍ରସ୍ତାବ ପ୍ରକାଶ ପାଇଛି। ନୂଆ ସରକାର ଆସିବା ପରେ ୨୮ଟି ଏନଏସି ଏବଂ ୭ଟି ପୌରପାଳିକା ଘୋଷଣା ହୋଇଛି। ଆଉ ଘୋଷଣାର ୬ ମାସ ଭିତରେ ଏସବୁ ସ୍ଥାନରେ ନିର୍ବାଚନ ହେବା ନେଇ ରାଜ୍ୟ ନିର୍ବାଚନ କମିଶନ ଚିଠି ଲେଖିବା ପରେ ଆଗକୁ ବଢୁଛି ନଗର ଉନ୍ନୟନ ବିଭାଗ। ଗତ ୧୨ ତାରିଖରେ ଏସବୁ ➪ପୃଷ୍ଠା-୬

## ରାହୁଲ ଗାନ୍ଧି ଅରାଜକତାର ପଥ ବାଛିଛନ୍ତି: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ, ୧୩।୨:** ସଂସଦକୁ ଅଚଳ କରିବାକୁ କଂଗ୍ରେସ କରୁଛି ମସୁଧା । ସଂସଦକୁ ବାଧାପ୍ରାପ୍ତ କରିବା ପାଇଁ ପ୍ରତିଦିନ ନୂଆ ନୂଆ ବାହାନା ଖୋଜିବା ଏବେ କଂଗ୍ରେସର କାର୍ଯ୍ୟଶୈଳୀ ନୁହେଁ, ବରଂ ଏହା ତାର ପରିଚୟ ପାଲଟିଗଲାଣି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ ମିଡିଆରେ ସେୟାର କରିଛନ୍ତି।



ଭାବେ ଶୂନ୍ୟ କଂଗ୍ରେସ ଏକ ଯୋଜନାବଦ୍ଧ ଭାବେ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଉପରେ ଆକ୍ରମଣ କରୁଛି।

ଜରୁରୀକାଳୀନ ପରିସ୍ଥିତି ମାନସିକତା ରଖୁଥିବା ଲୋକମାନେ ଭାରତର ପ୍ରଗତିକୁ ଘୃଣା କରନ୍ତି ଏବଂ 'ମୃତ ଅର୍ଥନୀତି' କହି ଦେଶକୁ ଅପମାନିତ କରନ୍ତି। 'ବୟାନ ବାହାଦୂର'

ପ୍ରତି ଅଧିବେଶନରେ ଗୋଟିଏ ସ୍କ୍ରିପ୍ଟର ପୁନରାବୃତ୍ତି ହେଉଛି - ହଟ୍ଟଗୋଳ, ପାଟିତୁଣ୍ଡ, ମିଥ୍ୟା ଏବଂ ଗଣତାନ୍ତ୍ରିକ ମର୍ଯ୍ୟାଦାର ସୁନିୟୋଜିତ ଉଲ୍ଲଂଘନ। ବିରୋଧୀ ଦଳ ନେତା ହୋଇ ମଧ ରାହୁଲ ଗାନ୍ଧୀ ଦାୟିତ୍ୱବୋଧର ନୁହେଁ, ବରଂ ଅରାଜକତାର ପଥ ବାଛିଛନ୍ତି। ମିଛ କୁହ ଏବଂ ବାରମ୍ବାର କୁହ - ଏହି ରାଜନୀତି ଏବେ ତାଙ୍କର ଅଭ୍ୟାସ ନୁହେଁ, ବରଂ ତାଙ୍କର ରାଜନୈତିକ ପରିଚୟ, ଯାହା ତାଙ୍କୁ ଭାରତୀୟ ରାଜନୀତିରେ ଅବିଶ୍ୱସନୀୟତାର ପ୍ରତୀକ ଭାବେ ଛିଡ଼ା କରିଛି। ରାହୁଲ ଗାନ୍ଧୀ ଏବଂ କଂଗ୍ରେସର ସମ୍ବିଧାନ, ଗଣତନ୍ତ୍ର, ଗଣତାନ୍ତ୍ରିକ ବ୍ୟବସ୍ଥା, ସଂସଦୀୟ ପ୍ରଣାଳୀ ଏବଂ ଜନତାଙ୍କ ମତାଧିକାର ଉପରେ ବିଶ୍ୱାସ ନାହିଁ। ବୈଚାରିକ ରାହୁଲ ଗାନ୍ଧୀ ସାମନ୍ତବାଦୀ ଚିନ୍ତାଧାରା ଏବଂ ରାଜନୈତିକ ହତାଶା ମଧ୍ୟରେ ମିଥ୍ୟା ପ୍ରଚାର କରନ୍ତି ଏବଂ ପ୍ରତିଥର ଧରାପଡ଼ି ଯାଆନ୍ତି। ସେ ଏହା ସ୍ପଷ୍ଟ ଭାବେ ବୁଝିବା ଉଚିତ ଯେ 'ସଂସଦ' କଂଗ୍ରେସର ବ୍ୟକ୍ତିଗତ ସ୍ୱାର୍ଥ ସାଧନର ମଞ୍ଚ ନୁହେଁ, ବରଂ ଦେଶହିତ ପାଇଁ ଆଲୋଚନାର ଏକ ପବିତ୍ର ମଞ୍ଚ ବୋଲି ସେ କହିଛନ୍ତି।

## ପୁଣି ବୋରୱେଲ ନେଲା ଜୀବନ

**ପୁରୀ, ୧୩।୨ (ସଂଚାର ବ୍ୟୁରୋ) :** ଖେଳୁଥିବା ବେଳେ ବୋରୱେଲ୍‌ରେ ପଡ଼ି ଦେଢ଼ ବର୍ଷ ଶିଶୁ କନ୍ୟାର ମୃତ୍ୟୁ ହୋଇଛି। ପୁରୀ ମଙ୍ଗଳା ସାହିରେ ଘଟିଛି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ଶିଶୁକନ୍ୟା ନରେନ୍ଦ୍ର କୋଣ ମଙ୍ଗଳା ସାହିର ଅଜୟ ନାୟକଙ୍କ ଦେଢ଼ ବର୍ଷର ଶିଶୁକନ୍ୟା। ଚିକିତ୍ସା ପାଇଁ ଶିଶୁକନ୍ୟାକୁ ତୁରନ୍ତ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ସେଠାରେ ତାଙ୍କୁ ମୃତ



ଘୋଷଣା କରିଛନ୍ତି। ଶିଶୁ କନ୍ୟାର ମୃତ୍ୟୁକୁ ନେଇ ମେଡିକାଲରେ ଏବଂ ପରିବାର ଲୋକଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ, ଶିଶୁକନ୍ୟା ଜଣକ ତାଙ୍କ ମାମୁଁ ଘର ରାୟବାହାଦୁର ଲେନ୍‌କୁ ବୁଲିବାକୁ ଆସିଥିଲେ। ଶୁକ୍ରବାର ମଧାହ୍ନ ସମୟରେ ଶିଶୁକନ୍ୟା ଜଣକ ଖେଳୁଥିବା ବେଳେ ମେଡିକାଲରେ ଚାଲିଥିବା କୋଠା କାମ ପାଇଁ ଖୋଳା ଯାଇଥିବା ବୋରୱେଲ୍ ଭିତରେ ପଡ଼ି ଯାଇଥିଲେ । ସେଠାରେ ଉପସ୍ଥିତି ଥିବା ଲୋକମାନେ ଶିଶୁକନ୍ୟାକୁ ଉଦ୍ଧାର କରି ଚିକିତ୍ସା ପାଇଁ ପୁରୀ ହସ୍ପିଟାଲକୁ ➪ପୃଷ୍ଠା-୬



## ଜଣେ ମୁରବିଙ୍କୁ ହରାଇଲା କଂଗ୍ରେସ

### ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତା

**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କର ଆଜି ୮୭ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଛି। ବିଜେବି ନଗର ସ୍ଥିତ ବାସଭବନରେ କାହ୍ନୁ ଲେଙ୍କାଙ୍କ ମର ଶରୀରକୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ବହୁ ମାନ୍ୟଗଣ୍ୟ ବ୍ୟକ୍ତି। ତାଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳିଯାଇଛି । ବିଶେଷ କରି କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଜଣେ ମୁରବିକୁ ହରାଇଛନ୍ତି। ୧୯୩୯ ମାର୍ଚ୍ଚ ୨ ତାରିଖରେ ଜନ୍ମଗ୍ରହଣ କରିଥିବା କାହ୍ନୁ ଚରଣ ଲେଙ୍କା ଓଡିଶା ରାଜନୀତିର ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିଲେ। ୧୯୮୮-୯୪ ମସିହା ଯାଏଁ ସେ ରାଜ୍ୟସଭା ସାଂସଦ ଥିଲେ । ପି. ଭି. ନରସିଂହ ରାଓଙ୍କ ସରକାରରେ ରେଳ ଓ କୃଷି ରାଷ୍ଟ୍ରମନ୍ତ୍ରୀ ଥିଲେ । ସେ ରାଜ୍ୟ କଂଗ୍ରେସର ଜଣେ ପ୍ରମୁଖ ନେତା ଭାବେ ଜଣାଶୁଣା। ୧୯୯୧ରୁ ୧୯୯୪ ପର୍ଯ୍ୟନ୍ତ କେନ୍ଦ୍ର ➪ପୃଷ୍ଠା-୬

### ସଂସଦରେ ଓଡ଼ିଶାର ଜାତିଗତ ଭେଦଭାବ ଘଟଣା

## ତଦନ୍ତ ପାଇଁ ଖଡ଼ଗେଙ୍କ ଦାବି

**ନୂଆଦିଲ୍ଲୀ, ୧୩।୨:** ରାଜ୍ୟସଭାରେ ଉଠିଲା ଓଡ଼ିଶା ଅଙ୍ଗନବାଡ଼ିରେ ଜାତିଗତ ଭେଦଭାବ ପ୍ରସଙ୍ଗ। କେନ୍ଦ୍ରାପଡ଼ା ରାଜନଗର ବ୍ଲକ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଜାତିଗତ ଭେଦଭାବ ଘଟଣାକୁ ସଦନରେ ଉଠାଇଛନ୍ତି ରାଜ୍ୟସଭାର ବିରୋଧୀ ଦଳ ନେତା ମଲିକାର୍ଜୁନ ଖଡ଼ଗେ। ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇ ତଦନ୍ତ ଦାବି କରିଛନ୍ତି ।



ସେ କହିଛନ୍ତି, ଓଡ଼ିଶାର ଏକ ଅଙ୍ଗନବାଡ଼ି କେନ୍ଦ୍ରରେ ଦଳିତ ମହିଳା ସହାୟିକା ଭାବେ ନିଯୁକ୍ତ ହୋଇଥିବାରୁ ଗ୍ରାମବାସୀ ସେମାନଙ୍କ ପିଲାଙ୍କୁ ସେଠାରେ ଖାଇବାକୁ ଦେଉନାହାନ୍ତି। ଗତ ତିନିମାସ ଧରି ଅଙ୍ଗନବାଡ଼ି କେନ୍ଦ୍ରକୁ ବର୍ଜନ କରାଯାଇଛି। କାର୍ଯ୍ୟକ୍ଷେତ୍ରରେ ଜାତିଗତ ବୈଷମ୍ୟ ସମ୍ବିଧାନକୁ ଉଲ୍ଲଂଘନ କରୁଛି। ଏହି ଘଟଣା ଶିକ୍ଷାଗତ ଅଧିକାରକୁ ମଧ ଉଲ୍ଲଂଘନ କରୁଛି। ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି ମଲିକାର୍ଜୁନ ଖଡ଼ଗେ।

ସୂଚନା ଅନୁସାରେ, କେନ୍ଦ୍ରାପଡ଼ା ରାଜନଗର ବ୍ଲକ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଅନୁସୂଚିତ ଜାତିର ➪ପୃଷ୍ଠା-୬

## ବଡ଼ ରଣନୀତିର ସଂକେତ ଦେଲେ ତୋମାର

**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ରାଜ୍ୟସଭା ନିର୍ବାଚନରେ ବିଜେପି ତିନିଟି ଆସନ ହାତେଇବବୋଲି ଦଳର ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଦମ୍ଭୋକ୍ତି କରିବାପରେ ରାଜ୍ୟ ରାଜନୀତିରେ ହଲଚଲ ସୃଷ୍ଟି ଆରମ୍ଭ ହୋଇଛି। ବିଜେପିର ତିନିଟି ଆସନ ହାତେଇବାପାଇଁ ବିଜେଡି ସହଯୋଗ କରିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିବାବେଳେ କଂଗ୍ରେସ ଦେବାକୁ ଥିବା ପ୍ରାର୍ଥୀ କ'ଣ କରିବେବୋଲି ପ୍ରଶ୍ନ ଉଠିଲାଣି ।

ଆସନ୍ତା ଏପ୍ରିଲ ମାସରେ ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ବିଧାନସଭାରେ ସଂଖ୍ୟା ଗଣିତ ଦୃଷ୍ଟିରୁ ବିଜେପିର ଦୁଇ ପ୍ରାର୍ଥୀ ନିଶ୍ଚିତ ବିଜୟୀ ହେବେ । ସେହିଭଳି ବିଜେଡି ତାହାର ନିଜସ୍ୱ ବଳରେ ଜଣଙ୍କୁ ନିଶ୍ଚିତ ବିଜୟୀ କରାଇବ। ହେଲେ ଚତୁର୍ଥ ପ୍ରାର୍ଥୀ କିଭଳି କାହା ସମର୍ଥନରେ ଜିଣିବେ ତାହାକୁ ନେଇ ଅନିଶ୍ଚିତତା ଲାଗି ରହିଥିବାବେଳେ ତୋମାରଙ୍କ ବକ୍ତବ୍ୟ ଅନେକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।



ବିଜେପି ଯଦି ତୃତୀୟ ପ୍ରାର୍ଥୀ ଦେଇ ଜିତାଇବ ତେବେ ବିଜେଡି ହିଁ ଏଥିରେ ସହଯୋଗ କରିବ। କାରଣ କଂଗ୍ରେସ କୌଣସି ସ୍ଥିତିରେ ବିଜେପିର ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବନାହିଁ । କାରଣ କଂଗ୍ରେସ ଚଳିତ ରାଜ୍ୟସଭା ନିର୍ବାଚନରେ ପ୍ରାର୍ଥୀ ଦେବାକୁ ଘୋଷଣା କରିଛନ୍ତି । ଖାଲି ଘୋଷଣା କରିନାହିଁ, ବିଜେଡିର ସହଯୋଗ ଲୋଡି ନବୀନଙ୍କ ସହିତ ଆଲୋଚନା ପାଇଁ ସମୟ ମାଗିଥିଲେ ମଧ ନବୀନ ସମୟ ଦେଇନାହାନ୍ତି। ଏଭଳି ସ୍ଥିତିରେ ବିଜେଡି ବିଜେପି

- ବିଜେଡି କରିପାରେ ସହଯୋଗ
- କଂଗ୍ରେସ ପ୍ରାର୍ଥୀଙ୍କ ଉପରେ ପ୍ରଶ୍ନବାଚୀ

ପଟକୁ ଢଳୁଥିବା ନେଇ ଆଲୋଚନା ହେଉଛି ।

ତେବେ ବିଜେପି ଭେଟେରାନ ଦିଲ୍ଲୀପ ରାୟଙ୍କୁ ତୃତୀୟ ପ୍ରାର୍ଥୀ କରିବ ନା ଅନ୍ୟ କାହାକୁ ମଇଦାନକୁ ଓହ୍ଲାଇବ ତାହା ଏବେ ପ୍ରଶ୍ନବାଚୀ ହୋଇଛି । କାରଣ ଅନ୍ୟ ଦଳର ବିଧାୟକଙ୍କ ଭୋଟରେ କିଭଳି ରାଜ୍ୟସଭା ନିର୍ବାଚନ ଜିତିହୁଏ ସେ କଳା ଦିଲ୍ଲୀପଙ୍କୁ ବେଶ୍ ଭଲଭାବେ ଜଣା । ଅତୀତରେ ନବୀନଙ୍କୁ ଚକ୍‌ମା ଦେଇ ସେ ରାଜ୍ୟସଭା ଯିବାରେ ସଫଳ ହୋଇଛନ୍ତି । ବର୍ତ୍ତମାନ ଦୁଇ ବିରୋଧିଦଳ ବିଜେଡି ଓ କଂଗ୍ରେସରେ ଅସନ୍ତୋଷ ଚରମ ସ୍ଥିତିରେ ଥିବାବେଳେ ସେଠାରେ ଦିଲ୍ଲୀପଙ୍କର ଅନେକ ବନ୍ଧୁ ରହିଛନ୍ତି । ତେଣୁ ଚତୁର୍ଥ ପ୍ରାର୍ଥୀ ଭାବେ ଦିଲ୍ଲୀପଙ୍କ ନାଁ ସବୁଠାରେ ଅଧିକ ଚର୍ଚ୍ଚାରେ ରହିଛି ।

ଅନ୍ୟ ପଟେ ବିଜେଡି କାହାକୁ ପ୍ରାର୍ଥୀ କରିବ ତାହାକୁ ନେଇ ବି ଅଙ୍କକଷା ଚାଲିଛି । କାରଣ ବିଜେଡିର ପ୍ରାର୍ଥୀ ଚୟନ ➪ପୃଷ୍ଠା-୬



### କାନ ଡେରିଥା

ତଣ୍ଟିକଟା ପ୍ରେମ ଏହି
ସପ୍ତାହରେ
ଭାରି ଝଡ଼ ସୃଷ୍ଟି କଲା
ପ୍ରେମିକା ଏପଟେ
ନୂଆଁନୁଆଁ ସହ
ଦେହ ଖେଳ କରୁଥିଲା
ପୁରୁଣା ଟା ଜାଣିଦେଲା...
ନୂଆଁ ପ୍ରେମିକର ଛୁରୀ
ଆଘାତରେ
ପୁରୁଣା ଟା ମରିଗଲା ।

■ ଦେବାଶିଷ

## ଜଳେଇଲେ ଜଳିଗଲେ

# ରାଜଧାନୀରେ ନିଆଁର ତାଣ୍ଡବ



**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ରାତି ପ୍ରାୟ ୩ ଟା, ସ୍ଥାନ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱର। ହଠାତ ନିଆଁରେ ହୁତୁହୁତୁ ହୋଇ ଜଳିଲା ଏକ କାର। ଫୁଲ ତୋଳିବାକୁ ଉଠିଥିବା ଲୋକ ପାଟି କରିବା ଭିତରେ କାରଟି ପ୍ରାୟତଃ ଶତ ପ୍ରତିଶତ ପୋଡି ସାରିଛି । କାରରେ ଲାଗିଥିବା ନିଆଁ ଏତେ ଭୟଙ୍କର ଥିଲା ଯେ ଆଗରେ ଓ ପଛରେ ପାର୍କ ହୋଇଥିବା ଦୁଇଟି ଅଟୋ ମଧ ଜଳିଯାଇଛି । ନିଆଁରେ ଜଳି କାର ଉପରେ ଯାଇଥିବା ବିଦ୍ୟୁତ ତାର ମଧ ଛିଣ୍ଡି ଗାଡି ଉପରେ ପଡିଛି। ଏସବୁ ଦେଖିବା ପରେ ସନ୍ଦେହ ହୋଇଥିଲା, ହୁଏତ ସର୍ଟସର୍କିଟରୁ ଗାଡି ପୋଡିଯାଇଛି । କିନ୍ତୁ ସିସିଟିଭି ସାମ୍ନାକୁ ଆସିବା ପରେ ଧରାପଡିଥିଲା ସତ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗାଡ଼ିରେ ଲଗାଯାଇଥିଲା ନିଆଁ ।

### ନୟାନ୍ତ ହେଲା ଅଗ୍ନିଶମ ବିଭାଗ

ମିଳିଥିବା ସିସିଟିଭି ଓ ସିସିଟିଭିରେ କଏଦ ଦୃଶ୍ୟ ମୁତାବକ ବିଳମ୍ବିତ ରାତି ପ୍ରାୟ ୨ଟା ୪୫ରୁ ଗାଡି ନିକଟରେ ବୁଲୁଥିଲେ ଜଣେ ଦୁର୍ବୃତ୍ତ। ମୁହଁରେ ଭିଡିଥିଲେ ଗାମୁଛା । ହାତରେ ଧରିଥିଲେ ପେଟ୍ରୋଲ ଭର୍ତ୍ତି ବୋତଲ । ଆଉ ସୁଯୋଗ ପାଇବା କ୍ଷଣି ଲଗାଇ ଦେଇଥିଲେ ନିଆଁ। ଏ ନେଇ ଖବର ପାଇବା ପରେ ଲକ୍ଷ୍ମୀସାଗର ଥାନା ପୁଲିସ ସ୍ପଟ ଭିଜିଟ କରିବା ସହ ଏତଲା ରୁଜୁ କରିଛି । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିଶାସକ୍ତ ଯୁବକ ଏଭଳି କାଣ୍ଡ ଭିଆଇଥିବା ଜାଣିବାକୁ ପାଇଛି ପୁଲିସ ।



### ଆପାର୍ଟମେଣ୍ଟ ଅଗ୍ନିକାଣ୍ଡ : ଅଳ୍ପକେ ବର୍ତ୍ତିଲେ ୨୦ ଲୋକ

ଝାରପଡା ଗଣେଶ ମଣ୍ଡପ ଛକ ନିକଟରେ ଥିବା ନୀଳପଦ୍ମ ଆପାର୍ଟମେଣ୍ଟରେ ଅପରାହ୍ନ ପ୍ରାୟ ୩ଟା ୩୦ ମିନିଟରେ ଲାଗିଥିଲା ନିଆଁ । ସର୍ଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ୩ଟି ଅଗ୍ନିଶମ ଟିମ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ଧୂଆଁରେ ଅଣନିଃଶ୍ୱାସୀ ହେବାଦ୍ୱାରା ୨୦ ଜଣଙ୍କୁ ଅଗ୍ନିଶମ ବାହିନୀ ସହାୟତାରେ ଆପାର୍ଟମେଣ୍ଟରୁ ଉଦ୍ଧାର କରାଯାଇଛି । ଅଚେତ ହେବା ପରେ ୪ ଜଣଙ୍କୁ ଆହତ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ହାଇଡ୍ରୋଲିକ୍ ଲ୍ୟାଡର ସାହାଯ୍ୟରେ ଫାୟାର ଫାଇଟର ଟିମ୍ ଆପାର୍ଟମେଣ୍ଟର ପଞ୍ଚମ ମହଲାକୁ ପ୍ରବେଶ କରିବା ସହ ➪ପୃଷ୍ଠା-୬

## ଅଡୁଆରେ କଟକ ଜିଲ୍ଲାପାଳ

**ନୂଆଦିଲ୍ଲୀ, ୧୩।୨:** ଅଡୁଆରେ ପଡିବେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ। ତାଙ୍କ ବିରୋଧରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଆଣିଥିବା ସ୍ୱାଧିକାର ଭଙ୍ଗ ନୋଟିସ ଉପରେ ରାଜ୍ୟସଭା ସଚିବାଳୟ ପକ୍ଷରୁ କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇଛି। ରାଜ୍ୟସଭା ସଚିବାଳୟର ନିର୍ଦ୍ଦେଶ କାର୍ମିକ ଓ ପ୍ରଶିକ୍ଷଣ ସଚିବ ରଚନା ଶାହଙ୍କୁ ଏହି ଚିଠି ଲେଖିବା ସହ ସାଂସଦ ଆଣିଥିବା ନୋଟିସକୁ ପଠାଇଛନ୍ତି। ଦେବାଶିଷ

### କାର୍ମିକ ମନ୍ତ୍ରାଳୟକୁ ଗଲା ସ୍ୱାଧିକାର ନୋଟିସ

ସାମନ୍ତରାୟଙ୍କ ସହ ବିଜେଡିର ଅନ୍ୟ ସାଂସଦମାନେ ମିଳିତ ଭାବେ କଟକ ଜିଲ୍ଲାପାଳଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଥିଲେ। ଦେବାଶିଷ ଅଭିଯୋଗ କରିଥିଲେ ଯେ, ନେତାଜୀ ଜୟନ୍ତିରେ ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧକ୍ଷ କଟକକୁ ମୁଖ୍ୟ ଅତିଥି ଭାବେ ଯାଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରୋଟକଲ ହିସାବରେ ଜିଲ୍ଲାପାଳ ତାଙ୍କୁ ଆମନ୍ତ୍ରଣ କରିବା କଥା। କିନ୍ତୁ ଜିଲ୍ଲାପାଳ ନା ତାଙ୍କୁ ଫୋନ କରିଛନ୍ତି ତା ନିମନ୍ତ୍ରଣପତ୍ରରେ ତାଙ୍କ ନାଁ ରଖିଥିଲେ। ଏହାକୁ ନେଇ ସେ ଜିଲ୍ଲାପାଳଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଥିଲେ। କଟକ ଜିଲ୍ଲାପାଳ ନିଜର ହମବଡା ନୀତି ପାଇଁ ସବୁବେଳେ ବିବାଦରେ ରହିଆସୁଛନ୍ତି। କେତେବେଳେ ବାଲିଯାତ୍ରା ଆୟୋଜନକୁ ନେଇ ତ କେତେବେଳେ ଜନପ୍ରତିନିଧିଙ୍କୁ ଅଣଦେଖା କରିବା ନେଇ।

## ମାହାଙ୍ଗା ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ମାହାଙ୍ଗା,୧୩।୨ (ସଂଚାର ବ୍ୟୁରୋ):** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଦ୍ୱାରା ଚାରୋଟି ପଂଚାୟତରେ ଚାରୋଟି ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଛି । ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ପ୍ରଥମେ କଇଥା ପଞ୍ଚାୟତ ଗସ୍ତ କରି ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଆନନ୍ଦବଜାର ଠାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଆର ଡି ରାସ୍ତା ଠାରୁ ଗୋଠମୁହଁ ରାସ୍ତାର ମରାମତି କାର୍ଯ୍ୟର ଶିଳାନ୍ୟାସ କରିଥିଲେ । ପରେ କୁଣ୍ଡି ପଂଚାୟତ ଗସ୍ତ କରି ଜଳ ସମ୍ପଦ ବିଭାଗ ପକ୍ଷ ରୁ ଜଗନ୍ନାଥପୁର ମାଇନର କେନାଲ କାର୍ଯ୍ୟର ଶିଳାନ୍ୟାସ କରିଥିଲେ ଓ ମଧୁପୁର ପଂଚାୟତ ଗସ୍ତ କରି ଝିଂଘିଆ ମାଇନର କେନାଲ ଲାଇନିଙ୍ଗ କାର୍ଯ୍ୟର ଶିଳାନ୍ୟାସ କରିବା ପରେ ବାସୁଦେବପୁର ପଂଚାୟତ ଗସ୍ତ କରି କୋଳିଅଠା ବାସୁଦେବପୁର ଗ୍ରାମ ଉନ୍ନୟନ ରାସ୍ତାର ଶୁଭ ଶିଳାନ୍ୟାସ କରିଥିଲେ । ଏହି ଚାରୋଟି ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା କଇଥା, ସମସରପୁର, କୁଣ୍ଡି, ମଧୁପୁର, ବାସୁଦେବପୁର ଓ କୋଳିଅଠା ପଞ୍ଚାୟତ ସମେତ ବନ୍ଧୁ ପଞ୍ଚାୟତର ଚାଷୀ ମାନେ ବିଲକୁ ଜଳ ସେଚିତ କରିବା ସହ ସୁବିଧାରେ ଯାତାୟାତ କରିପାରିବେ ।

## ଆବାସ ଯୋଜନା ସର୍ଭେରେ ପକ୍ଷପାତିତା

# ଥିଲାବାଲାଙ୍କୁ ମିଳୁଛି ଆବାସ ଗୃହ

### ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଆବାସ
### ପ୍ରତିବାଦ କଲେ ଏତଲାର ଭୟ
### ସରକାରଙ୍କୁ ବଦନାମ କରିବାକୁ ଚାଲିଛି ଷଡ଼ଯନ୍ତ୍ର





**ଆଳି,୧୩।୨(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଗରିବ ଖଟିଖିଆ ପରିବାର ମୁଣ୍ଡ ଉପରୁ ଛପର ଉଠାଇ ଛାତଘର ଯୋଗାଇ ଦେବା ନିମନ୍ତେ ଆବାସ ଗୃହ ଯୋଗାଇ ଦେଉଛନ୍ତି । ଆବାସ ଗୃହ ପାଇବା ନିମନ୍ତେ ହିତାଧିକାରୀ ମାନେ ଚାହିଁ ବସିଥିବା ବେଳେ ଏହି ଯୋଜନାରେ ଘର ଯୋଗାଇ ଦେବା ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଏକ ସର୍ଭେ ଟିମ ଗଠନ କରାଯାଇଛି ମାତ୍ର ଏହି ସର୍ଭେ ଟିମର ମନମାନି ଯୋଗୁଁ ପ୍ରକୃତ ହିତାଧିକାରୀ ଆବାସ ଗୃହ ପାଇବାରୁ ବଞ୍ଚିତ ହେଉଥିବା ବେଳେ ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ହାଗୁଲ୍ଲା ନେଇ ଘର ଯୋଗାଇ ଦେଉଥିବା ଦେଖିବାକୁ ମିଳୁଛି । ଯୋଗ୍ୟ ହିତାଧିକାରୀଙ୍କ ଘର ଫଟୋ ଉଠାଇ ନେଇ ଏହି ସର୍ଭେ ଟିମ ସେମାନଙ୍କ ବଦଳରେ ଥିଲାବାଲା ଲୋକଙ୍କୁ ଘର ଯୋଗାଇ ଦେଉଛି । ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଆଳି ବ୍ଲକ ଭୁଇଁପୁର ପଞ୍ଚାୟତରେ ମାନପୁର ଗ୍ରାମରେ ।

ଗ୍ରାମର ଆରତୀ ମଲ୍ଲିକ ଓ ମମତା ଦାସଙ୍କ ପରିବାର ଆବାସ ଗୃହ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ନିଯୁକ୍ତି ପାଇଥିବା ସର୍ଭେ ଟିମ ସେମାନଙ୍କ ଘର ଫଟୋ ଉଠାଇବା ପରେ ସେମାନଙ୍କୁ ଭୁଲିଯାଇଛି । ଉଭୟ ପରିବାର ରହୁଥିବା ଘରର ଅବସ୍ଥା ସଙ୍ଗୀନ ରହିଛି । ଘର ଛପର ନିମନ୍ତେ ଅର୍ଥ ଅଭାବ ଥିବାରୁ ଘର ଚାଳ ଫୁଟି ଦିନରେ ସୂର୍ଯ୍ୟ ଓ ରାତିରେ ଜହ୍ନ ଦିଶୁଛି । ଯାହାଫଳରେ ଘର ଉପରେ ପାଲ ପକାଇ ବସବାସ କରୁଛନ୍ତି । ଏହି ପରିବାର ଘରପାଇବା ନିମନ୍ତେ ଯୋଗ୍ୟ ଥିବା ବେଳେ ସର୍ଭେ ଟିମ କିନ୍ତୁ ପକ୍କା ଘରଥିବା ଲୋକଙ୍କ ସର୍ଭେ ହେବା ସହ ଯେଉଁ ମାନେ ମୋଟା ଆଙ୍କର ଉତ୍କୋଚ ଦେଇପାରୁଛନ୍ତି ତାଙ୍କର ସର୍ଭେ ହୋଇଥିବା ଓ ପକ୍କା ଗୃହ ମିଳିବ ବୋଲି ଅଭିଯୋଗ କରିଛନ୍ତି କଚା ଘରେ ରହୁଥିବା ପରିବାର।

ଅନ୍ୟପଟେ କଚାଘର ଥିବା ଲୋକେ ଆବାସ ସର୍ଭେ କରିବାକୁ ଆସିଥିବା ବ୍ଲକର କର୍ମଚାରୀଙ୍କୁ ସର୍ଭେ ସମ୍ପର୍କରେ ପଚାରିଲେ ହିତାଧିକାରୀଙ୍କୁ ସଠିକ ଉତ୍ତର ନଦେଇ ଓଲଟି ମାମଲା ରୁଜୁ କରାଯାଉଛି। ଆଳି ଥାନାରେ ମାମଲା ରୁଜୁ କରିବା ଘଟଣା ଆଜି ବ୍ଲକ ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଆବାସ ଦେବା ବଦଳରେ କଣ ପାଇଁ ହିତାଧିକାରୀଙ୍କ ନାମରେ ବ୍ଲକ ପ୍ରଶାସନ ମାମଲା ରୁଜୁ କଲା । ସରକାରୀ ଅଧିକାରୀଙ୍କୁ ପ୍ରଶ୍ନ କରିବା ଜଣେ ସାଧାରଣ ନାଗରିକର ମୌଳିକ ଅଧିକାର ଥିବା ବେଳେ ପ୍ରଶାସନ ନିଜ ଦୋଷ ଲୁଚାଇବା ନିମନ୍ତେ ଜଣେ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିବା ଘଟଣା ଆଜି ବ୍ଲକରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ୧୯ଦିନ ପରେ ତତ୍ପର ହେଲା ବନବିଭାଗ




**ତେରାବିଶ,୧୩।୨ (ସଂଚାର ବ୍ୟୁରୋ):** ତେରାବିଶ ବନପାଳ ସୁକାନ୍ତ ବେହେରା କାର୍ଯ୍ୟାଳୟକୁ ଆସୁନଥିବା ଓ କାଠ ମାଫିଆଙ୍କ ସହ ହାତ ମିଳେଇ ବେଆଇନ ଚୋରା କାଠ କାରବାର ନେଇ ଗତ ୨୫ ଜାନୁଆରୀ ରେ ସଂଚାର ରେ ଖବର ପ୍ରକାଶିତ ହୋଇଥିଲା । ଯାହାକୁ ଅତି ଗୁରୁତ୍ୱସହ ନେଇ କଟକ ବନଖଣ୍ଡ ଅଧିକାରୀ ଅନିଲ କୁମାର ରାୟ ଏସିଏଫ ସନ୍ତୋଷ ପତିଙ୍କୁ ତୁରନ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଜି ଶ୍ରୀ ପତି ତେରାବିଶ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିବା ସହ ଅଭିଯୋଗର ସତ୍ୟାସତ୍ୟ ଜାଣିବାକୁ ପାଇଥିଲେ। ତଦନ୍ତ ରିପୋର୍ଟ ଖୁବଶୀଘ୍ର ବନଖଣ୍ଡ ଅଧିକାରୀ ଅନିଲ ରାୟଙ୍କ ନିକଟରେ ପ୍ରଦାନ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି ।

ତେବେ ଅନ୍ୟ ପଟେ ସୁକାନ୍ତ ବେହେରା ନିଜ ବିଭାଗର ଅଧିକାରୀ ହେତୁ ତାଙ୍କୁ ଘଣ୍ଟ ଘୋଡେଇବାକୁ ଚେଷ୍ଟା କରିଥିଲେ ଏସିଏଫ ସନ୍ତୋଷ ପତି ଓ ତାଙ୍କୁ ଏକମାସ ପର୍ଯ୍ୟନ୍ତ ନିଜର କାର୍ଯ୍ୟାଳୟ ଛାଡି ନଯିବାପାଇଁ ନିର୍ଦ୍ଦେଶ ଦେଇଥିଲେ। ଯଦି ଏହାର ବ୍ୟତିକ୍ରମ ହୁଏ ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସିଧା ସିଧା ଶୁଣାଇ ଦେଇଥିଲେ। ତେବେ ଆଗାମୀ ଦିନରେ କଣ ହେଉଛି କାର୍ଯ୍ୟାନୁଷ୍ଠାନ ତାହାକୁ ଅପେକ୍ଷା କରାଯାଇଛି।

## ଅଙ୍ଗନବାଡିରେ ଛୁଆଁ ଅଛୁଆଁ ଭେଦଭାବ ଘଟଣା

# ନୂଆଗାଁରେ ପହଞ୍ଚିଲା କଂଗ୍ରେସ ପ୍ରତିନିଧି ଦଳ



**ରାଜନଗର,୧୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନବାଡି କେନ୍ଦ୍ରରେ ଛୁଆଁ ଅଛୁଆଁ ଜାତିଗତ ଭେଦଭାବ ପ୍ରସଙ୍ଗ କେବଳ ଓଡିଶାରେ ସୀମିତ ନାହିଁ, ଜାତୀୟ ସ୍ତରରେ ଏନେଇ ଚର୍ଚ୍ଚା ଓ ଉଦବେଗ ସୃଷ୍ଟି ହୋଇଛି। ଗତକାଲି ରାଜ୍ୟ ସଭାରେ କଂଗ୍ରେସ ଅଧକ୍ଷ ତଥା ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏକବିଂଶ ଶତାବ୍ଦିରେ ଏଭଳି ଜାତିଗତ ବୈଷମ୍ୟକୁ ଉଦବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାର ମାମଲାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ତଦନ୍ତ କରିବାକୁ ଦାବି କରିଛନ୍ତି।

ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠିବା ପରେ ଆଜି ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂଆଗାଁରେ ପହଞ୍ଚି ଗ୍ରାମବାସୀ ଓ ସହାୟିକାଙ୍କ ସହିତ ଆଲୋଚନା କରିଛନ୍ତି। ଘଟଣାର ସମାଧାନ ପାଇଁ ଗାଁ ଲୋକଙ୍କୁ ବୁଝାଇବା ସହ ଗାଁରେ ଭାଇଚାରା ଫେରାଇ ଆଣିବାକୁ ଲୋକଙ୍କୁ ନିବେଦନ କରିଥିଲେ। ସହାୟିକା ଶର୍ମିଷ୍ଠା ସେଠୀଙ୍କ ସହିତ ଘଟଣା ସମ୍ପର୍କରେ କଥା ହୋଇ ତାଙ୍କ ସମ୍ପର୍କରେ କଂଗ୍ରେସ ଅଧକ୍ଷ ରାଜ୍ୟସଭାରେ ଉଠାଇଥିବା କହିଥିଲେ। ଜିଲ୍ଲା କଂଗ୍ରେସ ସଭାପତିଙ୍କ ସହିତ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଶାନ୍ତ କୁମାର ରାଉତ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଦାମୋଦର ବିଶ୍ୱାଳ, ନାଗେଶ୍ୱର ସାହୁ, ଯୁବନେତା ସୁଶୀଲ ବାରିକ, ନିରଞ୍ଜନ ବାରିକ, ରମାକାନ୍ତ ଜେନା, ପ୍ରଭାତ ସାମନ୍ତରାୟ ଲୋକଙ୍କ ସହ ଆଲୋଚନା କରିଥିଲେ।

ଆଜି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ଦଳ ନୂଆଗାଁରେ ପହଞ୍ଚି ସହାୟିକାଙ୍କ ପରିବାର ଓ ସହାୟିକାଙ୍କୁ ଓ ଗ୍ରାମବାସୀଙ୍କୁ ଭେଟି ଆଲୋଚନା କରିଛନ୍ତି। ସହାୟିକା ପରିବାରକୁ ନ୍ୟାୟ ସହିତ ଜାତିଗତ ବିଭେଦ ସୃଷ୍ଟି କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଚୋରା ମଦ ସମେତ ବ୍ରାଉନସୁଗାର ଓ ଗଞ୍ଜେଇ ଜବତ,୫ ଗିରଫ



**କେନ୍ଦ୍ରାପଡ଼ା,୧୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ସଦର, କେନ୍ଦ୍ରାପଡ଼ା ଟାଉନ, ରାଜନଗର ଓ ମହାକାଳପଡ଼ା ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ମଲକିଆ ଗ୍ରାମର ଗଗନ ସ୍ୱାଇଁ(୪୧)ଙ୍କ ଠାରୁ ୨୮ ଲିଟର ଦେଶୀ ମଦ, ନରହରି ଗ୍ରାମର ରଜନୀକାନ୍ତ ଦାସ(୩୫)ଙ୍କ ଠାରୁ ୨୫ ଲିଟର ଦେଶୀ ରନ୍ଧା ମଦ, ଗଣ୍ଡା ଗ୍ରାମର ବାସୁଦେବ ନାୟକ(୪୨)ଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ, ମଧୁସୂଦନପୁର ଗ୍ରାମର ଜାହିଦ ଖାନ(୩୨)ଙ୍କ ଠାରୁ ୫୦ ଗ୍ରାମର ବ୍ରାଉନ ସୁଗାର, ରାଜନଗର ଗ୍ରାମର ବଳରାମ ସେଠୀ(୪୧)ଙ୍କ ଠାରୁ ୨.୫୬୦ କିଗ୍ରା ଗଞ୍ଜେଇ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୮୮ ଲିଟର ଦେଶୀ, ଦେଶୀ ରନ୍ଧା ଓ ବିଦେଶୀ ଚୋରା ମଦ, ୨.୫୬୦ କିଗ୍ରା ଚୋରା ଗଞ୍ଜେଇ ଓ ୫୦ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, କଳ୍ପନା ରାଉତ, ସହକାରୀ ଉପନିରୀକ୍ଷକ ସୁନୀଲ କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

● ଚାଷ କାର୍ଯ୍ୟରେ ପିଇବା ପାଣି ବ୍ୟବହାର ଘଟଣା

## ୧୦ଟି ପାଣି ମୋଟର ଜବତ କଲେ ବିଡ଼ିଓ

**କେନ୍ଦ୍ରାପଡା,୧୩।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ କେତେକ ବ୍ୟକ୍ତି ପିଇବା ପାଣି ଚୋରି କରି ନିଜ ବିଲରେ ମଡାଉଥିବା ଅଭିଯୋଗ ପାଇବା ପରେ ବିଡିଓ ଅଭିଷେକ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ୧୦ଟି ମୋଟର ଓ ପାଇପ ଜବତ କରିଛନ୍ତି । ସେହିପରି ଗ୍ରୀଷ୍ମ ଋତୁରେ ଲୋକଙ୍କୁ ପିଇବା ପାଣି ଯୋଗା ଯାଉଥିବା ବେଳେ ତାହାକୁ ଚୋରି କରି ଚାଷ କାର୍ଯ୍ୟରେ ବ୍ୟବହାର କରୁଥିବା ୧୦ ଜଣ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ବିଡିଓ କହିଛନ୍ତି । ଖବର ନେବାରୁ ଜଣାପଡିଛି ଚନ୍ଦନପୁର ଓ ବାରୁଅ ଗ୍ରାମ ଦେଇ ପିଇବା ପାଣି ପାଇପ ଯାଇଛି । ଏହି ପିଇବା ପାଣି ପାଇପକୁ କାଟି କେତେକ ବ୍ୟକ୍ତି ନିଜ ବିଲରେ ହୋଇଥିବା ପନି ପରିବା ଚାଷ ଓ କୁକୁଡା ଫାର୍ମରେ ପାଣି ମଡାଉଥିଲେ। ଏହାଦ୍ୱାରା ସାଧାରଣ ଲୋକ ପାଣି ପାଇବାରୁ ବଞ୍ଚିତ ହେଉଥିଲେ । ଏ ନେଇ ବିଭିନ୍ନ କେତେକ ଗ୍ରାମବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ।



## ପୂର୍ବ ଶତୃତାରୁ ଦମ୍ପତିଙ୍କୁ ଆକ୍ରମଣ



**କେନ୍ଦ୍ରାପଡ଼ା,୧୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପାୟତର ପୁରୁଷୋମପୁର ଗ୍ରାମରେ ଜଣେ ଦମ୍ପତିଙ୍କୁ ମରଣାନ୍ତଙ୍କ ଆକ୍ରମଣ ହୋଇଛି । ଆକ୍ରମଣରେ ଶୀକାର ଦମ୍ପତି ହେଉଛନ୍ତି ପୁରୁଷୋମପୁର ଗ୍ରାମର ସୁବାଷ ଖଟୁଆ ଓ ତାଙ୍କ ପତ୍ନୀ ରଶ୍ମୀତା । ଉଭୟଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ରଶ୍ମୀତା ତାଙ୍କ ଏତଲାରେ ଦର୍ଶାଇଛନ୍ତି ତାଙ୍କ ଗ୍ରାମର ବାବୁଲି ସ୍ୱାଇଁଙ୍କ ପରିବାର ସହ ପୂର୍ବରୁ ଶତୃତା ରହିଥିଲା । ଏହି କାରଣରୁ ବାବୁଲି ସ୍ୱାଇଁ ଓ ତାଙ୍କ ସହଯୋଗୀମାନେ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି । ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି ।

## ଓଳାଭର ବଜାର ଜବରଦଖଲ: କୋର୍ଟ ନିର୍ଦ୍ଦେଶର ଉଲ୍ଲଙ୍ଘନ ଅଭିଯୋଗ



**କେନ୍ଦ୍ରାପଡା,୧୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ବଜାର ଜବରଦଖଲ ମାମଲା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ତହସିଲ୍ ପ୍ରଶାସନ କୋର୍ଟ ନିର୍ଦ୍ଦେଶ ଅନୁସାରେ ମାପ କରିନଥିବା ଶତାଧିକ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

ଅଭିଯୋଗ ମୁତାବକ ଜବରଦଖଲରେ ଥିବା କେତେକ ଦୋକାନୀ ବେଆଇନ୍ ଦୋକାନ ଗୃହକୁ ବଂଚେଇବା ପାଇଁ ଏକ ଗଛକୁ ଆଡକରି ସାମ୍ନାରେ ବଢାଇଥିବା କେବଳ ଟିଣ ଓ ଆଜବେଷ୍ଟରକୁ ବାହାର କରିଥିବାବେଳେ ପ୍ରକୃତରେ ମାଡି ବସିଥିବା ଜାଗାକୁ ଉଚ୍ଛେଦ କରିନାହାଁନ୍ତି। ତହସିଲ୍ ପ୍ରଶାସନ ଲୋକ ଦେଖାଣିଆ ଭାବେ ଚା ଦୋକାନୀ, ଚାର୍ଟ ଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀ ମାନଙ୍କୁ ସେଠାରୁ ଉଚ୍ଛେଦ କରି ନେଉଥିବାବେଳେ ଜବରଦଖଲ ପୂର୍ବ ଅବସ୍ଥାରେ ରହିଛି । କୋର୍ଟ ନିର୍ଦ୍ଦେଶ ଅନୁସାରେ ଜବରଦଖଲକୁ ଉଚ୍ଛେଦ କରିବା ପାଇଁ ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଅନାଦି ସାହୁ, ଅକ୍ଷୟ କୁମାର ଦାସ, କୃତୀବାସ ନାୟକ, ବିଜୟ ବାରିକ, ଘନଶ୍ୟାମ ମୁଦୁଲି, ଆନନ୍ଦନନ୍ଦ ପୃଷ୍ଟି, ମଙ୍ଗୁ ମଲିକ ଓ ରମେଶ ମଲିକ ପ୍ରଭୃତି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବି କରିବା ସହିତ କ୍ଷୁଦ୍ର ବ୍ୟବସାୟୀଙ୍କ ନଷ୍ଟ ହୋଇଥିବା ଜୀବିକାକୁ ପୁନର୍ବାର ସ୍ଥାପନ କରି କ୍ଷତିପୂରଣ କରିବାକୁ ଦାବି କରିଛନ୍ତି ।

## ପଦ୍ମଶ୍ରୀ ଡ଼ଃ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ



**କେନ୍ଦ୍ରାପଡା,୧୩।୨(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଓଡିଆ ଭାଷା ଏହି ଦୁଇଟି ହେଉଛି ଓଡିଶାର ପ୍ରକୃତ ପରିଚୟ । ସମୃଦ୍ଧ ଓଡିଆ ଭାଷା ଆମର ମାତୃଭାଷା ହୋଇଥିବା ବେଳେ ଆଜିର ଯୁବପିଢି ଏହା ବିଷୟରେ ଠିକ ଭାବରେ ଜ୍ଞାନ ଆହୋରଣ କରିପାରି ନାହାଁନ୍ତି। ମଣିଷ ଭଳି ମଣିଷ ହେବା ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ । ସେଥିପାଇଁ ଆମେ ଶିକ୍ଷାଲାଭ କରୁଛେ । ଏହି ଅର୍ଜିତ ଶିକ୍ଷାକୁ ଦେଶ ଓ ଦଶର ଉନ୍ନତି ବିଧାନ ପାଇଁ କାମରେ ଲଗାଇ ପାରିଲେ ତାହାହିଁ ହେବ କଲେଜ ପ୍ରତିଷ୍ଠାତା ଦୀନବନ୍ଧୁ ସାହୁଙ୍କ ପ୍ରତି ସର୍ବଶ୍ରେଷ୍ଠ ସମ୍ମାନ । ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଆଶୀର୍ବଚନ ପ୍ରଦାନ କରି କହିଛନ୍ତି ପ୍ରଖ୍ୟାତ ସାହିତ୍ୟିକ, ଗବେଷକ, ଭାଷା ତତ୍ତ୍ୱବିତ୍ ଓ ସ୍ତମ୍ଭକାର ପଦ୍ମଶ୍ରୀ ଡ଼ଃ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ୬୮ତମ ସ୍ୱନକ୍ଷତ୍ର ଦିବସ ଅବସର ରେ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଜିଲ୍ଲାପାଳ ରଘୁରାମ ଆର ଆୟାର କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ଉଦ୍‌ଘାଟନ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ର ପ୍ରାକ୍ତନ କୁଳପତି ପ୍ରଫେସର ଜୟକୃଷ୍ଣ ବରାଳ ମୁଖ୍ୟ ବକ୍ତା ଓ ପଦ୍ମଶ୍ରୀ ଡ଼ଃ ମିଶ୍ର ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଯୋଗ ଦେଇଥିଲେ।

## ମହୁମାଛି ଆକ୍ରମଣରେ ବୃଦ୍ଧ ମୃତ,୧୦ ଆହତ



**ରାଜକନିକା,୧୩।୨(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅଧିନସ୍ଥ ଜାଗୁଲାଇପଡା ପଞ୍ଚାୟତ ଜାଗୁଲାଇପଡା ଗାଁରେ ଆଜି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବାଘୁଆ ମହୁ ମାଛି ଆକ୍ରମଣରେ ବୈଲୋଚନ ବିଶ୍ୱାଳ (୭୫)ଙ୍କର ମୃତ୍ୟୁ ହୋଇଛି ବୋଲି ଜଣା ପଡିଛି। ତତ୍ ସହିତ ଗ୍ରାମର ଆଉ ୧୦ଜଣ ବି ଆକ୍ରମଣର ଶୀକାର ହୋଇଛନ୍ତି।

ମିଳିଥିବା ସୂଚନାନୁସାରେ ଗାଁମୁଣ୍ଡ ପଡିଆ ପାଖରେ ନଳକୂପରୁ ପାଣି ଆଣିବାକୁ ଯାଇଥିବା ବେଳେ ବୈଲୋଚନ ପ୍ରଥମେ ମହୁମାଛି ଆକ୍ରମଣର ଶୀକାର ହୋଇଥିଲେ। ମହୁମାଛିମାନେ ସଂଘବଦ୍ଧ ଭାବେ ବୃଦ୍ଧଙ୍କୁ ଏତେ ଜୋରରେ ଘେରି ଯାଇଥିଲେ ଯେ ସଙ୍ଗେ ସଙ୍ଗେ ସେ ତଳେ ପଡି ଯାଇଥିଲେ। ତଥାପି ବି ତାଙ୍କୁ ଛାଡି ନ ଥିଲେ। ଏମିତିକି ତାଙ୍କର ଏଭଳି ଅବସ୍ଥା ଦେଖି ବାଟରେ ଯାଉଥିବା ଲୋକେ ବି ମହୁମାଛି କବଳରୁ ବର୍ତ୍ତି ପାରି ନ ଥିଲେ। ଦୁଇ ଜଣ ମାଟ୍ରିକ ପରୀକ୍ଷାର୍ଥି ବି ମହୁମାଛି ଆକ୍ରମଣରେ ଶୀକାର ହୋଇ ଆହତ ହୋଇଥିବା ବେଳେ ଆହୁରି ଆଠ ଜଣ ଲୋକଙ୍କୁ ବି ମହୁମାଛି ଛାଡି ନାହାନ୍ତି। ସଙ୍କଟାପନ୍ନ ବୈଲୋଚନଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆ ଯାଇ ସେଠାରେ ଅବସ୍ଥା ବିଗିଡି ବାରୁ ଜିଲ୍ଲା ଡାକ୍ତରଖାନା ଓ ଶେଷରେ କଟକ ସ୍ଥାନାନ୍ତର ବେଳେ ବାଟରେ ପ୍ରାଣ ବାୟୁ ଉଡିଗଲା ବୋଲି ସୂଚନା ମିଳିଛି। ଅନ୍ୟ ଦଶ ଜଣ ଆହତଙ୍କୁ ରାଜକନିକା ମେଡିକାଲରେ ଭର୍ତ୍ତି କରାଯାଇ ସନ୍ଧ୍ୟାରେ ଛାଡି ଦିଆଯାଇଥିଲା। ଘଟଣାଟି ମଧାହ୍ନ ସମୟରେ ଘଟିଥିଲା।

## କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କ ସୁରକ୍ଷା ପାଇଁ ଆଇନ୍ ସଚେତନତା ଶିବିର



**କେନ୍ଦ୍ରାପଡା,୧୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଆନୁକୁଲ୍ୟରେ ଏକ ଆଇନ୍ ସଚେତନତା ଶିବିର ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚୀବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ମହିଳା ମାନଙ୍କ ଶୋଷଣର ଶିକାର ହୋଇନପାରିବେ ଏଥିପ୍ରତି ସଚେତନ କରାଯାଇଥିଲା । ଏଥିସହିତ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ଭାବେ ଜିଲ୍ଲାରୁ ମୁକ୍ତ କରିବା, ଶୁକଦେବ ପେହେଲବାନ ବନାମ ରାଜ୍ୟ ଓ ଏନ୍‌ସିଟି ଦିଲ୍ଲୀ ଓ ଅନ୍ୟାନ୍ୟ ଫୌଜଦାରୀ ଅପିଲ୍ ନମ୍ବର-୩୨୭୧/୨୦୨୫ ଉପରେ ସମ୍ପୂର୍ଣ୍ଣ ଭାବେ ଆଲୋଚନା କରାଯାଇ ଉପସ୍ଥିତ ଥିବା ମହିଳା, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଂଚଳର ବୁଦ୍ଧିଜିବୀ ମାନଙ୍କୁ ସଚେତନ କରାଯାଇଥିଲା।

## କୃଷ୍ଣବଳରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ମାଟିଆ ଚାମ୍ପିଅନ

**ପଟ୍ଟାମୁଣ୍ଡାଇ,୧୩।୨(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁ କାକୁଡିପଲ୍ଲୀ କୃଷ୍ଣ ବଳରାମ କ୍ଲବ ପକ୍ଷରୁ ୪ଦିନିଆ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇ ଯାଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ର ୧୬ଟି ୱାର୍ଡ ମଧ୍ୟରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟରେ ପୌରାଞ୍ଚଳ ର ୧୬ଟି ୱାର୍ଡର ୧୬ଟି କ୍ରିକେଟ ଦଳ ଭାଗ ନେଇଥିଲେ । ଫାଇନାଲ ଖେଳ ନୂଆଗାଁ କାକୁଡିପଲ୍ଲୀ ୯ନଂ ୱାର୍ଡ କ୍ରିକେଟ ଦଳ ଓ ୧୭ନଂ ୱାର୍ଡ ମାଟିଆ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ନୂଆଗାଁ କାକୁଡିପଲ୍ଲୀ କ୍ରିକେଟ ଦଳକୁ ହରାଇ ମାଟିଆ ଦଳ ବିଜୟୀ ହୋଇ ଚଳିତବର୍ଷର ଚମ୍ପିୟାନ ହୋଇଛି । ନୂଆଗାଁ କାକୁଡିପଲ୍ଲୀ କୃଷ୍ଣ ବଳରାମ କ୍ରିକେଟ କ୍ଲବ ସଭାପତି ଯୁବନେତା ଦିଲ୍ଲୀପ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଓ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଜୟୀ ମାଟିଆ ଦଳକୁ ଚମ୍ପିୟାନ ଟ୍ରଫି ଓ ନୂଆଗାଁ କାକୁଡିପଲ୍ଲୀ ଦଳକୁ ରନର୍ସ କପ ପ୍ରଦାନ କରିଥିଲେ । ଏହି ଟୁର୍ନାମେଣ୍ଟକୁ ଚିତ୍ତ ରଂଜନ ସେଠୀ, ଦିଲ୍ଲୀପ ସେଠୀ, ମଙ୍ଗୁଳି ସେଠୀ, ଚିଣ୍ଟୁ ଦାସ ଓ ମଣ୍ଟୁ ସେଠୀ ପରିଚାଳନା କରିଥିଲେ ।



## ମାଇଁ ଭାରତ କେନ୍ଦ୍ର ପକ୍ଷରୁ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା



**କେନ୍ଦ୍ରାପଡ଼ା,୧୩।୨(ସଂଚାର ବ୍ୟୁରୋ):** ମାଇଁ ଭାରତ ଓ ତ୍ରିପୁରା କ୍ଲବର ମିଳିତ ଆନୁକୂଲ୍ୟରେ ଏକ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା କେନ୍ଦ୍ରାପଡା ବ୍ଲକ ଅଧିନ ବଗଡା ସ୍ପୋର୍ଟସ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କବାଡି, ଭଲିବଲ, ସ୍ଲୋ ସାଇକେଲ, ଏକଶହ ଓ ଦୁଇଶହ ମିଟର ରେସ, ମ୍ୟୁଜିକ ଚେୟାର ପ୍ରଭୃତି ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ୧୫ରୁ ୨୯ବର୍ଷ ବୟସ ବର୍ଗର କ୍ରୀଡାବିତମାନେ ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ମାଇଁ ଭାରତ କେନ୍ଦ୍ରର ଜିଲ୍ଲା ଅଧିକାରୀ ଗୋଲି ତିରୁପତି ରେଡ୍ଡୀ, ପ୍ରମୁଖ ଯୋଗଦେଇ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ ।

## ୭୭ତମ ତଣ୍ଡାଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

**ରାଜନଗର,୧୩।୨(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ହାତିନାସ୍ଥିତ ମହିମା ଆଶ୍ରମ ପରିସରରେ ଚଳିତ ମାସ ୨୬ ତାରିଖରେ ୭୭ତମ ତଣ୍ଡାଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଯଜ୍ଞ କମିଟିର ସଭାପତି ରବୀନ୍ଦ୍ର କୁମାର ପଢିହାରୀଙ୍କ ପୌରହିତରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୨୬ ରୁ ମାର୍ଚ୍ଚ ୨ ତାରିଖ ୫ ଦିନ ଧରି ବଙ୍ଗୋପସାଗର କୂଳ ପେଣ୍ଠ କାନପୁର ବେଳାଭୂମିରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି ।୭୬ ବର୍ଷ ପୂର୍ବେ ସିଦ୍ଧ ପରମ ପୁରୁଷ ବାମନ ଚନ୍ଦ୍ର ବାବାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ତଣ୍ଡା ଯଜ୍ଞ ଚଳିତ ବର୍ଷ ବ୍ରହ୍ମାବଧୂତ ଅଭୟ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଖଣ୍ଡ ବ୍ରହ୍ମ ଧ୍ୱନି ଯଜ୍ଞ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି ।ପ୍ରତ୍ୟେକ ଦିନ ଭଜନ, ଜଣାଣ,ପ୍ରାଥନା,ଘୃତହୃତି,ପ୍ରବଚନ, ବାଲ୍ୟଲୀଳା,ବେଢା ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ଏହି ଯଜ୍ଞରେ ବ୍ରହ୍ମ ଅବଧୂତ ମନ୍ଦର ବାବା,ନିତ୍ୟାନନ୍ଦ ବାବା,ଗଦାଧର ବାବା,ସୃଜନ ବାବା,ଚିତ୍ତ ରଂଜନ ବାବା,ବାବୁଲି ବାବା,ନଟବର ବାବା,ସୁବ୍ରତ ବାବା,ସୁଶାନ୍ତ ବାବା,ଦୁଷ୍ମନ୍ତ ବାବା,ସନ୍ୟାସୀ ବାବା,ଭରତ ବାବା,ରବିନ୍ଦ୍ର ବାବା ଏବଂ ସାଧୁ କଳ୍ପତରୁ ଦାସ,ଅଭୟ ଦାସ,ଦୁଲ୍ଲଭ ଦାସ,କାର୍ତ୍ତିକ ଦାସ,ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟିର ରବିନ୍ଦ୍ର ପଢିହାରୀ, କ୍ଷୀରୋଦ ରାଉତ, କୈଳାସ ରାଉତ, ନିମାଇଁ ଚରଣ ବେହେରା, ରବିନ୍ଦ୍ର କୁମାର ବେହେରା ପ୍ରମୁଖ ସୂଚନା ଦେଇଛନ୍ତି ।

# ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ଘୋଷଣା କେବେ ?

**ପଟ୍ଟାମୁଣ୍ଡାଇ,୧୩।୨(ସଂଚାର ବ୍ୟୁରୋ):** ସୀମା ପୁନଃନିର୍ଦ୍ଧାରଣ ପରେ ପଟ୍ଟାମୁଣ୍ଡାଇ (ସଂ) ବିଧାନସଭା ଆସନ ବିଲୋପ ହୋଇ ପଟ୍ଟାମୁଣ୍ଡାଇ ନିଜର ସତ୍ତା ହରାଇ ବସିଛି । ଭୁଲୁଣ୍ଠିତ ହୋଇଥିବା ପଟ୍ଟାମୁଣ୍ଡାଇ ବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ପୁନଃ ପ୍ରତିଷ୍ଠା ପାଇଁ ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ଏକମାତ୍ର ମୌଷଧି ସରକାରୀ ଭାବେ ସବଡ଼ିଭିଜନ ଘୋଷଣା ପାଇଁ ପଟ୍ଟାମୁଣ୍ଡାଇରେ ସମସ୍ତ ଭିତ୍ତିଭୂମି ରହିଛି । ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ପାଇଁ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପରିଷଦ ଦୀର୍ଘ ୧୫ବର୍ଷ ହେଲା ଲଗାତର ଆନ୍ଦୋଳନ କରି ଆସୁଛି। ଏଥି ସହିତ ଦୀର୍ଘ ବର୍ଷ ହେଲା ରାଜନଗରକୁ ଏନ ଏ ସି ଘୋଷଣା ପାଇଁ ଦାବୀ କରିଆସୁଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ପାଇଁ ବିଭିନ୍ନ ସମୟରେ ନିର୍ବାଚିତ ବିଧାୟକମାନେ ରାଜ୍ୟ ବିଧାନସଭାରେ ପ୍ରଶ୍ନ ଉତ୍ଥାପନ କରି ସରକାର ଙ୍କ ଠାରୁ ଜବାବ ମାଗିଛନ୍ତି ବୋଲି ପଟ୍ଟାମୁଣ୍ଡାଇ ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବରିଷ୍ଠ ରାଜନେତା ବିଜୟ କେତନ ସ୍ୱାଇଁ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

ଶ୍ରୀସ୍ୱାଇଁ କହିଛନ୍ତି ଯେ ସମ୍ପ୍ରତି ଜିଲ୍ଲା ବିଜେପି ନେତାମାନେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନ ଏ ସି ପାଇଁ ଦାବୀ କରିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି । ବିଳମ୍ବରେ ହେଲେ ମଧ ବିଜେପି ନେତାମାନଙ୍କୁ ପଦକ୍ଷେପକୁ ପଟ୍ଟାମୁଣ୍ଡାଇ ରାଜନଗର ବିକାଶ ପରିଷଦ ସ୍ୱାଗତ କରିବା ସହିତ ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି କେବେ ଘୋଷଣା ହେବ ସରକାର ସ୍ପଷ୍ଟ କରିବାକୁ ଦାବୀ କରିଛନ୍ତି ।

ରାଜ୍ୟ ସରକାର କେବଳ ପ୍ରଚାର ନକରି ବାସ୍ତବ ପଦକ୍ଷେପ ନେବାକୁ ଶ୍ରୀସ୍ୱାଇଁ ପରାମର୍ଶ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ଓ ରାଜନଗର ଅଂଚଳରେ ବିକାଶ ପରିଷଦ ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ବିକାଶ ପରିଷଦ ପ୍ରତିଷ୍ଠାତା ଶ୍ରୀ ସ୍ୱାଇଁ ଯୁବନେତା ଅଜୟ ବେହେରାଙ୍କୁ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପରିଷଦ ସଂଯୋଜକ ଭାବେ ନିଯୁକ୍ତି ଦେଇଥିବା ବେଳେ ରାଜନଗର ବିକାଶ ପରିଷଦ ଉପଦେଷ୍ଟାମଣ୍ଡଳୀ ପୁନଃର୍ଗଠନ କରି ଡ଼ ଧରଣୀଧର ରାଉତ ସୀତାକାନ୍ତ ରାଉଳ, ଉମାକାନ୍ତ ରାଉତରାୟ, କୁଳମଣି ଦାସ, ସନାତନ ଲେଙ୍କା, ଶରତ କୁମାର ସାହୁ, ରଜନୀକାନ୍ତ ବିଶ୍ୱାଳ ବିଜୟ କୁମାର ରାଉତ ଓ ବ୍ରହ୍ମାନନ୍ଦ ରାଉତ ପ୍ରମୁଖଙ୍କୁ ନେଇ ଉପଦେଷ୍ଟାମଣ୍ଡଳୀ ଗଠନ କରିଛନ୍ତି ।

ଲିଙ୍ଗଗତ ସମାନତା କୃଷି ବିଧି ବ୍ୟବସ୍ଥା କର୍ମଶାଳା

# କୃଷିକୁ ମହିଳା କେନ୍ଦ୍ରୀକ କରିବାରେ ଓଡ଼ିଶା ପ୍ରଥମ



ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ) : ଓଡ଼ିଶାର କୃଷି କ୍ଷେତ୍ରକୁ ଅଧିକ ସମାବେଶୀ ଓ ମହିଳା କୈନ୍ଦ୍ରିକ କରିବା ଦିଗରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଆଜି ଭୁବନେଶ୍ୱରଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଆନ୍ତର୍ଜାତୀୟ ଖାଦ୍ୟ ନୀତି ଅନୁସନ୍ଧାନ ସଂସ୍ଥାନ (ଆଇଏଫପିଆରଆଇ) ଏବଂ ଗେଟ୍ସ ଫାଉଣ୍ଡେସନର ମିଳିତ ସହଯୋଗରେ 'ଜେଣ୍ଡର ରେସପନସିଭ୍ ସେଲ୍‌ର ସାଂଗଠନିକ ସୁଦୃଢ଼ୀକରଣ: ରୂପରେଖ ଓ କାର୍ଯ୍ୟପନ୍ଥା' ଶୀର୍ଷକରେ ଏକ ପ୍ରାମୁଖ କର୍ମଶାଳା ଅନୁଷ୍ଠିତ ହୋଇଛି। ଗତ ୨୦୨୫ ନଭେମ୍ବର ୨୯ ତାରିଖରେ କୃଷି ଭବନଠାରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଏହି ସେଲ୍‌ର ଶୁଭାରମ୍ଭ କରାଯାଇଥିଲା, ଯାହା ରାଜ୍ୟରେ ମହିଳା ନେତୃତ୍ୱାଧୀନ କୃଷି ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ନିଦର୍ଶନ । ଏହି ସେଲ୍ (ଜିଆରସି) ମାଧ୍ୟମରେ କୃଷି ବିଧିବ୍ୟବସ୍ଥାରେ ଲିଙ୍ଗଗତ ସମାନତାକୁ କେବଳ ଏକ ଆନୁଷଙ୍ଗିକ ବିଷୟ ନକରି କୃଷି ବିଭାଗର ମୂଳ କାର୍ଯ୍ୟଧାରାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ଅବସରରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଗତ ବର୍ଷ ଏହି ସେଲ୍‌ର ପ୍ରତିଷ୍ଠା ଓଡ଼ିଶାର କୃଷି ସଂସ୍କାର କ୍ଷେତ୍ରରେ ଏକ ଦୃଢ଼ ସଙ୍କେତ ଥିଲା। ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ କୃଷି ଯନ୍ତ୍ରପାତି ବଢ଼ାଇବା ନେଇ ଏକ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରାଯାଇଛି । ଆଜିର ଏହି କର୍ମଶାଳା ସେହି ପ୍ରତିବଦ୍ଧତାକୁ ବାସ୍ତବ ରୂପ ଦେବା ଏବଂ ଗବେଷଣାଲବ୍ଧ ଜ୍ଞାନକୁ କୃଷକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନାରେ ପ୍ରୟୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ମହିଳା ଏବଂ ଶିଶୁ ବିକାଶ ବିଭାଗର କମିଶନର-ଓ-ସଚିବ ଡକ୍ଟର ମୃଣାଳିନୀ ଦର୍ଶାଲ୍, ଆନ୍ତଃବିଭାଗୀୟ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ମହିଳା ସଶକ୍ତିକରଣକୁ କେବଳ ଏକାକୀ ଭାବେ ସଶକ୍ତ କରାଯାଇପାରିବ ନାହିଁ। ଲିଙ୍ଗଗତ ସମ୍ବେଦନଶୀଳ କକ୍ଷ ମାଧ୍ୟମରେ କୃଷି, ମହିଳା ଏବଂ ଶିଶୁ ବିକାଶ ଏବଂ ତଥ୍ୟ ବ୍ୟବସ୍ଥାରେ ସମନ୍ୱୟ ପାଇଁ ସୁଯୋଗ ସୃଷ୍ଟି କରିବ, ଯାହାକି ମହିଳା ନେତୃତ୍ୱାଧୀନ ବିକାଶକୁ ତ୍ୱରାନ୍ୱିତ କରି ସଫଳ ରୂପାୟନ ଦିଗରେ ସାହାଯ୍ୟ କରିବ ବୋଲି ସେ କହିଥିଲେ।

# ପାରାଦୀପରେ ହେବ ବ୍ଲୁ ଫ୍ଲାଗ୍ ବିଚ୍



ପାରାଦୀପ, ୧୩।୨ (ସଂଚାର ବ୍ୟୁରୋ) : ପାରାଦୀପ ହେବ ବ୍ଲୁ ଫ୍ଲାଗ୍ ବିଚ୍। ପର୍ଯ୍ୟଟନ କ୍ଷେତ୍ରରେ ସୃଷ୍ଟି କରିବ ନୂଆ ଅଧ୍ୟାୟ। ଏହା ସହିତ ପାରାଦୀପକୁ ବିଭିନ୍ନ କ୍ଷେତ୍ରରେ କିପରି ବିକାଶ କରାଯାଇପାରିବ ଏ ନେଇ ରାଜ୍ୟ ସରକାରଙ୍କ ତରଫରୁ ଆରମ୍ଭ ହୋଇଛି ସମସ୍ତ ପ୍ରୟାସ। ପାରାଦୀପରେ ଆଜି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ପ୍ରଥମେ ବେଳାଭୂମିକୁ ଯାଇ ସମୀକ୍ଷା କରିବା ସହ ସେପ୍ଟେମ୍ବର ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଦୀର୍ଘ ୭ କିଲୋମିଟର ବେଳାଭୂମିରେ ଉନ୍ନୟନ କରାଯିବା ସହ ସେଥିରୁ କିଛି ଅଂଶ ବ୍ଲୁ ଫ୍ଲାଗ୍ ବିଚ୍ ରହିବ। ବେଳାଭୂମିର ଉନ୍ନତି ହେଲେ ପର୍ଯ୍ୟଟକ ଅଧିକ ଆକୃଷ୍ଟ ହେବେ। ପାରାଦୀପ ଲାଇଟ୍ ହାଉସ୍ ବେଳାଭୂମିରେ ଜଗତସିଂହପୁର ଜିଲ୍ଲାପାଳ, ଏସ୍‌ପି ଓ ବିଭିନ୍ନ ଅଧିକାରୀଙ୍କ ସହ ଏ ନେଇ ବିସ୍ତୃତ ଆଲୋଚନା କରିବା ସହିତ ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣର ସମୀକ୍ଷା କରିଛନ୍ତି। ପ୍ରକୃତିର ବିରଳ ଅବଦାନ ବଙ୍ଗୋପସାଗର ଉପକୂଳର ପାରାଦୀପ ଠାରୁ ୭ କିଲୋମିଟର ସମୁଦ୍ର କୂଳ ବେଳାଭୂମିରେ ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ ହେବ। ପ୍ରଥମ ପର୍ଯ୍ୟାୟରେ ୩ କିଲୋମିଟର ପାଇଁ ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ଶେଷ କରିବାକୁ ସମସ୍ତ ପ୍ରୟାସ ଜାରି ରହିଛି ବୋଲି କହିବା ସହିତ ବିଭିନ୍ନ କୋଣରୁ ପାରାଦୀପର ମ୍ୟୁନିସିପାଲିଟି ହେଉ କିମ୍ବା ବନ୍ଦରନଗରୀର ବିକାଶ ପାଇଁ ବନ୍ଦର ଅଧକ୍ଷଙ୍କ ସହିତ ବିଭିନ୍ନ ଶିଳ୍ପସଂସ୍ଥାମାନଙ୍କ ସହିତ ବିସ୍ତୃତ ଆଲୋଚନା କରାଯିବା ନେଇ କହିଛନ୍ତି ମୁଖ୍ୟ ଶାସନ ସଚିବ।

ପାରାଦୀପ ବ୍ଲୁ ଫ୍ଲାଗ୍ ବିଚ୍ ନିର୍ମାଣ ହେବା ପରେ ପର୍ଯ୍ୟଟନ କ୍ଷେତ୍ରରେ ନିଜର ମାଇଲଖୁଣ୍ଟ ସ୍ଥାପନ କରିବା ସହିତ ଗୋଆ ବିଚ ଭଳି ପାରାଦୀପ ବେଳାଭୂମିକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ଆଗମନ ହେବ। ଯାହା ଫଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସ୍ଥାନୀୟ ଲୋକେ ସ୍ୱାବଲମ୍ବୀ ହେବା ସହିତ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ର ଦେଶ ବିଦେଶରେ ସୁନାମ ଅର୍ଜନ କରିବ। ରାଜ୍ୟ ସରକାର ଯେଉଁଭଳି ପୁରୀ, ପାରାଦୀପ ଓ ଭୁବନେଶ୍ୱରକୁ ଇକୋନୋମିକାଲ କରିଡ଼ର ନିର୍ମାଣ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି ଏହା ପାରାଦୀପର ବିକାଶରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

ବେଦାନ୍ତ ଆଲୁମିନିୟମ୍ ଦକ୍ଷତା ତାଲିମ କେନ୍ଦ୍ରର ସଫଳତା

# ୭ ଦିବ୍ୟାଙ୍ଗଙ୍କୁ ବିମାନ ଚଳାଚଳ, ଆତିଥେୟତା ଉଦ୍ୟୋଗରେ ନିଯୁକ୍ତି



ଲାଞ୍ଜିଗଡ଼, ୧୩।୨ (ସଂଚାର ବ୍ୟୁରୋ) : ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶାର କଳାହାଣ୍ଡିରେ ପରିଚାଳିତ ଦକ୍ଷତା ତାଲିମ କେନ୍ଦ୍ରର ଖାଦ୍ୟ ଓ ପାନୀୟ (ଏଫ୍‌ଆଣ୍ଡବି)ର ୨୭ତମ ବ୍ୟାଚ୍ ୧୦୦ ପ୍ରତିଶତ ନିଯୁକ୍ତି ସହ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସମାବେଶୀ ବିକାଶ ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ପ୍ରମାଣିତ କରିଥିବା ଏହି ବ୍ୟାଚ୍‌ରେ ୭ ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଥିଲେ। ସେହି ସମସ୍ତ ପ୍ରାର୍ଥୀଙ୍କୁ ସେବା ଓ ଆତିଥେୟତା ଉଦ୍ୟୋଗରେ କିଛି ଅଗ୍ରଣୀ କମ୍ପାନିରେ ନିଯୁକ୍ତି ସୁଯୋଗ ମିଳିଛି।

ଏହି ପ୍ରାର୍ଥୀମାନେ ଇଣ୍ଡିଗୋ, କ୍ଲବ ମହିନ୍ଦ୍ରା, ବେଲଜିଆନ ୱାଫଲ, ମିନର୍ଭା ଗ୍ରାଣ୍ଡ, ଏଭିଏନ ଗ୍ରୁପ, ଶ୍ରୀ ନେଚର ଭାଲି ଓ ଗଲ୍‌ଫ କ୍ଲବ୍ ଭଳି ସୁନାମଧନ୍ୟ କମ୍ପାନିମାନଙ୍କରେ ଯୋଗ ଦେଇଛନ୍ତି। ଏହା କଳାହାଣ୍ଡି ଭଳି ଆକାଂକ୍ଷୀ ଜିଲ୍ଲାଗୁଡ଼ିକରେ ଅନ୍ତର୍ଭୁକ୍ତିମୂଳକ, ଦକ୍ଷତା-ଭିତ୍ତିକ ନିଯୁକ୍ତି ପ୍ରତି ଶିଳ୍ପ ଅଂଶୀଦାରମାନଙ୍କ ବଢ଼ୁଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି । ସ୍ଥାୟୀ ଜୀବିକା ସୃଷ୍ଟି, ତୃଣମୂଳ ଅର୍ଥନୈତିକ ବିକାଶକୁ ସୁଦୃଢ଼ କରିବା ଓ ବିକଶିତ ଭାରତର ଜାତୀୟ ଏଜେଣ୍ଡାକୁ ସମର୍ଥନ କରିବା ପାଇଁ କମ୍ପାନିର ରହିଥିବା ଦୀର୍ଘକାଳୀନ ଲକ୍ଷ୍ୟର ଅଂଶ ସ୍ୱରୂପ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଓ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗିତାରେ ଭବାନୀପାଟଣା ଓ ଲାଞ୍ଜିଗଡ଼ରେ ଆୟୋଜନ କରାଯାଉଛି ।

ଏହି କାର୍ଯ୍ୟକ୍ରମରେ ନାମଲେଖାଇଥିବା ଅଧିକାଂଶ ଦିବ୍ୟାଙ୍ଗ ପ୍ରାର୍ଥୀମାନେ ଦୁର୍ଗମ ଗ୍ରାମାଂଚଳରୁ ଆସିଛନ୍ତି ଯେଉଁମାନଙ୍କ ପାଇଁ ଶିକ୍ଷା ଓ ନିଯୁକ୍ତିର ପଥ ଅତ୍ୟନ୍ତ ସୀମିତ । ଢାଞ୍ଚାଗତ ବୈଷୟିକ ତାଲିମ, କର୍ମକ୍ଷେତ୍ର ପାଇଁ ପ୍ରସ୍ତୁତି ପାଠ୍ୟକ୍ରମ ଓ ନିଯୁକ୍ତିଦାତା ସଚେତନତା ଅଧିବେଶନ ଜରିଆରେ ବେଦାନ୍ତ ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ର ସେମାନଙ୍କୁ ବିଶ୍ୱାସ ଓ ସମ୍ମାନର ସହ ମୁଖ୍ୟଧାରା ଶ୍ରମଶକ୍ତିରେ ଯୋଗଦେବାକୁ ସକ୍ଷମ କରୁଛି । ଏହି ଅଭିଯାନ ସମ୍ପର୍କରେ ବେଦାନ୍ତ ଆଲୁମିନା ବିଜନେସର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, "ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ତାଲିମ କେନ୍ଦ୍ରରୁ ମୁଖ୍ୟଧାରା କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ରୂପାନ୍ତରିତ ହେବାରେ ସକ୍ଷମ କରି ଆମେ ଦର୍ଶାଇଛୁ ଯେ ସମାବେଶୀ ନିଯୁକ୍ତି ପ୍ରଦାନ କେବଳ ଏକ ସାମାଜିକ ଅଭିଯାନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ଆବଶ୍ୟକତା।"

ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧିନରେ ୩ ବର୍ଷରେ ୧୩୦୦ରୁ ଅଧିକ ଗ୍ରାମୀଣ ଯୁବକଯୁବତୀଙ୍କୁ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନ ଅଧୀନରେ ୯୪୧ରୁ ଅଧିକ ଯୁବକଯୁବତୀଙ୍କୁ ତାଲିମ ଦିଆଯାଇସାରିଲାଣି ଯାହା ଏହି ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଗତ କିଛି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ସ୍ଥାୟୀ ଜୀବିକା, ମହିଳା ସଶକ୍ତିକରଣ ଓ ଗୋଷ୍ଠୀ ଭିତ୍ତିଭୂମି ଆଦି କ୍ଷେତ୍ରରେ ସ୍ୱତନ୍ତ୍ର ହସ୍ତକ୍ଷେପ ଜରିଆରେ ଲାଞ୍ଜିଗଡ଼ ପାରିପାର୍ଶ୍ୱିକ ଅଂଚଳରେ ବେଦାନ୍ତ ଆଲୁମିନିୟମ ସାମଗ୍ରିକ ଗୋଷ୍ଠୀ ବିକାଶ ଆଣିପାରିଛି ।



# କଲର କିଂ ପକ୍ଷରୁ କଳା ଓ ସଙ୍ଗୀତ ମହୋତ୍ସବ

ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ) : କଲର କିଂ ସଂଗଠନ, ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ (ଏସଏସଇପିଡିର ସହଯୋଗରେ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କର ପ୍ରତିଭା, ସୃଜନଶୀଳତା ଓ ଅଦମ୍ୟ ମାନବୀୟ ଆତ୍ମାକୁ ପ୍ରଦର୍ଶନ କରିବା ଉଦ୍ଦେଶ୍ୟରେ ଏକ ଭବ୍ୟ କଳା ଓ ସଙ୍ଗୀତ ମହୋତ୍ସବ ଆୟୋଜନ କରିଥିଲା। ଏଥିରେ ପ୍ରାୟ ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ନିଜ କଳା ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର-ଉତ୍ତର ବିଧାୟକ ବାବୁ ସିଂହ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସହଯୋଗର ହାତ ବଢାଇଥିଲେ। ସମାଜସେବୀ ରୁଦ୍ର ନାରାୟଣ ସାମନ୍ତରାୟ, ବିଭାଗୀୟ ଅତିରିକ୍ତ ସଚିବ ଭାସ୍କର ରାଇତୋ, ବିଡିଏର ଅତିରିକ୍ତ ସଚିବ ମନୋଜ କୁମାର ସ୍ୱାଇଁଙ୍କ ଉପସ୍ଥିତି ଦିବ୍ୟାଙ୍ଗ କଳାକାର ଓ ପ୍ରତିଯୋଗୀଙ୍କ ଉତ୍ସାହ ବୃଦ୍ଧି କରିଥିଲା।

# ଆକାଂକ୍ଷୀ ଅଞ୍ଚଳରେ ସାମାଜିକ ଓ ଆର୍ଥିକ ବିକାଶକୁ ଗୁରୁତ୍ୱ



ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ) : ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଏବଂ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଜାରି ରହିଥିବା ଅଂଚଳରେ ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) କାର୍ଯ୍ୟକ୍ରମର ପ୍ରଭାବୀ ଏବଂ ଉପଯୁକ୍ତ ବିନିଯୋଗକୁ ଗୁରୁତ୍ୱ ଦେଇଛନ୍ତି ଉନ୍ନୟନ କମିଶନର ଦେଉରଂଜନ କୁମାର ସିଂ। ଆଜି ଆକାଂକ୍ଷୀ ଜିଲ୍ଲା ଓ ବ୍ଲକର ଉନ୍ନତି ସମ୍ପର୍କିତ କର୍ମଶାଳାରେ ସେ ଖଣି ଅଞ୍ଚଳର ଲୋକଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶକୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ରାଜ୍ୟର ଆକାଂକ୍ଷୀ ଜିଲ୍ଲା ଭାବେ ଚିହ୍ନଟ ହୋଇଥିବା ବିଭିନ୍ନ ଜିଲ୍ଲା ଓ ସେଥିରେ ଚିହ୍ନଟ ହୋଇଥିବା ବ୍ଲକର ଲୋକଙ୍କୁ ମୌଳିକ ସୁବିଧା ଦେବା, ସେଠାକର ଲୋକଙ୍କ ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅର୍ନ୍ତଭୁକ୍ତିକରଣକୁ ସରକାର ପ୍ରାଥମିକତା ଦେଉଛନ୍ତି। ସେସବୁ ଅଂଚଳର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା, ଶିକ୍ଷା ଭିତ୍ତିଭୂମିର ବିକାଶ, ଦକ୍ଷତାଭିତ୍ତିକ ପ୍ରଶିକ୍ଷଣକୁ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଲୋକମାନଙ୍କର ଜୀବନଧାରଣର ମାନରେ କିପରି ପରିବର୍ତ୍ତନ ଘଟିବ ସେଥିପାଇଁ ସରକାରୀ ମାର୍ଗଦର୍ଶିକା ଅନୁଯାୟୀ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଆକାଂକ୍ଷୀ ଜିଲ୍ଲା ଓ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମରେ ରହିଥିବା ସୂଚକାଙ୍କ ପ୍ରଦର୍ଶନରେ ଅଧିକ ଉନ୍ନତି ଆଣିବା ପାଇଁ ସମୟସୀମା ମଧ୍ୟରେ ବିଭିନ୍ନ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ୧୦ ଜିଲ୍ଲା ଆଂକାକ୍ଷୀ ଜିଲ୍ଲା ଓ ୪୦ଟି ବ୍ଲକ ବର୍ତ୍ତମାନ ଆଂକାକ୍ଷୀ ବ୍ଲକ ଭାବରେ ନୀତି ଆୟୋଗ ଦ୍ୱାରା ଚିହ୍ନିତ ହୋଇଛି । ପୂର୍ବରୁ ୨୯ଟି ବ୍ଲକ ଆକାଂକ୍ଷୀ ବ୍ଲକ ଭାବେ ଚିହ୍ନଟ ହୋଇଥିବା ବେଳେ ଏବେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ୧୧ଟି ବ୍ଲକକୁ ଏଥିରେ ସାମିଲ କରାଯାଇଛି।

## ପଙ୍କ ଉଦ୍ଧାର ଏକାଦଶୀ



କଟକ,୧୩।୨ (ସଂଚାର ବ୍ୟୁରୋ) : ପାଖେଇ ଆସୁଛି ଦେବ ଦେବ ମହାଦେବଙ୍କ ଜାଗର ଯାତ୍ରା । ଏହା ପୂର୍ବରୁ ଆଜି ପଙ୍କ ଉଦ୍ଧାର ଏକାଦଶୀ ଥିବାରୁ କଟକର ବିଭିନ୍ନ ଶୈବ ପୀଠରେ ପଙ୍କ ଉଦ୍ଧାର ହୋଇଛି । ଏନେଇ ମନ୍ଦିର ପୂଜକ ସେବାୟତଙ୍କ ପକ୍ଷରୁ ମନ୍ଦିରରେ ମହାଦେବଙ୍କ ପଙ୍କ ଉଦ୍ଧାର ସହ ସଫେଇ କରାଯାଇଛି । ଏଥିପାଇଁ ଚଳଚଞ୍ଚଳ କଟକର ବିଭିନ୍ନ ଶୈବ ପୀଠ। ମନ୍ଦିର ଭିତର ଓ ବାହାର ବେଢାରେ ଚାଲିଛି ସଫା କାର୍ଯ୍ୟ । ଠାକୁରଙ୍କ ସାମଗ୍ରୀ, ସର୍ପ, ତ୍ରିଶୁଳ, ନନ୍ଦୀ ଆଦିକୁ ଭଲ ଭାବେ ସଫା କରାଯାଇ ପରିଷ୍କାର କରାଯାଉଛି। ବର୍ଷଯାକ ବାବା ପଙ୍କରେ ରହିଥାନ୍ତି । ଆଜି ଏକାଦଶୀ ତିଥି ପଡିଥିବାରୁ ଶୈବ ପୀଠ ଗୁଡିକରେ ପଙ୍କ ଉଦ୍ଧାର କରାଯାଉଛି । ନୀତିକାନ୍ତି ଅନୁଯାୟୀ ପଙ୍କ ଉଦ୍ଧାର ଶେଷ ହେବା ପରେ ପ୍ରଭୁ ବିଶ୍ରାମ ନେଇ ଜାଗରରେ ଦର୍ଶନ ଦେବେ। ମହାଶିବରାତ୍ରି ଦିନ ଭୋରରୁ ପହଡ଼ ଫିଟାଯାଇ ପୂଜାର୍ଚ୍ଚନା ସହ ମଙ୍ଗଳ ଆଳତି ପରେ ସେବାୟତ ଦର୍ଶନ ଏବଂ ପରେ ସାଧାରଣ ଦର୍ଶନର ବ୍ୟବସ୍ଥା କରାଯିବ । ଭକ୍ତମାନେ କିପରି ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେ ନେଇ ବ୍ୟାପକ ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି ।

## ଚାଷୀଙ୍କୁ ପଛପଟୁ ଆସି ଦଳିଦେଲା ହାତୀ



ଭବାନୀପାଟଣା, ୧୩।୨ (ସଂଚାର ବ୍ୟୁରୋ) : କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଚାଞ୍ଚେର ପଞ୍ଚାୟତର ପିରୁଙ୍ଗଗୁଡ଼ା ଗ୍ରାମରୁ ଶୁକ୍ରବାର ଏପରି ଖବର ସାମ୍ନାକୁ ଆସିଛି। ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତ ଚାଷୀଙ୍କ ନାମ ଲୟା ମାଝୀ (୫୧) ବୋଲି ଜଣାପଡ଼ିଛି। ନିଜ ବାଡ଼ିରେ ଲୟା କାମ କରୁଥିବାବେଳେ ହଠାତ୍ ପଛପଟୁ ଏକ ବଣୁଆ ହାତୀ ଆସି ତାଙ୍କୁ ଦଳି ଦେଇଥିଲା। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ, ପୋଲିସ କର୍ମଚାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## କେନାଲରୁ ମହିଳା ଶବ ଉଦ୍ଧାର

ଅତାବିରା, ୧୩।୨ (ସଂଚାର ବ୍ୟୁରୋ) : ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଚକୁଳିଫାର୍ମର ଏକ କେନାଲରୁ ଭାସୁଥିବା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଶୁକ୍ରବାର ଜବତ କରାଯାଇଛି। ମୃତ ମହିଳାଙ୍କ ନାମ କୋଳପତି ବିରଭଦ୍ରା ବୋଲି ଜଣାପଡିଛି । ପରିବାର ଲୋକଙ୍କ କହିବାନୁଯାୟୀ ତାଙ୍କ ଅପସ୍ମାର ବା ବାତ ରୋଗ ଥିଲା । ପ୍ରତିଦିନ ଭଳି ଘର ସାମ୍ନାରେ ଯାଇଥିବା କେନାଲରୁ ପାଣି ଆଣିବା ପାଇଁ ଯାଇଥିଲେ । ଏହି ସମୟରେ ସେ ଭାସିଯାଇଥିବା ନେଇ ପରିବାର ଲୋକେ ଅନୁମାନ କରିଛନ୍ତି । ଖବର ପାଇ ଅତାବିରା ପୋଲିସ ଘଟଣା ସ୍ଥଳକୁ ପହଞ୍ଚି କେନାଲ ପାଣିରୁ ମୃତଦେହ ଉଦ୍ଧାର କରିଛି । ପରେ ଶବକୁ ଜବତ କରି ଅତାବିରା ପୋଲିସ ବ୍ୟବଛେଦ ପାଇଁ ପଠାଇ ଅଧିକ ତଦନ୍ତ ଜାରି ରଖିଛି ।

# କାହ୍ନୁ ଲେଙ୍କାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ) : ପୂର୍ବତନ କେନ୍ଦ୍ର ରେଳ ଓ କୃଷିମନ୍ତ୍ରୀ, ଅଖିଳ ଭାରତ କଂଗ୍ରେସ ପଛୁଆବର୍ଗ ବିଭାଗର ପୂର୍ବତନ ଅଧକ୍ଷ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି କାହ୍ନୁ ଚରଣ ଲେଙ୍କାଙ୍କ ଆଜି ପରଲୋକ ହୋଇଛି। ଆଜି ତାଙ୍କର ପାର୍ଥିବ ଶରୀର କଂଗ୍ରେସ ଭବନ କାର୍ଯ୍ୟାଳୟରେ ପହଞ୍ଚିବା ପରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେ ଦଳୀୟ ପତାକା ପକାଇ ଶେଷ ସମ୍ମାନ ଜଣାଇଥିଲେ ଏବଂ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶ୍ରୀ ଦାସ ମଧ ପୂର୍ବାହ୍ନରେ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ବାସଭବନରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପିସିସି କାର୍ଯ୍ୟାଳୟରେ ଅନ୍ୟମାନଙ୍କ ମଧରେ ଶ୍ରୀକନ୍ତା ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ସମୀର କୁମାର ରାଉତରାୟ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ବିଷ୍ଣୁଚରଣ ବାରିକ, ଅଭୟ ସାହୁ ପ୍ରମୁଖ ସ୍ୱର୍ଗତ ଲେଙ୍କାଙ୍କ ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

● ଏସସିବିରେ ଡାକ୍ତର ପରାମର୍ଶ ନୀତିରେ ସଂଶୋଧନ

# ନିର୍ଦ୍ଧାରିତ ଦିନ ବାଦ୍ ବି ରୋଗୀ ଦେଖିବେ ଡାକ୍ତର



କଟକ,୧୩।୨ (ସଂଚାର ବ୍ୟୁରୋ) : ଏସିସିବି ମେଡିକାଲ ଓ ହସ୍ପିଟାଲରେ ରୋଗୀମାନଙ୍କ ସୁବିଧାକୁ ଲକ୍ଷ୍ୟ କରି ବହିଃର୍ବିଭାଗ (ଓପିଡି) ଚିକିତ୍ସା ସେବାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ଏହି ନୂତନ ବ୍ୟବସ୍ଥା ଫଳରେ ଏବେ ରୋଗୀମାନେ ନିର୍ଦ୍ଧାରିତ ଦିନ ବ୍ୟତୀତ ଅନ୍ୟ କାର୍ଯ୍ୟଦିବସରେ ମଧ ସମ୍ପୃକ୍ତ ଡାକ୍ତରଙ୍କ ପରାମର୍ଶ ପାଇପାରିବେ। ପୂର୍ବରୁ ଏସସିବିର ବର୍ହିବିଭାଗରେ ବିଭିନ୍ନ ବିଭାଗ ଓ ଡାକ୍ତରମାନଙ୍କ ପରାମର୍ଶ ପାଇଁ ନିର୍ଦ୍ଧାରିତ ଦିନ ସ୍ଥିର କରାଯାଇଛି । ଏଥିପାଇଁ ରୋଗୀମାନେ ଉଭୟ ଅନ୍‌ଲାଇନ ଓ ଅଫଲାଇନ ମାଧ୍ୟମରେ ଟିକଟ ବୁକିଂ କରି ସେହିଦିନ ଡାକ୍ତରୀ ପରାମର୍ଶ ନେଇଥାଆନ୍ତି । ଡାକ୍ତରୀ ପରାମର୍ଶ ପରେ ଅନେକ ସମୟରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଇବା ଓ ରିପୋର୍ଟ ପାଇବାକୁ ସମୟ ଲାଗିଥାଏ । ଯଦି ରୋଗୀ ସେହିଦିନ ରିପୋର୍ଟ ପାଇପାରନ୍ତି ନାହିଁ, ତେବେ ସେମାନଙ୍କୁ ଆଗାମୀ ନିର୍ଦ୍ଧାରିତ ପରାମର୍ଶ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଥାଏ ।

ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଏସସିବି କର୍ତ୍ତୃପକ୍ଷ ଲାଗୁ କରିଥିବା ନୂତନ ନିୟମ ଅନୁଯାୟୀ, ଯଦି କୌଣସି ରୋଗୀ ନିର୍ଦ୍ଧାରିତ ଦିନରେ ଡାକ୍ତରଙ୍କୁ ରିପୋର୍ଟ ଦେଖାଇବାରେ ଅସମର୍ଥ ହୁଅନ୍ତି, ତେବେ ସେ ପରବର୍ତ୍ତୀ ଦିନ କିମ୍ବା ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ସକାଳ ୧୦ ଘଟିକାଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ସମ୍ପୃକ୍ତ ଡାକ୍ତର ଚିକିତ୍ସା କରୁଥିବା ୱାର୍ଡ କିମ୍ବା ଚାମ୍ବରକୁ ଯାଇ ତାଙ୍କ ପରାମର୍ଶ ନେଇପାରିବେ । ଏହି ପଦକ୍ଷେପ ରୋଗୀମାନଙ୍କ ପାଇଁ ଅନେକ ସୁବିଧା ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

# ଲାୟନ୍ସ କ୍ଲବ୍ ଭୁବନେଶ୍ୱରର ସ୍ୱନକ୍ଷେତ୍ର ଦିବସ



ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ) : ନିକଟରେ ଲାୟନ୍ସ କ୍ଲବ ଭୁବନେଶ୍ୱରର ସ୍ୱନକ୍ଷେତ୍ର ଦିବସ ଖୁବ ଧୁମଧାମରେ ପାଳିତ ହୋଇଯାଇଛି । ଲାୟନ୍ସ ଜିଲ୍ଲା ଗଭର୍ଣ୍ଣର ଲାୟନ ଡଃ ହେମନ୍ତ କୁମାର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ଜିଲ୍ଲା ଗଭର୍ଣ୍ଣର ଲାୟନ୍ସ ଇଞ୍ଜିନିୟର ଲଳିତେନ୍ଦୁ ଶତପଥ୍ ତାଙ୍କର ଅଭିଭାଷଣରେ କହିଥିଲେ ଯେ ସମାଜର ଦଳିତ ନିଷ୍ପେସିତ, ବାସହରା ଏବଂ ଦିଗହରା ବ୍ୟକ୍ତିମାନଙ୍କୁ ପୁଣି କେମିତି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ତାହା ହିଁ ଆମଭଳି ଲାୟନ୍ସ ସଭ୍ୟମାନଙ୍କର ମୁଖ୍ୟ ବ୍ରତ ହେଉ । ଏହି ସଭାରେ ଲାୟନ୍ସ ଜିଲ୍ଲା ୩୨୨ ସି ୪ର ପୂର୍ବତନ ଗଭର୍ଣ୍ଣର ଏବଂ କ୍ଲବର ପୂର୍ବତନ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶାନ୍ତି ପାଇଁ ଚିତ୍ରକଳା ପ୍ରଦର୍ଶନ କରିଥିବା ମାଉଣ୍ଟ ଲିଟେରାର ଛାତ୍ର ଅଭିନାଶ ମହାରଣାଙ୍କୁ ଏବଂ ଲନ୍ ଟେନିସର ସଫଳ କ୍ରୀଡାବିତ୍ ମିସ ଆହାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା ।

କ୍ଲବର ସଭାପତି ଲାୟନ ପ୍ରଶାନ୍ତ କୁମାର ପରିଡା, ସଂମ୍ପାଦକ ଲାୟନ କାହ୍ନୁ ରଞ୍ଜନ ପୃଷ୍ଟି, କୋଷାଧକ୍ଷ ଲାୟନ ସତ୍ୟରଞ୍ଜନ ଚାନ୍ଦ, ଆଞ୍ଚଳିକ ଅଧକ୍ଷ ଲାୟନ ତପନ ହରିଚନ୍ଦନ, ମଣ୍ଡଳ ଅଧକ୍ଷ ଲାୟନ ବିପିନ ବିହାରୀ ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ଲାୟନ୍ସ କ୍ଲବ୍ ଭୁବନେଶ୍ୱର ସୁର୍ଯ୍ୟକ୍ଷେତ୍ର ନାମରେ ଏକ ନୂତନ କ୍ଲବ ଗଭର୍ଡରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

ଏପ୍ରିଲ ୩୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସେମାନଙ୍କ ପରୀକ୍ଷା ସାରିବାକୁ କଡ଼ା ନିର୍ଦ୍ଦେଶ

# ଏଥର ଆଗୁଆ ସ୍ନାତକ, ସ୍ନାତକୋତ୍ତର ନାମଲେଖା



ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ) : ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚଳିତ ବର୍ଷ ନାମଲେଖା ଆଗୁଆ ହେବ। ଜୁଲାଇ ମାସ ଦ୍ୱିତୀୟ ସପ୍ତାହରୁ ଶିକ୍ଷାଦାନ ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ଯୋଜନା ପ୍ରସ୍ତୁତ କରିଛି। ଏହାକୁ ଦୃଷ୍ଟିରେ ରଖି ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିପିଇଟି)କୁ ଆଗୁଆ କରାଯିବ। ସେହିପରି ସ୍ନାତକ ପଢୁଥିବା ଛାତ୍ରୀଛାତ୍ରଙ୍କ ପରୀକ୍ଷାକୁ ମଧ ସଠିକ୍ ସମୟରେ କରି ତ୍ୱରିତ ଫଳ ପ୍ରକାଶ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

କୋଭିଡ୍ ସମୟରୁ ନାମଲେଖା ଓ ପାଠପଢ଼ା ସମୟଚକ୍ରରେ ବିରାଟ ବ୍ୟବଧାନ ଦେଖିବାକୁ ମିଳିଥିଲା। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ଏପ୍ରିଲ ୩୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟ ସେମାନଙ୍କ ଶେଷ ସେମିଷ୍ଟର ପରୀକ୍ଷା ସାରିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷା ସରିବାର ମାସକ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ କରିବେ। ଯଦ୍ୱାରା ବିଭିନ୍ନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ମଧ ଓଡ଼ିଶାର ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଏହି ସମୟ ଅବଧି ମଧ୍ୟରେ ଅନ୍ୟ ସେମିଷ୍ଟର ପରୀକ୍ଷା ମଧ ଅନୁଷ୍ଠିତ କରିବାକୁ କୁହାଯାଇଛି। ଫଳରେ ଶେଷ ସେମିଷ୍ଟର ପରୀକ୍ଷା ଦେଉଥିବା ପିଲାଙ୍କର ଅନ୍ୟ ସେମିଷ୍ଟରରେ ବ୍ୟାକ୍ ଲାଗିଥିଲେ ମଧ କୌଣସି ଅସୁବିଧାର ସମ୍ମୁଖୀନ ହେବେନାହିଁ। ଅନୁରୂପ ଭାବେ ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା (ସିପିଇଟି) କରିବାକୁ ମଧ ଉଚ୍ଚଶିକ୍ଷା ବିଭାଗ ପ୍ରସ୍ତୁତି ଆରମ୍ଭ କରିଛି। ପୂର୍ବବର୍ଷ ପରି ଚଳିତ ଥର ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ପ୍ରବେଶିକା ପରୀକ୍ଷା ପରିଚାଳନା କରିବ। ଆବେଦନ ପୂର୍ବରୁ ସମସ୍ତ ବିଷୟକୁ ସଠିକ୍ ଭାବେ ୱେବସାଇଟ୍‌ରେ ସଂଲଗ୍ନ କରିବା ଓ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତ କରିବାକୁ ବିଷୟ ତାଲିକା ପ୍ରଦାନ ପାଇଁ ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଏବଂ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଅବଗତ କରାଯାଇଛି। ସମସ୍ତ ପ୍ରକ୍ରିୟା ସରିବା ପରେ ପୂର୍ବବର୍ଷ ପରି ପରୀକ୍ଷାଫଳ ପ୍ରକାଶ ପୂର୍ବରୁ ଉଭୟ ସ୍ନାତକ ଓ ସ୍ନାତକୋତ୍ତର ନାମଲେଖା ପାଇଁ ଆବେଦନ ଆରମ୍ଭ କରିବାକୁ ବିଭାଗ ଯୋଜନା କରିଛି।

● ପିଜିଟି ଶିକ୍ଷକଙ୍କ ଦିଗଦର୍ଶନ କର୍ମଶାଳା ଉଦ୍‌ଯାପିତ

## 'ପରିବର୍ତ୍ତନଶୀଳ ସମୟରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'




ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଦୁଇଟି ପର୍ଯ୍ୟାୟରେ ପ୍ରାୟ ୨୪୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ ଅଧିବେଶନରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ବିନିତା ସେନାପତି, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ସିଏଚ୍ ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଶ୍ରୀ ମହାପାତ୍ର ସର୍ବପ୍ରଥମେ ଦିଗଦର୍ଶନ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ନିରନ୍ତର ପ୍ରୟାସ ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟକୁ ସାଧୁବାଦ ଜଣାଇ କହିଛନ୍ତି, ଆଜିର ପରିବର୍ତ୍ତନଶୀଳ ସମୟରେ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଶିକ୍ଷକମାନଙ୍କୁ ମଧ ନୂତନ ଜ୍ଞାନକୌଶଳର ଶିଖିବାର ଆବଶ୍ୟକତା ରହିଛି । ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଦୁଇଟି ପର୍ଯ୍ୟାୟରେ ହୋଇଥିବା ପିଜିଟି କର୍ମଶାଳା ସଫଳ ହୋଇଥିବା ଖୁସି ବ୍ୟକ୍ତ କରିଥିଲେ ଏବଂ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪

ଶନିବାର ୧୪ ଫେବୃଆରୀ ୨୦୨୬, ଭୁବନେଶ୍ୱର

Saturday 14 February 2026, Bhubaneswar


# ଭାରତ ପାଇଁ ଲାଭଦାୟକ ସହଯୋଗୀ



ବାଂଲାଦେଶର ସମ୍ପ୍ରତି ନିର୍ବାଚନରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍‌ପି)ର ବିଜୟ ଭାରତ-ବାଂଲାଦେଶ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବାର ସଂକେତ ଦେଉଛି। ତାରିକ୍ ରହମାନ୍‌ଙ୍କ ନେତୃତ୍ୱରେ ବିଏନ୍‌ପିର ବିପୁଳ ବିଜୟ ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତୁରନ୍ତ ଅଭିନନ୍ଦନ ଜଣାଇଛନ୍ତି, ଯାହା ଦୁଇ ଦେଶର ମଧ୍ୟରେ ସହଯୋଗର ନୂତନ ଯୁଗର ଆରମ୍ଭ ସୂଚନା କରୁଛି। ଶେଖ୍ ହାସିନାଙ୍କ ସରକାରର ପତନ ପରେ ସମ୍ପର୍କରେ ଉତ୍ତେଜନା ଥିଲା, କିନ୍ତୁ ବିଏନ୍‌ପିର କ୍ଷମତାରୋହଣ ଏହାକୁ ସମାଧାନ କରିବାର ସୁଯୋଗ ପ୍ରଦାନ କରୁଛି। ଏହି ଲେଖାରେ ଆଲୋଚନା କରାଯିବ ଯେ ବିଏନ୍‌ପି କିପରି ଭାରତର ସ୍ୱାର୍ଥରେ ଲାଭଦାୟକ ହେବ।

ପ୍ରଥମେ, ବିଏନ୍‌ପିର କ୍ଷମତାରୋହଣ ଭାରତର ସୁରକ୍ଷା ଚିନ୍ତାକୁ ସମ୍ବୋଧନ କରିବ। ବାଂଲାଦେଶର ସୀମାନ୍ତ ଭାରତର ପୂର୍ବ ରାଜ୍ୟଗୁଡ଼ିକ ସହିତ ଜଡ଼ିତ, ଯେଉଁଠାରେ ଅନୁପ୍ରବେଶ, ଆତଙ୍କବାଦ ଏବଂ ଅପରାଧ ଏକ ବଡ଼ ସମସ୍ୟା। ବିଏନ୍‌ପିର ନେତାମାନେ ସୀମାନ୍ତ ସୁରକ୍ଷାରେ ସହଯୋଗ ବଢ଼ାଇବାର ପ୍ରତିଶ୍ରୁତି ଦେଇଛନ୍ତି। ଜମାତ୍-ଏ-ଇସ୍‌ଲାମି ଭଳି ଚରମପନ୍ଥୀ ଦଳଗୁଡ଼ିକର ବିକଳ୍ପ ଭାବରେ ବିଏନ୍‌ପି ଏକ ମଧ୍ୟପନ୍ଥୀ ବିକଳ୍ପ ପ୍ରଦାନ କରୁଛି, ଯାହା ଭାରତର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବ। ଏହି ଦଳର ବାସ୍ତବବାଦୀ ଦୃଷ୍ଟିକୋଣ ପାକିସ୍ତାନ ସହିତ ପୁରୁଣା ସମ୍ପର୍କକୁ ପରିବର୍ତ୍ତନ କରି ଭାରତ ସହିତ ସନ୍ତୁଳିତ ନୀତି ଅବଲମ୍ବନ କରିବାର ସଂକେତ ଦେଉଛି।

ଦ୍ୱିତୀୟତଃ, ଅର୍ଥନୈତିକ ସହଯୋଗ ବଢ଼ିବ। ବାଂଲାଦେଶ ଭାରତର ଏକ ପ୍ରମୁଖ ବ୍ୟବସାୟିକ ସହଭାଗୀ, ଏବଂ ବିଏନ୍‌ପିର ସରକାର ବ୍ୟବସାୟ ଏବଂ ବାଣିଜ୍ୟକୁ ପ୍ରୋତ୍ସାହନ ଦେବାର ପ୍ରତିଶ୍ରୁତି ଦେଇଛି। ରପ୍ତାନି ଏବଂ ଆମଦାନିରେ ବାଂଲାଦେଶ ଭାରତର ଏକ ବଡ଼ ବଜାର, ଏବଂ ନୂତନ ସରକାର ଏହି ସମ୍ପର୍କକୁ ଆହୁରି ଗଭୀର କରିବ। ରହମାନ୍ ଭାଷା ଏବଂ କୌଶଳ ପ୍ରଶିକ୍ଷଣ ମାଧ୍ୟମରେ ବାଂଲାଦେଶୀ ଯୁବକମାନଙ୍କୁ ଭାରତୀୟ ବଜାରରେ ଉପଯୋଗ କରିବାର ଯୋଜନା ରଖିଛନ୍ତି, ଯାହା ଉଭୟ ଦେଶର ଅର୍ଥନୀତିକୁ ଲାଭ ପହଞ୍ଚାଇବ। ଏହା ଭାରତର ପୂର୍ବ ରାଜ୍ୟଗୁଡ଼ିକର ବିକାଶକୁ ପ୍ରୋତ୍ସାହନ ଦେବ ଏବଂ ଚୀନର ପ୍ରଭାବକୁ ସନ୍ତୁଳନ କରିବ।

ତୃତୀୟତଃ, କୂଟନୈତିକ ସ୍ତରରେ ଏକ ନୂତନ ରିସେଟ୍ ହେବ। ହାସିନାଙ୍କ ପତନ ପରେ ସମ୍ପର୍କରେ ଫାଟ ପଡ଼ିଥିଲା, କିନ୍ତୁ ବିଏନ୍‌ପିର ନେତୃତ୍ୱ ପରସ୍ପର ସମ୍ମାନ ଏବଂ ସମାନତା ଉପରେ ଆଧାରିତ ସମ୍ପର୍କ ଗଢ଼ିବାର ଇଚ୍ଛା ପ୍ରକାଶ କରିଛି। ଭାରତର ବିଦେଶ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ବାଂଲାଦେଶ ଗସ୍ତ ଏବଂ ରହମାନ୍‌ଙ୍କ ସହିତ ବୈଠକ ଏହି ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ବିଏନ୍‌ପିର ସମାବେଶୀ ରାଜନୀତି ବାଂଲାଦେଶର ହିନ୍ଦୁ ସଂଖ୍ୟାଲଘୁଙ୍କ ସୁରକ୍ଷା ନିଶ୍ଚିତ କରିବ, ଯାହା ଭାରତର ଚିନ୍ତାକୁ ହ୍ରାସ କରିବ।

ଏହା ବ୍ୟତୀତ, ପ୍ରାଦେଶିକ ସ୍ଥିରତାରେ ବିଏନ୍‌ପିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦକ୍ଷିଣ ଏସିଆରେ ଭାରତର ନେତୃତ୍ୱକୁ ସମର୍ଥନ କରି ବିଏନ୍‌ପି ଚୀନର ବଢ଼ୁଥିବା ପ୍ରଭାବକୁ ପ୍ରତିରୋଧ କରିବ। ଏହି ଦଳର ବାସ୍ତବବାଦୀ ବିଦେଶ ନୀତି ଭାରତ, ଆମେରିକା ଏବଂ ଅନ୍ୟାନ୍ୟ ସହଭାଗୀଙ୍କ ସହିତ ସନ୍ତୁଳିତ ସମ୍ପର୍କ ଗଢ଼ିବ, ଯାହା ପ୍ରାଦେଶିକ ଶାନ୍ତିକୁ ପ୍ରୋତ୍ସାହନ ଦେବ।

ମୋଟାମୋଟି ଭାବେ ବିଏନ୍‌ପିର କ୍ଷମତାରୋହଣ ଭାରତ ପାଇଁ ଏକ ସୁଯୋଗ। ଏହା ସୁରକ୍ଷା, ଅର୍ଥନୀତି ଏବଂ କୂଟନୀତିରେ ଲାଭ ପହଞ୍ଚାଇବ। ଉଭୟ ଦେଶର ନେତାମାନେ ଏହି ସୁଯୋଗକୁ ବ୍ୟବହାର କରି ଏକ ସବଳ ସହଭାଗିତା ଗଢ଼ିବା ଆବଶ୍ୟକ। ଏହା କେବଳ ଦୁଇ ଦେଶର ନୁହେଁ, ସମଗ୍ର ଦକ୍ଷିଣ ଏସିଆର ବିକାଶ ପାଇଁ ଲାଭଦାୟକ ହେବ।

# ଜାଗରରେ କାହିଁକି ପୂଜା ପାଏ କେତେକି ଫୁଲ



**ଅଭୟ କୁମାର ସାହୁ**

ଓଡ଼ିଆ ସଂସ୍କୃତି ପରମ୍ପରା ରେ ବାର ମାସରେ ତେର ପରବ ସେଥିମଧ୍ୟରୁ ଅନ୍ୟତମ ଦେବ ଙ୍କ ଦେବ ମହାଦେବ ଙ୍କ ଜାଗର ଯାତ୍ରା ପୌରାଣିକ ମତ ଅନୁସାରେ ଜାଗର ର ମାହାତ୍ମ୍ୟ ସମ୍ପୂର୍ଣ୍ଣ ଭିର୍ଣ୍ଣ ଓ ନିଆରା। ଶିବ ପୁରାଣ କଥା ଅନୁସାରେ ଏହିଦିନ ମା ପାର୍ବତୀ ଙ୍କ ସହିତ ମହାଦେବ ଙ୍କର ବିଭାହ ହୋଇଥିଲା ଏବଂ ଏହି ବିଭାହ ସୃଷ୍ଟି ର ପ୍ରଥମ ପ୍ରେମ ବିଭାହ ଥିଲା ଶାସ୍ତ୍ରବିତି ଙ୍କ ମତ ଅନୁଯାଇ ଏହି ଜାଗର ଦିନର ଅନ୍ୟ ଏକ ମାହାତ୍ମ୍ୟ ରହିଛି ବରଷକେ ଥରେ ଏହି ଦିନ ମହାଶକ୍ତି ଶିବଙ୍କ ଠାରେ ଗୋଟିଏ ଦିନ ପାଇଁ କେତକୀ ଫୁଲ ଚଢା ଯାଇଥଏ। ଶାସ୍ତ୍ର ମତରେ ଏବଂ ପୌରାଣିକ ପୁସ୍ତକର ଲେଖା ଅନୁସାରେ ସୃଷ୍ଟିର ସର୍ଜନ ପରେ ଭଗବାନ ବିଷ୍ଣୁ ଓ ବ୍ରହ୍ମା ଙ୍କ ମଧ୍ୟରେ ସୃଷ୍ଟି ସର୍ଜନ କୁ ନେଇ



କଳି ଉପୁଜିଥିଲା ଏହି କଳିର ଅନ୍ତ ପାଇଁ ଏଜ ବିରାଟ ଅଗ୍ନି ଶିଖାରୁ ଶୂନ୍ୟ ବାଣୀ ହେଲା ଉକ୍ତ ଅଗ୍ନି ଶିଖର ଆଦି ଓ ଅନ୍ତ କୁ ପ୍ରଥମେ ଯିଏ ସ୍ପର୍ଶ କରିବ ସେ ସୃଷ୍ଟି ର ସର୍ଜନ କର୍ତ୍ତା ବୋଲାଇବ ଏହାପରେ ଉର୍ଦ୍ଧ ମୁଖା ଅର୍ଥାତ ସ୍ୱର୍ଗ ଆଡକୁ ବ୍ରହ୍ମା ଗତି କରିଥିଲେ ଏବଂ ଅପରପକ୍ଷେ ଅଗ୍ନି ଶିଖର ଅନ୍ତ ଖୋଜିବା ପାଇଁ ଭଗବାନ ବ୍ରିଷ୍ଣୁ ପାତାଳ ପୁରକୁ ଯାଇଥିଲେ ସହଶ୍ର ଯୋଜନ ଅତିକ୍ରମ କରିବାପରେ ଉକ୍ତ ଅଗ୍ନି ଶିଖାର ଆଦି କିମ୍ବା ଅନ୍ତ ମିଳି ପାରି ନଥିଲା ଏହି ସମୟରେ ସ୍ୱର୍ଗ ପୁରରେ  କେତକୀ ଫୁଲ କୁ ବ୍ରହ୍ମ ଦେବ ଦେଖିଥିଲେ। କେତକୀ ଫୁଲ ଯିଏ ନିଜର ସୃଷ୍ଟି କର୍ତ୍ତା ଙ୍କୁ ଖୋଜୁଥିଲା ସେ ବ୍ରହ୍ମ ଦେବ ଙ୍କୁ ଦେଖି କିଛି କ୍ଷଣ ଅଟକିଲା ପରେ କଥୋପ କଥନ ରେ ବ୍ରହ୍ମ ଦେବ ନିଜକୁ ସୃଷ୍ଟି ର ସର୍ଜନ କର୍ତ୍ତା କହି କେତକୀ ଫୁଲ କୁ ଭୟଭିତ କରି ଅଗ୍ନି ଶିଖାର ଶିଖରରେ ବ୍ରହ୍ମ ଦେବଙ୍କୁ ଭେଟିଛି ବୋଲି ମିଥ୍ୟା କହିବାକୁ ବାଧ୍ୟ କରିଥିଲେ ଏବଂ ସାକ୍ଷୀ ରୂପରେ କେତକୀ ଫୁଲ କୁ ନିଜ ସାଥିରେ ନେଇ ବ୍ରହ୍ମ ଦେବ ଅଗ୍ନି ଶିଖାର ମଧ୍ୟ ସ୍ଥଳରେ ପହଞ୍ଚି ଥିଲେ। ଶୂନ୍ୟ ଅଗ୍ନି ଶିଖାର ପ୍ରଶ୍ନ ଅନୁଯାଇ କିଏ ଆଦି ଏବଂ ଅନ୍ତରେ ପହଞ୍ଚି ପାରିଲା ବୋଲି ପୁନଶ୍ଚ ଶୂନ୍ୟ ବାଣୀ ହୋଇଥିଲା ଏବଂ ପ୍ରତି ଉତ୍ତରରେ ବ୍ରହ୍ମ ଦେବ ଅଗ୍ନି ଶିକା ର ଶିଖରରେ ପହଂଚି ଥିବା କଥା କହି କେତକୀ ଫୁଲ ଏହାର ସାକ୍ଷୀ ବୋଲି କହିଥିଲା ଏବଂ ପରବର୍ତ୍ତୀ ମୁହୂର୍ତ୍ତ ରେ ଉକ୍ତ ଅଗ୍ନି ଶିଖାରୁ ମହାଦେବ ଙ୍କର ମହା ଭୟଙ୍କର ରୂପ ପ୍ରକଟ ହୋଇଥିଲା। ବ୍ରହ୍ମ ଦେବଙ୍କ ମିଥ୍ୟା ଉତ୍ତର ପାଇଁ ଦଣ୍ଡରେ ବ୍ରହ୍ମ ଦେବଙ୍କର ପଞ୍ଚମ ଶୀରକୁ ପ୍ରଭୁ ମହାଦେବ ଛେଦନ କରିଥିଲେ ଏଥିସହିତ ଏହି ଘଟଣାରେ ବ୍ରହ୍ମ ଦେବ ଦେଇଥିବା ଉତ୍ତରରେ ମିଥ୍ୟା ସାକ୍ଷୀ ପାଇଁ କେତକୀ ଫୁଲ କୁ ମଧ୍ୟ ଦଣ୍ଡିତ କରାଯାଇଥିଲା ଏବଂ କେତକୀ ଫୁଲ କୌଣସି ଦେବା ଦେବୀ ଙ୍କ ପୂଜାରେ ଗ୍ରହଣୀୟ ହେବ ନାହିଁବୋଲି ଭଗବାନ ଶିବ ଅଭିଶାପ ଦେଇଥିଲେ। ଏବଂ ପରବର୍ତ୍ତୀ ମୁହୂର୍ତ୍ତ ରେ କେତକୀ ନିଜର ଭୁଲ ବୁଝି ପାରି ମହାଦେବ ଙ୍କୁ କ୍ଷମା ପ୍ରାଥନା କରିଥିଲା କେତକୀ ଏହି ପାର୍ଥନା ରେ ଭଗବାନ ଶିବ ପ୍ରସନ ହୋଇ ବର୍ଷକେ ଥରେ ଜାଗର ଦିନ କେତକୀ ନିଜକୁ ଶିବଙ୍କ ନିକଟରେ ସମର୍ପିତ କରିବା ସହିତ ପୂଜା ପାଇବାର ଅନୁମତି ଦେଇଥିଲେ ସେବେଠୁ ଏହି ଜାଗର ଦିନରେ କେତକୀ ଫୁଲ ଖୁସିହୁଏ ଏବଂ ଶିବଙ୍କ ମଥାରେ ଶୋଭା ପାଏ।

**(ସାଲେପୁର। କଟକ)**

# ମହାଶିବରାତ୍ରି ଓ ମଙ୍ଗଳମୟ ଶିବ



**ବିକ୍ରମ କେଶରୀ ବିଶ୍ୱାଳ**

ଫାଲ୍‌ଗୁନ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ପାଳିତ ହୁଏ ମହାଶିବରାତ୍ରି ବା ଜାଗର। ଶିବରାତ୍ରିରେ ଉପବାସ ଓ ଶିବପୂଜା କରାଯାଏ। ଶିବ ଶବ୍ଦର ଅର୍ଥ ମଙ୍ଗଳମୟ। ଶିବ ସମସ୍ତ ଜ୍ଞାନ ଓ ପ୍ରଜ୍ଞାର ଆଧାର। ସେ ମଧ ଆଶୁତୋଷ। ଶିବଙ୍କର ଦକ୍ଷିଣ ହସ୍ତରେ ଶୋଭାପାଏ ତ୍ରିଶୂଳ ଯାହାକି ସତ୍ତ୍ୱ, ରଜ, ତମ ଗୁଣର ନିଦର୍ଶନ। ବାମ ହସ୍ତରେ ଡମ୍ବରୁ ହେଉଛି ଶବ୍ଦ ବ୍ରହ୍ମର ପ୍ରତୀକ। ବେଦର ଆଦ୍ୟ ଅକ୍ଷର ଓଁ ହିଁ ଶବ୍ଦ ବ୍ରହ୍ମ। ଏହି ଓଁ ହେଉଛି ସମସ୍ତ ଭାଷାର ମୂଳଧାର। ଓ ପ୍ରାଣବିନ୍ଦୁ। ଶିବଙ୍କ ମସ୍ତକରେ ରହିଛି ଚନ୍ଦ୍ରକଳା। ଏହା ତାଙ୍କୁ ସଂଯମୀ ଭାବରେ ପରିଚିତ କରାଇଥାଏ। ତାଙ୍କର ଜଟାରୁ ନିର୍ଝରିତ ପୁଣ୍ୟତୋୟା ଗଙ୍ଗା ଅମୃତଧାରର ଅମର ସଙ୍କେତ। ପ୍ରଭୁଙ୍କର ଅନ୍ୟତମ ଅଙ୍ଗଭୂଷଣ ସର୍ପ ଯାହାକି ପ୍ରଜ୍ଞା ଓ ଚିରନ୍ତନତାର ପ୍ରତୀକ। ପୁଣି ତୃତୀୟ ନେତ୍ରକୁ ବିଚାର କରାଯାଏ ମୋକ୍ଷର ଦ୍ୱାର। ଶିବଙ୍କର ମନ୍ତ୍ର ହେଉଛି ନମଃ ଶିବାୟ'। 'ନ'ର ଅର୍ଥ ପୃଥିବୀ ଓ ବ୍ରହ୍ମ, 'ମ'ର ଅର୍ଥ ବିଷ୍ଣୁ, 'ଶି' ହେଉଛି ଅଗ୍ନି ଓ ରୁଦ୍ର 'ବା' ହେଉଛି ବାୟୁ ଓ ମହେଶ୍ୱର, 'ୟ'ର ଅର୍ଥ ଆକାଶ, ସଦାଶିବ, ଜୀବ। ସକଳ ଗୁଣର ଆଧାର ଶିବଙ୍କୁ ରାତି ଉଜାଗର ରହି ଶିବରାତ୍ରିରେ ଉପାସନା କଲେ ମୋକ୍ଷପ୍ରାପ୍ତି ହୁଏ।

'ଶିବ' ଶବ୍ଦର ଅର୍ଥ ମଙ୍ଗଳମୟ। ଶିବ ହେଉଛନ୍ତି ସମସ୍ତ ଜ୍ଞାନ ଓ ପ୍ରଜ୍ଞାର ଆଧାର। ସେ ଆଦର୍ଶ ଯୋଗୀ ଓ ତେଜସ୍ୱୀ ମୁନି। ସେ ମଧ ଆଶୁତୋଷ ନାମରେ ପରିଚିତ। ଚଣ୍ଡାଳ ଠାରୁ ବ୍ରାହ୍ମଣ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରାର୍ଥନା ସେ ଶୁଣିଥାନ୍ତି। ତାଙ୍କ ନିକଟକୁ ସମସ୍ତଭକ୍ତର ପ୍ରବେଶାଧିକାର ରହିଛି। ଶିବ ପୁରାଣ ଅନୁଯାୟୀ ଶିବ ହେଉଛନ୍ତି -ପ୍ରକୃତି ଓ ପୁରୁଷର ଉର୍ଦ୍ଧ୍ୱରେ। ସେ ମହେଶ୍ୱର, ସେ ମଙ୍ଗଳକର୍ତ୍ତା ଏବଂ ସମସ୍ତ ପ୍ରାଣୀଙ୍କର ସର୍ବକୁଶଳର କାରଣ। ଶୈବଦର୍ଶନ ହେଉଛି ବେଦାନ୍ତର ଶ୍ରେଷ୍ଠ ଦର୍ଶନ। ଭଗବାନ ଶ୍ରୀରାମଚନ୍ଦ୍ର ପ୍ରସିଦ୍ଧ ଦକ୍ଷିଣସାଗର କୂଳରେ ଲଙ୍କା ଯାତ୍ରା ସମୟରେ ଶିବ ପୂଜା କରିଥିବାର ପ୍ରମାଣ ରାମାୟଣରୁ ମଧ ମିଳିଥାଏ। ଓଡ଼ିଶାରେ ଭକ୍ତ ସମ୍ପ୍ରଦାୟଙ୍କ ମଧ୍ୟରେ ଶିବ ପୂଜା ଯେ ପ୍ରାଧାନ୍ୟ ଲାଭ ନକରିଛି ତାନୁହେଁ। ପୁରାଣ ପୀଠ ଉତ୍କଳର ଗ୍ରାମେ ଗ୍ରାମେ ଶିବ ମନ୍ଦିରମାନ ପ୍ରତିଷ୍ଠା କରାଯାଇ ପୂଜାବିଧିର ପ୍ରଚଳନ ହେଉଅଛି।  ଶିବଙ୍କର ଅଦ୍ଭୁତ ଶୋଭା ସବୁ ସମୟରେ ସବୁ ଭକ୍ତଙ୍କୁ ବିସ୍ମିତ କରେ। ତାଙ୍କର ବର୍ଣ୍ଣ ଶୁଭ୍ର ଏବଂ ଏହି ଶୁଭ୍ରତା ହିଁ ଆମ୍ଭମାନଙ୍କୁ ନିର୍ମଳ ହୃଦୟର ଓ ସଦ୍‌ଚିନ୍ତା ସମ୍ପର୍କରେ ସଂକେତ ଦିଏ। ସେ ଭଲ ପଟରେ ତ୍ରିଧାର ବିଭୂତି ବିଲେପନ କରି ଥାଆନ୍ତି। ଏହା ସମଗ୍ର ଭକ୍ତ ସମାଜକୁ ହିଂସା, ବାସନା ଓ ମାୟା ତ୍ୟାଗ କରିବାକୁ ନିର୍ଦ୍ଦେଶ ଦେଇଥାଏ। ତଦ୍ୱାରା ନିର୍ମଳ ହୃଦୟରେ ତାଙ୍କୁ ପାଇହୁଏ। ନନ୍ଦି ମହାରାଜ ଶିବଙ୍କର ବାହନ। ସେ ସତ୍‌ସଙ୍ଗର ପ୍ରତୀକ ମାତ୍ର। ସାଧୁସଙ୍ଗ ବା ସତ୍ ସଙ୍ଗ କଲେ ମନୁଷ୍ୟ ଜାଗତିକ ଜଞ୍ଜାଳରୁ ମୁକ୍ତ ହୋଇ ମୋକ୍ଷ ଲାଭ କରେ। ପୁଣି ସେଇ ନନ୍ଦୀ ମହାରାଜ ସ୍ୱୟଂ ଧର୍ମଦେବତା। ସେଇ ଦୃଷ୍ଟିରୁ ଶିବ ହେଉଛନ୍ତି ଧର୍ମର ରକ୍ଷକ। ଶିବଙ୍କର ଦକ୍ଷିଣ ହସ୍ତରେ ତ୍ରିଶୂଳ ଶୋଭା ପାଉଥାଏ। ଏହା ସତ୍ତ୍ୱ ରଜ ଓ ତମ ଗୁଣର ନିର୍ଦ୍ଦେଶନ ମାତ୍ର ତାଙ୍କର ବାମ ହସ୍ତରେ ଡମ୍ବରୁ ବିରାଜମାନ। ଡମ୍ବରୁ ହେଉଛି ଶବ୍ଦ ବ୍ରହ୍ମର ପକୃତ ପ୍ରତୀକ। ବେଦର ଆଦ୍ୟ ଅକ୍ଷର 'ଓଁ, ହିଁ ଶବ୍ଦ ବ୍ରହ୍ମ। ଏହି ଓଁ ହେଉଛି ସମସ୍ତ ଭାଷାର ମୂଳଧାର। ଓ ପ୍ରାଣବିନ୍ଦୁ।

ଶିବଙ୍କ ମସ୍ତକରେ ଚନ୍ଦ୍ରକଳା ରହିଛି। ଏହା ଶିବଙ୍କୁ ସଂଯମୀ ଭାବରେ ପରିଚିତ କରାଯାଏ। ତାଙ୍କର ଜଟାରୁ ପୁଣ୍ୟତୋୟା ସ୍ରୋତସ୍ୱନୀ ଗଙ୍ଗା ନିର୍ଝରିତ। ସେହି ଗଙ୍ଗା ହିଁ ଅମୃତଧାରାର ଅମର ସଙ୍କେତ। ଶିବଙ୍କର ଅନ୍ୟତମ ଅଙ୍ଗ ଭୂଷଣ ହେଲା ସର୍ପ। ସର୍ପ ହେଉଛି ପ୍ରଜ୍ଞା ଓ ଚିରନ୍ତନତାର ପ୍ରତୀକ। ପୁଣି ଶିବ ତ୍ରିଲୋଚନ ନାମରେ ଖ୍ୟାତ। ଏହି ତୃତୀୟ ନେତ୍ର ମୋକ୍ଷ ଦ୍ୱାର। ଭାବରେ ବିଦିତ। ସେ ସତ୍ୟ, ଶିବ, ସୁନ୍ଦର ନାମରେ ଆମ ସମସ୍ତଙ୍କଠାରେ ପରିଚିତ। ଭଗବାନ ଶ୍ରୀରାମ ଚନ୍ଦ୍ର ଦକ୍ଷିଣ ସାଗର କୂଳରେ ଲଙ୍କାଯାତ୍ରା ପୂର୍ବରୁ ଶିବପୂଜା କରିଥିବା ରାମାୟଣରୁ ଜଣାଯାଏ। ତେଣୁ ଶିବରାତ୍ରି ଦିନ ଉପବାସ ସହ ଉଜାଗର ରହି ତ୍ରିଶାଖୀ ବେଲପତ୍ରି, କ୍ଷୀର, ମଧୁ ଆଦିରେ ଶିବଙ୍କୁ ପୂଜା କଲେ ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି। ଓଡ଼ିଶାର ପ୍ରାୟ ପ୍ରତି ଗାଁରେ ଶିବ ପୂଜା କରାଯାଇଥାଏ। ସବୁ ମହାଦେବ ମନ୍ଦିରରେ ପାଳନ ହୁଏ ଜାଗର ଯାତ୍ରା। ଆମ ଜୀବନରେ ଏକମାତ୍ର ଲକ୍ଷ୍ୟ ହେଲା ନିର୍ବାଣ ଲାଭ କରିବା। ଶିବଙ୍କ ମନ୍ଦିରରେ ମହାଦୀପ ଜଳାଇବା ଅର୍ଥ ନିଜର ସହସ୍ରାରେ ଜ୍ୟୋତିଃ ଦର୍ଶନ କରି ରାତ୍ରିଉଜାଗର ହେଲେ, ଶିବଙ୍କ ସହିତ ଶକ୍ତିଙ୍କର ମିଳନ ଦ୍ୱାରା ଜୀବନ୍ମୁକ୍ତ ହୋଇଥାଏ। ତାହାହେଲେ ଆମେ ଏହି ପବିତ୍ର ଶିବରାତ୍ରିଟିକୁ ନିଶ୍ଚିତ ଭାବରେ ପାଳନ କରିବା ଉଚିତ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ମର୍ତ୍ତ୍ୟ ନୁହେଁ ଏ ଜୀବଙ୍କ ପାଠଗାର, ପାଠଶାଳା



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ମର୍ତ୍ତ୍ୟ ମାନେ ହିଁ ମୃତ୍ୟୁ ଲୋକ। ଏଠାରେ ଯେ ଜନ୍ମ ତାର ମରଣ ନିଶ୍ଚିତ ହେବ। ତେବେ ଜୀବକୁ ଜୀବ ଜନ୍ମ ଦେଉଛି, ସନ୍ତାନ ପାଇଁ କିବା ନାରୀ କିବା ପୁରୁଷ ସମସ୍ତେ ଯୌବନ କାଳରେ ପରସ୍ପର ଆକୃଷ୍ଟ। ସେମାନେ ସୃଷ୍ଟିର ଧାରାକୁ ବିଲୁପ୍ତ ନକରି ବଞ୍ଚେଇ ରଖୁଛନ୍ତି। ନିଜେ ମରିବେ ତାଙ୍କ ସୃଷ୍ଟିର ସନ୍ତାନ ମରିବେ ଏକଥା ନିତ୍ୟ ଦେଖୁଛନ୍ତି ନିଜ ଘରେ, ନିଜ ବଂଶରେ, ଯୁଆଡ଼େ ଚାହିଁ ସେଆଡ଼େ ନିଜ ମୃତ୍ୟୁ ଆଉ ଜନ୍ମ କାହାରି ନା କାହାରି ଘରେ ଘଟୁଛି। ଆନନ୍ଦ ଆଉ ଶୋକ ମିଳଣ ଆଉ ବିରହ ବିଚ୍ଛେଦ ଫେଣ୍ଟାଫେଣ୍ଟିରେ ସଂସାର ଏଥିରେ ଅଭ୍ୟସ୍ତ କାହିଁ କାଳରୁ ଜୀବମାନେ ହୋଇ ରହିଛନ୍ତି, ବୁଦ୍ଧିମାନ ଓ ସ୍ୱ ଭବିଷ୍ୟତ ଗଢ଼ିବା ମାର୍ଗ ଧରିବା ଜୀବ ମନୁଷ୍ୟ। ଅନେକ କୁହା, ଅନେକ ଅକୁହା, ଅନେକ ନିଜେ କଷ୍ଟ ଭୋଗ, ଅନ୍ୟକୁ କଷ୍ଟ ଦେବା କାହାରି ଜୀବନ ବର୍ବାଦ କରିବା କେହି ବର୍ବାଦ କରିବା ନିଜ ଧନ ସମ୍ପତ୍ତି ପାରିବାରିକ ଜୀବନକୁ ନିଜେ ବର୍ବାଦ କରୁଛି, କେହି କିଣାରାମ କୃପଣ ହୋଇ ପଇସା ସଞ୍ଚି କିଣି କିଣି ଜୀବନକୁ କିଣାରାମରେ ବିତାଇ ମରୁଛି। ତାର ପୁଅ ବାବୁରାମରେ ଅୟସ କରି କରି ବାବୁଗିରି କରି ସାରିଛି। ତାର ସନ୍ତାନ ହେଉଛନ୍ତି ବିକାରାମ। ସେ ପିତୃ ଗୁଣରେ ଖାଲି ଅୟସ ଶିଖି ଆସିଛି ପରିଶ୍ରମର ମର୍ଯ୍ୟାଦା ବୁଝିନାହିଁ ଜମି ଚାଷକୁ କୁଣ୍ଠିତ, ସମୟ ବଦଳି ଯାଉଛି ଜେଜେ କାଳ ଜମିଦାରୀ ନାହିଁ, ଯେ ଆଖି ଦେଖାଇ ଗର୍ଜନ କରି ଦଣ୍ଡ ଦେଖାଇ ହୁକୁମ କରିବା କାଟୁ କରୁନାହିଁ।

ଯେ କିଣାରାମଙ୍କ ବୋଲି ପାଇଟି କରୁଥିଲା ତାର ନାତି ସମୟକୁ ବିକାରାମଙ୍କ ସମ୍ପତ୍ତିର କିଣାରାମ ହେଲାଣି, ଏହିତ ମୋଟାମୋଟି ଗ୍ରନ୍ଥା ଗ୍ରନ୍ଥ ନୁହେଁତ ଉଦାହାରଣର ପାଠଗାର, ରାଜନୀତି ଶାସ୍ତ୍ର ଅଧ୍ୟୟନ ପ୍ରସାରିତ ହେଲା, ଟୋପି, ପଗଡ଼ି, ମୁକୁଟ ଛଡ଼ା ରାଜାଙ୍କୁ ଭୂମିପାଳକ ଅସଂଖ୍ୟ ଭିଡ଼ିଆଣିଲା, ରାଜା ରୂପ ସଂସ୍କାରିତ, ତେର ଦିନିଆଁ ଯମ ଚଣ୍ଡ ପ୍ରଚଣ୍ଡ ପରି ପାଞ୍ଚ ବର୍ଷିଆ ଭୂମି ପାଳକ, ପଶା ଖେଳ ଅନେକ ଶକୁନିଙ୍କ ଦ୍ୱାରା ଜିତାପଟ ଦୁର୍ଯ୍ୟୋଧନ ସାଜୁଛନ୍ତି, ଅନେକଙ୍କ ବାପାର ଆସନ ବାପାଙ୍କ ଅପାରାଗ ଭାଇ ଯେ ବସି ଅନ୍ନ ଧ୍ୱଂସ କରୁଥିଲା ତାର ପୁଅ, ଲାତମାରୀ ଯୁଧିଷ୍ଠିର ପରି ସୁଧାରକୁ ପିତୃ ସମ୍ପତ୍ତି ଅଧିକାରରୁ ବଞ୍ଚିତ କରୁଛି। ନିର୍ଦ୍ଦୋଷ ଗଛ ଗୁଡ଼ାକ ନିତ୍ୟ ହଣା ଚାଲିଛି, ସୁନାଥାଳି ଅଉଲ ଦୋ ଫସଲି ଜମି ପଡ଼ିଆ ନଚେତ ହସ୍ତାନ୍ତର, ସ୍ଥାବର ଛାଡ଼ି ଅସ୍ଥାବର ମୋହରେ ଉଦବୁଦ୍ଧ। ଏପରି ଅନେକ ପୃଷ୍ଠାରେ କୋରା କାଗଜରେ ଅଦୃଶ୍ୟ ଲିପିର ପୁସ୍ତକ, ହେ ପାଠକ ଭାଇ ଭଉଣୀମାନେ ଟିକେ ଧର୍ମ ଚାଁ, ସତ୍ୟକୁ ଭୋଟ ଦିଅ, ମାୟାବୀ କଳିଦୂତଙ୍କ ପରାସ୍ତ ହଟାଅ ଦ୍ରବ୍ୟ ଲାଭ କମାଅ ସନ୍ତୋଷ ରହିବା ସାଧନ କର।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ଯୁଗ ଧର୍ମ ଓ ପ୍ରେମର ସ୍ୱରୂପ

**ପାର୍ଥସାରଥୀ ରାଉତ**





ପ୍ରେମ କ'ଣ ? ଏ ପ୍ରଶ୍ନ ପଚରାଗଲେ ବହୁବିଧ ଉତ୍ତର ଆସିବ। ଯେଉଁ ଉତ୍ତରଗୁଡିକ ଆସିବ, ସେସବୁକୁ ନେଇ ଏକ ନିର୍ଦ୍ଦିଷ୍ଟ ସଜ୍ଞା ନିରୂପଣ କରିବା ଅଥବା ଉପସଂହାରରେ ପହଞ୍ଚିବା ମୁସ୍କିଲ। ଏହାର କାରଣ ହେଉଛି ପ୍ରେମକୁ ନେଇ ଯୁଗେଯୁଗେ ସହମତି ପ୍ରକାଶ ପାଇପାରିନାହିଁ। ପ୍ରେମକୁ ନେଇ ସର୍ବସମ୍ମତି- ଏ କଥା ଆଶା କରିବା ବି ବୃଥା। ତେଣୁ ଅସହମତିର ଏ ଉପସଂହାର ସମୀଚିନ ଏବଂ ସ୍ୱାଭାବିକ ମଧ। ପ୍ରଶ୍ନ ଉଠୁଛି, ପ୍ରେମ ପରି ଏକ ସ୍ୱର୍ଗୀୟ ଅନୁଭବକୁ ନେଇ ଏ ଅସହମତି କାହିଁକି ? ଏତେ ଭିନ୍ନମତ କ'ଣ ପାଇଁ ? ଗୋଟିଏ ନିର୍ଦ୍ଦିଷ୍ଟ ବାଦକୁ ନେଇ ଏକମତ ହେବାରେ ଅଡୁଆଟି କେଉଁଠି ? ଆଜି ପ୍ରେମ ଦିବସରେ ଏସବୁ ପ୍ରଶ୍ନର ଉତ୍ତର ଖୋଜିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଜୀବନରେ ପ୍ରେମ କେତେ ଜରୁରୀ ଏବଂ ପ୍ରେମକୁ ନେଇ ଆମେ କେତେ ସମ୍ବେଦନଶୀଳ ସେ ସଂପର୍କରେ ଆଲୋଚନା କରିବାର ମଧ ସେତିକି ଆବଶ୍ୟକ।

ପ୍ରେମ ପ୍ରତି ସମ୍ବେଦନଶୀଳତା ସଂପର୍କରେ ଆଲୋଚନା କରିବା ପୂର୍ବରୁ ପ୍ରେମକୁ ନେଇ ରହିଆସିଥିବା ଦୁଇ ଦିଗ ସଂପର୍କରେ ସଂକ୍ଷେପରେ ଆଲୋକପାତ କରୁଛି। ଅନେକଙ୍କ ମତରେ ରୂପ ଓ କାମନାର ମୋହଜାତ ଇନ୍ଦ୍ରିୟାବେଗର ପ୍ରଚଣ୍ଡ ପ୍ରତିଫଳନ ହେଉଛି ପ୍ରେମ। କୌଣସି ନାରୀ ଓ ପୁରୁଷଙ୍କ ମଧ୍ୟରେ ଏକମାତ୍ର ସଂପର୍କ ହେଉଛି ଅବାରିତ ଓ ଆକଣ୍ଠ ଯୌନ ସମ୍ଭୋଗ। ଏହା ବ୍ୟତୀତ ପ୍ରେମ ସମ୍ବନ୍ଧୀୟ ଅନ୍ୟ ସବୁ ବର୍ଣ୍ଣିଳ କଳ୍ପନା ନିପଟ ମିଛ। ଶରୀର ସତ୍ୟ ଓ ଅନିତ୍ୟ। ଯୌନତା ହିଁ ମଣିଷର ସମୂହ ସତ୍ତା। ଆଉ ପ୍ରେମକୁ ନେଇ ଏ ବାଦର ସ୍ରଷ୍ଟା ପ୍ରସିଦ୍ଧ ଇଂରାଜୀ ରୋମାଣ୍ଟିକ କବି ବାଇରନ ବୋଲି କୁହାଯାଇପାରେ। ଯେଉଁମାନେ ଏହି ବାଦରେ ବିଶ୍ୱାସ କରନ୍ତି ସେମାନଙ୍କ ସ୍ପଷ୍ଟ ମତ ହେଉଛି ପ୍ରେମ ଗୋଟେ କୋଳାହଳ, ଗୋଟେ ଉତ୍ତେଜନା। ପାସନ୍, ସେନସେସନ୍, ସେକ୍ସ...।

ଅନ୍ୟ ପକ୍ଷରେ ପ୍ରେମର ଏକ ଉଜ୍ଜ୍ୱଳ ଦିଗ। ପ୍ରେମ ଏକ ବୃହତର ସତ୍ୟତା, ନିର୍ବିରୋଧ ଚେତନା, ସ୍ୱର୍ଗୀୟ ଅନୁଭବ। ଏହା ପରିପୂର୍ଣ୍ଣ ଜୀବନର ମହତ୍ତ୍ୱ ଏବଂ ଉପଲବ୍ଧି। ପ୍ରେମରେ ଶରୀର ଗୌଣ, ହୃଦୟ ମୁଖ୍ୟ। ଏହା ସଂପୂର୍ଣ୍ଣ ଭାବେ ତପସ୍ୟାନିର୍ଭର। ପ୍ରେମ ଶାଶ୍ୱତ, ଚିରନ୍ତନ ଓ ପବିତ୍ରତାର ବାର୍ତ୍ତାବହ। ଦୈହିକ ସଂପର୍କଠାରୁ ଉଚ୍ଚତର ଏକ ଅଦ୍ଭୁତ ଅଭିନିବେଶ। ଶାରୀରିକ ମିଳନ ପାଇଁ ଏହାକୁ ଏକ ଅନୁମୋଦନ ଭାବି ନେଉଥିବା ବ୍ୟକ୍ତି ବିଶେଷ ହେଉଛନ୍ତି ବିକାରଗ୍ରସ୍ତ। ପ୍ରେମର ଏହି ସଜ୍ଞା ପ୍ଲୁଟୋଙ୍କ ପ୍ରଣୀତ ସଜ୍ଞା। ତେଣୁ ଏଥିରେ ବିଶ୍ୱାସ କରୁଥିବା ବର୍ଗଙ୍କ ବିଶ୍ୱାସ ଯେ ଏବେବି ପ୍ଲାଟୋନିକ୍ ଲଭ ବଞ୍ଚିଛି। ଆତ୍ମାର ସହିତ ପ୍ରେମ କରିହେଉଛି। ଅଶାଳୀନ ଭାବେ ପ୍ରେମ କରିବା ପାଶବିକ।

ଆଉ କେତେଜଣ ଏହି ଦୁଇ ପକ୍ଷ ନନେଇ ଭିନ୍ନମତ ରଖନ୍ତି। କୁହନ୍ତି ପ୍ରେମ ଏକ ଦିବ୍ୟ ସମ୍ମୋହନ। ଏକ ଆଶ୍ଳେଷ। ଏକ ସୂକ୍ଷ୍ମ ଚେତନା। ଏକ ନିଟୋଳ ଅନୁଭବ ଓ ଆବେଗ। ପ୍ରେମକୁ ଯିଏ ଯେମିତି ଭୋଗି ପାରିଲା। ପ୍ରେମ ଏକ ଆପେକ୍ଷିକ ତତ୍ତ୍ୱ। ଯାହାକୁ ଭୋଗିବା ପାଇଁ ସ୍ୱୟଂ ଭଗବାନ ମଧ ପୃଥିବୀ ପୃଷ୍ଠରେ ଅବତରିଛନ୍ତି। ଏହି କ୍ରମରେ ସାବିତ୍ରୀ-ସତ୍ୟବାନଙ୍କ ପ୍ରେମ ତତ୍ତ୍ୱ ପ୍ରଣିଧାନଯୋଗ୍ୟ। ସତ୍ୟବାନଙ୍କ ପ୍ରତି ସାବିତ୍ରୀଙ୍କ ପ୍ରେମ କେବଳ ଗୋଟେ କାହାଣୀ ନଥିଲା। ଏହା ଏକ ଫିକସନ୍ ବା କାଳ୍ପନିକତା ବି ନୁହେଁ। ଏହି ଦୁର୍ମୂଲ୍ୟ ଓ ଦୁର୍ଲଭ ପ୍ରେମ ପ୍ରଥମ ଥର ପାଇଁ ମୃତ୍ୟୁକୁ ଜୟ କରିବା ପାଇଁ ସମ୍ଭାବନା ଦେଖାଇଥିଲା। ଏହା କମ୍ ବଡ ଉପଲବ୍ଧି ନୁହେଁ। ପାଶ୍ଚାତ୍ୟ ଦର୍ଶନ ଓ ସାହିତ୍ୟରେ ବି ଏପରି ଉଦାହରଣ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ।

କିନ୍ତୁ ଦେଖାଯାଉଛି, ଏବର ପ୍ରେମକୁ ନେଇ ଆଭିମୁଖ୍ୟ ବଦଳିଛି। ଅନେକାଂଶରେ ନକାରାତ୍ମକ ମତ ପ୍ରକାଶ ପାଉଛି। ଫଳତଃ ପ୍ରେମ ଆଜି ବହୁ ପ୍ରଶ୍ନର ସମ୍ମୁଖୀନ। ଅଧିକାଂଶଙ୍କ ସ୍ପଷ୍ଟ ମତ ହେଉଛି ଏବର ପ୍ରେମ ଚେତନାଠାରୁ ଦୂରେଇ ଯାଇ ଭାବନାରେ ରୂପାନ୍ତରିତ ହୋଇଛି। ଯେଉଁଠି ଅନୁଭବ କମ୍ ଭ୍ରମ ଅଧିକ। ବିଶ୍ୱାସ କମ୍ ପ୍ରତାରଣା ଅଧିକ। ସମର୍ପଣ କମ୍ ସ୍ୱାର୍ଥପରତା ଅଧିକ। ଆଜିକାଲିର ପ୍ରେମ କ୍ଷୀଣସ୍ଥାୟୀ, ଭଙ୍ଗୁର, ଅସୁସ୍ଥ। ସ୍ୱାର୍ଥ ଓ ଅସହିଷ୍ଣୁତାରେ ଆକ୍ରାନ୍ତ। ପ୍ରକୃତ ପ୍ରେମ ସରିଯାଇଛି। ଏବେ ଏସବୁକୁ ତର୍ଜମା କରାଯାଉ। ସମାଜରେ ଏପରି ଅନେକ ଘଟଣା ଘଟୁଛି ଯେ ଏସବୁକୁ କେବଳ ଏକ ଅଭିଯୋଗ କହିବା ଠିକ୍ ହେବ ନାହିଁ। ପ୍ରକୃତରେ ଦେଖିବାକୁ ଗଲେ କେଉଁଠି ନା କେଉଁଠି ପ୍ରେମ ଦିଗହରା ପରି ଲାଗୁଛି। ଏବେ ଏହାକୁ ବ୍ୟବଚ୍ଛେଦ କରାଯାଉ। ବ୍ୟବଚ୍ଛେଦ କଲେ ଜଣାପଡ଼ିବ ଯେ କାହିଁକି ପ୍ରେମରେ ସେ ଆତ୍ମୀୟତା, ଆପଣାପଣ, ପ୍ରତିବଦ୍ଧତା, ଅଙ୍ଗୀକାରବଦ୍ଧତା କମିଛି। କଥା ହେଉଛି ପାରସ୍ପାରିକତା ଏତେ ନିମ୍ନଗାମୀ ହୋଇଛି ଯେ ପ୍ରତି ମୁହୂର୍ତ୍ତରେ ସଂପର୍କକୁ ଲାଭ କ୍ଷତିର ନିକିତିରେ ମାପିବାକୁ ପଡୁଛି। ଫଳରେ ମୁଖ୍ୟ ଆଧାରଠୁ ଦୁରେଇ ଯାଇ ବ୍ୟକ୍ତି କେନ୍ଦ୍ରିକ ହୋଇଯାଇଛି ପ୍ରେମ। ସ୍ୱାର୍ଥ ପାଇଁ ସର୍ବନିମ୍ନ ସ୍ତରକୁ ଖସିବାକୁ ପଛାଉନି ମଣିଷ। ଏପରି ସନ୍ଧିକ୍ଷଣରେ ପ୍ରେମ ନିରବିଯାଉଛି। ଯାହା ସରିଯିବାର ଭ୍ରମ ସୃଷ୍ଟି କରୁଛି। ସେହିପରି ବ୍ୟସ୍ତବହୁଳତା, ମାନସିକ ଦୁଶ୍ଚିନ୍ତା ଓ ବିଚଳନ, କର୍ପୋରେଟ ଲାଇଫଷ୍ଟାଇଲ, ବୃତ୍ତିଜନିତ ଚାପ, ଆର୍ଥିକ ସାମାଜିକ ଓ ଅର୍ଥନୈତିକ ସମସ୍ୟା ଆଦି କାରଣରୁ ପ୍ରେମ ଅବହେଳା ଓ ଅଣଦେଖାର ଶିକାର ହୋଇଛି। ପ୍ରେମ ଭୋଗ ବିଳାସର ବିଷୟ ହୋଇଛି। ଶାରୀରିକ ସହଚାର୍ଯ୍ୟର ବିଷୟ ପାଲଟିବା ପରି ଲାଗୁଛି।

କିନ୍ତୁ ସୂକ୍ଷ୍ମ ଭାବେ ତର୍ଜମା କଲେ ଜାଣିହେବ ଯେ ପ୍ରେମ କେବେ ସରେନାହିଁ। ପ୍ରେମ କେବେ ବଦଳେନାହିଁ। କେବଳ ପ୍ରେମକୁ ପରିପ୍ରକାଶ କରିବାର ପଦ୍ଧତି ହିଁ ବଦଳିଛି। ଶବ୍ଦ ବଦଳିଛି, ଭାବ ନୁହେଁ। ଏବଂ ଏହି ପଦ୍ଧତି ପରିବର୍ତ୍ତନକୁ ପ୍ରଶ୍ନ କରିବା ମଧ ସମ୍ଭବ ନୁହେଁ। ଏହାକୁ ସମୟର ଆହ୍ୱାନ ବୋଲି କୁହାଯାଇପାରେ। ଯୁଗ ଧର୍ମ କୁହାଯାଇପାରେ। କିନ୍ତୁ ଏବେବି ପ୍ରେମରେ ବିଶ୍ୱାସ ଓ ସମର୍ପଣ ବଳବତ୍ତର ଅଛି। ପୌରାଣିକ ଯୁଗରୁ ଆଜି ପର୍ଯ୍ୟନ୍ତ ପ୍ରେମର ସଜ୍ଞା ଅତୁଟ ରହିଛି। ପ୍ରେମ ସବୁବେଳେ ଜୀବନ୍ତ, ଏହାର ପ୍ରବାହ ସବୁବେଳେ ତୀକ୍ଷଣ। ଜୀବନରେ ପ୍ରେମ ଜରୁରୀ। ପ୍ରେମ କେବଳ ଚାପମୁକ୍ତ କରି ଆଶ୍ୱସ୍ତ କରେନାହିଁ, ଏହା ମଣିଷକୁ ଉଦାର କରେ। ଚେତନାକୁ ଉର୍ଦ୍ଧ୍ୱମୁଖୀ କରେ। ତିରସ୍କାର ଜର୍ଜରିତ ହୃଦୟକୁ ଉର୍ଦ୍ଧ୍ୱକୁ ନିଏ ପ୍ରେମ। ପ୍ରେମ ବ୍ୟବସ୍ଥିତ କରେ, ଏକାଗ୍ରତା ବଢାଏ, ଗ୍ରହଣୀୟତା ପାଇଁ ବାଟ ଫିଟାଏ। ପ୍ରେମ ଶ୍ରଦ୍ଧା, ସମ୍ମାନ ଓ ସହାନୁଭୂତିର ଏକ ସୁଷମ ସମିଶ୍ରଣ। ଆଜି ପ୍ରେମ ଦିବସରେ ପ୍ରେମୀମାନେ ଖାଲି ନିଜନିଜ ସାଥୀଙ୍କ ସହ ଭାବର ଆଦାନପ୍ରଦାନ କରିବାରେ ସୀମିତ ନ ରୁହନ୍ତୁ। ବରଂ ନିଜ ନିଜ ପ୍ରେମ ପ୍ରତି ଦାୟିତ୍ୱ ବଢାନ୍ତୁ। ଯଦି ପ୍ରେମୀମାନେ ସଚେତନ ଓ ସମ୍ବେଦନଶୀଳ ହେବେ, ପ୍ରେମକୁ କେବଳ ଏକ ଭାବନା ନୁହେଁ ଦାୟିତ୍ୱ ଭାବେ ଗ୍ରହଣ କରିବେ। ତାହେଲେ ପିଢି ପିଢି ଧରି ବଞ୍ଚିଆସିଥିବା ପ୍ରେମ ଆହୁରି ସ୍ୱଚ୍ଛନ୍ଦ, ସରସ ଓ ଶକ୍ତିଶାଳୀ ହେବ।

ଫୋନ : ୯୪୩୮୨୯୦୪୯୧

# ବଦଳିଲା ପିଏମଓର ଠିକଣା

## ଆଜିଠୁ ସେବା ତୀର୍ଥରୁ କାମ କରିବେ ପ୍ରଧାନମନ୍ତ୍ରୀ



ଶୁକ୍ରବାର ସାଉଥ ବ୍ଲକରେ ଶେଷ କ୍ୟାବିନେଟ ବୈଠକ

**ନୂଆଦିଲ୍ଲୀ, ୧୩।୨:** ସେବା ତୀର୍ଥର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆଜିଠାରୁ ପ୍ରଧାନମନ୍ତ୍ରୀ ମୋଦି ନୂତନ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ, 'ସେବା ତୀର୍ଥ'କୁ ସ୍ଥାନାନ୍ତରିତ ହୋଇଛି। ଏହିପରି ଦେଶର ଶକ୍ତି କେନ୍ଦ୍ର ରୂପାନ୍ତରିତ ହେବ। ପ୍ରାୟ ସାଢେ ଗୋଟାଏରେ ପ୍ରଧାନମନ୍ତ୍ରୀ ମୋଦି 'ସେବା ତୀର୍ଥ' ବିଲ୍ଡିଂ ନାମ ଉନ୍ମୋଚନ କରିଛନ୍ତି। ଏହି ସମ୍ମିଶ୍ରଣରେ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ), ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ (ଏନଏସସିଏସ) ଏବଂ କ୍ୟାବିନେଟ ସଚିବାଳୟ ରହିଛି। ୨୦୧୪ ମସିହାରୁ, ମୋଦି ସରକାର ଭାରତର ଔପନିବେଶିକ ଅତୀତର ପ୍ରତୀକଗୁଡ଼ିକରୁ ଦୂରେଇ ଯିବା ଏବଂ ଭାରତୀୟ ନାଗରିକଙ୍କ ଜନ ଭାବନା ପ୍ରତି ଏକ ଆଧୁନିକ, ପ୍ରତିକ୍ରିୟାଶୀଳ ଶାସନ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ଥିର ପଦକ୍ଷେପ ନେଇଛନ୍ତି। ସରକାର ସାଉଥ୍ ବ୍ଲକକୁ ସେବା ତୀର୍ଥରେ, କେନ୍ଦ୍ରୀୟ ସଚିବାଳୟକୁ କର୍ତ୍ତବ୍ୟ ଭବନରେ, ରାଜପଥକୁ କର୍ତ୍ତବ୍ୟ ପଥକୁ, ରେସକୋର୍ସ ରୋଡକୁ ଲୋକ କଲ୍ୟାଣ ମାର୍ଗରେ ଏବଂ ରାଜଭବନକୁ ଲୋକ ଭବନରେ ପରିଣତ କରିଛନ୍ତି। ଏହି ପରିବର୍ତ୍ତନଗୁଡ଼ିକ କେବଳ ପ୍ରତୀକାତ୍ମକ ନୁହେଁ ବରଂ ପ୍ରଶାସନିକ କାର୍ଯ୍ୟ ଏବଂ ସାଧାରଣ ଚିନ୍ତାଧାରା ପ୍ରତି ଏକ ନୂତନ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ଦଶନ୍ଧି ଧରି, କେନ୍ଦ୍ରୀୟ ଭିସ୍ତାରା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବସ୍ଥିତ ଅନେକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ସରକାରୀ କାର୍ଯ୍ୟାଳୟ ଏବଂ ମନ୍ତ୍ରଣାଳୟ ଜୀର୍ଣ୍ଣ ଏବଂ ବିକ୍ଷିପ୍ତ କୋଠାରୁ ପରିଚାଳିତ ହେଉଥିଲା। ଏହି ବିଭାଜନ ପ୍ରାୟତଃ କାର୍ଯ୍ୟକ୍ଷମ ଅସୁବିଧା ସୃଷ୍ଟି କରୁଥିଲା। ସମନ୍ୱୟର ଅଭାବ, ବର୍ଦ୍ଧିତ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ କର୍ମଚାରୀମାନଙ୍କ ପାଇଁ ଅନୁକୂଳ କାର୍ଯ୍ୟ ପରିବେଶର ଅଭାବ ଜରୁରୀ ଥିଲା। ନୂତନ କ୍ୟାମ୍ପସ ପ୍ରଶାସନିକ କାର୍ଯ୍ୟଗୁଡ଼ିକୁ ଏକକ କ୍ୟାମ୍ପସରେ ଏକୀକୃତ କରି ଏହି ସମସ୍ୟାଗୁଡ଼ିକର ସମାଧାନ କରେ, ଯାହା ଆଧୁନିକ ଏବଂ ଭବିଷ୍ୟତ ସୁବିଧା ସହିତ ସଜ୍ଜିତ।

# ବାଂଲାଦେଶରେ 'ରହମାନ ଯୁଗ'ର ଆରମ୍ଭ

## ୧୭ ବର୍ଷର ନିର୍ବାସନ ପରେ ପ୍ରଧାନମନ୍ତ୍ରୀ ହେବେ ତାରିକ

## ଟେଲିଫୋନରେ କଥା ହୋଇ ଅଭିନନ୍ଦନ ଜଣାଇଲେ ମୋଦୀ

**ଢାକା, ୧୩।୨:** ବାଂଲାଦେଶରେ ତ୍ରୟୋଦଶ ସଂସଦୀୟ ନିର୍ବାଚନ ପାଇଁ ଭୋଟ ଦେବା ପରେ ଫଳାଫଳ ସ୍ପଷ୍ଟ ହୋଇଛି। ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ପୁଅ ଏବଂ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନପି)ର ମୁଖ୍ୟ ତାରିକ ରହମାନ ଏକ ବଡ଼ ବିଜୟ ହାସଲ କରିଛନ୍ତି। ତାଙ୍କୁ ବାଂଲାଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବା ନିଶ୍ଚିତ ବୋଲି ବିବେଚନା କରାଯାଉଛି। ଜମାତ-ଏ-ଇସଲାମି ନିର୍ବାଚନରେ ଏକ ବଡ଼ ପରାଜୟ ବରଣ କରିଛି। ବିଏନପିର ବିଜୟ ଏବଂ ଜମାତ-ଏ-ଇସଲାମିର ପରାଜୟ ଭାରତ ପାଇଁ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ।

ଜମାତ-ଏ-ଇସଲାମି ଏହାର ମୌଳବାଦୀ ଏବଂ ରକ୍ଷଣଶୀଳ ଦୃଷ୍ଟିକୋଣ ପାଇଁ ଜଣାଶୁଣା ଏବଂ ପାକିସ୍ତାନର ସମର୍ଥକ ବୋଲି ବିବେଚନା କରାଯାଏ। ଜମାତ-ଏ-ଇସଲାମି ପାକିସ୍ତାନଠାରୁ ବାଂଲାଦେଶର ସ୍ୱାଧୀନତାକୁ ବିରୋଧ କରିଥିଲା। ଜମାତ-ଏ-ଇସଲାମିର ବାଂଲାଦେଶର ହିନ୍ଦୁ ସଂଖ୍ୟାଲଘୁ ପ୍ରତି ନକାରାତ୍ମକ ମନୋଭାବ ରହିଛି। ତଥାପି, ବାଂଲାଦେଶର ବର୍ତ୍ତମାନର ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି, ବିଏନପିର ବିଜୟ ଭାରତ ପାଇଁ ଭଲ ଖବର। ବିଏନପି ଭାରତ ସହିତ ସମ୍ପର୍କ ଉନ୍ନତ କରି ଆଗକୁ ବଢ଼ିପାରିବ। ବାଂଲାଦେଶର ଲୋକମାନେ ଭାରତ ସହିତ ସମ୍ପର୍କକୁ ପ୍ରାଥମିକତା ଦେବା ପାଇଁ ତାରିକ ରହମାନ ଉପରେ ଚାପ ପକାଇବେ।



ଅବଦୁଲ ଖାଲିଦ ଜିଆଙ୍କ ପରଲୋକରେ, ଭାରତର ବୈଦେଶିକ ମନ୍ତ୍ରୀ ଢାକା ଗସ୍ତ କରିଥିଲେ ଏବଂ ତାରିକ ରହମାନଙ୍କୁ ଭେଟିଥିଲେ। ଏହି ଗସ୍ତ ସମୟରେ, ସେ ତାରିକ ରହମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ଶୋକ ପତ୍ର ମଧ ପ୍ରଦାନ କରିଥିଲେ। ବିଏନପି ପୂର୍ବରୁ ବାଂଲାଦେଶରେ କ୍ଷମତା ହାସଲ କରିଛି, ତେଣୁ ବିଏନପି ଭାରତ ସହିତ ସମ୍ପର୍କର ଗୁରୁତ୍ୱ ବୁଝେ। ବିଏନପିର ବିଜୟ ଏବଂ ଜମାତର ପରାଜୟ ଭାରତର ସୀମାନ୍ତ ରାଜ୍ୟଗୁଡ଼ିକର ସୁରକ୍ଷା ଦୃଷ୍ଟିକୋଣରୁ ମଧ ଗୁରୁତ୍ୱପୂର୍ଣ୍ଣ। ୩ଶହ ଆସନ ବିଶିଷ୍ଟ ସଂସଦରେ ବିଏନପି ୧୫୧ ରୁ ଅଧିକ ଆସନ ଜିତିଛି। ନିର୍ବାଚନରେ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଏନପି ନେତା ତାରିକ ରହମାନଙ୍କ ସହ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ନିର୍ବାଚନରେ ରହମାନଙ୍କୁ ତାଙ୍କ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଉଭୟ ଦେଶର ଉତ୍ତମ ସମ୍ପର୍କ ବିଷୟରେ କଥା ହୋଇଛନ୍ତି। ଭାରତ ବାଂଲାଦେଶ ସହିତ ଉତ୍ତମ ସମ୍ପର୍କ ପାଇଁ ଆଶାବାଦୀ ରହିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଭିନନ୍ଦନ ବାର୍ତ୍ତା ପରେ ତାରିକଙ୍କ ସହ ଫୋନ ଯୋଗେ କଥାବାର୍ତ୍ତା ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ମୋଦି ବାଂଲାଦେଶର ଲୋକଙ୍କ ସହିତ ସିଧାସଳଖ ସଂଯୋଗ ସ୍ଥାପନ କରିବା ପାଇଁ ତାରିକ ରହମାନଙ୍କୁ ବଙ୍ଗଳା ଭାଷାରେ ତାଙ୍କର ଅଭିନନ୍ଦନ ବାର୍ତ୍ତା ପଠାଇଥିଲେ। ପଡ଼ୋଶୀ ଦେଶରେ ଶେଖ ହାସିନାଙ୍କ ନିର୍ବାଚିତ ସରକାର କ୍ଷମତାରୁ ବହିଷ୍କାର ହେବା ପରଠାରୁ, ନୂଆଦିଲ୍ଲୀ ଏବଂ ଢାକା ମଧ୍ୟରେ ବନ୍ଧୁତାରେ ଫାଟ ସୃଷ୍ଟି ହୋଇଛି। ଅନ୍ତରୀଣ ସରକାରଙ୍କ ମୁଖ୍ୟ ମହମ୍ମଦ ୟୁନୁସଙ୍କ ଅନେକ ନୀତି ଭାରତ ପାଇଁ ସ୍ପଷ୍ଟ ଭାବରେ ଚିନ୍ତାର କାରଣ ହୋଇଛି, ତାହା ଚିକେନ ନେକ ପ୍ରସଙ୍ଗ ହେଉ କିମ୍ବା ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସମ୍ପର୍କରେ ତାଙ୍କର ବକ୍ତବ୍ୟ। ୟୁନୁସ ମଧ୍ୟ ବାଂଲାଦେଶରେ ଚରମ ଅତ୍ୟାଚାର କରିଥିବା ପାକିସ୍ତାନକୁ ସମର୍ଥନ କରିବା ଆରମ୍ଭ କରିଥିଲେ ଏବଂ ଚୀନକୁ ତାଙ୍କ ଦେଶରେ ନିମନ୍ତ୍ରଣ କରିଥିଲେ।

# ପୁଣି ଦିଲ୍ଲୀ ସ୍କୁଲକୁ ବୋମା ଧମକ




**ନୂଆଦିଲ୍ଲୀ, ୧୩।୨:** ଚାରିଦିନ ପରେ ପୁଣି ଦିଲ୍ଲୀ ସ୍କୁଲକୁ ଆସିଲା ବୋମା ଧମକ। ଶୁକ୍ରବାର ସକାଳୁ ସକାଳୁ ଏହି ବୋମା ଧମକ ଆସିଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି । ଖବର ପାଇ ବୋମା ଧମକ ମିଳିଥିବା ସ୍କୁଲ ପାଖରେ ଅଗ୍ନିଶମ ବାହିନୀ ଓ ବୋମା ନିଷ୍କ୍ରିୟକାରୀ ଟିମ ପହଞ୍ଚିଥିଲା । ଗତ ସପ୍ତାହ ମଧ୍ୟରେ ଜାତୀୟ ରାଜଧାନୀ ଦିଲ୍ଲୀର ସ୍କୁଲଗୁଡ଼ିକୁ ଏପରି ଦ୍ୱିତୀୟ ଥର ଲାଗି ବୋମାରେ ଉଡ଼ାଇଦେବାକୁ ଧମକ ମିଳିଛି । ଗତ ଫେବୃଆରୀ ୯ ତାରିଖରେ ଏକାଥରକେ ୧୫ଟି ସ୍କୁଲକୁ ବୋମା ଧମକ ମିଳିଥିଲା । ପୋଲିସ ସୂତ୍ର ଅନୁଯାୟୀ, ଝଣ୍ଡେୱାଲାନଠାରେ ଥିବା ବିଟି ତାମିଲ ସ୍କୁଲ, ସର୍ଦ୍ଦାର ପଟେଲ ବିଦ୍ୟାଳୟ ଓ ବ୍ରିଟିଶ ସ୍କୁଲକୁ ଏହି ବୋମା ଧମକ ଦିଆଯାଇଛି । ପୋଲିସ କହିଛି ଯେ ପ୍ରଥମେ ଏହି ବୋମା ଧମକ ସମ୍ବନ୍ଧୀୟ ଇମେଲ୍ ସକାଳ ୯ଟା ୧୯ ମିନିଟରେ ୩ଟି ସ୍କୁଲକୁ ଆସିଥିଲା । ଏହାପରେ ଆଉ କିଛି ସ୍କୁଲକୁ ଇମେଲ ଜରିଆରେ ବୋମା ଧମକ ଆସିଥିଲା । ତେବେ ଅଜଣା ମେଲ୍ ଆଇଡିରୁ ଏହି ବୋମା ଧମକ ଆସିଥିବା ଜଣେ ବରିଷ୍ଠ ପୋଲିସ ଅଧିକାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସ୍କୁଲକୁ ବୋମା ଧମକ ଆସିବା ପରେ ତୁରନ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅଭିଭାବକମାନଙ୍କୁ ମେସେଜ ଯୋଗେ ଅବଗତ କରାଯାଇଥିଲା । ସେଥିରେ ଲେଖାଯାଇଥିଲା , 'ଅଭିଭାବକ ମହୋଦୟ, ଆଜି ସକାଳେ ସ୍କୁଲକୁ ବୋମା ଧମକ ମିଳିଛି । ଏଣୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ ସ୍କୁଲରେ ଅଛି । ସମସ୍ତ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରାଯାଇଛି । ସ୍କୁଲକୁ ସୁରକ୍ଷିତ ଘୋଷଣା କରାଯିବା ପରେ କ୍ଲାସ୍ ପୁନର୍ବାର ଆରମ୍ଭ ହେବ'।

## ତ୍ରିକୋଣୀୟ ପ୍ରେମରୁ ହତ୍ୟା, ୨ ଗିରଫ



**ମୁମ୍ବାଇ, ୧୩।୨:** ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ଦିନ ଦ୍ୱିପ୍ରହରରେ ଅତି ନିକଟରୁ ଗୁଳି କରି ହତ୍ୟା କରାଯାଇଛି। ମୁମ୍ବାଇର ଶିବାଜୀ ନଗର ଅଞ୍ଚଳରେ ଘଟିଥିବା ଏହି ସମ୍ବେଦନଶୀଳ ଘଟଣା ପଛରେ ଏକ ତ୍ରିକୋଣୀୟ ପ୍ରେମ ଲିଙ୍କ ରହିଥିବା ପୋଲିସ ସନ୍ଦେହ କରୁଛି। ଘଟଣାର ୧୨ ଘଣ୍ଟା ମଧ୍ୟରେ ପୋଲିସ ଜଣେ ୨୫ ବର୍ଷୀୟା ମୁଖ୍ୟ ଅଭିଯୁକ୍ତ ଯୁବତୀ ଏବଂ ଜଣେ ୨୩ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ମୃତକଙ୍କ ପରିଚୟ ମୃତ ଯୁବତୀଜଣକ ହେଉଛନ୍ତି ଶିଫା ଶେଖ (୧୯)। ପୋଲିସ ସୂଚନା ଅନୁଯାୟୀ, ଶିଫାଙ୍କୁ ଜଣେ ମହିଳା ଫୋନ କରି ଡକାଇଥିଲେ। ଶିବାଜୀ ନଗରର ଫୁରକାନିଆ ମସଜିଦ ନିକଟରେ ଉଭୟଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଯୁବତୀଜଣକ ଶିଫାଙ୍କ ଗାଲକୁ ଲକ୍ଷ୍ୟ କରି ଅତି ନିକଟରୁ ଗୁଳି ଚଳାଇଥିଲେ। ଗୁଳିଟି ଶିଫାଙ୍କ ଗାଲ ଦେଇ ମୁଣ୍ଡ ଭିତରେ ପଶିଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଘାଟକୋପର ସ୍ଥିତ ରାଜାବାଡ଼ି ହସ୍ପିଟାଲକୁ ନେଇଥିଲେ ମଧ୍ୟ ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ମୁମ୍ବାଇ ପୋଲିସ ସିସିଟିଭି ଫୁଟେଜ ଏବଂ ଗୁପ୍ତ ସୂଚନା ଆଧାରରେ ଜାଲ ବିଛାଇଥିଲା। ମାତ୍ର ୧୨ ଘଣ୍ଟା ମଧ୍ୟରେ ହତ୍ୟାକାରୀ ଯୁବତୀ ଓ ତାଙ୍କୁ ସହଯୋଗ କରିଥିବା ଯୁବକଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି।

# ଶକ୍ତିଶାଳୀ ହେଉଛି ଭାରତୀୟ ସେନା

ଆହୁରି ୨୮୮ଟି ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବାକୁ ମଞ୍ଜୁରି



**ନୂଆଦିଲ୍ଲୀ, ୧୩।୨:** ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ବୈଠକରେ ରୁଷ ନିର୍ମିତ ୨୮୮ଟି ଏସ୍-୪୦୦ କ୍ଷେପଣାସ୍ତ୍ର କିଣିବାକୁ ଅନୁମୋଦନ ମିଳିଛି । ଏହିସବୁ କ୍ଷେପଣାସ୍ତ୍ର ୧୦ହଜାର କୋଟି ଟଙ୍କା ବ୍ୟୟରେ କିଣାଯିବ ବୋଲି ପ୍ରତିରକ୍ଷା ବିଶେଷଜ୍ଞ ସୂଚନା ଦେଇଛନ୍ତି। ସରକାର ଅପରେସନ ସିନ୍ଦୁରରେ ବ୍ୟବହୃତ ତଥା ଅଧିକ ଦୂରଗାମୀ ଏବଂ ସ୍ୱଳ୍ପ ଦୂରଗାମୀ ଭୂପୃଷ୍ଠରୁ ଆକାଶ ବିରଣ ପ୍ରଣାଳୀ ମହଜୁଦ କରିବା ପାଇଁ ଏହି କ୍ଷେପଣାସ୍ତ୍ରଗୁଡ଼ିକୁ ହାସଲ କରିବ ବୋଲି ଜଣାପଡ଼ିଛି ।

ଭାରତ ପକ୍ଷରୁ ୧୨୦ଟି ସ୍ୱଳ୍ପ ଦୂରଗାମୀ ଏବଂ ୧୬୮ ଅଧିକ ଦୂରଗାମୀ କ୍ଷେପଣାସ୍ତ୍ର ଅଧିଗ୍ରହଣ କରାଯିବ। ଏହି ଅଧିଗ୍ରହଣ ଫାଷ୍ଟ ଟ୍ରାକ୍ ପ୍ରକ୍ରିୟା ମାଧ୍ୟମରେ କରାଯିବ। ଭାରତ ଚଳିତ ବର୍ଷ ଜୁନ ଏବଂ ନଭେମ୍ବରରେ ପୂର୍ବରୁ ଚୁକ୍ତିବଦ୍ଧ ହୋଇଥିବା ଆଉ ଦୁଇଟି ଏସ୍-୪୦୦ ସିଷ୍ଟମ ପାଇବାକୁ ଯାଉଛି। ଭାରତୀୟ ବାୟୁସେନା ପାଣ୍ଟସିର୍ ସ୍ୱଳ୍ପ ଦୂରଗାମୀ ସିଷ୍ଟମ ସହିତ ରୁଷରୁ ଆହୁରି ପାଞ୍ଚଟି ଏସ୍-୪୦୦ ସିଷ୍ଟମ କ୍ରୟ ପାଇଁ ପ୍ରସ୍ତୁତ ହେଉଛି। ରୁଷ କ୍ଷେପଣାସ୍ତ୍ର ପ୍ରଣାଳୀ ସଶସ୍ତ୍ର ଏବଂ ଡ୍ରୋନ ମୁକାବିଲା କରିବାରେ ପ୍ରଭାବଶାଳୀ ରହିବ। ସୀମା ପାରରୁ ଭାରତ ଆଡ଼କୁ ଆକାଶ ମାର୍ଗରେ ଆସୁଥିବା ଶତ୍ରୁପକ୍ଷର ଅସ୍ତ୍ରଶସ୍ତ୍ରର ମୁକାବିଲା ପାଇଁ ଏସ୍-୪୦୦ ଏବଂ ପାଣ୍ଟସିର କ୍ଷେପଣାସ୍ତ୍ର ପ୍ରଣାଳୀ ଦ୍ୱି-ସ୍ତରୀୟ ପ୍ରତିରକ୍ଷା ପ୍ରଣାଳୀରେ ସଂଯୁକ୍ତ କରାଯାଇପାରିବ।

● ନିରାଶ କଲା ଭାରତ-ଆମେରିକା ଟ୍ରେଡ ଡିଲ

# ଆଶା ଠାରୁ ତଳକୁ ଖସିଲା ସେୟାର ବଜାର



**ମୁମ୍ବାଇ, ୧୩।୨:** ଭାରତୀୟ ସେୟାର ବଜାର ଦିନକୁ ଦିନ ଅସ୍ଥିର ହେବାରେ ଲାଗିଛି। ଯେତେବେଳେ ବି କୌଣସି ଖରାପ ଖବର ଆସିଛି ସେୟାର ବଜାର ତଳକୁ ଖସିଛି, ଋଷ-ୟୁକ୍ରେନ ଯୁଦ୍ଧ ହେଉ କି ଆମେରିକା-ଇରାନ ମୁହାଁମୁହିଁ କି ଆମେରିକାର ଭେନେଜୁଏଲାରେ ପ୍ରବେଶ । ଏଭଳି ଘଟଣାକୁ ନେଇ ସାରା ବିଶ୍ୱ ବଜାରରେ ମାନ୍ଦା ହୋଇଥିଲା । ମାତ୍ର ସାରା ବିଶ୍ୱର ଯେବେ ଆଗକୁ ବଢ଼ୁଥିଲା ସେତେବେଳେ ବି ଭାରତୀୟ ବଜାର ତଳକୁ ଖସୁଥିଲା । ହେଲେ ସବୁଠୁ ଆଶ୍ଚର୍ଯ୍ୟର କଥା ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଘୋଷଣା ହେବାକୁ ନେଇ ଭଲ ଖବର ଆସିବା ପରେ ବି ନିବେଶକ ନିରାଶ ହୋଇଛନ୍ତି । ସପ୍ତାହର ଶେଷ କାରବାର ଦିନ ଆଜି ନିଫ୍ଟି ୨୫୫୦୦ ଅଙ୍କକୁ ଖସି ଆସିଛି । ଜାନୁଆରୀ ମାସରେ ନିଫ୍ଟି ୨୬,୩୭୩ ଛୁଇଁଥିଲା । ଗତ ୬ ମାସରେ ଦେଶର ଅର୍ଥ ବ୍ୟବସ୍ଥାକୁ ନେଇ ଅନେକ ସୁଧାର କରାଯାଇଥିଲେ ବି ନିଫ୍ଟି ମାତ୍ର ୪ ପ୍ରତିଶତ ବଢ଼ିଥିଲା । ୬ମାସ ମଧ୍ୟରେ ଆର୍ଥିକ କାରବାରକୁ ନେଇ ପ୍ରଥମେ ଜିଏସଟି ରିଫର୍ମ ହୋଇଥିଲା । ହେଲେ ଏହା ବଜାର ବୃଦ୍ଧି ଉପରେ ପ୍ରଭାବ ପକାଇବା ସହ ବଜାର ଧକ୍କା ରହିଥିଲା । ସୁଧହାର କମ କରାଯାଇଥିଲା, ଶ୍ରମ ଆଇନର ପରିବର୍ତ୍ତନ କରାଯାଇଥିଲା । ଜିଡିପିର ପରିସଂଖ୍ୟାନ ସୁଧାର ଆସିଲା, ଖୁଚୁରା ମୁଦ୍ରାସ୍ଫିତି ହାର ବି ନିର୍ଦ୍ଧାରିତ ସୀମାରେ ଥିବା ବେଳେ ସେୟାର ବଜାର ଆଗକୁ ବଢ଼ିପାରିନଥିଲା ।

● ସଂସଦରେ ବିରୋଧୀଙ୍କ ହଟ୍ଟଗୋଳ ଜାରି

# ମାର୍ଚ୍ଚ ୯ ପର୍ଯ୍ୟନ୍ତ ଗୃହ ମୁଲତବୀ



**ନୂଆଦିଲ୍ଲୀ, ୧୩।୨:** ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଏବଂ ପୂର୍ବତନ ସେନା ମୁଖ୍ୟ ଏମ୍‌ଏମ୍ ନରବଣେଙ୍କ ଅପ୍ରକାଶିତ ଆତ୍ମଜୀବନକୁ ନେଇ ବଜେଟ ଅଧିବେଶନର ପ୍ରଥମ ଭାଗରେ ପ୍ରବଳ ହୋହଲ୍ଲା ଓ ହଟ୍ଟଗୋଳ ଦେଖାଯାଇଥିଲା। ଶୁକ୍ରବାର ଅଧିବେଶନ ଆରମ୍ଭ ହେବା କ୍ଷଣି ହୋହଲ୍ଲା ଚାଲିଥିବାବେଳେ ଉଭୟ ଗୃହକୁ ଆସନ୍ତା ମାର୍ଚ୍ଚ ୯ ତାରିଖ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଶୁକ୍ରବାର ସଂସଦ ପରିସରରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ଇସ୍ତଫା ଦାବି କରି ବିରୋଧୀ ସାଂସଦମାନେ ସ୍ଲୋଗାନ ଦେଇ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଲୋକସଭାରେ ହରିଦ୍ୱାରର ପୂର୍ବତନ ସାଂସଦ ଭଗବାନଦାସ ରାଠୋରଙ୍କ ପରଲୋକରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ୍ ନିରବ ପାଳନ କରାଯାଇଥିଲା । ମାର୍ଚ୍ଚ ୯ରେ ଦ୍ୱିତୀୟ ଅଧିବେଶନ ଆରମ୍ଭ ହେଲେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ବିଶେଷାଧିକାର ହନନ ପ୍ରସ୍ତାବ ଆଗତ କରିପାରେ। ବିଶେଷାଧିକାର ହନନ ପ୍ରସ୍ତାବ ନେଇ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ବାକ୍ ଯୁଦ୍ଧ ଏବଂ ଆରୋପ ପ୍ରତ୍ୟାରୋପ ଚାଲିଛି।

# ପୁଣି ରଣବୀର ସିଂହ ଓ ରୋହିତ ଶେଟ୍ଟୀଙ୍କୁ ଧମକ

## ଏଥର ୧ କୋଟି ଟଙ୍କା ଦାବି କଲେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ



**ମୁମ୍ବାଇ, ୧୩।୨:** ବଲିଉଡ ଫିଲ୍ମ ଅଭିନେତା ରଣବୀର ସିଂହ ଓ ନିର୍ଦ୍ଦେଶକ ରୋହିତ ଶେଟ୍ଟୀଙ୍କ ନିକଟକୁ ପୁଣି ଆସିଛି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗର ଧମକ ପୂର୍ଣ୍ଣ ମେସେଜ। ରଣବୀର ଓ ରୋହିତ ଶେଟ୍ଟୀଙ୍କୁ ଧମକ ଦେଉଥିବାର ଏକ ଅଡ଼ିଓ କ୍ଲିପ ଭାଇରାଲ ହେବାରେ ଲାଗିଛି। ଏହି ଅଡ଼ିଓ କ୍ଲିପରେ ରଣବୀରଙ୍କଠୁ ୧କୋଟି ଟଙ୍କା ଦାବି କରାଯାଇଥିବା ଶୁଣିବାକୁ ମିଳିଛି। ତେବେ କ୍ରାଇମବ୍ରାଞ୍ଚର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଏହି ଅଡ଼ିଓ କ୍ଲିପ୍ 'ହ୍ୟାରୀ ବକ୍ସର' ସ୍ୱର ସହ ମେଳ ଖାଉଛି, ଯିଏକି ବିଷ୍ଣୋଇ ଗ୍ୟାଙ୍ଗ ସହିତ ଜଡିତ ବୋଲି ବିଶ୍ୱାସ କରାଯାଉଛି। ଏହି ଘଟଣାର ଅଧିକ ସତ୍ୟାସତ୍ୟ ଜାଣିବା ପାଇଁ ଡିଜିଟାଲ ପ୍ରମାଣ ସଂଗ୍ରହ କରାଯାଉଛି।

କୁହାଯାଉଛି ଯେ ଏହି ଧମକ ସିଧାସଳଖ ରଣବୀର ସିଂହଙ୍କୁ ନୁହେଁ, ବରଂ ତାଙ୍କ ମ୍ୟାନେଜରଙ୍କ ମୋବାଇଲ ନମ୍ବରକୁ ପଠାଯାଇଥିଲା। ଏହି ଭଏସ ନୋଟ ଏପରି ସମୟରେ ଆସିଥିଲା ଯେତେବେଳେ ଚଳଚ୍ଚିତ୍ର ନିର୍ମାତା ରୋହିତ ଶେଟ୍ଟୀଙ୍କ ଘରେ ଗୁଳିକାଣ୍ଡ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏହି ଧମକ ପରେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ରଣବୀର ସିଂହଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି। କିଛି ଦିନ ପୂର୍ବରୁ କ୍ରାଇମବ୍ରାଞ୍ଚ ତାଙ୍କ ମ୍ୟାନେଜରଙ୍କ ବୟାନ ମଧ୍ୟ ରେକର୍ଡ କରିଥିଲା। ସୂତ୍ର ଅନୁସାରେ ତଦନ୍ତକାରୀ ଏଜେନ୍ସିଗୁଡ଼ିକ କେଉଁ ଡିଭାଇସ ଓ ନେଟୱାର୍କରୁ ଭଏସ ନୋଟ ପଠାଯାଇଥିଲା ତାହା ଖୋଜି ବାହାର କରିବାକୁ ଚେଷ୍ଟା କରୁଛନ୍ତି।

ସେପଟେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ମେସେଜ୍ ପଠାଇବା ପାଇଁ 'ଭିପିଏନ୍' ଆପ ବ୍ୟବହାର କରାଯାଇଥିଲା। ଡିଜିଟାଲ ଟ୍ରେଲ୍ ଏକ ବିଦେଶୀ ସ୍ଥାନକୁ ଇଙ୍ଗିତ କରୁଛି। ଧମକ ପଠାଯିବା ସମୟରେ ଭିପିଏନ୍ ସର୍ଭର କେଉଁ ଦେଶରେ ଥିଲା ତାହା ନିର୍ଣ୍ଣୟ କରିବା ପାଇଁ ପୁଲିସ ଏବେ କାମ କରୁଛି। ଆବଶ୍ୟକ ହେଲେ ଇଣ୍ଟରପୋଲର ସହାୟତା ମଧ୍ୟ ଲୋଡ଼ାଯିବ।

# ଅଭିନେତା ବିଜୟଙ୍କ ରାଲିରେ ଅଘଟଣ

## ଭାଷଣ ସମୟରେ ଟଳି ପଡ଼ିଲେ ଯୁବକ



**ଚେନ୍ନାଇ, ୧୩।୨:** ଶୁକ୍ରବାର ତାମିଲନାଡୁର ସାଲେମରେ ଟିଭିକେ ମୁଖ୍ୟ ଏବଂ ଅଭିନେତା ବିଜୟ ଥାଲାପତିଙ୍କ ଏକ ରାଲିରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସାଲେମର ଜଣେ ପୋଲିସ ଅଧିକାରୀ ନ୍ୟୁଜ ଏଜେନ୍ସି ଏଏନଆଇକୁ କହିଛନ୍ତି ଯେ ରାଲି ସମୟରେ ହୃଦଘାତରେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି।ମୃତ ବ୍ୟକ୍ତି ସାଲେମର ସେଭଭାଇପଟାଇ ଅଞ୍ଚଳର ବାସିନ୍ଦା ଥିଲେ ଏବଂ ରୂପା କାରିଗର ଭାବରେ କାମ କରୁଥିଲେ। ତାଙ୍କ ସ୍ତ୍ରୀ ଏବଂ ଗୋଟିଏ ପିଲା ଅଛନ୍ତି। ମିଡିଆ ରିପୋର୍ଟ ଅନୁସାରେ, ବ୍ୟକ୍ତି ଜଣଙ୍କ ବିଜୟଙ୍କ ସାର୍ବଜନୀନ ରାଲିକୁ ଦର୍ଶକ ଭାବରେ ଆସିଥିଲେ। ପୋଲିସ ଅଧିକାରୀ କହିଛନ୍ତି, 'ସେ ବିଜୟଙ୍କ ଭାଷଣ ସମୟରେ ହଠାତ ତଳେ ପଡ଼ିଗଲେ।' ତାଙ୍କୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜେଲରେ ଇମ୍ରାନଙ୍କୁ ଅମାନିବକ ନିର୍ଯାତନା

## ୮୫% ଦୃଷ୍ଟିଶକ୍ତି ହରାଇଲେଣି ପୂର୍ବତନ ପ୍ରଧାନମନ୍ତ୍ରୀ



**ଇସଲାମାବାଦ, ୧୩।୨:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଏବେ ଜେଲରେ ଅଛନ୍ତି। ଆଦିଆଲା ଜେଲ ଭିତରେ ଦୀର୍ଘ ସମୟ ହେଲା ଇମ୍ରାନ ଏକାକୀ ବନ୍ଦୀ ଜୀବନ ବିତାଉଛନ୍ତି, ଫଳରେ ତାଙ୍କଠାରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଛି । ବିଶେଷକରି ତାଙ୍କ ଦୃଷ୍ଟିଶକ୍ତି ଗଭୀର ଭାବେ ପ୍ରଭାବିତ ହୋଇଛି । ଇମ୍ରାନ ୮୫ ପ୍ରତିଶତ ଦୃଷ୍ଟିଶକ୍ତି ହରାଇଥିବା କୁହାଯାଉଛି । କୋର୍ଟ ଦ୍ୱାରା ନିଯୁକ୍ତ ଜଣେ ଓକିଲଙ୍କ ଏକ ରିପୋର୍ଟ ଅନୁଯାୟୀ ପାକିସ୍ତାନର ଶକ୍ତିଶାଳୀ ସାମରିକ ପ୍ରତିଷ୍ଠାନର ନଜରରେ ଥିବା ଇମ୍ରାନଙ୍କ ଉପରେ ଜାଣିଶୁଣି ଅମାନବୀୟ ବ୍ୟବହାର ପ୍ରଦର୍ଶନ କରାଯାଉଛି । ପାକିସ୍ତାନ ସୁପ୍ରିମକୋର୍ଟ ଦ୍ୱାରା ନିଯୁକ୍ତ କୋର୍ଟ ମିତ୍ର (ଆମିକସ୍ କ୍ୟୁରି) ସଲମାନ ସଫଦାର୍ କହିଛନ୍ତି ଯେ, ଇମ୍ରାନ ତାଙ୍କ ଡାହାଣ ଆଖିର ୮୫ ପ୍ରତିଶତ ଦୃଷ୍ଟିଶକ୍ତି ହରାଇ ସାରିଲେଣି । ମାସ ମାସ ଧରି ଏନେଇ ଅଭିଯୋଗ ସତ୍ତ୍ୱେ ଜେଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ରିପୋର୍ଟରେ ଅନୁଯାୟୀ, ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଏକାକୀ ରଖାଯାଇଥିବା, ସମୟାନୁସାରେ ଚିକିତ୍ସା ସେବାରୁ ବଞ୍ଚିତ କରାଯାଇଥିବା, ପରିବାର ସଦସ୍ୟଙ୍କୁ ଭେଟିବାରୁ ବାରଣ କରାଯିବା ଏବଂ ଆଇନଗତ ପରାମର୍ଶଦାତାଙ୍କ ସହିତ ପରାମର୍ଶ କରିବାର ସୁଯୋଗ ନଦେବା ଏକ ଗମ୍ଭୀର ସ୍ଥିତିକୁ ସୂଚାଉଛି। ଏଥିପାଇଁ ସମାଲୋଚକ ପାକିସ୍ତାନ ସରକାର ଓ ସେନାକୁ ଦାୟୀ କରିଛନ୍ତି। ରିପୋର୍ଟ ଅନୁଯାୟୀ ଇମ୍ରାନ ଆମିକସ୍ କ୍ୟୁରିଙ୍କୁ ଜଣାଇଥିଲେ ଯେ, ଅକ୍ଟୋବର ପର୍ଯ୍ୟନ୍ତ ତାଙ୍କ ଦୁଇ ଚକ୍ଷୁର ଦୃଷ୍ଟି ଶକ୍ତି ସାଧାରଣ ଥିଲା। କିନ୍ତୁ ପରେ ତାଙ୍କ ଆଖିକୁ ଝାପ୍ସା ଏବଂ ଅସ୍ୱଷ୍ଟ ଦେଖାଯାଉଥିବା ସେ ଜେଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। କିନ୍ତୁ ସେମାନେ ତାଙ୍କ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ଏହି ଚରମ ଅବହେଳା ଅତ୍ୟନ୍ତ ଭୟଙ୍କର ପ୍ରମାଣିତ ହୋଇଥିଲା। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପରବର୍ତ୍ତୀ ସମୟରେ ତାଙ୍କର ଡାହାଣ ଆଖି ହଠାତ ଏବଂ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇଲା। ଶେଷରେ ପାକିସ୍ତାନ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ସାଇନ୍ସ (ପିଆଇଏମ୍‌ଏସ୍)ର ଜଣେ ଚକ୍ଷୁ ବିଶେଷଜ୍ଞ ଇମ୍ରାନଙ୍କ ଚକ୍ଷୁର ଚିକିତ୍ସା କରିଥିଲେ । ତାଙ୍କ ଚକ୍ଷୁରେ ରକ୍ତ ଜମାଟ ବାନ୍ଧି ଗୁରୁତର କ୍ଷତି କରିଥିଲା। ସଫଦାର୍ କହିଛନ୍ତି, ସେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଜେଲରେ ଭେଟିବା ସମୟରେ ତାଙ୍କର ଅବସ୍ଥା ଅତି ଖରାପ ଦେଖାଯାଉଥିଲା। ତାଙ୍କ ଆଖିରୁ ପାଣି ବାହାରୁ ଥିବାବେଳେ ସେ ଟିସୁ ପେପରରେ ବାରମ୍ବାର ଆଖିକୁ ପୋଛୁଥିଲେ। ଇମ୍ରାନ ଅକ୍ଟୋବର ୨୦୨୩ରୁ ଆଦିଆଲା ଜେଲରେ ଏକାକୀ ବନ୍ଦୀ ଭାବେ ରହିଆସୁଛନ୍ତି। ୭୩ ବର୍ଷୀୟ ଇମ୍ରାନଙ୍କୁ ତାଙ୍କ ବ୍ୟକ୍ତିଗତ ଚିକିତ୍ସକଙ୍କ ସହାୟତା ନେବାକୁ ମଧ୍ୟ ଅନୁମତି ଦିଆଯାଇନଥିଲା ବୋଲି ରିପୋର୍ଟରେ କୁହାଯାଇଛି ।

## ଅନଲାଇନରେ ରୋଜ୍ ଡେ' ପାଳି ଅଡୁଆରେ ଦମ୍ପତି

# ଘରେ ପଶିଲା ପୁଲିସ, ମାମଲା ରୁଜୁ




**ପାଟଣା, ୧୩।୨:** ପ୍ରେମ ସପ୍ତାହ ପାଳନ କରି ଅଡୁଆରେ ପଡ଼ିଛନ୍ତି ବିହାରର ଏକ ଦମ୍ପତି। ଶେଷରେ ତାଙ୍କ ସୋସିଆଲ ମେଡିଆ ପୋଷ୍ଟ ଦେଖି ଘରେ ପଶିଛି ପୋଲିସ । ରୋଜ ଡେ ପାଳନ କରି ଏହି ଦମ୍ପତି ଏକ ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ, ଯାହାକି ତାଙ୍କୁ ମହଙ୍ଗା ପଡ଼ିଛି । ମହିଳା ଜଣକ ନାମ ହେଉଛି କାଞ୍ଚନ ଦେବୀ, ଯିଏକି ନିଜ ସ୍ୱାମୀଙ୍କ ସହ ରୋଜ ଡେ ପାଳନ କରି ଏହାର ଭିଡିଓକୁ ନିଜ ଇନଷ୍ଟାଗ୍ରାମ ଓ ଫେସବୁକରେ ପୋଷ୍ଟ କରିଥିଲେ। ଉକ୍ତ ଭିଡିଓରେ ସେସ୍ୱାମୀଙ୍କୁ ଗୋଟିଏ ଗ୍ଲାସ ୱାଇନ୍ ସର୍ଭ କରିବା ପୂର୍ବରୁ ଗୋଲାପ ଫୁଲଟିଏ ଦେଇଥିଲେ । ଏହାସହିତ ସ୍ୱାମୀଙ୍କୁ ଏକ ମଦ ବୋତଲ ଧରାଇଥିଲେ। ଏହି ସମୟରେ ମହିଳାଙ୍କ ଏହି ଆଚରଣ ହୁଏତ ସ୍ୱାମୀଙ୍କୁ ବେଶ ପସନ୍ଦ ଆସିଥିଲା ଓ ସେ ହସିବାକୁ ଲାଗିଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହୋଇଥିଲା ।

ଖାଲି ସେତିକି ନୁହେଁ ମହିଳା ଜଣକ ହାତରେ ପିସ୍ତଲ ଧରି ପୋଜ୍ ଦେଇଥିବା ଅନ୍ୟ ଏକ ଫଟୋରେ ଦେଖିବାକୁ ମିଳିଛି । ଏହି ଫଟୋଟି ସେ ବ୍ୟୁଟି ପାର୍ଲରରେ ଉଠାଇଥିଲେ । ତାଙ୍କର ଏହି ପୋଷ୍ଟ ଉପରେ ହୁଏତ ବିହାର ପୋଲିସର ନଜର ପଡ଼ିନଥିଲା । ମାତ୍ର ରୋଜ୍ ଡେ' ଭିଡିଓ ଭାଇରାଲ ହେବା ପରେ ଏହି ପିସ୍ତଲ ଧରା ଫଟୋଟି ବି ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏହାପରେ ଦମ୍ପତିଙ୍କ ବିରୋଧରେ ମାମଲା ରୁଜୁ କରିଛି ବିହାର ପୋଲିସ ।

ମୁଙ୍ଗେର ଏସପି ସାୟେଦ ଇମ୍ରାନ ମସୁଦ ସ୍ପଷ୍ଟ କରିଛନ୍ତି ଯେ ମହିଳା ଜଣକ ପିସ୍ତଲ କେଉଁଠି ଆଣିଲେ ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ଏପରିକି ପୋଲିସ ତାଙ୍କ ଘରେ ମଧ ପହଞ୍ଚିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ମହିଳା ଜଣକ ଧରିଥିବା ଉକ୍ତ ପିସ୍ତଲଟି ହେଉଛି ଏକ ଲାଇସେନ୍ସ ପ୍ରାପ୍ତ ଅସ୍ତ୍ର, ଯାହାକି ଦୀନଦୟାଲ ଛକର ଅଧିବାସୀ ବିଶାଲ କୁମାରଙ୍କ ନାଁରେ ପଞ୍ଜୀକୃତ । ଏହି ପିସ୍ତଲଟି ଲିଗାଲ୍ ହୋଇଥିଲେ ସୁଦ୍ଧା ଜଣେ ଅଣଅଧିକୃତ ବ୍ୟକ୍ତିବିଶେଷଙ୍କ ହାତରେ ରହିବା ଆଇନର ଉଲ୍ଲଘଂନ । ପୋଲିସ ଉକ୍ତ ଭିଡିଓ ଆଧାରରେ ଦମ୍ପତି ଓ ପିସ୍ତଲର ଅସଲି ମାଲିକ ବିଶାଲ କୁମାରଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରିଛି । ଏସପି ମସୁଦ କହିଛନ୍ତି ଯେ ସୋସିଆଲ ମିଡିଆ ପରି ପ୍ଲାଟଫର୍ମରେ ଏପରି ପିସ୍ତଲକୁ ଦେଖାଇବା ଓ ରାଜ୍ୟରେ ବ୍ୟାନ୍ ହୋଇଥିବା ମଦକୁ ପ୍ରୋତ୍ସାହିତ କରିବା ଆଇନର ଉଲ୍ଲଙ୍ଘନ ।

SANCHAR ସଂଚାର

### ୨୦୨୭ ଜନଗଣନା ସମ୍ପର୍କିତ ପ୍ରଶିକ୍ଷଣ ଓ ପ୍ରାକ ପ୍ରସ୍ତୁତି ବୈଠକ

# ଅପ୍ରେଲ ୧ ୬ରୁ ପ୍ରଥମ ପର୍ଯ୍ୟାୟ ଜନଗଣନା




**ଛତ୍ରପୁର, ୧୩।୨ (ସଂଚାର ବ୍ୟୁରୋ):** ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ଆଜି ୨୦୨୭ ମସିହାରେ ହେବାକୁ ଥିବା ଜନଗଣନା ସମ୍ପର୍କିତ ପ୍ରଶିକ୍ଷଣ ଓ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତବର୍ଷ ଅପ୍ରେଲ ୧୬ ରୁ ମଇ ୧୫ ତାରିଖ ପର୍ଯ୍ୟନ୍ତ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଜନଗଣନାକୁ ସୂଚାରୁ ରୂପେ ସମ୍ପାଦନ କରିବା ପାଇଁ ଶ୍ରୀ କଲ୍ୟାଣ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଏଥିନିମନ୍ତେ ଅପ୍ରେଲ ମାସ ପ୍ରଥମ ଦୁଇ ସପ୍ତାହରେ ଘର ଗଣନା ଓ ଆତ୍ମଗଣନା କରାଯିବ । ଏହା ଶେଷ ହେବା ପରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ । ଜନଗଣନା କାର୍ଯ୍ୟକୁ ପ୍ରଥମ ଥର ପାଇଁ ଡିଜିଟାଲ ପ୍ରକ୍ରିୟାରେ କରାଯିବ । ଯେ କୌଣସି ବ୍ୟକ୍ତି ସେନ୍ସସ୍ ପୋର୍ଟାଲରେ ଲଗ୍ ଇନ୍ କରି ନିଜର ସମସ୍ତ ତଥ୍ୟ ସହଜରେ ଅପଲୋଡ୍ କରିପାରିବେ ବୋଲି ସେ ସୂଚନା ଦେଇଛନ୍ତି ।

ଯଦିଓ ଜନଗଣନା ଦେଶରେ ପ୍ରତି ୧୦ ବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେବା କଥା, ମାତ୍ର ଏହା ୨୦୧୧ ମସିହା ପରେ ପ୍ରାୟ ୧୫ ବର୍ଷ ବ୍ୟବଧାନ ପରେ ଜନଗଣନା ହେଉଥିବାରୁ, ଦେଶର ଜଣେ ସଚେତନ ନାଗରିକ ହିସାବରେ ନିଜର ସମସ୍ତ ତଥ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ପ୍ରଦାନ କରିବାକୁ ଗଂଜାମ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି । ଜନଗଣନା ହେଉଛି ଦେଶର ଦର୍ପଣ ସଦୃଶ । ଏଥିରେ କେବଳ ବ୍ୟକ୍ତି ବିଶେଷଙ୍କ ଗଣନା ହୁଏ ନାହିଁ , ବରଂ ପ୍ରତ୍ୟେକ ପରିବାରର ସାମାଜିକ ଓ ଆର୍ଥିକ ସ୍ଥିତିର ସମ୍ପୂର୍ଣ୍ଣ ବିବରଣୀ ଲିପିବଦ୍ଧ କରାଯାଏ ।

### ଧୂଳିଚାଟିଲା ବିଶ୍ୱ ଚମ୍ପିଆନ

# ଅଷ୍ଟ୍ରେଲିଆକୁ ହରାଇଲା ଜିମ୍ବାୱେ




**ନୂଆଦିଲ୍ଲୀ, ୧୩।୨:** ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଏକ ବଡ଼ ଓଲଟପାଲଟ କରିଛି ଜିମ୍ବାୱେ । ଏହି ଆଫ୍ରିକୀୟ ଦଳ ଅଷ୍ଟ୍ରେଲିଆ ପରି ପୂର୍ବତନ ବିଶ୍ୱ ଚାମ୍ପିୟନକୁ ୨୩ ରନ୍‌ରେ ହରାଇଛି। ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍-ବିର ଏହି ମୁକାବିଲାରେ ଟସ୍ ହାରି ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରିଥିଲା । ଦୁଇ ଓପନର ବ୍ରାଏନ୍ ବେନେଟ୍ (୬୪) ଓ ଟାଡାୱାନାସେ ମାରୁମାନି (୩୫) ୬୧ ରନର ଭାଗୀଦାର କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ । ମାରୁମାନି ପାଭିଲିୟନ ଫେରିବା ପରେ ବେନେଟ୍ ନିଜର ଲଢୁଆ ବ୍ୟାଟିଂ ଜାରି ରଖି ରିୟାନ ବର୍ଲ(୩୫)ଙ୍କ ସହ ୭୧ ରନ ଓ ସିକନ୍ଦର ରାଜା(୨୫)ଙ୍କ ସହ ୩୮ ରନର ଦୁଇଟି ଉପଯୋଗୀ ଭାଗୀଦାର କରିଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨ଟି ୱିକେଟ୍ ବିନିମୟରେ ୧୬୯ ରନ୍ କରିଥିଲା । ୧୭୦ ରନର ପିଛା କରୁଥିବା ଶକ୍ତିଶାଳୀ ଅଷ୍ଟ୍ରେଲିଆ ଦଳ ଆରମ୍ଭରୁ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଏପରିକି ୨୯ ରନ୍‌ରେ ଦଳର ୪ ଜଣ ଆଗଧାଡ଼ିର ଖେଳାଳି ପାଭିଲିୟନ ଫେରିସାରିଥିଲେ । ମଧ୍ୟକ୍ରମରେ ଗ୍ଲେନ୍ ମାକ୍ସୱେଲ୍ (୩୧) ଓ ମାଟ୍ ରେନସା(୬୫)ଙ୍କ ମଧ୍ୟରେ ୭୭ ରନ୍‌ର ଏକ ଉପଯୋଗୀ ଭାଗୀଦାର କରିଥିଲେ ବି ଅଷ୍ଟ୍ରେଲିଆକୁ ପରାଜୟରୁ ରକ୍ଷା କରିପାରିନଥିଲେ । ଦଳ ୧୯.୩ ଓଭରରେ ୧୪୬ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଜିମ୍ବାୱେର ପେସର୍ ବ୍ଲେସିଙ୍ଗ୍ ମୁଜରବାନି ୪ଟି ଓ ବ୍ରାଡ୍ ଇଭାନ୍ସ ୩ଟି ଓ୍ୱିକେଟ୍ ନେଇ କଙ୍ଗାରୁ ଦଳର ବିପର୍ଯ୍ୟୟ ଘଟାଇଥିଲେ ।

## ନିୟନ୍ତ୍ରଣ ହରାଇ ଡିଭାଇଡରରେ ପିଟିହେଲା କାର



**କୋଲକାତା, ୧୩।୨ (ସଂଚାର ବ୍ୟୁରୋ):** ଇଏମ୍ ବାଇପାସ୍ ସଂଲଗ୍ନ ପିସି ଚନ୍ଦ୍ରା ଗାର୍ଡେନ ନିକଟରେ ଏକ ଘରୋଇ କାର ନିୟନ୍ତ୍ରଣ ହରାଇ ରାସ୍ତା ଡିଭାଇଡରରେ ଧକ୍କା ଦେଲା। ଦୁର୍ଘଟଣାରେ କାରର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା ପାଇଁ ପଠାହୁଏ। ପୁଲିସ ସୂତ୍ରରୁ ଜଣାପଡ଼ିଛି ଯେ କାରଟି ଦ୍ରୁତ ଗତିରେ ଯାଉଥିଲା। ହଠାତ୍ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ କାରଟି ଡିଭାଇଡରରେ ଧକ୍କା ଦେଲା। ଦୁର୍ଘଟଣା ଅତ୍ୟଧିକ ଗତି ଯୋଗୁଁ ଘଟିଛି ନା ଡ୍ରାଇଭର ମଦ୍ୟପାନ କରିଥିଲେ ତାହାର ତଦନ୍ତ କରୁଛି ପୁଲିସ।

## ବକେୟା ଟଙ୍କା ମାଗିବାରୁ ଯୁବକକୁ ହତ୍ୟା



**କୋଲକାତା, ୧୩।୨ (ସଂଚାର ବ୍ୟୁରୋ):** ବକେୟା ଟଙ୍କା ମାଗିବାରୁ ହେଲା କାଳ। ୧୪ ହଜାର ଟଙ୍କା ପାଇଁ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବାର ଅଭିଯୋଗ। ମୃତକଙ୍କ ନାମ ଅହମ୍ମଦ ଅଲ୍ଲୀ ବୋଲି ଜଣାପଡ଼ିଛି। ତାଙ୍କ ବୟସ ୪୦ ବର୍ଷ। ସେ ଉତ୍ତର ୨୪ ପ୍ରଗଣାର ଶାସନ ଖାମାର ଅଞ୍ଚଳର ବାସିନ୍ଦା। ସେ ପେଶାରେ ଜଣେ ରାଜମିସ୍ତ୍ରୀ ଠିକାଦାର। ସେ ଶାସନର ବଡ଼ପଡା ନିବାସୀ ଏବଂ ଜଣେ ଘନିଷ୍ଠ ତୃଣମୂଳ ସଦସ୍ୟ ହାଫିଜୁଲ ଇସଲାମଙ୍କ ଘରେ ଛାତ କାମ କରୁଥିଲେ। ଏଥିପାଇଁ ଅହମ୍ମଦ ହାଫିଜୁଲଙ୍କୁ ପ୍ରାୟ ୧୪ ହଜାର ଟଙ୍କା ଋଣ ଦେଇଥିଲେ। ଅଭିଯୋଗ ହୋଇଛି ଯେ ସେ ଦୀର୍ଘ ଦିନ ଧରି ଏହାକୁ ପରିଶୋଧ କରି ନଥିଲେ। ଗୁରୁବାର ରାତି ପ୍ରାୟ ୮ଟାରେ ଅହମ୍ମଦ ତାଙ୍କ ପାଉଣା ଟଙ୍କା ମାଗିବାକୁ ଯାଇଥିଲେ। ସେହିଠାରୁ ସମସ୍ୟା ଆରମ୍ଭ ହୋଇଥିଲା। ଅଭିଯୋଗ ଅନୁଯାୟୀ, ତାଙ୍କୁ ସେଠାରେ ମାଡ଼ ମରାଯାଇଥିଲା। ମାଡ଼ ଯୋଗୁଁ ରାଜମିସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା।

## ନଦୀରେ ଖସି ପଡ଼ିଲା କାର, ୨ ଜଣଙ୍କ ମୃତ୍ୟୁ



**କୋଲକାତା, ୧୩।୨ (ସଂଚାର ବ୍ୟୁରୋ):** ଶୁକ୍ରବାର ସକାଳେ ଡୁଆର୍ସରୁ ସିକିମ ଯାଉଥିବା ଏକ କାର ନିୟନ୍ତ୍ରଣ ହରାଇ ୧୦ ନମ୍ବର ଜାତୀୟ ସଡକର ୨୯ ମାଇଲ ଅଞ୍ଚଳ ନିକଟରେ ତିସ୍ତା ନଦୀରେ ଖସି ପଡ଼ିଲା, ଯେଉଁଥିରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଭୋର ୪ ରୁ ୫ ଟା ମଧ୍ୟରେ ୧୦ ନମ୍ବର ଜାତୀୟ ସଡକର ବନ୍ଦର କ୍ଲିଫ୍ ନିକଟସ୍ଥ ୨୯ ମାଇଲ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସୁଥିବା କାରଟି ଏକ ମୋଡ଼ରେ ନିୟନ୍ତ୍ରଣ ହରାଇ ରାସ୍ତାରୁ ଖସି ପଡ଼ି ପାହାଡ଼ ତଳକୁ ତିସ୍ତା ନଦୀରେ ଖସି ପଡ଼ିବାରୁ ଗାଡ଼ିଟି ବୁଡ଼ିବାକୁ ଲାଗିଲା। ସୂଚନା ଅନୁଯାୟୀ, କାରରେ ଚାରି ଜଣ ଥିଲେ। ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇଜଣଙ୍କୁ ପୁଲିସ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲା।

## ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଭଜନ ସମାରୋହ



**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ହେଉଥିବା ଜାତୀୟସ୍ତରୀୟ ଭଜନ ସମାରୋହ ଲିଙ୍ଗରାଜଙ୍କ ଭଜନ ମଣ୍ଡପଠାରେ ଅନୁଷ୍ଠିତ ହେବ । ଏହି ଭଜନ ସମାରୋହ ୩୭ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି ବୋଲି ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଶୁକ୍ରବାର ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସର ତୃତୀୟ ମହଲାର ଲାଇବ୍ରେରୀ ହଲ୍‌ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଅନ୍ୟତମ ଉପସଭାପତି ତଥା ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ, ରାଜେନ୍ଦ୍ର ସାମର୍ଥା, ବିରଞ୍ଚି ନାରାୟଣ ମହାସୁଆର, ନାରାୟଣ ମହାପାତ୍ର ଏବଂ ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନତ ମିଶ୍ର ସୂଚନା ଦେଇ କହିଛନ୍ତି ଯେ, ଚଳିତ ବର୍ଷ ୩୭ ବର୍ଷ ପୂର୍ତ୍ତି ହେଉଥିବାରୁ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ସଂସ୍ଥା ପକ୍ଷରୁ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଶିବରାତ୍ରି ମହୋତ୍ସବ ମହାସମାରୋହରେ ଅଧିକ ଯାକଜମକରେ ପାଳନ କରାଯିବ । ମୁମ୍ବାଇର ଖ୍ୟାତନାମା କଳାକାର ନୀତିନ ମୁକେଶ, କୁମାରୀ ଖୁସ୍‌ବୁ ତିୱାରୀ, ମିତୁସ ବର୍ଦ୍ଧନ, ଶଶିକାନ୍ତ ପୌଡ଼ୱାଲ, ଅମିତାବଚନ, କୋଲକତାର ତାନି, ମୁନି ଓ ପାର୍ଥ ପ୍ରତୀମ ଶାହା, ଛତିଶଗଡ଼ର ତାନିସ ବର୍ମା, ଉତ୍ତର ପ୍ରଦେଶର ବର୍ଦ୍ଧନ ସିଂଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ୩୦ରୁ ଉର୍ଦ୍ଧ୍ୱ ଖ୍ୟାତନାମା କଳାକାର ଶ୍ରୀଚରଣ, କୁମାର ବାପି, ସୌରଭ ନାୟକ, ସୁଶ୍ରୀ ଶୈଳଭାମା ମହାପାତ୍ର, ସୁଧାକର ମିଶ୍ର, ମାନସୀ ପାତ୍ର, ରବୀନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ବେହେରା, ପିନାକୀ ନାୟକ, ଅଞ୍ଜଳି ମିଶ୍ର, ଦିପ୍ତୀରେଖା ପାଢୀ, ଶ୍ରୀମତୀ କ୍ରିଷ୍ଣା ମିଶ୍ର, ଅରୂପା ଦାସ, ଦିବ୍ୟା ଦାସ ଓ ବିଷ୍ଣୁପ୍ରିୟାଙ୍କ ସହିତ ବିଶିଷ୍ଟ କଳାକାରମାନେ ଯୋଗଦେବେ । ସେମାନେ କହିଥିଲେ ଯେ, ମହାଶିବରାତ୍ରି ଦିନ ଲିଙ୍ଗରାଜ ଭଜନ ମଣ୍ଡପରେ ଭୋର ୪ ଘଟିକାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ର ନାମ, ଭାଗବତ ଗୀତାପାଠ, ଶିବ ଚେତନା, ହରିହର ଭଜନ, ରାମ ଚରିତ ମାନସ ପରାୟଣ ଓ ପ୍ରବଚନ କରାଯିବା ପରେ ସନ୍ଧ୍ୟା ୭ ଘଟିକାରୁ ଭୋର ୫ଟା ପର୍ଯ୍ୟନ୍ତ ଜାତୀୟସ୍ତରୀୟ ଭଜନ ସମାରୋହ ଅନୁଷ୍ଠିତ ହେବ ।

# ମୁକ୍ତିଲାଭ କଲା ଓଡ଼ିଆ ଚଳଚ୍ଚିତ୍ର ‘ରକ୍ତ ଗୋଲାପ’

### ସସ୍ପେନ୍ସ, ଥ୍ରୀଲରରେ ବାନ୍ଧି ହେଲେ ଦର୍ଶକ



**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ):** ଧାଡିକୁ ଧାଡି ଓଡ଼ିଆ ଚଳଚ୍ଚିତ୍ର ମୁକ୍ତିଲାଭ କରିଥିବାକୁ ଲାଗିଥିବା ବେଳେ ବହୁ ଚର୍ଚ୍ଚିତ ଓଡ଼ିଆ ଚଳଚ୍ଚିତ୍ର ‘ରକ୍ତ ଗୋଲାପ’ ମୁକ୍ତିଲାଭ କରିଛି । ନିକଟରେ ଟ୍ରେଲର ଦର୍ଶକଙ୍କ ମନରେ ଏକ ଅଭୁଲା ସ୍ମୃତି ସୃଷ୍ଟି କରିଥିଲା। ତେବେ ସାରା ଓଡ଼ିଶାରେ ତିରିଶଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଥିବା ବେଳେ ସବୁଠି ଭାରପୁର ଦର୍ଶକ । ଅନେକ ଚଳଚ୍ଚିତ୍ର ପ୍ରେମୀଙ୍କ ସମେତ ବହୁ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ସିନେ ସମୀକ୍ଷକ ଏକାଠି ବସି ସିନେମା ଟିକୁ ଦେଖିଥିଲେ। ଚଳଚ୍ଚିତ୍ରଟି ଏକ ନୂତନ କାହାଣୀ ଏବଂ ଉଚ୍ଚକୋଟୀର ଅଭିନୟର ଏକ ଚମତ୍କାର ମିଶ୍ରଣ ଭାବରେ ଉଭା ହୋଇଛି। ଓଡ଼ିଶାର ଦକ୍ଷ ଥିଏଟର କଳାକାରଙ୍କୁ ନେଇ ପ୍ରସ୍ତୁତ ଏହି ଚଳଚ୍ଚିତ୍ର, ବାସ୍ତବବାଦ ଏବଂ ଭାବପୂର୍ଣ୍ଣ ଅଭିନୟର ଏକ ନିଆରା ଅନୁଭୂତି ଦେଇଛି। ମଞ୍ଚ ଜଗତର ଅଭିଜ୍ଞ କଳାକାର ହର ରଥ, ସମରେଶ ରାଉତରାୟ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ ଦାସ ଏବଂ ଅଭିଷେକ ଗିରି ସେମାନଙ୍କର ବହୁ ବର୍ଷର ଅଭିନୟ ଅନୁଭୂତିକୁ ପରଦା ଉପରେ ଜୀବନ୍ତ କରିଛନ୍ତି। ସେମାନଙ୍କର ନିଖୁଣ ଅଭିନୟ ଏବଂ ଚରିତ୍ରର ଗଭୀରତା ଏହି ସସପେନ୍ସ-ଥ୍ରୀଲର କାହାଣୀକୁ ସାଧାରଣ ବ୍ୟବସାୟିକ ସିନେମାଠାରୁ ବହୁତ ଉପରକୁ ନେଇଯାଇଛି। ‘ରକ୍ତ ଗୋଲାପ’ରେ ଏଲିନା ସାମନ୍ତରାୟ ଏକ ଆକର୍ଷଣୀୟ ଭୂମିକାରେ ନଜର ଆସିଛନ୍ତି, ଯାହା ତାଙ୍କ କ୍ୟାରିୟରରେ ସବୁଠାରୁ ଶ୍ରେଷ୍ଠ ଭାବପୂର୍ଣ୍ଣ ଅଭିନୟ ହେବାକୁ ଯାଉଛି। ଜଣେ ନବବିବାହିତା ମହିଳାଙ୍କ ପ୍ରେମ, ହରାଇବାର ଦୁଃଖ ଏବଂ ତଦନ୍ତ ପ୍ରକ୍ରିୟା ମଧ୍ୟର ସଂଘର୍ଷକୁ ସେ ଚମତ୍କାର ଭାବେ ରୂପାୟନ କରିଛନ୍ତି। ବିଶେଷ କରି ବିବାହିତା ମହିଳାମାନେ ତାଙ୍କ ଚରିତ୍ରରେ ଥିବା ସଂଘର୍ଷ ଏବଂ ଭାବପ୍ରବଣତାକୁ ନିଜ ସହ ଯୋଡ଼ି ପାରିବେ। ଅଭିଷେକ ଗିରିଙ୍କ ସହ ତାଙ୍କର ଅନ୍-ସ୍କ୍ରିନ୍ କେମେଷ୍ଟ୍ରି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛି।

# ଶ୍ରୀମନ୍ଦିରର ରତ୍ନଭଣ୍ଡାର- ଗଚ୍ଛିତ ଅଛି କେତେ ସମ୍ପଦ ?

**ଭୁବନେଶ୍ୱର, ୧୩।୨:** ପାଖାପାଖି ଅର୍ଦ୍ଧଶତାବ୍ଦୀ ଧରି ଶ୍ରୀଜଗନ୍ନାଥ ମନ୍ଦିରରେ ମହଜୁଦ ଥିବା ମୂଲ୍ୟବାନ ଅଳଙ୍କାର ସବୁର ଗଣତି ମଣତି ହେଉନଥିବାବେଳେ ଏବେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଏଠାରେ ଉଲ୍ଲେଖନୀୟ ଯେ ବିଶ୍ୱଭୂଷଣ ହରିଚନ୍ଦନ ନୀଳମଣି ରାଉତରାୟଙ୍କ ସରକାରରେ ଆଇନ୍ ମନ୍ତ୍ରୀ ଥିବାବେଳେ ୧୯୭୮ ମସିହାରେ ଶେଷଥର ପାଇଁ ରତ୍ନଭଣ୍ଡାରରେ ମହଜୁଦ ଥିବା ସମସ୍ତ ସାମଗ୍ରୀର ଏକ ତାଲିକା ପ୍ରସ୍ତୁତ ହୋଇଥିଲା। ସେ ବର୍ଷ ମଇ ୧୩ ତାରିଖରୁ ଜୁଲାଇ ୨୩ ତାରିଖ ଭିତରେ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାରରେ ଏହି ଗଣତି ମଣତି କାମ ହୋଇଥିଲା। ଏବେ ଓଡ଼ିଶା ହାଇକୋର୍ଟ ୩ମାସ ଭିତରେ ଗଣତି ମଣତି କାମ ସାରିବାକୁ ସ୍ପଷ୍ଟ ଭାବେ କହିଛନ୍ତି। ୧୯୭୮ରେ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାର ଖୋଲାଯାଇ ସେଠାରେ ୧୨, ୮୩୧ ଭରି ଏକ ଅଣା ଓଜନର ସୁନା ଅଳଙ୍କାର ଏବଂ ୨୨, ୧୫୩ ଭରି ରୁପା ବାସନ, ପୂଜା ସାମଗ୍ରୀ ଓ ଅନ୍ୟାନ୍ୟ ଜିନିଷ ମହଜୁଦ ଥିବା ଜଣାପଡ଼ିଥିଲା। ଅବଶ୍ୟ ଏହି ସୁନା ରୁପା ସାମଗ୍ରୀ ଭିତରେ ମୂଲ୍ୟବାନ ପଥର ମଧ୍ୟ ଖଚିତ ଥିଲା। ଏହାଛଡ଼ା ବିଭିନ୍ନ କାରଣରୁ ଆଉ ୧୪ଟି ସୁନା ଓ ରୁପା ଜିନିଷ ଓଜନ କରାଯାଇପାରିନଥିବାରୁ ତାହାର ହିସାବ ଏଥିସହ ସାମିଲ କରାଯାଇନଥିଲା। ଏସବୁର ଆନୁମାନିକ ମୂଲ୍ୟ ପାଖାପାଖି ୪୦ କୋଟି ଟଙ୍କା ହୋଇପାରେ। ନିୟମିତ ବ୍ୟବଧାନରେ ଶ୍ରୀମନ୍ଦିର ସମ୍ପତ୍ତିର ହିସାବ ରଖିବା ପାଇଁ ପ୍ରାବଧାନ ଥିଲେ ବି ୪୮ବର୍ଷ ଧରି ଆଉ ଏଠାରେ ଗଣତି ମଣତି କରାଯାଇନଥିବା ଜଗନ୍ନାଥ ପ୍ରେମୀଙ୍କ ମହଲରେ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି କରିଆସୁଛି। ଶ୍ରୀମନ୍ଦିରର ସୁରକ୍ଷା ସମ୍ପର୍କିତ ଏକ ମାମଲାରେ ଓଡ଼ିଶା ହାଇକୋର୍ଟ ନିରାପତ୍ତା ସ୍ଥିତି ଯାଞ୍ଚ କରିବା ଲାଗି ବହୁ ପୂର୍ବରୁ କହିଥିଲେ। ଏହାର ଅନୁପାଳନ ପାଇଁ ଏକ ୧୭ଜଣିଆ ପ୍ରତିନିଧି ଦଳ ମନ୍ଦିରର ଭଣ୍ଡାର ଘର ଯାଞ୍ଚ ପାଇଁ ଯାଇଥଲେ ମଧ ସେମାନେ ବାହାର ଭଣ୍ଡାର ଦେଖି ଆଉଭିତର ଭଣ୍ଡାର ଘରକୁ ଯାଇନଥିଲେ। ଟର୍ଚ୍ଚ ଆଲୁଅରେ ସ୍ଥିତି ଆକଳନ କରି ସେମାନେ ଫେରିଆସିଥିଲେ। ସେତେବେଳେ ଜଣାପଡ଼ିଥିଲା ଯେ ଭିତର ଭଣ୍ଡାର ଘରର ଚାବି ସରକାରୀ ଟ୍ରେଜେରୀରେ ନଥିବା ସଂକ୍ରାନ୍ତରେ। ଅବଶ୍ୟ ପରବର୍ତ୍ତୀ ସମୟରେ ପୁରୀ କଲେକ୍ଟରେଟ୍ ରେକର୍ଡ ରୁମ୍‌ରେ ଏକ ଲଫାପା ଭିତରୁ ଚାବି ମିଳିଥିଲା ଯାହାକୁ ରତ୍ନଭଣ୍ଡାରର ଚାବି ବୋଲି କୁହାଗଲା। ଏହି ଘଟଣା ଆଲୋଡ଼ନ ସୃଷ୍ଟି କରିବାରୁ ସେତେବେଳ ଅବସରପ୍ରାପ୍ତ ବିଚାରପତି ରଘୁବୀର ଦାସଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଶନ ବସାଯାଇଥିଲା। ଏହି କମିଶନ ଦୀର୍ଘବର୍ଷ ତଳୁ ରାଜ୍ୟ ସରକାରଙ୍କୁ ତାଙ୍କ ରିପୋର୍ଟ ଦେଇଥିଲେ ମଧ୍ୟ ତାହା ସାର୍ବଜନୀନ ହୋଇନାହିଁ। ଏବେ ଓଡ଼ିଶା ହାଇକୋର୍ଟ ଏହି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଅନ୍ୟ ଏକ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ର ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଜାରି କରାଯାଇଥିବା ସଂକଳ୍ପ ପତ୍ରରେ ଶ୍ରୀମନ୍ଦିରର ଚାରିଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲିବା ସହିତ ରତ୍ନଭଣ୍ଡାରରେ ମହଜୁଦ ସାମଗ୍ରୀଗୁଡ଼ିକର ଗଣତି ମଣତି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ହେବ ବୋଲି କୁହାଯାଇଥିଲା। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦ୍ୱିଗୁଣିତ...

ପଦକ୍ଷେପର ବ୍ୟାପକତା ଏବଂ ମହତ୍ୱାକାଂକ୍ଷା ଉଭୟକୁ ଦ୍ୱିଗୁଣିତ କରିଛି। କୃଷି ଭିତ୍ତିଭୂମି ପାଣ୍ଠିର ଋଣ ଲକ୍ଷ୍ୟକୁ ଦୁଇ ଗୁଣ ବୃଦ୍ଧି କରି ୨ ଲକ୍ଷ କୋଟି ଟଙ୍କା କରି ଦିଆଯାଇଛି। ଦେଶର ସମଗ୍ର କୃଷି ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ଲକ୍ଷ୍ୟରେ, ପ୍ରଧାନମନ୍ତ୍ରୀ କୃଷି ଭିତ୍ତିଭୂମି ପାଣ୍ଠିର ଋଣ ଲକ୍ଷ୍ୟକୁ ୧ ଲକ୍ଷ କୋଟିରୁ ୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଏଥିସହିତ ଭାରତର ନବସୃଜନ ଇକୋସିଷ୍ଟମକୁ ସଶକ୍ତ କରିବା ପାଇଁ, ବିଶେଷକରି ଡିପ୍ ଟେକ୍, ପ୍ରାରମ୍ଭିକ ପର୍ଯ୍ୟାୟ ଉପାୟ, ଉନ୍ନତ ଉତ୍ପାଦନ ଏବଂ ବ୍ରେକ୍ ଥ୍ରୁ ଟେକ୍ନୋଲୋଜି କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ୧୦,୦୦୦ କୋଟି ଟଙ୍କାର କର୍ପସ ସହିତ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ (ଏଫଓଏଫ) ୨.୦କୁ ଅନୁମୋଦନ କରିଛନ୍ତି।

## ତଦନ୍ତ...

ଯୁବତୀ ସହାୟିକା ଭାବେ ନିଯୁକ୍ତି ପାଇବା ପରେ ଅଙ୍ଗନବାଡିକୁ ପିଲା ଆସୁନାହାଁନ୍ତି। ଏକ ଆଞ୍ଚଳିକ ଗଣମାଧ୍ୟମରେ ଏନେଇ ଖବର ପ୍ରସାରଣ ପରେ ତହସିଲଦାର ଓ ସିଡିପିଓଙ୍କୁ ଧରି ଗାଁରେ ପହଞ୍ଚିଥିଲେ ଉପଜିଲ୍ଲାପାଳ ଓ ଜିଲ୍ଲା ମଙ୍ଗଳ ଅଧିକାରୀ। ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚି ଲୋକଙ୍କୁ ବୁଝାସୁଝା ପାଇଁ ଡାକିଥିଲେ। ହେଲେ କୌଣସି ଲୋକ ଅଙ୍ଗନବାଡି କେନ୍ଦ୍ରକୁ ଆସିଲେ ନାହିଁ। ଅନ୍ୟପଟେ ନିଯୁକ୍ତି ପାଇଥିବା ଯୁବତୀଙ୍କ ସମସ୍ତ କାଗଜପତ୍ର ଯାଞ୍ଚ କରିଛନ୍ତି ଉପଜିଲ୍ଲାପାଳ। ସମସ୍ୟାର ସମାଧାନ ହୋଇଯିବ ବୋଲି ଆଶା ରଖିଛି ପ୍ରଶାସନ।

## ପୁଣି...

ବେଳେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ମୃତ ଶିଶୁକନ୍ୟାର ମାମୁଁଙ୍କ ଅଭିଯୋଗ ଅନୁଯାୟୀ ମେଡିକାଲ କୋଠା ନିର୍ମାଣ କରୁଥିବା ଶ୍ରମିକମାନଙ୍କୁ ସେ ବାରମ୍ବାର ବୋରୱେଲକୁ ପୋତିବା ପାଇଁ କହିଥିଲେ। କିନ୍ତୁ କୋଠା ନିର୍ମାଣ ଦାୟିତ୍ୱରେ ଥିବା ବ୍ୟକ୍ତିମାନେ କୌଣସି ପଦକ୍ଷେପ ନେଇନଥିବାରୁ ଆଜି ତାଙ୍କ ଦେଢ ବର୍ଷର ଶିଶୁକନ୍ୟାର ପ୍ରାଣ ଚାଲି ଯାଇଛି ବୋଲି ଅଭିଯୋଗ ହୋଇଛି। କୁମ୍ଭାରପଡ଼ା ଥାନା ପୋଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବଡ଼...

ରାଜ୍ୟସଭା ନିର୍ବାଚନକୁ ଅନେକାଂଶରେ ପ୍ରଭାବିତ କରିବ। ବିଧାୟକଙ୍କ ପସନ୍ଦର ପ୍ରାର୍ଥୀ ନହେଲେ ସେମାନେ କ୍ରସ ଭୋଟିଂ କରିବାର ଢେର ସମ୍ଭାବନା ରହିଛି । ସାଧାରଣ ନିର୍ବାଚନରେ ପରାଜୟ ଓ ନୂଆପଡା ଉପନିର୍ବାଚନରେ ଅପମାନଜନକ ସ୍ଥିତିରେ ହାରିବାପରେ ଦଳ ଭିତରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ବିଜେପିର ରାଜ୍ୟ ପ୍ରଭାରୀଙ୍କ ଦମ୍ଭୋକ୍ତି ଏବେ ରାଜ୍ୟସଭା ନିର୍ବାଚନ ଆଲୋଚନାକୁ ଖୋରାକ ଯୋଗାଇବା ସହିତ ସମୀକରଣ ବଦଳାଇବା ଆରମ୍ଭ କରିଛି । ମୁଣ୍ଡ ଉପରେ ବିଧାନସଭାର ବଜେଟ୍ ଅଧିବେଶନ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟର ବଜେଟ ଅଧିବେଶନରେ ରାଜ୍ୟସଭା ନିର୍ବାଚନ ହେବ। ଏହି ନିର୍ବାଚନ ଉପରେ ସମସ୍ତଙ୍କ ନଜର ଥିବାବେଳେ ଏହାର ଫଳାଫଳ ରାଜ୍ୟ ନିର୍ବାଚନକୁ ଢେର ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ଆକଳନ କରୁଛନ୍ତି ।

## ଜଣେ...

ରେଳମନ୍ତ୍ରୀ ଓ କେନ୍ଦ୍ର କୃଷି ମନ୍ତ୍ରୀ ଭାବେ ସେ କାର୍ଯ୍ୟ କରିଥିଲେ। କଟକ ଚୌଦ୍ୱାରରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ କାହ୍ନୁ ଲେଙ୍କା। ୧୯୭୧ରୁ ୧୯୭୩, ୧୯୭୪ରୁ ୧୯୭୭, ୧୯୮୦ରୁ ୧୯୮୫ ଏବଂ ୧୯୯୫ରୁ ୨୦୦୦ ମସିହା ପର୍ଯ୍ୟନ୍ତ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାର ଓ ଗିରିଧର ଗମାଙ୍ଗ ସରକାରରେ ମଧ୍ୟ କାହ୍ନୁଚରଣ ଲେଙ୍କା ଥିଲେ କ୍ୟାବିନେଟ ମନ୍ତ୍ରୀ। ଓଡ଼ିଶାରେ କଂଗ୍ରେସ ସରକାରରେ ଶିଳ୍ପ, ରାଜସ୍ୱ, ପରିବହନ, ପଞ୍ଚାୟତିରାଜ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। କାହ୍ନୁ ଚରଣ ଲେଙ୍କା ୧୯୫୭ ମସିହାରେ କଂଗ୍ରେସରେ ଯୋଗ ଦେଇଥିଲେ। ୩୯ ବର୍ଷ ଧରି ଅଖିଳ ଭାରତୀୟ କଂଗ୍ରେସର କମିଟିର ବରିଷ୍ଠ ସଦସ୍ୟ ଥିଲେ। ଶେଷ ନିଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ କଂଗ୍ରେସ ଦଳ ସହ ଜଡ଼ିତ ଥିଲେ । ସେ ଆସାମ, ହରିୟାନା ଭଳି ରାଜ୍ୟର ପ୍ରଭାରୀ ଦାୟିତ୍ୱରେ ମଧ୍ୟ ଥିଲେ। ବିଭିନ୍ନ ସମୟରେ ଦଳୀୟ ନେତୃତ୍ୱ ଓ ନିଷ୍ପତ୍ତିକୁ ନେଇ ସ୍ୱର ଉତ୍ତୋଳନ କରି ଚର୍ଚ୍ଚାରେ ରହିଛନ୍ତି । କେନ୍ଦ୍ରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରି ଓଡ଼ିଶାରେ କଂଗ୍ରେସ ଦଳକୁ ସୁଦୃଢ଼ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେହିଭଳି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ତାଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ତାଙ୍କ ବିୟୋଗରେ ରାଜ୍ୟ ମନ୍ତ୍ରୀମଣ୍ଡଳର ବହୁ ସଦସ୍ୟ ଓ ବରିଷ୍ଠ ରାଜନେତା ଶୋକ ପ୍ରକାଶ କରିଛନ୍ତି।

## ରାଜଧାନୀରେ...

ଧନଜୀବନ ରକ୍ଷା କରିବାରେ ସକ୍ଷମ ହୋଇଛନ୍ତି । ପ୍ରାଥମିକ ତଦନ୍ତ ପରେ ସର୍ଟ ସର୍କିଟରୁ ନିଆଁ ଲାଗିଥିବା କଥା ସ୍ପଷ୍ଟ କରିଛନ୍ତି ଅଗ୍ନିଶମ ଅଧିକାରୀ । ଏପରିକି ଆପାର୍ଟମେଣ୍ଟ ପରିସରରେ ଅଗ୍ନି ନିରାପତ୍ତା ସମ୍ପର୍କିତ ସମସ୍ତ ସରଞ୍ଜାମ ଥିବାରୁ ବଡ଼ ଧରଣର ବିପଦ ଟଳିଥିବା କହିଛନ୍ତି ସ୍ଥାନୀୟ ଲୋକେ।

## ଦୀପ ଲାଗି ଜଳିଗଲେ ମହିଳା



ଶୁକ୍ରବାର ଦିନ ପ୍ରାୟ ୧୦ ଟା ୩୦ ସମୟରେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାର ଠାରେ ଥିବା ତ୍ରଏମ୍ବକେଶ୍ୱର ମନ୍ଦିରରେ ନିଆଁ ଲାଗି ଗୁରୁତର ହୋଇଛନ୍ତି ମହିଳା । ପୂଜା ସାରି ଦୀପ ଲଗାଉଥିବା ବେଳେ ତାଙ୍କ ଶରୀରର ୫୦ ପ୍ରତିଶତ ପୋଡି ଯାଇଛି । ଆଜି ସଂକ୍ରାନ୍ତି ଥିବାରୁ ମନ୍ଦିରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଦୀପ ଷ୍ଟାଣ୍ଡ ନିକଟରେ ମଧ ଭିଡ଼ ଥିବାରୁ ଅସାବଧାନତା ବଶତଃ ଲାଗିଯାଇଥିଲା ନିଆଁ । ଗୁରୁତର ଅବସ୍ଥାରେ ମହିଳାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି ।

## ପଞ୍ଚାୟତ...

ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ୧୦ ଦିନ ଭିତରେ ଆପତ୍ତି ଅଭିଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ୨୬ରୁ ୧୩ ଯାଏଁ ବିଜ୍ଞପ୍ତି ଉପରେ ଅଭିଯୋଗ ଆବେଦନ ଆଉ ୧୬ରୁ ୨୮ ଯାଏଁ ଅଭିଯୋଗ ଶୁଣାଣି କରାଯିବ। ମାର୍ଚ୍ଚ ୩୧ରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ କମିଶନଙ୍କୁ ଏନେଇ ଅବଗତ କରାଯିବ।

## ଆରମ୍ଭ...

କରାଯାଉଛି। ଯୋଜନାର ହିତାଧିକାରୀମାନଙ୍କୁ ଏସି ବସରେ ଯାତାୟତ ସହ ପୁରୀ ବୃନ୍ଦାବତୀ ନିବାସରେ ରହଣି ଓ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

ଏଥିସହିତ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁ ଆକାଂକ୍ଷିତ ମେଡିକାଲ କଲେଜର ମଧ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ନବରଙ୍ଗପୁରର ପାତାଲଗୁଡାଠାରେ ୫୦ ଏକରରୁ ଉର୍ଦ୍ଧ୍ୱ ଜାଗା ଉପରେ ପ୍ରତିଷ୍ଠା ହେବାକୁ ଥିବା ଏହି ମେଡିକାଲ କଲେଜ ଓ ହସ୍ପିଟାଲରେ ୧୦୦ ଏମବିବିଏସ ସିଟ ଓ ୪୨୦ଟି ଶଯ୍ୟା ରହିବ। ଏହି ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପରେ ଜିଲ୍ଲାବାସୀ ଉନ୍ନତମାନର ଚିକିତ୍ସା ସୁବିଧା ପାଇଁ ଆଉ ଜିଲ୍ଲା ବାହରକୁ ଯିବେ ନାହିଁ। ସମସ୍ତ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଜିଲ୍ଲା ଭିତରେ ହିଁ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବିଜେପି ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହୋଇଛି।

ଏଥିସହିତ ଆଉ ୪ଟି ମେଡିକାଲ କଲେଜ ଆମର ପ୍ରତିଶ୍ରୁତି ଥିଲା। ଆଜି ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଗଲା। ଖୁବଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ ମେଡିକାଲ କଲେଜ ସ୍ଥାପନ ହେବ। ରାଜ୍ୟବାସୀଙ୍କୁ ଗୁଣାତ୍ମକମାନର ସ୍ୱାସ୍ଥ୍ୟସେବା ଓ ରାଜ୍ୟରେ ଡାକ୍ତର ଅଭାବ ଦୂର କରିବା ପାଇଁ ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଜିଲ୍ଲା ପାଇଁ ୪୪୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ୧୭୭ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ଏଥିରେ ୬୮ କୋଟି ଟଙ୍କା ମୂଲ୍ୟର ୧୧୨ଟି ପ୍ରକଳ୍ପର ଉଦ୍‌ଘାଟନ ଓ ୩୭୮ କୋଟି ଟଙ୍କା ମୂଲ୍ୟର ୬୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ରହିଛି। ଶିକ୍ଷା, ସ୍ୱାସ୍ଥ୍ୟସେବା, ସଡକ, ସେତୁ, ହଷ୍ଟେଲ, ବନ ସୁରକ୍ଷା ସମିତି, ଅଙ୍ଗନବାଡି କେନ୍ଦ୍ର ଆଦି ଏହି ସବୁ ପ୍ରକଳ୍ପ ଗୁଡିକ ନବରଙ୍ଗପୁରର ବିକାଶ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରତା କ୍ଷେତ୍ରରେ ଜିଲ୍ଲା ଯେପରି ଶୀର୍ଷ ସ୍ଥାନରେ ପହଞ୍ଚିବ, ସେ ଦିଗରେ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ ପଦକ୍ଷେପ ନେଉଛନ୍ତି। ନବରଙ୍ଗପୁର ରାଜ୍ୟ ରାଜଧାନୀ ଠାରୁ ବହୁ ଦୂରରେ ଥିଲେ ମଧ ବିକାଶ କେବେ ଜିଲ୍ଲା ପାଇଁ ଦୂର ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ‘ଶ୍ରୀଜଗନ୍ନାଥ ଦର୍ଶନ’ ଯୋଜନାର ହିତାଧିକାରୀଙ୍କୁ କିଟ ବ୍ୟାଗ ମଧ ପ୍ରଦାନ କରିବା ସହ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ଓ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ, ଜୀବନରେ ସମସ୍ତଙ୍କ ଲକ୍ଷ୍ୟ ଥାଏ ଥରଟିଏ ଶ୍ରୀମନ୍ଦିର ଯାଇ ବାଇଶି ପାହାଚ ଚଢ଼ିବା ପାଇଁ। ସାଧାରଣ ଲୋକର ମନର ଭାବନାକୁ ରୂପାନ୍ତରିତ କରି ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ବ୍ୟବସ୍ଥା କରିଛୁ।

ଏହି ଯୋଜନା ହେଉଛି ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ଯୋଜନା। ଜିଲ୍ଲାବାସୀଙ୍କ ପାଇଁ ମେଡିକାଲ କଲେଜ ଲାଇଫ୍ ଲାଇନ୍ ହେବ ବୋଲି ସେ କହିଥିଲେ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ତିନି ଦଶନ୍ଧି ତଳେ ଓଡ଼ିଶାରେ ମାତ୍ର ୩ଟି ସରକାରୀ ମେଡିକାଲ କଲେଜ ଥିଲା । ଆଜି ଡବଲ ଇଞ୍ଜିନ ସରକାରରେ ମାତ୍ର ୧୮ ମାସ ମଧ୍ୟରେ ସବୁ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ମେଡିକାଲ କଲେଜ ଖୋଲିବା ପାଇଁ ଆମେ ପଦକ୍ଷେପ ନେଇଛୁ। ୨୦୨୪-୨୫ ରେ ରାଜ୍ୟରେ ୯ଟି ସରକାରୀ ମେଡିକାଲ କଲେଜ ଖୋଲିବା ପାଇଁ ସ୍ଥିର ହୋଇଛି।

ଆମର ଲକ୍ଷ୍ୟ ରାଜ୍ୟବାସୀଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ଯୋଗାଇଦେବା ସହ ରାଜ୍ୟରୁ ଡାକ୍ତର ଅଭାବ ଦୂର କରିବା। ଏହି ଅବସରରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାଁ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା ଜିଲ୍ଲାବାସୀଙ୍କୁ କଥା ଦେଇ କଥା ରଖିଥିବାରୁ ଏବଂ ଜିଲ୍ଲାବାସୀଙ୍କ ବହୁଦିନର ଦାବୀ ପୂରଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।

କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, କୋଟପାଡ ବିଧାୟକ ରୁପୁ ଭତ୍ରା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ, ନବରଙ୍ଗପୁର ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

## ନବମ ଶ୍ରେଣୀ ଛାତ୍ରଙ୍କୁ ନିର୍ଯାତନା ଅଭିଯୋଗ

**ଜଗତସିଂହପୁର, ୧୩।୨ (ସଂଚାର ବ୍ୟୁରୋ):** ନବମ ଶ୍ରେଣୀ ଛାତ୍ରଙ୍କୁ ସ୍କୁଲରେ ନିର୍ଯାତନା ଅଭିଯୋଗ। ଜଗତସିଂହପୁର ରଘୁନାଥପୁର କୋରକରାଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ନିର୍ଯାତନା ଅପମାନ ସହିନପାରି ସ୍କୁଲରୁ ଘରକୁ ଆସିବା ପରେ ଛାତ୍ର ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରଙ୍କ ମାଆ ଅଭିଯୋଗ କରିଛନ୍ତି। ଏନେଇ ଛାତ୍ର ଜଣଙ୍କ ମାଆ ରଘୁନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଆଦର୍ଶ ବିଦ୍ୟାଳୟକୁ ଯାଇ ତଦନ୍ତ ଆରମ୍ଭ କରିଛି। ସଂପୃକ୍ତ ଛାତ୍ରଙ୍କ ମାଆଙ୍କ ଅଭିଯୋଗକ୍ରମେ, ତାଙ୍କ ପୁଅକୁ ସ୍କୁଲ ଉପାଧକ୍ଷାଙ୍କ ସମେତ ସଙ୍ଗୀତ ଶିକ୍ଷକ ଓ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଛନ୍ତି। ଛାତ୍ରଙ୍କ ସାର୍ଟ କଲରକୁ ଧରି ତଳେ ଆଣ୍ଠେଇବା ପାଇଁ ତାଗିଦ କରିବା ସହ ସମ୍ପୃକ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଗୋଡ଼ ଧରି ଭୁଲ ମାଗିବାକୁ ବାଧ କରାଯାଇଥିଲା। ଏପଟେ ନିର୍ଯାତନା ଅଭିଯୋଗକୁ ସ୍କୁଲ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି।

# ଧାମନଗରରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍



**କେବେ ଦୂର ହେବ ସମସ୍ୟା?**

**ବାଇପାସ ରାସ୍ତା ନିର୍ମାଣ ଦାବି**

**ଧାମନଗର,୧୩।୨ (ସଂଚାର ବ୍ୟୁରୋ):** ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ହେଲାପରେ ବିଭିନ୍ନ କାର୍ଯ୍ୟାଳୟ, ଉନ୍ନତିକରଣ କାର୍ଯ୍ୟ, ସହରାଞ୍ଚଳ ଅଭିବୃଦ୍ଧି ହେତୁ ଅତ୍ୟଧିକ ଜନ ସମାଗମ ବଢ଼ି ବଢ଼ି ଚାଲିଛି ତା ସାଙ୍ଗକୁ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଛି। ଧାମନଗର ସହର ମାନ୍ୟତା ପାଇବା ପରେ ବହୁ ଛୋଟ ବଡ଼ ଦୋକାନ ମାନ ଖୋଲୁଛି। ଦୋକାନୀ ଓ ଉଠା ଦୋକାନୀମାନେ ରାସ୍ତା ଉଭୟ ପାର୍ଶ୍ୱରେ ସେମାନଙ୍କ ପସରା ମେଲାଇ ବ୍ୟବସାୟ କରୁଥିବା ବେଳେ ଯାତାୟତରେ ଘୋର ବାଧା ସୃଷ୍ଟି କରୁଛନ୍ତି। ଯାହା ଫଳରେ ସାନ ବଜାର ଠାରୁ ମେଡିକାଲ ବଜାର ପର୍ଯ୍ୟନ୍ତ ରାସ୍ତାରେ ବହୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

ବିଶେଷ କରି ସପ୍ତାହର ଦୁଇଦିନ ରବିବାର ଓ ବୁଧବାର ସାପ୍ତାହିକ ହାଟ ହେତୁ ଅଧିକ ଗହଳି ହେଉଛି। ସେଥି ମଧ୍ୟରୁ ରବିବାର ଛୁଟି ଦିନ ଥିବାରୁ ଟିକେ କମ ଗହଳି ହେଉଥିବା ସ୍ଥଳେ ବୁଧବାର ସମସ୍ତ କାର୍ଯ୍ୟାଳୟ ଖୋଲା ରହୁଥିବାରୁ ସର୍ବାଧିକ ଗହଳି ହୋଇ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ ରହୁଛି। ଏହି ସମୟରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଏପରିକି ଖୋଦ ପୁଲିସ ଗାଡ଼ି ମଧ୍ୟ ବହୁ ସମୟ ଧରି ଫସି ରହୁଛି। ଏଥିପାଇଁ ପୁଲିସକୁ ନାକେଦମ ହେବାକୁ ପଡୁଛି। ସାନ ବଜାର ଠାରୁ ମେଡିକାଲ ବଜାର ଯାଏ ୫ଟି ବ୍ୟାଙ୍କ ରହୁଥିବାରୁ କାର୍ଯ୍ୟ ଦିବସରେ ବହୁ ଜନସମାଗମ ହେଉଛି। ଅନେକ ସମୟରେ ଟ୍ରାଫିକ ସମସ୍ୟାକୁ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି।

ସରକାର ତଥା ଜିଲ୍ଲା ପ୍ରଶାସନ ଏହାର ସ୍ଥାୟୀ ସମାଧାନ ଓ ଦ୍ରୁତୀକରଣ ନିମନ୍ତେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସ୍ୱାଗତ ତୋରଣ ପାଖରୁ ଧାମନଗର କଲେଜ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ନିର୍ମାଣ ପୂର୍ବକ ଦୁଇଆଡ଼ିଆ ରାସ୍ତା କରାଯାଉ ବୋଲି ସାଧାରଣରେ ଦାବି କରିଛନ୍ତି। ଏଥି ସହିତ ବଡ଼ ଓ ସାନ ବଜାର ଛକରେ ଗୋଲେଇ ନିର୍ମାଣ କରାଯାଉ ଏବଂ ଜୟନଗର ଠାରୁ ମେଡିକାଲ ବଜାର ଯାଏ ଏକ ବାଇପାସ ରାସ୍ତା ନିର୍ମାଣ କରାଯାଉ। ଏଥି ସହିତ ସହରା ମାଷ୍ଟରପ୍ଲାନ ପ୍ରସ୍ତୁତ ପୂର୍ବକ ଘର ଓ ଦୋକାନ ଘର ନିର୍ମାଣ କରୁଥିବା ଲୋକଙ୍କୁ ଡ୍ରେନ ନିର୍ମାଣ ପାଇଁ ବାଧ୍ୟତାମୂଳକ କରାଯାଉ। ତାହେଲେ ଯାଇ ଏପରି ଜାମ ଓ ଟ୍ରାଫିକ ସମସ୍ୟା ଦୂର ହୋଇପାରିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ଲାଗିଥିବା ନିଆଁକୁ ଆୟତ୍ତ କଲେ ଅଗ୍ନିଶମ ବିଭାଗ



**ନୀଳଗିରି, ୧୩।୨ (ସଂଚାର ବ୍ୟୁରୋ):** ଗ୍ରୀଷ୍ମ ଋତୁ ଆସିଲେ ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାହାଡ଼, କୁଲଡିହା ଅଭୟାରଣ୍ୟରେ ଅଜଣା ବ୍ୟକ୍ତିବିଶେଷ ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଉଥିବାରୁ ହୁହୁ ହୋଇ ଜଳୁଥିବା ବେଳେ ଏପଟେ ବନବିଭାଗ ଓ ନୀଳଗିରି ଅଗ୍ନି ସେବାଶମ ବିଭାଗ ନିଆଁକୁ ଲିଭାଇବା ପାଇଁ ନକେଦମ୍ ହେବାକୁ ପଡ଼ିଥାଏ। ଏବେ ଜଙ୍ଗଲରେ ନିଆଁ ଲାଗିବା ଘଟଣା ଅଞ୍ଚଳବାସୀଙ୍କ ମନରେ ଉଦବେଗ ପ୍ରକାଶ ପାଇଛି। ଆଜି ନୀଳଗିରି ସ୍ୱର୍ଣ୍ଣଚୂଡ଼ ପାହାଡ଼ର ପାଦଦେଶରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇବା ଯୋଗୁଁ ସ୍ୱର୍ଣ୍ଣଚୂଡ଼ ପାହାଡ଼ରୁ ହୁହୁ ହୋଇ ଜଳୁଥିବା ଦେଖିବାକୁ ମିଳିଛି। ଫଳରେ ପାହାଡ଼ର ପାଦଦେଶରେ ଥିବା ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଥିଲେ। ଖବର ପାଇ ନୀଳଗିରି ବନ ଅଧିକାରୀ ମନ୍ ୱାର ଖାଁ ଘଟଣା ସ୍ଥଳରେ ପହଞ୍ଚି କିପରି ନିଆଁକୁ ଆୟତ୍ତ କରିବେ ସେଥିପାଇଁ ସଙ୍ଗେ ସଙ୍ଗେ ନୀଳଗିରି ଦମକଳ ବାହିନୀଙ୍କୁ ଯୋଗାଯୋଗ ପରେ ଦମକଳ ବାହିନୀ ଅଧିକାରୀ ହରିଶ୍ଚନ୍ଦ୍ର ନାଥ, ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ବ୍ଲୁୟର ମେସିନ ଦ୍ୱାରା ନିଆଁକୁ ଆୟତ୍ତ କରିଥିଲେ।

## ଶେଫାଳି ସଂଗ୍ରହାଳୟ ପରିଦର୍ଶନ କଲେ ଜିଲ୍ଲାପାଳ



**ଖୋର୍ଦ୍ଧା, ୧୩।୨ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଅମ୍ରିତ ଋତୁରାଜ ୧୫ ଜାନୁଆରୀ ୧୯୮୫ରେ ପ୍ରସିଦ୍ଧ କ୍ରୀଡାବିତ୍ ଏବଂ ସାଂସ୍କୃତିକ ବ୍ୟକ୍ତିତ୍ୱ ଦମ୍ପତି ରାଧା ଗୋବିନ୍ଦ ଦାସ ଏବଂ ତାଙ୍କ ପତ୍ନୀ ଶେଫାଳିଙ୍କ ଦ୍ୱାରା ଖୋର୍ଦ୍ଧା ପୌର ପରିଷଦ, ରାଧା ବଲ୍ଲଭ ସାହିରେ ପ୍ରତିଷ୍ଠିତ ରାଧା ଗୋବିନ୍ଦ ଶେଫାଳି ସଂଗ୍ରହାଳୟ ପରିଦର୍ଶନ କରିଥିଲେ ଏବଂ ଏହାର କିମ୍ବଦନ୍ତୀ ସଂଗ୍ରହକୁ ପ୍ରଶଂସା କରିଥିଲେ। ରାଧା ଗୋବିନ୍ଦଙ୍କ ପୁଅ, ଗୋପାଳ କୃଷ୍ଣ ଦାସ, ପୂର୍ବତନ ଓଡ଼ିଆ ଲେକ୍ଚର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା ବର୍ତ୍ତମାନ ଏହି ସଂଗ୍ରହାଳୟର ଯତ୍ନ ନେଉଛନ୍ତି। ରାଜ୍ୟ ସଂଗ୍ରହାଳୟ ପରି ଏହି ସଂଗ୍ରହାଳୟ ୫୦ ରୁ ଅଧିକ ଦେଶର ବିରଳ ପ୍ରତ୍ନତାତ୍ତ୍ୱିକ ବସ୍ତୁ ସଂରକ୍ଷଣ କରିଛି। ସେହିପରି ରାଧା ଗୋବିନ୍ଦ ଦାସଙ୍କ ପିତା ଚକ୍ରଧର ଦାସ, ଖୋର୍ଦ୍ଧା ଦରବାରରେ କାର୍ଯ୍ୟ କରୁଥିବା ସମୟରେ ବିରଳ ଦଲିଲ ଏବଂ ପାଣ୍ଡୁଲିପି ସଂଗ୍ରହ କରିଥିଲେ ବୋଲି ଶ୍ରୀ ଦାସ କଲେକ୍ଟରଙ୍କୁ ସୂଚନା ଦେଇଥିଲେ।

## ବଦଳିବ ଚିତ୍ର: ଅର୍ଥନୈତିକ କରିଡରରେ ପାରାଦୀପର ଭୂମିକା ହେବ ଗୁରୁତ୍ୱପୂର୍ଣ୍ଣ



**ପାରାଦୀପ, ୧୩।୨ (ସଂଚାର ବ୍ୟୁରୋ):** ବଦଳିବ ପାରାଦୀପର ଚିତ୍ର, ପାରାଦୀପ ପୁରୀ, ଭୁବନେଶ୍ୱର ଓ କଟକ ଅର୍ଥନୈତିକ କରିଡରରେ ପାରାଦୀପର ଭୂମିକା ହେବ ଗୁରୁତ୍ୱପୂର୍ଣ୍ଣ। ସାତ କିଲୋମିଟର ସୁଦୀର୍ଘ ପାରାଦୀପ ବେଳାଭୂମିରେ ବ୍ଲୁ ଫ୍ଲାଗ ବିଚ ହେବା ସହ ସାଧାରଣ ଲୋକଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା। ଏହି ଭଳି ସୂଚନା ଦେଇଛନ୍ତି ଓଡିଶା ସରକାରଙ୍କର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ପାରାଦୀପକୁ ଦୁଇ ଦିନିଆ ଗସ୍ତରେ ଆସି ଆଜି ସକାଳୁ ସକାଳୁ ଜିଲ୍ଲା ପ୍ରଶାସନ ସହ ପାରାଦୀପ ବେଳାଭୂମି ବୁଲି ଦେଖିଛନ୍ତି ମୁଖ୍ୟ ଶାସନ ସଚିବ। ଆଜି ଦିନ ତମାମ ପାରାଦୀପ ବନ୍ଦର ପ୍ରଶାସନିକ ଅଧିକାରୀ, ପାରାଦ୍ୱୀପ ପୌର ପାଳିକା, ପାରାଦୀପ ରିଫାଇନାରୀ, ଇଫକୋ ସମେତ ବିଭିନ୍ନ କମ୍ପାନୀର ବରିଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା କରିଛନ୍ତି। ଆଗକୁ ପାରାଦ୍ୱୀପର ଦକ୍ଷତାକୁ ଦୁଇ ଗୁଣିତ କରିବାକୁ ଯାଉଥିବା ବେଳେ ପାରାଦୀପକୁ ତାଙ୍କର ଏହି ଗସ୍ତ ବେଶ ଗୁରୁତ୍ୱପୂର୍ଣ୍ଣ ଥିବା ଜଣାପଡିଛି।

## ଆରଆଇଙ୍କୁ ବାଲିଆ ମାଫିଆଙ୍କ ଆକ୍ରମଣ

**ବାଲିଆପାଳ, ୧୩।୨ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅଧିନସ୍ଥ ସୁବର୍ଣ୍ଣରେଖା ନଦୀରୁ ବାଲି ମାଫିଆମାନେ ପ୍ରତେକ ଦିନ ହଜାର ହଜାର ଟ୍ରିପ ବାଲି ଉତୋଳନ କରି ପଶ୍ଚିମବଙ୍ଗକୁ ଚୋରାଚାଲାଣ କରି ମୋଟା ଅଙ୍କର ଅର୍ଥ ଉପାର୍ଜନ କରି ଆସୁଥିଲା ବେଳେ ରାଜ୍ୟ ରାଜସ୍ୱ ହରାଉଛି। ବାରମ୍ବାର ଏହି ବାଲି ଚୋରି ନେଇ ବାଲିଆପାଳ ତହସିଲରେ ଅଭିଯୋଗ ହୋଇ ଆସୁଥିଲା ବେଳେ ଆଜି ଖବର ପାଇ ଶ୍ରୀରାମପୁର ଆରଆଇ ସରୋଜିନୀ ଟୁଡୁ ପାଳପଡା ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ବାଲି ମାଫିଆମାନେ ଆରଆଇଙ୍କୁ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଆରଆଇ ସରୋଜିନୀ ଟୁଡୁ ଆହତ ହୋଇଥିଲା ବେଳେ ବାଲିଆପାଳ ତହସିଲଦାର ଜ୍ୟୋସ୍ନା ରାଣୀ ନାୟକ ବାଲି ମାଫିଆଙ୍କ ବିରୋଧରେ ବାଲିଆପାଳ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଜାରି ରଖିଛି।

### ହିଞ୍ଜିଳିରେ ମଶା ଭଣଭଣ

## ଧୂଆଁ ଗାଡ଼ି ବୁଲିବ କେବେ ?



**ହିଞ୍ଜିଳିକାଟୁ, ୧୩।୨ (ସଂଚାର ବ୍ୟୁରୋ):** ହିଂଜିଳିକାଟୁ ସହରରେ ଏବେ ମଶା ଭଣଭଣ। ସେ ଦିନ ହେଉ ଅବା ରାତି, ନିସ୍ତାର ନାହିଁ। ମଶା ଧୂପ ବା ଲିକ୍ୱିଡ଼ କାମ ଦେଉନାହିଁ। ସହରରେ ମଶାଙ୍କ ପ୍ରାଦୁର୍ଭାବ ଦେଖିଲେ ମଶା ଧୂଆଁ ଯୋଜନାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଆଉ ଏଭଳି ସ୍ଥିତିରେ ହିଂଜିଳିକାଟୁ ମୁନିସିପାଲିଟି କୌଣସି ଠୋସ୍ ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି । ମାସକୁ ଥରେ ମନେ ପଡ଼ିଲେ କା ଭାଁ ମଶା ଧୂଆଁ ଗାଡ଼ି ବାହାରୁଛି, ସେପଟେ ଗାଡ଼ି ବୁଲୁଛି କହି ଦାୟିତ୍ୱ ସାରିଦେଉଛି ପୌରପରିଷଦ। ମଶାଙ୍କ ଉତ୍ପାତକୁ ନେଇ ଲୋକେ ଅତିଷ୍ଠ ହେଲେଣି। ଦୀର୍ଘ ଦିନ ଧରି ଡ୍ରେନ ସଫେଇ ହେଉ ନାହିଁ କି ଡ୍ରେନ ଗୁଡିକରେ କେମିକାଲ ମିଶ୍ରିତ ଲାର୍ଭା କିଲର ପକାଯାଉ ନାହିଁ। ଯାହା ଫଳରେ ଆଗାମୀ ଦିନରେ ସହରରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ସହରରେ ମଶାଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ନ ଦେବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଛି।

### ଯାଜପୁରରେ ବିଜେପିର ମିଶ୍ରଣ ପର୍ବ

## ସଂଗ୍ରାମଙ୍କ ନେତୃତ୍ୱରେ ୫୭ ଉଠା ଦୋକାନୀଙ୍କ ଯୋଗଦାନ



**ଯାଜପୁର, ୧୩।୨ (ସଂଚାର ବ୍ୟୁରୋ):** ଯାଜପୁର ସହରର ରାଜନୈତିକ ପରିବେଶକୁ ଉତ୍ସାହିତ କରି ଆଜି ସନ୍ଧ୍ୟାରେ ଏକ ବୃହତ୍ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଯାଜପୁର ଉଠା ଦୋକାନୀ ମହାସଂଘ ପକ୍ଷରୁ ସହରର ମେଡିକାଲ ଛକ ନିକଟସ୍ଥ ଆଜାଦ୍ ମଣ୍ଡପରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୫୧ ଜଣ ଉଠା ଦୋକାନୀ ଓ ୬ ଜଣ ସ୍ଥାୟୀ ଦୋକାନୀ ସମେତ ମୋଟ ୫୭ ଜଣ ବ୍ୟବସାୟୀ ଆଜି ଭାରତୀୟ ଜନତା ପାର୍ଟି (ବିଜେପି)ରେ ଯୋଗଦାନ କରିଥିଲେ। ସଂଗ୍ରାମ କେଶରୀ ପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଯୋଗଦାନକାରୀମାନେ କହିଥିଲେ ଯେ, ବିଜେପିର ନୀତି ଓ ଆଦର୍ଶ ଉଠା ଦୋକାନୀ ଓ ଛୋଟ ବ୍ୟବସାୟୀଙ୍କ ହିତକୁ ସର୍ବୋପରି ରଖିଛି। କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ରାଜ୍ୟରେ। ମୋହନ ଚରଣ ମାଝୀଙ୍କ ପ୍ରଶାସନିକ ଦୃଢ଼ତାରେ ବ୍ୟବସାୟୀମାନେ ଆତ୍ମବିଶ୍ୱାସ ପାଇଛନ୍ତି ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ସମୂହ ଯୋଗଦାନ ମାଧମରେ ଯାଜପୁର ସହରରେ ବିଜେପିର ସଂଗଠନ ଆହୁରି ମଜବୁତ ହେବ ବୋଲି ଦଳୀୟ ନେତାମାନେ ଦାବି କରିଛନ୍ତି।

ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ ମତାନୁସାରେ, ବ୍ୟବସାୟୀମାନଙ୍କ ଏହି ବୃହତ୍ ଯୋଗଦାନ ଆଗାମୀ ଦିନରେ ଯାଜପୁରର ରାଜନୈତିକ ସମୀକରଣକୁ ପ୍ରଭାବିତ କରିପାରେ।

### ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ପ୍ରତିଶ୍ରୁତି ଖିଲାପ ବିରୁଦ୍ଧରେ

## ବିଜେଡରି ବିକ୍ଷୋଭ ଓ ପ୍ରତିବାଦ



**ଢେଙ୍କାନାଳ, ୧୩।୨ (ସଂଚାର ବ୍ୟୁରୋ):** ବିଜୁ ଜନତା ଦଳ ରାଜ୍ୟ ସଭାପତି ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଜିଲ୍ଲାରେ ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ପ୍ରତିଶୃତି ଖୀଲାପ ବିରୁଦ୍ଧରେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ଏହ ଅବସରରେ ଶୁକ୍ରବାର ପୂର୍ବାହ୍ନରେ ଢେଙ୍କାନାଳ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଢେଙ୍କାନାଳ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଡ଼ ନୃସିଂହ ସାହୁଙ୍କ ସଭାପତିତ୍ୱରେ ଏକ ଚାଷୀ ସମାବେଶ ଓ ପ୍ରତିବାଦ ସଭା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ସକାଳ ୧୦ ଘଟିକା ସମୟରେ ୭ହଜାରରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଓ ଚାଷୀମାନଙ୍କୁ ନେଇ ଏକ ବିଶାଲ ଶୋଭାଯାତ୍ରା ବାଜିଚୌକ ଛକ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲା। ପରେ ଏକ ପ୍ରତିବାଦ ସଭା ହୋଇଥିଲା।

ଏହି ପ୍ରତିବାଦ ସଭାରେ ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ, ଜଗତସିଂପୁର ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି. ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜେପ ସରକାରର ଚାଷୀମାରଣ ନୀତିକୁ ନିନ୍ଦା କରିଥିଲେ। ଯଦି ସରକାର ଏହାର ସମାଧାନ ନକରନ୍ତି ତେବେ ଏ ଆନ୍ଦୋଳନ ଆଗକୁ ଚାଲିବ ବୋଲି ସରକାରଙ୍କୁ ଚେତାବନୀ ଦେଇଥିଲେ। ପରେ ଜିଲ୍ଲପାଳଙ୍କୁ ରାଜ୍ୟପାଳଙ୍କ ଉଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଓକିଲ ସଂଘର ସଭାପତି ଗୋପାଳ ଚନ୍ଦ୍ର ପାତ୍ର ଓ ବିଜୁ ଛାତ୍ର ଜନତା ଦଳର ହଜାର ହଜାର କର୍ମୀ ଉପସ୍ଥିତ ରହିଥିଲେ ।

## ସ୍ୱର୍ଶ କୁଷ୍ଠ ରୋଗ ସଚେତନତା ଅଭିଯାନ




**ଫୁଲବାଣୀ, ୧୩।୨ (ସଂଚାର ବ୍ୟୁରୋ):** ଦିନ ଫୁଲବାଣୀ ପବ୍ଲିକ୍ ଇଂରାଜୀ ମିଡିୟମ୍ ସ୍କୁଲ ଠାରେ ସ୍ୱର୍ଷ କୁଷ୍ଠ ରୋଗ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଅଛି । ସାସ୍ଥ୍ୟ ବିଭାଗର ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା କୁଷ୍ଠ ରୋଗ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଠିକ୍ ତଥ୍ୟ ଦେବା ସହ ସମାଜରେ ସଚେତନତା ସୃଷ୍ଟି କରିବା। କାର୍ଯ୍ୟକ୍ରମରେ ଏ.ଡି.ପି.ଏଚ୍.ଓ. ଲେପ୍ରୋସି ଡ଼.ଜ୍ୟୋସ୍ନାରାଣୀ ସେଠୀ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି କୃଷ୍ଠ ରୋଗର ଲକ୍ଷଣ, କାରଣ, ନିରାକରଣ ଓ ଚିକିତ୍ସା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଧନଞ୍ଜୟ ସେଠୀ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସପନା ଭୂମିକା ଗ୍ରହଣ କରିଥିବା ନିକିତା ମହାନ୍ତି, ଷଷ୍ଠ ଶ୍ରେଣୀ ସମସ୍ତଙ୍କୁ କୁଷ୍ଠ ରୋଗ ବିଷୟରେ ସଚେତନ କରାଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ରୁଦ୍ର ପ୍ରସାଦ ହୋତା, ବିଦ୍ୟାଶ୍ରୀ ପଲକ୍ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଶେଷ ଭାଗରେ ଏନ୍.ଏମ୍. ଏସ୍.ଆଇ.ସି. ଶ୍ରୀ ତାପସ୍ କୁମାର ହୋତା ସମସ୍ତ ଅତିଥ୍ ପ୍ରଧାନ ଶିକ୍ଷକ ଛାତ୍ର ଛାତ୍ରୀ ଓ ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

### ଆସନ୍ନ ଅଙ୍ଗଚ୍ଛେଦକୁ ପ୍ରତିହିତ କଲେ ସମ୍ ଡାକ୍ତର

## ଜଟିଳ ଅସ୍ତ୍ରୋପଚାର ଜରିଆରେ ରୋଗୀ ସୁସ୍ଥ



**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ):** ରୋଗୀର ଆସନ୍ନ ଅଙ୍ଗଚ୍ଛେଦକୁ ପ୍ରତିହିତ କରି ଓଡ଼ିଶାରେ ପ୍ରଥମ ଥର ପାଇଁ ଆଣ୍ଠୁର ନିମ୍ନ ଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ସଦ୍ୟତମ ଜେଟ୍ସ୍ଟ୍ରିମ ଟେକ୍ନୋଲଜି ବ୍ୟବହାର କରି ସୁରକ୍ଷା କରିବାରେ ସଫଳ ହୋଇଛନ୍ତି ସମ୍ ଅଲ୍ଟିମେଟ ମେଡିକେୟାର (ସମ୍ପମ୍)ର ଡାକ୍ତର। ଏହି ଉଲ୍ଲେଖନୀୟ ପ୍ରକ୍ରିୟାକୁ ସମ୍ପମର ଇନ୍ଟରଭେନ୍ସନାଲ୍ ରେଡିଓଲୋଜିର କନ୍ସଲ୍ଟାଣ୍ଟ ଡାକ୍ତର ସମ୍ବିତ କୁମାର ପଟ୍ଟନାୟକ ମିନିମାଲି ଇନ୍ଭେସିଭ୍ ଭାସ୍କୁଲାର କେୟାର ମାଧମରେ ସମ୍ପନ୍ନ କରିଛନ୍ତି।

ରୋଗୀଙ୍କ ଗୋଡ଼ର ଧମନୀରେ ଜଟିଳ ବ୍ଲକେଜ୍ ସମସ୍ୟା ରହିଥିବା ବେଳେ ଏହା ତାଙ୍କ ଜୀବନ ପ୍ରତି ବିପଦ ଖୁବ୍ ସୃଷ୍ଟି କରିଥିଲା। ଏହା ଭବିଷ୍ୟତରେ ଚିକିତ୍ସା ସମ୍ଭବ ନଥିବା ଅଲ୍ସର ଓ ଗାଙ୍ଗ୍ରିନ୍ ଭଳି ସମସ୍ୟା ଉପୁଜାଇଥାନ୍ତା ଏବଂ ଗୋଡ଼ କାଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ଏହି ମିନିମାଲି ଇନ୍ଭେସିଭ ପ୍ରକ୍ରିୟା ଦ୍ୱାରା ଯନ୍ତ୍ରଣା କମିବା ସହ ହସ୍ପିଟାଲର ରହଣୀ ସମୟ ମଧ କମିପାରୁଛି। ରୋଗୀଟି ଶୀଘ୍ର ସୁସ୍ଥ ହେବା ସହ ଗୋଡ଼ଟିକୁ ମଧ କଟା ହେବାରୁ ରକ୍ଷା କରାଯାଇପାରୁଛି ବୋଲି ସେ କହିଥିଲେ।

ଏହି ଅତ୍ୟାଧୁନିକ ଚିକିତ୍ସା ଦ୍ୱାରା ସମ୍ପମ ଓଡ଼ିଶାରେ ରୋଗୀମାନଙ୍କ ମଧରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି ହସ୍ପିଟାଲ୍ର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡ଼ିୟର (ଡାକ୍ତର) ବିରାଜ ମୋହନ ମିଶ୍ର ସୂଚନା ଦେଇଛନ୍ତି। ସୋଆ ବିଶ୍ୱବିଦ୍ୟାଳୟ ଏବଂ ସମ୍ ଅଲ୍ଟିମେଟ ମେଡିକେୟାରର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଏହି ପରିପ୍ରେକ୍ଷୀରେ କହିଛନ୍ତି ଯେ ସମାଜରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସମ୍ପମର ଲକ୍ଷ୍ୟ। ଏହି ସଫଳ ଅସ୍ତ୍ରୋପଚାର ଆମର ଲକ୍ଷ୍ୟକୁ ପ୍ରତିପାଦିତ କରୁଛି ବୋଲି ସେ କହିଛନ୍ତି।

## ଆରଜିପିଏସ ନୂତନ ଜିଲ୍ଲା ସଂଯୋଜକ ହେଲେ ଆଶିଷ



**ନୀଳଗିରି, ୧୩।୨ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ବରହମପୁର ଗ୍ରାମ ପଞ୍ଚାୟତ ଯୁବ ନେତା ଆଶିଷ ପଟ୍ଟନାୟକଙ୍କ ଉପରେ କଂଗ୍ରେସ ଆସ୍ଥା ପ୍ରକଟ କରି ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜିଲ୍ଲା ସଂଯୋଜକ ଭାବେ ନିଯୁକ୍ତି ପାଇବା ପରେ ସେ ସଙ୍ଗଠନର ଜାତୀୟ ସଭାପତି ସୁନୀଲ ପନୱାର, ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ଆରଜିପିଏସ ଅଧକ୍ଷ ସୁଦର୍ଶନ ଦାସ, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ରାଜ୍ୟ ଆରଜିପିଏସ ସାଧାରଣ ସମ୍ପାଦକ ତଥା ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ରାଜ୍ୟ ଆରଜିପିଏସ ସମ୍ପାଦକ ଦେବଦତ ଦାସଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି ସହ ସଂଯୋଜକ ଝୁନା ମୁଖୀ ମଧ ଅନୁରୂପ ଭାବେ ରାଜ୍ୟ ଓ ଜିଲ୍ଲା ନେତୃମଣ୍ଡଳିଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଉ କିଛିମାସ ପରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ହେବାକୁ ଯାଉଥିବା ବେଳେ ଜିଲ୍ଲା ସଙ୍ଗଠନ ପ୍ରତି ପଂଚାୟତ ସ୍ତରରୁ ସଂଗଠନକୁ ସୁଦୃଢ଼ କରିବା ସହ ଦଳର ପ୍ରାର୍ଥୀମାନଙ୍କ ଏକକ ସଂଖ୍ୟା ଗରିଷ୍ଠତା ହାସଲ ପାଇଁ ଚେଷ୍ଟିତ ରହିବେ ବୋଲି ଜିଲ୍ଲା ସଂଯୋଜକ ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ବଡାଶରେ କଂଗ୍ରେସର ମିଶ୍ରଣ ପର୍ବ



**ବାଲିଆପାଳ, ୧୩।୨ (ସଂଚାର ବ୍ୟୁରୋ):** ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦଳ ତାଙ୍କର ପଡିଆରା ବିସ୍ତାର କରିବାରେ ଲାଗିଛନ୍ତି। ଏହି କ୍ରମରେ କିଛି ଦିନ ହେଲା ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତରେ କଂଗ୍ରେସ ଦଳ ବେଶ ଚର୍ଚ୍ଚାରେ ରହିଛି। କର୍ମୀମାନେ ବିଜେଡି ବିଜେପି ଦଳ ଛାଡି କଂଗ୍ରେସକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଗୁରୁବାର ସନ୍ଧ୍ୟାରେ କାଠଶଗଡ଼ା ଗ୍ରାମରେ ୯ ନଂ ୱାର୍ଡରେ ଅନାଦି ଚରଣ ପାତ୍ରଙ୍କ ବାସଭବନରେ ସରପଞ୍ଚ ଜଗନ୍ନାଥ ବିଶ୍ୱାଳଙ୍କ ନେତୃତ୍ୱରେ କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା ବିଜନ ନାୟକ ଯୋଗଦେଇ ଅନ୍ୟ ଦଳ ଛାଡି କଂଗ୍ରେସରେ ମିଶିଥିବା ୨୦ ପରିବାରର ଶତାଧିକ ଭୋଟରଙ୍କୁ ଦଳୀୟ ଉତ୍ତରୀ ଦେଇ ସ୍ୱାଗତ କରିଥିଲେ। ଅନ୍ୟ ମାନଙ୍କ ମଧରେ ଜିଲ୍ଲା ପରିଷଦ ବାବାଜୀ ବେହୁରୀ, ନାଏବ ସରପଞ୍ଚ ଅନନ୍ତ କୁମାର ଦାସ, କମଳାକାନ୍ତ ଜେନା ପ୍ରମୁଖ ଯୋଗଦେଇ ତୃଣ ମୂଳ ସ୍ତରରୁ ଦଳକୁ କିପରି ସୁଦୃଢ଼ କରି ଲୋକଙ୍କ ମୌଳିକ ସମସ୍ୟା ଦୂର କରାଯାଇପାରିବ ସେ ବିଷୟରେ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ରାହୁଲ ଗାନ୍ଧୀଙ୍କ ନୀତି ଆଦର୍ଶ ଏବଂ ସ୍ଥାନୀୟ ସରପଞ୍ଚ ଙ୍କ ଲୋକାଭିମୁଖୀ କାର୍ଯ୍ୟ ପାଇଁ କଂଗ୍ରେସ ରେ ମିଶିଥିବା ନୂତନ କର୍ମୀ ଶ୍ରୀନିବାସ ପାତ୍ର, ଗଣେଶ ନାୟକ, ସରୋଜ ନାୟକ, ଅଶୋକ ରାଉଳ, ବନମାଳୀ ରାଉଳ, ଚୈତନ୍ୟ ପାତ୍ର, ଅମୂଲ୍ୟ ନାୟକ, ମନ୍ମଥ ନାୟକ, ରଘୁନାଥ ସାହୁ, ଜୟନ୍ତ କର, ବାବୁରାମ ପାତ୍ର, ଅନାଦୀ ପାତ୍ର, ନଗେନ କରଣ, ରାଜେନ୍ଦ୍ର ପାତ୍ର, ଶଶୀକାନ୍ତ ଗିରି, ଉପେନ୍ଦ୍ର ପାତ୍ର ପ୍ରମୁଖ କହିଛନ୍ତି।

### ମିଶନ ପଞ୍ଚାୟତ

## ମୁଣ୍ଡ ଟେକିଲେଣି ଆଶାୟୀ




- ଗାଁ ମଞ୍ଚରେ ଅତିଥି ହେବାକୁ ପ୍ରତିଯୋଗିତା
- ମିଶ୍ରଣ ପର୍ବକୁ ନେଇ ବିଜେପିରେ ଗୋଷ୍ଠୀ କନ୍ଦଳ
- ପଞ୍ଚାୟତ, ୱାର୍ଡ କମିଟିକୁ ବିଜେଡିର ଫୋକସ
- ବଦଳାଇବାକୁ ସ୍ୱତନ୍ତ୍ର ରୋଡ଼ ମ୍ୟାପ ପ୍ରସ୍ତୁତି ଆରମ୍ଭ

**କାକଟପୁର/ଅସ୍ତରଙ୍ଗ, ୧୩।୨ (ସଂଚାର ବ୍ୟୁରୋ):** ଗାଁ ଛକ, ବଜାରରେ ଦିଶିଲେଣି ଅନେକ ନୂଆ, ପୁରୁଣା ମୁହଁ। ବିଭିନ୍ନ ପର୍ବ ପର୍ବାଣି ଶୁଭେଚ୍ଛା ବାହାନାରେ ବହୁ ସମାଜସେବୀ, ରାଜନୈତିକ କର୍ମୀ ନିଜ ଉପସ୍ଥିତି ଜାହିର କଲେଣି। ଏଥର କିଏ କିଏ ସରପଞ୍ଚ ଆଶାୟୀ, କିଏ ଦଖଲ କରିବ ଅସ୍ତରଙ୍ଗ ପଂଚାୟତ ସମିତି ଚର୍ଚ୍ଚା ବୁଲିଲାଣି। ଦଖଲ କରିଥିବା ବ୍ୟକ୍ତି ୫ବର୍ଷ ସରିବାକୁ ବସିଥିବା ବେଳେ କଣ କରିଛନ୍ତି ସବୁଠି ଚର୍ଚ୍ଚା ଜୋର ଧରିଛି।

ପଂଚାୟତ ନିର୍ବାଚନର ଧାର୍ଯ୍ୟ ସମୟ ଆସନ୍ତା ବର୍ଷ ଜାନୁୟାରୀ କିମ୍ବା ଫେବୃଆରୀ। ସାମାନ୍ୟ ଆଗୁଆ ହେଲେ ଚଳିତ ବର୍ଷ ଶେଷ ଆଡକୁ ବି ହୋଇପାରେ ପଂଚାୟତ ଭୋଟ। ଏଥିପାଇଁ ଆଶାୟୀଙ୍କ ଗତିବିଧି ହଠାତ ବଢ଼ିଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତରେ ଗାଁ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଗାଁ ନାଟକ, ଅଷ୍ଟପ୍ରହରୀରୁ ନେଇ ବିଭିନ୍ନ କ୍ଲବ ମଞ୍ଚରେ ଅତିଥି ହେବାକୁ ଆଶାୟୀଙ୍କ ଭିତରେ ପ୍ରତିଯୋଗିତା ପ୍ରବଳ। ଗତ ନିର୍ବାଚନରେ ଯେଉଁ ଆସନ ସଂରକ୍ଷିତ ଥିଲା, ଏଥର ତାହା ବଦଳିବ ବୋଲି ଅନେକ ଆଶା ବାନ୍ଧିଛନ୍ତି। ଏହି ଆଶାରେ ସଂରକ୍ଷିତ ଥିବା ପଂଚାୟତରେ ଏବେ ସାଧାରଣ ବର୍ଗ ଆଶାୟୀ ବୁଲିଲେଣି। ଏହା ସହ ବିଗତ ପାଞ୍ଚ ବର୍ଷରେ ଅସ୍ତରଙ୍ଗରେ ବସଷ୍ଟାଣ୍ଡ, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ସମସ୍ୟା ସୁଧୁରିଲାନି କେବଳ କୁଜି ନେତାମାନେ ପକେଟ ଗରମ କରି କେଉଁଠି ରଙ୍ଗ ବୋଳା ତ କେଉଁଠି ମରାମତି କରି ହରିଲୁଟ ତ ଆଉ କେଉଁଠି ମନରେଗା କାମକୁ ମେସିନ ଲଗାଇ କାମ କରି ସାଧାରଣ ଲୋକଙ୍କ ଟଙ୍କାକୁ ଲୁଟ କରିଛନ୍ତି ବୋଲି ବିଭିନ୍ନ ସ୍ଥାନରେ ସମାଲୋଚନା ଆରମ୍ଭ ହେଲାଣି।

ଏପଟେ ୩ଟି ପ୍ରମୁଖ ଦଳ ବିଜେପି, ବିଜେଡ଼ି ଓ କଂଗ୍ରେସ ପଂଚାୟତ ପାଇଁ ଅଣ୍ଟା ଭିଡିଲେଣି। ଜିଲ୍ଲା, ବ୍ଲକରେ କମିଟି ପରେ କମିଟି ଗଠନ ଚାଲିଛି। ନିର୍ବାଚନ ମଣ୍ଡଳୀରୁ ନେଇ ବ୍ଲକ, ଜିଲ୍ଲା ପରିଷଦ ଜୋନ ପର୍ଯ୍ୟନ୍ତ ନେତାଙ୍କୁ ଡାକି ରଣନୀତି ପ୍ରସ୍ତୁତ ହେଉଛି। ସବୁ ଦଳ ଏବେ ଠାରୁ ଗାଁ ମୁହାଁ ହେଲେଣି।

ବର୍ତ୍ତମାନ ଅସ୍ତରଙ୍ଗ ବ୍ଲକ ପ୍ରତି ପଂଚାୟତରେ ବିଜେପି ଗୋଷ୍ଠୀ କନ୍ଦଳ ସହ ଆଗ ଧାଡି ନେତାଙ୍କ କାର୍ଯ୍ୟକଳାପକୁ ନେଇ ସବୁଠି ବିଦ୍ରୋହ ବହ୍ନି ଦେଖିବାକୁ ମିଳିଲାଣି। ସ୍ପଷ୍ଟ ବାରି ହେଉଛି ନିଶ୍ଚିତ ଅସ୍ତରଙ୍ଗ ପଂଚାୟତ ସମିତି ପରିବର୍ତ୍ତନ ହୋଇପାରେ ବୋଲି ଚର୍ଚ୍ଚା। ବର୍ତ୍ତମାନ ରାଜନୈତିକ ସ୍ଥିତି, ଚିତ୍ର ପୂରା ଭିନ୍ନ। ବିଜେପି ପୁରୁଖା ନେତାଙ୍କୁ ଅଣଦେଖା ନିଶ୍ଚିତ ବିରୋଧୀ ଫାଇଦା ନେବା ଲକ୍ଷ୍ୟରେ। ସାଧାରଣରେ ଚର୍ଚ୍ଚା ହେଉଛି ଅସ୍ତରଙ୍ଗ ବ୍ଲକ ବିଭିନ୍ନ ଅଂଚଳରେ କଣ ହୋଇଛି ବିକାଶ, କେତେ ହୋଇଛି ଉନ୍ନତି ତାହା ସମସ୍ତଙ୍କ ମନରେ ପ୍ରଶ୍ନ। ଏହି ପରିବର୍ତ୍ତିତ ସ୍ଥିତିରେ ଆଗାମୀ ପଂଚାୟତ ନିର୍ବାଚନ ରୋଚକ ମୋଡ଼ ନେବା ସମ୍ଭାବନା ରହିଛି। ୨୦୨୯ସାଧାରଣ ନିର୍ବାଚନ ପୂର୍ବରୁ ସବୁ ଦଳ ପାଇଁ ପଂଚାୟତ ନିର୍ବାଚନ ହେବ ଅଗ୍ନି ପରୀକ୍ଷା।

## ହୃଦ୍‌ଘାତରେ ହୁମ୍ମା ଟିଆରଡବ୍ଲ୍ୟୁ ହାଇସ୍କୁଲ ଶିକ୍ଷକଙ୍କ ମୃତ୍ୟୁ



**ଛତ୍ରପୁର, ୧୩।୨ (ସଂଚାର ବ୍ୟୁରୋ):** ହୁମ୍ମା ଟିଆରଡ଼ାବ୍ଲ୍ୟୁ ହାଇସ୍କୁଲର କାର୍ଯ୍ୟରତ ଶିକ୍ଷକ ରଞ୍ଜନ କୁମାର ଦାସଙ୍କ ହୃଦଘାତରେ ଅକାଳ ଦେହାନ୍ତ ଘଟିଛି। ଗତ କିଛି ବର୍ଷ ଧରି ସେ ହୃଦରୋଗରେ ପୀଡ଼ିତ ଥିଲେ ଏବଂ ପୂର୍ବରୁ ତାଙ୍କର ହୃଦୟରେ ସର୍ଜରି ମଧ ହୋଇଥିଲା। ଟିଆରଡ଼ାବ୍ଲ୍ୟୁ ସେବାଶ୍ରମରେ ଥିବା ସମୟରେ ହଠାତ୍ ପୁଣିଥରେ ହୃଦରେ ଗୁରୁତର ସମସ୍ୟା ଦେଖାଦେଇଥିଲା। ପରିବାରଲୋକେ ତୁରନ୍ତ ତାଙ୍କୁ ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କିନ୍ତୁ ସମସ୍ତ ପ୍ରୟାସ ସତ୍ତ୍ୱେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଥିଲା। ନିଜ ଜନ୍ମଭୂମି ପାଲୁର ଗଜପତିନଗର ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରଞ୍ଜନ କୁମାର ଦାସ ଜଣେ ମେଧାବୀ, ପରୋପକାରୀ ଓ ମିଷ୍ଟାଭାଷୀ ଶିକ୍ଷକ ଭାବେ ପରିଚିତ ଥିଲେ। ସମାଜସେବା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ଅକାଳ ବିୟୋଗର ଖବର ପ୍ରଚାରିତ ହେବା ପରେ ହୁମ୍ମା ଟିଆରଡ଼ାବ୍ଲ୍ୟୁ ହାଇସ୍କୁଲର ଶିକ୍ଷକମଣ୍ଡଳୀ, ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀ ମଧରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ଲୋକ ଭବନରେ ପ୍ରଥମ ସ୍ୱୟଂଚାଳିତ ସାକ୍ଷାତ ବ୍ୟବସ୍ଥା

## ଇ-ଲୋକ ଭବନ ଓଡ଼ିଶା ଆପ୍ ଶୁଭାରମ୍ଭ କଲେ ରାଜ୍ୟପାଳ



**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ):** ଶୁକ୍ରବାର ଲୋକଭବନ ପାଇଁ ସ୍ୱୟଂଚାଳିତ ସାକ୍ଷାତ ବ୍ୟବସ୍ଥା 'ଇ-ଲୋକଭବନ ଓଡ଼ିଶା ଆପ୍' ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଏହା ରାଜ୍ୟପାଳଙ୍କ ସେକ୍ରେଟାରୀଏଟ ସହିତ ନାଗରିକଙ୍କ ସମ୍ପର୍କକୁ ସୁଗମ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ସୁରକ୍ଷିତ ୱେବ୍-ଆଧାରିତ ପ୍ଲାଟଫର୍ମ। ଏହି ପଦକ୍ଷେପ ସହିତ ଲୋକଭବନରେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ସାକ୍ଷାତ ଏବଂ ପରିଦର୍ଶକ ପରିଚାଳନା ବ୍ୟବସ୍ଥା ପ୍ରଚଳନ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବରେ ଉଭା ହୋଇଛି।

ଡିଜିଟାଲ ପ୍ଲାଟଫର୍ମର ଶୁଭାରମ୍ଭ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ଦୃଷ୍ଟିକୋଣର ଅଂଶ ସ୍ୱରୂପ ଏବଂ ନବସୃଜନ, ସ୍ୱଚ୍ଛତା ପ୍ରତି ଲୋକଭବନର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଗତ ଏକ ବର୍ଷ ମଧ୍ୟରେ ଲୋକଭବନ ଅନେକ ଭବିଷ୍ୟତମୁଖୀ ପଦକ୍ଷେପ ଗ୍ରହଣ କରିଛି । ସୌରଶକ୍ତି ମାଧ୍ୟମରେ ଏହାର ଶକ୍ତି ଆବଶ୍ୟକତା ପୂରଣ କରୁଥିବା କ୍ୟାମ୍ପସକୁ ଏକ ନେଟ୍-ଜିରୋ ସୁବିଧାରେ ପରିଣତ କରାଯାଇଛି ଏବଂ ରାଜ୍ୟପାଳଙ୍କ ସରକାରୀ କାରକେଡରେ ବୈଦ୍ୟୁତିକ ଯାନ ସାମିଲ କରାଯାଇଛି । ଏହା ସ୍ୱଚ୍ଛ ଶକ୍ତି ପ୍ରତି ଏହାର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଛି। ଏହା ସହିତ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମ୍ମାନାର୍ଥେ ଲୋକଭବନ ପରିସରରେ ବିକଶିତ ଏକ ପରିବେଶ ପାର୍କ 'ଅଟଳ ବନ' ଲୋକଭବନରେ ସ୍ଥାୟୀତ୍ୱ, ଐତିହ୍ୟ ଏବଂ ନବସୃଜନର ମିଶ୍ରଣର ପ୍ରତୀକ ସାଜିଛି।

ନୂତନ ଡିଜିଟାଲ୍ ପଦକ୍ଷେପ ଆଧୁନିକ, ନାଗରିକ-କୈନ୍ଦ୍ରିକ ଶାସନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏପର୍ଯ୍ୟନ୍ତ ଲୋକଭବନରେ ସାକ୍ଷାତ, ଅଭିଯୋଗ ଏବଂ ପରିଦର୍ଶକଙ୍କ ପ୍ରବେଶ ପରିଚାଳନା ପାଇଁ ପ୍ରାୟତଃ ଅନେକ କାଗଜପତ୍ର କାର୍ଯ୍ୟ ଏବଂ ବହୁବାର ଆସିବା ଆବଶ୍ୟକ ହେଉଥିଲା। ଇ-ଲୋକ ଭବନ ଓଡ଼ିଶା ଆରମ୍ଭ ହେବା ଦ୍ୱାରା ଏହି ପ୍ରକ୍ରିୟାଗୁଡ଼ିକୁ ସରଳୀକୃତ କରାଯାଇଛି ଏବଂ ଏକକ ବ୍ୟବହାରକାରୀ ଅନୁକୂଳ ଡିଜିଟାଲ୍ ଇଣ୍ଟରଫେସ୍ ଅଧୀନକୁ ଅଣାଯାଇଛି।

ଏହି ଡିଜିଟାଲ ପ୍ଲାଟଫର୍ମ ସାକ୍ଷାତ ପାଇଁ ଅନଲାଇନ୍ ବୁକିଂ, ବାସ୍ତବ ସମୟ ସ୍ଥିତି ଅନୁସନ୍ଧାନ, ହ୍ୱାଟ୍ସ ଆପ୍ ଏବଂ ଏସଏମଏସ ଆଲର୍ଟ, ଡିଜିଟାଲ୍ କ୍ୟୁଆର-ଆଧାରିତ ଇ-ଗେଟ୍ ପାସ୍ ଏବଂ ସୁରକ୍ଷିତ ପ୍ରବେଶ ଯାଞ୍ଚକୁ ସୁଗମ କରିବ। ଏହା ଅଧିକାରୀଙ୍କ ପାଇଁ କେନ୍ଦ୍ରୀକୃତ ଡ୍ୟାସବୋର୍ଡ, ୱେବସାଇଟ୍ ଇଣ୍ଟିଗ୍ରେସନ ଏବଂ ଲୋକଭବନର ଭର୍ଚୁଆଲ୍ ଟୁରର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରତ୍ୟେକ ଅନୁରୋଧ କ୍ଷେତ୍ରରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦ୍ରୁତ ନିଷ୍ପତ୍ତି ଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହା ଏକ ସଂରଚିତ, ଭୂମିକା-ଆଧାରିତ କାର୍ଯ୍ୟପ୍ରଣାଳୀ ଅନୁସରଣ କରେ।

ଏହି ଅବସରରେ ରାଜ୍ୟପାଳ କହିଛନ୍ତି ଯେ, "ଇ-ଲୋକ ଭବନ ଓଡ଼ିଶା"ର ପ୍ରଚଳନ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ନାଗରିକ-କୈନ୍ଦ୍ରିକ ଶାସନ ଦିଗରେ ଏକ ପ୍ରଗତିଶୀଳ ପଦକ୍ଷେପକୁ ସୂଚିତ କରେ। ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁ ଏବଂ ଲୋକ ଭବନର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

---

### (ତାମିଲନାଡୁର ବାସଗୃହ ଯୋଜନାକୁ ଅନୁଧ୍ୟାନ କଲା ଓଡ଼ିଶା)

# ବ୍ୟବହାରିକ ଅଭିଜ୍ଞତା ନେଲେ ନଗର ଉନ୍ନୟନ ସଚିବ



**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ):** ସୁଲଭ ବାସଗୃହ ଏବଂ ସହରୀ ବିକାଶ କ୍ଷେତ୍ରରେ ନୂତନ ଜ୍ଞାନକୌଶଳ ଓ ବିଶ୍ୱସ୍ତରୀୟ ଶ୍ରେଷ୍ଠ ପ୍ରୟୋଗର ବ୍ୟବହାର ତଥା ଅଭିଜ୍ଞତା ହାସଲ ପାଇଁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଚେନ୍ନାଇ ଗସ୍ତ କରିଛନ୍ତି। ବିଶ୍ୱ ବ୍ୟାଙ୍କ ଏବଂ ଏସିୟାନ ଡେଭେଲପମେଣ୍ଟ ବ୍ୟାଙ୍କ (ଏଡିବି) ସହାୟତାରେ ପରିଚାଳିତ ସୁଲଭ ବାସଗୃହ ଏବଂ ସହରୀ ଆବାସ ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ। ତାମିଲନାଡୁରେ କାର୍ଯ୍ୟକାରୀ ହେଉଥିବା ସୁଲଭ ବାସଗୃହ ପ୍ରଦାନର ସଫଳ ମଡେଲ, ସଂସ୍ଥାଗୁଡ଼ିକର ସୁଦୃଢ଼ିକରଣ, ଅଭିନବ ଆର୍ଥିକ ରୂପରେଖ ଏବଂ ସ୍ଥାୟୀ ସହରୀ ଆବାସିକ ବିକାଶକୁ ବୁଝିବା ଉପରେ ଏହି ଗସ୍ତରେ ପ୍ରାଧାନ୍ୟ ଦିଆଯାଇଛି।

ଏହି ଗସ୍ତ ସମୟରେ ଶ୍ରୀମତୀ ପାଢ଼ୀ ଏବଂ ଓଡ଼ିଶା ଅର୍ବାନ ହାଉସିଂର ଅଧିକାରୀମାନେ ତାମିଲନାଡୁ ଅର୍ବାନ ହାବିଟାଟ୍ ଡେଭଲପମେଣ୍ଟ ବୋର୍ଡ ଏବଂ ଚେନ୍ନାଇ ମେଟ୍ରୋପଲିଟାନ ଡେଭଲପମେଣ୍ଟ ଅଥରିଟିର ବରିଷ୍ଠ ଅଧିକାରୀମାନଙ୍କ ସହ ନୀତିଗତ ରୂପରେଖ, ପ୍ରକଳ୍ପ ପରିଚାଳନା ଏବଂ କାର୍ଯ୍ୟାନ୍ୱୟନ କୌଶଳ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରତିନିଧି ଦଳକୁ ବିଶ୍ୱ ବ୍ୟାଙ୍କ ସହାୟତାରେ ପ୍ରାୟ ୨୦୦ ମିଲିୟନ ଡଲାର ବ୍ୟୟରେ ପରିଚାଳିତ 'ହାଉସିଂ ଆଣ୍ଡ ହାବିଟାଟ୍ ଡେଭଲପମେଣ୍ଟ ପ୍ରୋଜେକ୍ଟ' ବିଷୟରେ ସୂଚନା ଦିଆଯାଇଥିଲା। ଏହି ପ୍ରକଳ୍ପ ସଂସ୍ଥାଗୁଡ଼ିକୁ ମଜବୁତ କରିବା ଏବଂ 'ତାମିଲନାଡୁ ସେଲ୍‌ଟର ଫଣ୍ଡ' ମାଧ୍ୟମରେ ସୁଲଭ ବାସଗୃହର ସୁବିଧା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଉଛି। ଏହା ଆର୍ଥିକ ଅନଗ୍ରସର ଶ୍ରେଣୀଙ୍କ ପାଇଁ ବେସରକାରୀ ପୁଞ୍ଜି ବିନିଯୋଗ ଏବଂ ସ୍ଥାୟୀ ବାସଗୃହ ସମାଧାନ ପାଇଁ ଏକ ସାମାଜିକ ପାଣ୍ଠି ମଡେଲ ଭାବେ କାର୍ଯ୍ୟ କରୁଛି।

ଏହି ଗସ୍ତରେ ଏଡିବି ସହାୟତାରେ ପ୍ରାୟ ୧୫୦ ମିଲିୟନ ଡଲାର ବିନିଯୋଗରେ ଚାଲୁଥିବା ଅନ୍ୟ ଏକ ପ୍ରକଳ୍ପ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା, ଯାହାର ଲକ୍ଷ୍ୟ ହେଉଛି ପ୍ରାୟ ୬ହଜାର ବାସଗୃହ ନିର୍ମାଣ କରିବା। ଏହି ଯୋଜନାରେ ବିପଦପୂର୍ଣ୍ଣ ଅଞ୍ଚଳରୁ ପରିବାରମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ବିଜୁଳି-ଦକ୍ଷ ଗୃହ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସ୍କୁଲ ଓ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ସାମାଜିକ ସୁବିଧା ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

ପରେ ଶ୍ରୀମତୀ ପାଢ଼ୀ ଆଇଆଇଟି ମାଡ୍ରାସ ପରିଦର୍ଶନ କରି 'ପ୍ରଯୁକ୍ତିବିଦ୍ୟା, ନୀତି ଏବଂ ଜନସେବାର ସମନ୍ୱୟ' ଶୀର୍ଷକ ଏକ ବକ୍ତୃତା ପ୍ରଦାନ କରିଥିଲେ। ସେଠାରେ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି ସେ ସହରୀ ଗୃହ ସମସ୍ୟା, ସ୍ୱଚ୍ଛତା ଏବଂ ଜନସଂଖ୍ୟା ବୃଦ୍ଧି ଭଳି ଆହ୍ୱାନର ସମାଧାନ ପାଇଁ ଡାଟା-ଭିତ୍ତିକ ପ୍ରଶାସନ, କୃତ୍ରିମ ବୁଦ୍ଧିମତା (ଏଆଇ)ର ପ୍ରୟୋଗ ଏବଂ ନୈତିକ ନେତୃତ୍ୱର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ।

---

## ଦୁର୍ଘଟଣାଗ୍ରସ୍ତ ହୋଇ ପୋଲ ଉପରେ ଝୁଲିଲା ତୀର୍ଥଯାତ୍ରୀ ବସ୍, ଡ୍ରାଇଭର ମୃତ

**ବାହାନଗା, ୧୩।୨ (ସଂଚାର ବ୍ୟୁରୋ) :** ୧୬ ନମ୍ବର ଜାତୀୟ ରାଜପଥ ବାହାନଗା ଓଭର ବ୍ରିଜ ଉପରେ ତ୍ରୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ତେବେ ଭୟଙ୍କର ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦ଜଣ ଗୁରୁତର ହୋଇଥିବା ସୂଚନା ରହିଛି । ଖବର ଅନୁସାରେ, ଶୁକ୍ରବାର ସକାଳ ୫ ଟା ସମୟରେ କଲିକତାରୁ ପୁରୀ ଯାଉଥିବା ତ୍ରୀର୍ଥଯାତ୍ରୀ ବସ୍ (ଏପି ୨୫ ଡବ୍ଲୁ ୯୯୨୯ )ନମ୍ବର ବସଟିର ଡ୍ରାଇଭରଙ୍କ ଆଖି ଲାଗି ଯାଇଥିଲା । ଫଳରେ ବସଟି ଭାରସାମ୍ୟ ହରାଇ ଓଭରବ୍ରିଜ



ଡାଇଭରସନରେ ପିଟି ହୋଇଥିଲା । ତେବେ ବସଟି ବ୍ରିଜ ଉପରେ ଝୁଲି ରହିଥିଲା । ବସର ଇଞ୍ଜିନ ଡାଇଭରସନରେ ପିଟି ହେବା ଫଳରେ ଡ୍ରାଇଭର ଜଣକ ବ୍ରିଜ ତଳକୁ ଖସି ପଡିଥିଲେ । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ବସରେ ମୋଟ ୪୦ ଜଣ ତ୍ରୀର୍ଥଯାତ୍ରୀ ମହିଳା ପୁରୁଷ ପିଲା ଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣ ଗୁରୁତର ହୋଇଥିବା ବେଳେ ପ୍ରଥମେ ଖନ୍ତାପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ସେମାନଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ବାଲେଶ୍ୱର ଫକୀର ମୋହନ ମେଡିକାଲ କାଳେଜକୁ ସ୍ଥାନାନ୍ତରିତ କରାଯାଇଛି। ସମସ୍ତ ତ୍ରୀର୍ଥଯାତ୍ରୀମାନଙ୍କ ଘର ଆନ୍ଧ୍ରପ୍ରଦେଶର ଜେନାରୁଲାମ ଜିଲାର ବୋଲି ଜଣାପଡିଛି । ସମସ୍ତେ କଲିକତା କାଳୀ, ଗଙ୍ଗା ଆଦି ବୁଲି ପୁରୀ ଜଗନ୍ନାଥ ଦର୍ଶନ ପରେ ଆନ୍ଧ୍ର ଫେରିଥାନ୍ତେ ।

## ବୃନ୍ଦାବନ କଲୋନୀରେ ନିଆଁ ଲାଗି ଦୁଇ ପରିବାର ସର୍ବସାନ୍ତ



**ପାରାଦ୍ୱୀପ, ୧୩।୨ (ସଂଚାର ବ୍ୟୁରୋ):** ବୃନ୍ଦାବନ କଲୋନୀ ରେ ଲାଗିଲା ନିଆଁ, ୪ ବଖରା ପୋଡି ଯାଇ ପୁରା ପାଉଁଶ, ଦୁଇଟି ପରିବାର ସମ୍ପୂର୍ଣ୍ଣ ସର୍ବଶାନ୍ତ। ବିଳମ୍ବିତ ରାତିରେ ବୃନ୍ଦାବନ କଲୋନୀ ର ଅଶୋକ ସ୍ୱାଇଁ ଓ ବାବୁଲି ସ୍ୱାଇଁ ଙ୍କ ଘରେ କୌଣସି କାରଣରୁ ହଟାତ ନିଆଁ ଲାଗିଯିବାରୁ ଆଖି ଆଗରେ ଚାରି ବଖରା ଘର ହୁ ହୁ ହୋଇ ଜଳି ଉଠିଲା। ଅଗ୍ନି କାଣ୍ଡ ଏତେ ଭୟବହ ଥିଲା ଯେ ଏଥିରେ ସମସ୍ତ ଆସବାବପତ୍ର ପୋଡି ଯିବା ସହିତ ଗୋଟିଏ ବାଇକ ପୋଡି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡ ସମୟରେ ଘରେ ଥିବା ଗ୍ୟାସ ଟାଙ୍କି ଫାଟି ବିରାଟ ଶବ୍ଦ ହେବାରୁ, ସ୍ଥାନୀୟ ଲୋକ ମଧ ଭୟଭୀତ ହୋଇ ପଡ଼ିଥିଲେ। ତୁରନ୍ତ ଖବର ପାଇ ପାରାଦ୍ୱୀପ ଓ କୁଜଙ୍ଗ ର ତିନୋଟି ଦମକଳ ଗାଡି ଆସି ପହଂଚି ନିଆଁ କୁ ଆୟତ କରିଥିଲେ ମଧ ଘର ର କୌଣସି ସାମଗ୍ରୀକୁ ସୁରକ୍ଷିତ ଉଦ୍ଧାର କରିପାରିନଥିଲେ। ଅଗ୍ନିକାଣ୍ଡ ରେ ପ୍ରଭାବିତ ଦୁଇଟି ପରିବାର ର ସମସ୍ତ ସଦସ୍ୟ ଏବେ ଖୋଲା ଆକାଶ ତଳେ ଥିବା ବେଳେ ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇବା ପାଇଁ ସେମାନେ ନିବେଦନ କରିଛନ୍ତି।

## ବାଇକ୍ ସହ ବ୍ରିଜ୍ ତଳକୁ ଖସିପଡ଼ିଲେ ବୃଦ୍ଧ

**ଥୁଆମୂଳରାମପୁର, ୧୩।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଥୁଆମୂଳରାମପୁର ଥାନା ଅନ୍ତର୍ଗତ ଲୋହରାଜୋର ବ୍ରିଜ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ଦୁଃଖଦ ଘଟଣା ଘଟିଛି। ବାଇକ୍ ନିୟନ୍ତ୍ରଣ ହରାଇ ପ୍ରାୟ ୧୫ ଫୁଟ ତଳକୁ ଖସି ପଡ଼ିବାରୁ ଜଣେ ବୃଦ୍ଧଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାଲିସରା ଗ୍ରାମର କୁମାରୁ ମାଝୀ (୬୦)। ମିଳିଥିବା ସୂଚନାନୁଯାୟୀ, ଗୁରୁବାର ସକାଳେ କୁମାରୁ କୌଣସି କାମରେ ଥୁଆମୂଳ ରାମପୁର ଯାଉଥିବା କହି ଘରୁ ବାହାରିଥିଲେ। ସେ ତାଙ୍କ ନିଜସ୍ୱ ମୋଟର ସାଇକେଲ (ନଂ- ଓଡି ୦୮ ଇ ୪୩୨୫) ଯୋଗେ ରାମପୁରରୁ କାମ ସାରି ବିଳମ୍ବିତ ରାତିରେ ଫେରୁଥିଲେ। ଚୁନାପାରି ଓ ତୁକ ଗୁଡ଼ା ମଧ୍ୟବର୍ତ୍ତୀ ମଶାଣି ନିକଟସ୍ଥ ବୁଲାଣି ରାସ୍ତାରେ ତାଙ୍କ ବାଇକ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଖସି ପଡ଼ିଥିଲା। ପ୍ରାୟ ୧୫ ଫୁଟ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ବ୍ରିଜ ତଳେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ।

---




# କଟକ ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲାପାଳ ଅଫିସ ଘେରାଉ

**କଟକ, ୧୩।୨ (ସଂଚାର ବ୍ୟୁରୋ) :** କଟକ ଜିଲ୍ଲା ବିଜେଡି ତରଫରୁ ଆଜି ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ନୀତି ଓ ଯୋଜନାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛି ବିଜେଡି। ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ନାରୀ ନିର୍ଯାତନା ଓ ପ୍ରତିଶ୍ରୁତି ପାଳନରେ ବିଫଳତା ବିରୁଦ୍ଧରେ ଏହି ଘେରାଉ ଡାକରା ଦିଆଯାଇଥିଲା।

ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଜିଲ୍ଲାର ବହୁ ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ । ଏ ନେଇ କଟକ ସନ ସାଇନ ପଡିଆରେ ଏକ ପ୍ରତିବାଦ ସଭା କରି ବିଜେପି ସରକାର ଉପରେ ବର୍ଷିଥିଲେ ବିଜେଡିର ନେତାମାନେ । ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂଙ୍କ ନେତୃତ୍ୱରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବରିଷ୍ଠ ନେତା ସଂତୃପ୍ତ ମିଶ୍ର, ଦେବୀ ମିଶ୍ର, ପ୍ରତାପ ଜେନା, ଚନ୍ଦ୍ରସାରଥୀ ବେହେରା, ମେୟର ସୁବାଷ ସିଂ ପ୍ରମୁଖ ଯୋଗ ଦେଇ ଡବଲ ଇଞ୍ଜିନ ସରକାରକୁ ଭର୍ସନା କରିଥିଲେ। ବିଜେଡି ପକ୍ଷରୁ ଅଭିନବ ଉପାୟରେ ଧାନ ବସ୍ତା ଧରି ପ୍ରତିବାଦ କରିବା ସହ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଦିଆଯାଇଥିଲା। ଏଥିସହ ଜିଲ୍ଲାପାଳଙ୍କୁ ମଧ୍ୟ ବିଜେଡି ନେତାମାନେ ଏକ ଧାନବସ୍ତା ଦେଇଥିଲେ। ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି ଯେ, ବର୍ତ୍ତମାନର ସରକାର କେବଳ ରଙ୍ଗ ମାରିବା, ଫିତା କାଟିବା, ଲୋକଙ୍କୁ ଭୁଆଁ ବୁଲାଇବା ନୀତି ଚଳାଇଛି। ଏହା ବିରୁଦ୍ଧରେ ଆଗକୁ ଜୋରଦାର ହେବ । ପ୍ରତି ଘରୁ ବିରୋଧର ସ୍ୱର ଆସିବ ବୋଲି କହିଛନ୍ତି ଆଠଗଡ଼ ବିଧାୟକ ରାଜା ସ୍ୱାଇଁ ।

---

## ୧୮ରୁ ଯୁକ୍ତ ୨ ପରୀକ୍ଷା

**କଟକ , ୧୩।୨ (ସଂଚାର ବ୍ୟୁରୋ) :** ଫେବ୍ରୁଆରି ୧୮ରୁ ଯୁକ୍ତ ୨ ଥିଓରି ପରୀକ୍ଷା । ଆଜିଠୁ ନୋଡାଲ ସେଣ୍ଟରକୁ ଯିବ ପ୍ରଶ୍ନପତ୍ର । ଫେବ୍ରୁଆରି ୧୬ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ୪ରୁ ୬ ଯାଏଁ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ପରିଚାଳନା ହବ୍ ଗୁଡିକୁ ପ୍ରଶ୍ନପତ୍ର ପଠାଯିବ । ଆଜି ଦୂରଦୂରାନ୍ତ ଜିଲ୍ଲାଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପଠାଯିବ । ୧୪ଟି ରୁଟରେ ଯିବ ପ୍ରଶ୍ନପତ୍ର। ଏଥିପାଇଁ ବନ୍ଧୁକଧାରୀ ପୋଲିସ ମୁତୟନ ହେବେ । ଦୁଇ ଦିନରେ ୨୭ଟି ରୁଟରେ ପ୍ରଶ୍ନପତ୍ର ପଠାଯିବ । ଚଳିତ ବର୍ଷ ୨୧୧ଟି ପରୀକ୍ଷା ପରିଚାଳନା ହବ୍ କରାଯାଇଛି । ଯୁକ୍ତ ୨ରେ ୧୩୫୭ଟି ପରୀକ୍ଷା କେନ୍ଦ୍ରରେ ୪ଲକ୍ଷ ୧ହଜାର ୬୩୨ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ପରୀକ୍ଷା ଦିନ ସକାଳ ୮ଟା ୩୦ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ଯେପରି ପ୍ରଶ୍ନପତ୍ର ପହଞ୍ଚିବ ସେଦିଗରେ ହବ୍ ସୁପରଭାଇଜର ଗୁରୁତ୍ୱ ଦେବେ ।

## ୧୬ରେ ହେବନି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ଆସନ୍ତା ସୋମବାର ଫେବୃଆରୀ ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" ବନ୍ଦରହିବ । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଥିବାରୁ ଆସନ୍ତା ସୋମବାର 'ଜନ ଅଭିଯୋଗ ଶୁଣାଣି' ବନ୍ଦରହିବ । ମୁଖ୍ୟମନ୍ତ୍ରୀଙ୍କ ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇଦିଆଯିବ ବୋଲି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

---

### ଭାଙ୍ଗିଲା କଟକ ବିଜେଡି ଗଡ଼

## ପଦ୍ମ ଧରିଲେ ଜିଲ୍ଲା ପରିଷଦ ସଦସ୍ୟ, ସରପଞ୍ଚ



**ଭୁବନେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ଶାସନ ବ୍ୟବସ୍ଥା ପରିବର୍ତ୍ତନ ପରେ ବିଜେପି ଏକାକୀ ସରକାର ଗଠନ କରି ଗତ ୧୮ମାସ ମଧ୍ୟରେ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଛି। ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଏବଂ ରାଜ୍ୟରେ ଡବଲଇଞ୍ଜିନ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ଆସ୍ଥା ପ୍ରକଟ କରି ଆଜି କଟକ ସଦର ବିଧାନସଭାର ଜିଲ୍ଲାପରିଷଦ ସଦସ୍ୟ ଓ ବହୁ ସରପଞ୍ଚ ବିଜେପିରେ ମିଶିଛନ୍ତି। କନ୍ଦରପୁର ୫ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ମାହାଲି, ଧରିଣା ଗ୍ରାମ ପଂଚାୟତ ସରପଂଚ ରତ୍ନାକର ରାଉତ, ବାବୁଜଙ୍ଗ ଗ୍ରାମ ପଂଚାୟତ ସରପଂଚ ସ୍ୱାଧୀନ ଭୂୟାଁ, ମଣିଜଙ୍ଗା ଗ୍ରାମ ପଂଚାୟତ ସରପଂଚ ସାରଦା ମହାନ୍ତି, ମହମ୍ମଦପୁର ଗ୍ରାମ ପଂଚାୟତ ସରପଂଚ ପ୍ରତିଭା ବେହେରା, ନେମାଳ ଗ୍ରାମ ପଂଚାୟତ ସରପଂଚ ସଂସ୍ମିତା ମହାନ୍ତି, ପାଲଡା ଗ୍ରାମ ପଂଚାୟତ ସରପଂଚ ଚିନ୍ମୟୀ ବେହେରା, ଦଶପଡା ଗ୍ରାମ ପଂଚାୟତ ସରପଂଚ ମିନତୀ ସେଠୀ, ଦଶପଡା ଗ୍ରାମ ପଂଚାୟତ ନାୟବ ସରପଂଚ ଯମୁନା ମୁର୍ମୁ, ପ୍ରହରାଜପୁର ଗ୍ରାମ ପଂଚାୟତ ସଂରପଂଚ ଅବ୍‌ଦୁଲ୍ ୱାହିଦ୍ ଖାନ, ମଣିଜଙ୍ଗା ଗ୍ରାମ ପଂଚାୟତ ନାୟବ ସରପଂଚ ସୁଲୋଚନା ସେଠୀ ପ୍ରମୁଖ ନିଜ ସମର୍ଥକଙ୍କ ସହ ବିଜେଡି ଛାଡ଼ି ବିଜେପିରେ ମିଶିଛନ୍ତି। ଏହି ମିଶ୍ରଣ ଦ୍ୱାରା କେବଳ କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ନୁହେଁ କି କଟକ ଜିଲ୍ଲା ନୁହେଁ ବରଂ ରାଜ୍ୟରେ ଦଳୀୟ ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

---

### ଖାଦ୍ୟ ସୁରକ୍ଷା ନେଇ ରାଜ୍ୟରେ ନାହିଁ ଭିତ୍ତିଭୂମୀ: ହାଇକୋର୍ଟ

## ସବୁ ଜିଲ୍ଲାରେ ପରୀକ୍ଷାଗାର ପାଇଁ ନିର୍ଦ୍ଦେଶ

**କଟକ, ୧୩।୨ (ସଂଚାର ବ୍ୟୁରୋ) :** ରାଜ୍ୟରେ ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଭିତ୍ତିଭୂମିର ଅଭାବକୁ ନେଇ ହାଇକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ୪ କୋଟି ୭୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଓଡ଼ିଶା ପାଇଁ ମାତ୍ର ଗୋଟିଏ ଖାଦ୍ୟ ପରୀକ୍ଷାଗାର ରହିଥିବାରୁ କୋର୍ଟ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ପ୍ରତି ଜିଲ୍ଲାରେ ଅତ୍ୟାଧୁନିକ ଖାଦ୍ୟ ପରୀକ୍ଷାଗାର ସ୍ଥାପନ ସହ ଆବଶ୍ୟକ ବୈଷୟିକ କର୍ମଚାରୀ ନିଯୁକ୍ତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ହାଇକୋର୍ଟଙ୍କ ଏହି ଆଦେଶ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଉପରେ ଜବାବ ରଖିବାକୁ ହାଇକୋର୍ଟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବଙ୍କୁ ଭିଡିଓ କନଫରେନ୍‌ସିଂ ଜରିଆରେ ବ୍ୟକ୍ତିଗତ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ୨୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ମୀରା ପାଣିଗ୍ରାହୀ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଜଷ୍ଟିସ ଏସ୍. କେ.ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି। ହାଇକୋର୍ଟ କହିଛନ୍ତି ଯେ, ଖାଦ୍ୟର ଗୁଣବତ୍ତା ନିୟନ୍ତ୍ରଣ ଏବଂ ଉପଯୁକ୍ତ

### ସ୍ୱାସ୍ଥ୍ୟ ଓ ଯୋଗାଣ ବିଭାଗକୁ ରିପୋର୍ଟ ତଲବ



ଯାଞ୍ଚ ପାଇଁ ବର୍ତ୍ତମାନର ଭିତ୍ତିଭୂମି ସମ୍ପୂର୍ଣ୍ଣ ଅପର୍ଯ୍ୟାପ୍ତ । ରାଜ୍ୟରେ ଖାଦ୍ୟର ମାନ ଯାଞ୍ଚ ଓ ନମୁନା ପରୀକ୍ଷଣରେ ବିଳମ୍ବ ହେଉଥିବାରୁ ଏହା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଛି ।

ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ରାଜ୍ୟରେ କେବଳ ଗୋଟିଏ ମାତ୍ର ଖାଦ୍ୟ ପରୀକ୍ଷାଗାର ରହିଛି। ଜଣେ ମାତ୍ର ଚିଫ୍ ଫୁଡ୍ ଆନାଲିଷ୍ଟ ଓ ସୀମିତ ସଂଖ୍ୟକ ବୈଷୟିକ କର୍ମଚାରୀଙ୍କୁ ନେଇ ଏହି ପରୀକ୍ଷାଗାର ଚାଲିଛି । ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଦୋକାନ, ହୋଟେଲ୍ ପ୍ରଭୃତିରୁ ଖାଦ୍ୟ ନମୁନା ସଂଗ୍ରହ କରନ୍ତି। ନମୁନା ରିପୋର୍ଟ ବିଳମ୍ବ ହେଉଥିବାରୁ ମାମଲା ଆଇନଗତ ଭାବେ ଦୃଢ଼ ହୋଇ ପାରୁନାହିଁ । ରାଜ୍ୟରେ ପରୀକ୍ଷାଗାର ସଂଖ୍ୟା କମ୍ ଥିବାରୁ ଖାଦ୍ୟ ପରୀକ୍ଷା ଯଥାସମ୍ଭବ ହୋଇପାରୁନାହିଁ । ଅଦାଲତ ଏହାକୁ ଗୁରୁତ୍ୱର ସହ ନେଇ ରାଜ୍ୟ ସରକାରଙ୍କୁ ଜବାବ ତଲବ କରିଛନ୍ତି ।

---

# ଦେଢ଼ ଲକ୍ଷ କୋଟି ଟପିପାରେ ଋଣ ବୋଝ

**ଭୁବନେଶ୍ୱର, ୧୩।୨:** ୨୦୨୬-୨୭ ଆର୍ଥିକ ବର୍ଷ ଶେଷ ବେଳକୁ ଓଡ଼ିଶାର ଋଣ ଭାର ଦେଢ଼ଲକ୍ଷ କୋଟି ଟଙ୍କାକୁ ଟପିପାରେ। ଏ ସଂକ୍ରାନ୍ତରେ ସରକାରୀ ଭାବେ କୌଣସି ସୂଚନା ମିଳୁନଥିଲେ ମଧ୍ୟ ଅର୍ଥନୀତି ବିଶ୍ଳେଷକମାନେ ଏପରି ଆକଳନ କରୁଛନ୍ତି।

ସରକାରୀ ହିସାବ ମୁତାବକ ଓଡ଼ିଶାର ଋଣ ବୋଝ ୧୯୯୫-୯୬ ବର୍ଷ ଶେଷବେଳକୁ ୯୨୧୮ କୋଟି ୫୦ଲକ୍ଷ ଟଙ୍କା ଥିଲା। ୧୯୯୯-୨୦୦୦ରେ ଏହା ୧୮୧୦୦ କୋଟି ଟଙ୍କା ରହିଥିବାବେଳେ ୨୦୧୩-୧୪ ବେଳକୁ ତାହା ୩୭୫୭୦ କୋଟି ଟଙ୍କା ଟପିଥିଲା। ଚଳିତ ଆର୍ଥିକ ବର୍ଷ ଶେଷବେଳକୁ ରାଜ୍ୟରେ ଋଣ ବୋଝ ୧ଲକ୍ଷ ୩୪ ହଜାର ୯୧୪ କୋଟି ଟଙ୍କାରେ ପହଞ୍ଚିବ ବୋଲି ବଜେଟ୍ ଆକଳନରୁ ଅନୁମାନ କରାଯାଉଥିଲେ ମଧ୍ୟ ଏବେ ସୁଦ୍ଧା ଏହା ପ୍ରାୟ ୧ଲକ୍ଷ ୨୮ ହଜାର କୋଟି ଟଙ୍କାରୁ ଅଧିକ ଥିବା କୁହାଯାଉଛି। ମୋଟାମୋଟି ଭାବେ ୩୦ବର୍ଷ ଭିତରେ ଓଡ଼ିଶାର ଋଣ ପରିମାଣ ପ୍ରାୟ ୧ଲକ୍ଷ ୨୫ ହଜାର କୋଟି ଟଙ୍କାରୁ ଅଧିକ ବଢ଼ିଛି।



ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ବାରମ୍ବାର କୁହାଯାଉଛି ଯେ ଋଣ ପରିମାଣ ବଢ଼ିଥିଲେ ମଧ୍ୟ ଏଫଆରବିଏମ୍ ଆଇନ୍ ଅନୁଯାୟୀ ଏହା ସୀମା ଭିତରେ ରହୁଛି। ଏଯାବତ୍ ଋଣ ବୋଝ ଜିଡିପିର ୨୫ ପ୍ରତିଶତକୁ ଟପିନାହିଁ। ଦେଶର ଅନ୍ୟ ବହୁ ରାଜ୍ୟ ଓଡ଼ିଶା ତୁଳନାରେ ଢେର ଅଧିକ ଋଣ କରିଥିବା ଜଣାପଡ଼ିଛି। ପ୍ରତି ବର୍ଷ ସରକାର ଋଣ ଓ ସୁଧ ଶୁଝିବା ବାବଦରେ ଯେତେ ଅର୍ଥ ବ୍ୟୟ କରୁଛନ୍ତି ତାହା ଅପେକ୍ଷା ଢେର ଅଧିକ ଋଣ ଉଠାଉଥିବାରୁ ରାଜ୍ୟ ଉପରେ ଏହି ବୋଝ ବଢ଼ିବଢ଼ି ଚାଲିଛି।

ଓଡ଼ିଶାର ଋଣ ବୋଝ ୧୭ ହଜାର କୋଟି ଟଙ୍କାରୁ କମ୍ ଥିବାବେଳେ ରାଜ୍ୟର ଆର୍ଥିକ ସ୍ଥିତି ଏତେ ଖରାପ ଥିଲା ଯେ ବହୁ ସମୟରେ ରାଜ୍ୟ ସରକାରଙ୍କୁ ଓଭରଡ୍ରାଫ୍ଟ ଉପରେ ନିର୍ଭର କରିବାକୁ ପଡୁଥିଲା। ଏବେ ଅବଶ୍ୟ ଋଣ ବୋଝ ବଢ଼ିଥିଲେ ବି ଓଭରଡ୍ରାଫ୍ଟ ସମସ୍ୟା ନାହିଁ। ସେ ସମୟରେ ଦୁର୍ବଳ ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ମିତବ୍ୟୟିତା ଅବଲମ୍ବନ ଲାଗି ରାଜ୍ୟ ସରକାର କେନ୍ଦ୍ର ସରକାର ସହିତ ଯେଉଁ ଚୁକ୍ତି କରିଥିଲେ ସେଥିରେ ପ୍ରଶାସନିକ ଖର୍ଚ୍ଚ ହ୍ରାସ ଲାଗି ସରକାରୀ ପଦପଦବୀ ଉଚ୍ଛେଦ ଏବଂ ନିଯୁକ୍ତି ଉପରେ କଟକଣା ସମେତ ଅନ୍ୟ କେତେକ ବ୍ୟବସ୍ଥା ଜାରି କରାଯାଇଥିଲା।

ଅର୍ଥନୀତି ବିଶାରଦମାନେ କହୁଛନ୍ତି ଯେ ରାଜ୍ୟ ବଜେଟ୍‌ର ପ୍ରମୁଖ ଅଂଶ ପ୍ରଶାସନିକ ଖର୍ଚ୍ଚ, ବିଶେଷକରି ଋଣ ଓ ସୁଧ ପରିଶୋଧ ଏବଂ ବେତନ ଓ ପେନ୍‌ସନ୍ ବାବଦରେ ଖର୍ଚ୍ଚ ହେଉଛି। ଏହାଛଡ଼ା ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ଦିଆଯାଉଥିବା ଭତ୍ତା ଆଦି ବାବଦରେ ବି ରାଜକୋଷ ଉପରେ ଚାପ ବଢ଼ୁଛି। ଜିଏସ୍‌ଟିରୁ ରାଜ୍ୟ ଭାଗ, ଖଣି ଓ ଅବକାରୀ ରାଜସ୍ୱ ଏବଂ କେନ୍ଦ୍ରୀୟ ଅନୁଦାନ ଉପରେ ରାଜ୍ୟ ରାଜକୋଷ ବିଶେଷ ଭାବେ ନିର୍ଭର କରୁଛି। ଏଭଳି ସ୍ଥିତିରେ ସବୁ ସବଳ ହାତକୁ କାମ ସହିତ ଅନ୍ୟ ରାଜ୍ୟ ଓ ବିଦେଶ ଉପରେ ନିର୍ଭରଶୀଳ ନହୋଇ ଓଡ଼ିଶା ସ୍ୱାବଲମ୍ବୀ ଅର୍ଥନୀତିକୁ ଆପଣାଇଲେ ଆର୍ଥିକ ଅନାଟନ ଓ ଋଣ ବୋଝ ସମସ୍ୟା ଲାଘବ ହୋଇପାରିବ ବୋଲି ଅର୍ଥନୀତିଜ୍ଞମାନେ ବାରମ୍ବାର କହିଆସୁଛନ୍ତି। (ତଥ୍ୟ)

---

### ● ଏସିଡ ମାଡ଼ରେ ଯୁବତୀଙ୍କ ମୃତ୍ୟୁ ଘଟଣା

## ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ

**ବାଲେଶ୍ୱର, ୧୩।୨ (ସଂଚାର ବ୍ୟୁରୋ) :** ବାଲେଶ୍ୱରରେ ବହୁଚର୍ଚ୍ଚିତ ଏସିଡ ମାଡ ଘଟଣାରେ ଯୁବତୀଙ୍କ ମୃତ୍ୟୁ ମାମଲାରେ ଆସିଲା ରାୟ। ଅଭିଯୁକ୍ତକୁ ମିଳିଲା ଫାଶୀ ଦଣ୍ଡ । ରାୟ ଶୁଣାଇଛନ୍ତି ମାନ୍ୟବର ବାଲେଶ୍ୱର ସ୍ପେଶାଲ କୋର୍ଟ ଜଜ୍ (ଏସ ସି , ଏସ ଟି) ଅବଦୁଲ୍ ସମିମ୍ ଅଖତର। ମୁଖ୍ୟ ଅଭିଯୁକ୍ତ ଚନ୍ଦନ ରଣା ଗତ ୨୦୨୩ ମସିହା ଫେବୃଆରୀ ୨୦ ତାରିଖରେ ତାର ଦ୍ୱିତୀୟ ସ୍ତ୍ରୀ ବନିତା ସିଂ ଙ୍କୁ ଏସିଡ ଆକ୍ରମଣ କରି ଫେରାର ହୋଇଯାଇଥିଲା । ସେତେବେଳେ ଏହି ଘଟଣାରେ ବାଲେଶ୍ୱର ପୁଲିସ ଏସିଡ ଆକ୍ରମଣ ଘଟଣାର ସଂପୃକ୍ତ ୭ ଜଣକୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ବାଲେଶ୍ୱର ପୋଲିସ ୫ ଟି ଟିମ୍ ଗଠନ କରିଥିଲା । କଲିକତା, ମହାରାଷ୍ଟ୍ର ଓ ତାମିଲନାଡୁ ପୋଲିସ ସହାୟତାରେ ରାଜ୍ୟ ବାହାରୁ ଦୋଷୀ ଚନ୍ଦନକୁ ଗିରଫ କରିଥିଲା ବାଲେଶ୍ୱର ପୋଲିସର ସ୍ୱତନ୍ତ୍ର ଟିମ୍ । ଏହା ଏକ ଯୋଜନାବଦ୍ଧ ଆକ୍ରମଣ ଥିଲା । ଏସିଡ ଆକ୍ରମଣ ପରେ ଚନ୍ଦନ ନିଜ ମୋବାଇଲ ଭାଙ୍ଗି ଫେରାର ହୋଇଯାଇଥିଲା । ଚନ୍ଦନ ଅପରାଧ ଘଟାଇଲା ପରେ କିଛିଦିନ କଲିକତାରେ ଆତ୍ମଗୋପନ କରିବା ପରେ ଫେରାର ହୋଇଯାଇଥିଲା । ଏହି ମାମଲାରେ ସହଦେବ ଖୁଣ୍ଟା ଥାନାରେ ୫୬/୨୦୨୩ ରେ ଏକ ମାମଲା ରୁଜୁ ହୋଇଥିଲା । କଟକ ଏସସିବିରେ ୬ ଦିନ କାଳ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଥିଲା ଏସିଡ ପୀଡ଼ିତା ବନିତା । ଏହି ଘଟଣାରେ ପୂର୍ବରୁ ମଧ୍ୟ ବାଲେଶ୍ୱର ସହଦେବ ଖୁଣ୍ଟା ଥାନା ପୁଲିସ ଚନ୍ଦନ ରଣାର ପ୍ରଥମ ସ୍ତ୍ରୀ ଓ ଜଣେ ସହଯୋଗୀକୁ ଗିରଫ କରିଥିଲା ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଫୁଡ୍ ଡେଲିଭରି ମାର୍କେଟ୍‌ରେ ଏଣ୍ଟ୍ରି କରିବ ଫ୍ଲିପକାର୍ଟ




ନୂଆଦିଲ୍ଲୀ,୧୩।୨: ଇ-କମର୍ସ ଦୁନିଆରେ ପ୍ରତିଷ୍ଠିତ ହେବା ପରେ ଫ୍ଲିପକାର୍ଟ ଏବେ ଫୁଡ ଡେଲିଭରିରେ କ୍ଷେତ୍ରରେ ମଧ ପ୍ରବେଶ କରିବାକୁ ଚେଷ୍ଟା କରୁଛି। ଆମେରିକୀୟ କମ୍ପାନୀ ୱାଲମାର୍ଟର ମାଲିକାନାରେ ଥିବା ଫ୍ଲିପକାର୍ଟ ଫୁଡ୍ ଡେଲିଭରିରେ ଦ୍ୱିତୀୟ ଥର ପାଇଁ ଏଣ୍ଟ୍ରି କରିବାକୁ ପ୍ରୟାସ କରିବ। ମେ-ଜୁନ ମଧରେ ବେଙ୍ଗାଲୁରୁ ଏହାର ପାଇଲଟ ପ୍ରକଳ୍ପ ଆରମ୍ଭ ହେବ। ସଫଳ ହେଲେ ୨୦୨୬ ଶେଷ କିମ୍ବା ୨୦୨୭ ଆରମ୍ଭରେ ସାରା ଦେଶରେ ଏହାକୁ ଲାଗୁ କରିବାକୁ ଫ୍ଲିପ୍‌କାର୍ଟ ଯୋଜନା ରଖିଛି। ଏନେଇ ଇକୋନୋମିକ୍ସ ଟାଇମ୍ସରେ ଖବର ପ୍ରକାଶ ପାଇଛି। ଏନେଇ ଫ୍ଲିପକାର୍ଟ ପକ୍ଷରୁ ଯଦିଓ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ସାମ୍ନାକୁ ଆସି ନାହିଁ, ତେବେ ମିଡିଆ ରିପୋର୍ଟ ଅନୁସାରେ, କମ୍ପାନୀ ଏନେଇ ନିଜ ଭିତରେ ମାନସମନ୍ଥନ ଜାରି ରଖିଛି। ଭାରତ ଭଳି ଏକ ବଡ଼ ବଜାରରେ କମ୍ପାନୀ କେବଳ ଏକ ଆପ୍ ହୋଇ ରହିବାକୁ ଚାହଁନି, ନିଜର ସ୍ୱତନ୍ତ୍ର ଏକ ପରିଚୟ ସୃଷ୍ଟି କରିବାକୁ ଚାହୁଁଛି।

କେମିତି ଖାଦ୍ୟ ପହଞ୍ଚାଇବ ଫ୍ଲିପକାର୍ଟ ? କେଉଁ ଉପାୟ ଆପଣାଇ କମ୍ପାନୀ ଗ୍ରାହକଙ୍କ ପାଖରେ ଫୁଡ୍ ଡେଲିଭରି କରିପାରିବ ସେ ନେଇ କମ୍ପାନୀ ମଧରେ ଆଲୋଚନା ଜାରି ରହିଛି। କମ୍ପାନୀର ରଣନୀତିକାରମାନେ ବର୍ତ୍ତମାନ ଦୁଇଟି ବିକଳ୍ପ ଉପରେ ଚିନ୍ତା କରୁଛନ୍ତି। ପ୍ରଥମ ବିକଳ୍ପ ହେଲା ସରକାରୀ ସମର୍ଥିତ 'ଓପନ ନେଟୱର୍କ ଫର ଡିଜିଟାଲ କମର୍ସ(ଓଏନ୍‌ଡିସି)' ସହ ମିଶି କାମ କରିବା, ଅନ୍ୟ ଏକ ବିକଳ୍ପ ହେଲା ନିଜସ୍ୱ ଏକ ପ୍ଲାଟଫର୍ମ ସୃଷ୍ଟି କରିବା। ଯାହା ଫ୍ଲିପକାର୍ଟ ପୂର୍ବରୁ ଚେଷ୍ଟା କରି ସାରିଛି। ମଜା କଥା ହେଲା ଫ୍ଲିପକାର୍ଟ ପୂର୍ବରୁ ଓଏନ୍‌ଡିସି ମାଧମରେ ଫୁଡ ଡେଲିଭରି କ୍ଷେତ୍ରରେ ପ୍ରବେଶ କରିବାକୁ ଚିନ୍ତା କରିଥିଲା, କିନ୍ତୁ ସେ ସଫଳ ହୋଇନଥିଲା। ଏବେ କିନ୍ତୁ କମ୍ପାନୀ ଏନେଇ ଜୋର୍ସୋରରେ ଉଦ୍ୟମ କରୁଛି। ରିପୋର୍ଟ ଅନୁସାରେ ଏହି ନୂଆ କ୍ଷେତ୍ର ପାଇଁ ଫ୍ଲିପକାର୍ଟ ଏକ ନୂଆ ଟିମ୍ ମଧ ଗଠନ କରୁଛି।




# 'ଏଆଇ ଶିଖ ନଚେତ ସମ୍ମାନ ସହ କମ୍ପାନି ଛାଡ଼'

ନୂଆଦିଲ୍ଲୀ, ୧୩।୨: ଏଆଇର ବଢୁଥିବା ପ୍ରାଧାନ୍ୟ ଓ ପରିବର୍ତ୍ତିତ ଟେକ୍ନୋଲୋଜି ଦୁନିଆରେ ଗୁଗଲ ଏକ ବଡ଼ ପଦକ୍ଷେପ ନେଇଛି । ଗୁଗଲ ଏହାର ବୈଶ୍ୱିକ ବ୍ୟାପାର ସଂଗଠନ କର୍ମଚାରୀଙ୍କ ପାଇଁ ଏକ ସ୍ୱେଚ୍ଛାକୃତ ପ୍ରସ୍ଥାନ ପ୍ୟାକେଜ୍ (ଭିଇପି) ଘୋଷଣା କରିଛି । ଗୁଗଲର ମୁଖ୍ୟ ବ୍ୟବସାୟ ଅଧିକାରୀ ଫିଲିପ୍ ସେଣ୍ଡଲର୍ ସ୍ପଷ୍ଟ କରିଛନ୍ତି ଯେ କର୍ମଚାରୀମାନଙ୍କୁ ଏଆଇ ମିଶନ ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ ହେବା ଆବଶ୍ୟକ । କମ୍ପାନି ଏବେ କେବଳ ସେହି ବୃତ୍ତିଗତମାନଙ୍କୁ ନେଇ ଆଗକୁ ବଢ଼ିବାକୁ ଚାହୁଁଛି ଯେଉଁମାନେ ଗୁଗଲର 'ଏଆଇ-ଫାର୍ଷ୍ଟ' ମିଶନ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ପରିବର୍ତ୍ତିତ ପରିବେଶ ସହିତ ଖାପ ଖୁଆଇ ପାରୁନଥିବା କର୍ମଚାରୀମାନଙ୍କୁ କମ୍ପାନି ଛାଡିବାର ସୁଯୋଗ ପ୍ରଦାନ କରାଯାଉଛି । ଗତ ବର୍ଷେ ମଧରେ ଏହା ଗୁଗଲର ତୃତୀୟ ଏପରି ପଦକ୍ଷେପ, ଯେଉଁଥିରେ ବାଧ୍ୟତାମୂଳକ ଛଟେଇ କଥା କୁହାଯାଇଛି । ବିଜନେସ୍ ଇନସାଇଡର ଅନୁଯାୟୀ, ଗୁଗଲର ମୁଖ୍ୟ ବ୍ୟବସାୟ ଅଧିକାରୀ ଫିଲିପ୍ ସେଣ୍ଡଲର ଏକ ଆଭ୍ୟନ୍ତରୀଣ ମେମୋରେ କହିଛନ୍ତି ଯେ ଗ୍ଲୋବାଲ୍ ବିଜନେସ୍ ଅର୍ଗାନାଇଜେସନ୍ ୟୁନିଟ୍‌ର କିଛି କର୍ମଚାରୀ ସ୍ୱେଚ୍ଛାକୃତ ଭାବରେ କମ୍ପାନି ଛାଡିବାକୁ ବାଛିପାରନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ କର୍ମଚାରୀଙ୍କୁ ଏଆଇ (ଏଆଇ-ଫାର୍ଷ୍ଟ)କୁ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ କରି ଆହୁରି ଅଧିକ ପ୍ରଭାବ ପକାଇବାକୁ ପଡିବ । ଏଥିଲାଗି ଆଗ୍ରହୀ ନଥିବା କର୍ମଚାରୀଙ୍କ ପାଇଁ କମ୍ପାନି ଏକ ବିକଳ୍ପ ପ୍ରଦାନ କରୁଛି ଯେଉଁଥିରେ ଛଟେଇ ବଦଳରେ କ୍ଷତିପୂରଣ ଦିଆଯିବ ।

# ଭୟଭୀତ କରି ଆଉ ଆଦାୟ ହେବନି ଋଣ

## ରିକଭରି ଏଜେଣ୍ଟଙ୍କ ଖରାପ ବ୍ୟବହାର ପାଇଁ ଦାୟୀ ରହିବେ ବ୍ୟାଙ୍କ




### ଆରବିଆଇର 'ହଣ୍ଟର'

କଲ୍ ରେକର୍ଡିଂ: ଗ୍ରାହକଙ୍କୁ କରାଯାଇଥିବା ପ୍ରତ୍ୟେକ କଲ୍ ରେକର୍ଡ କରାଯିବ, ଯାହା ଦ୍ୱାରା ବିବାଦର ପ୍ରମାଣ ରହିବ ।

ଭଦ୍ର ଆଚରଣ: ଏଜେଣ୍ଟମାନଙ୍କୁ ଅପମାନଜନକ କିମ୍ବା ଖରାପ ଭାଷା ବ୍ୟବହାର କରିବାକୁ କଡ଼ା ନିଷେଧ ।

ତାଲିମ ବାଧ୍ୟତାମୂଳକ: ପୁନରୁଦ୍ଧାର ଏଜେଣ୍ଟମାନଙ୍କୁ ଏବେ ଆଇଆଇବିଏଫ୍‌ରୁ ବୃତ୍ତିଗତ ପୁନରୁଦ୍ଧାର ତାଲିମ ନେବାକୁ ପଡ଼ିବ ।

ଅବସର ବିଚାର: ମୃତ୍ୟୁ, ବିବାହ କିମ୍ବା ପର୍ବପର୍ବାଣୀ ସମୟରେ ପୁନରୁଦ୍ଧାର ପାଇଁ ଚାପ ଦିଆଯିବ ନାହିଁ ।

ପୃଷ୍ଠଭୂମି ଯାଞ୍ଚ: ବ୍ୟାଙ୍କଗୁଡ଼ିକୁ ଏଜେଣ୍ଟମାନଙ୍କୁ ନିଯୁକ୍ତି ଦେବା ପୂର୍ବରୁ ସେମାନଙ୍କର ପୂର୍ବ ରେକର୍ଡ ଯାଞ୍ଚ କରିବାକୁ ପଡ଼ିବ ।

ତଥ୍ୟ ସୁରକ୍ଷା: କୌଣସି ପରିସ୍ଥିତିରେ ଗ୍ରାହକଙ୍କ ତଥ୍ୟ ଲିକ୍ କିମ୍ବା ଅପବ୍ୟବହାର କରାଯିବା ଉଚିତ୍ ନୁହେଁ ।

କେବେ ହେବ କାର୍ଯ୍ୟକାରୀ: ଏହି ନୂତନ ନିର୍ଦ୍ଦେଶାବଳୀ ଚଳିତ ବର୍ଷ ଜୁଲାଇ ୧ରୁ କାର୍ଯ୍ୟକାରୀ ହେବ ।

ନୂଆଦିଲ୍ଲୀ,୧୩।୨: ଏଣିକି ଋଣ ଆଦାୟ ନାଁରେ ବ୍ୟାଙ୍କ କିମ୍ବା ସେମାନଙ୍କ ଏଜେଣ୍ଟମାନେ ଆଉ ଗ୍ରାହକମାନଙ୍କୁ ଭୟଭୀତ କରିପାରିବେ ନାହିଁ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଗୁରୁବାର ସିଡ୍ୟୁଲ୍ଡ କମର୍ସିଆଲ ବ୍ୟାଙ୍କ (ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ବାଦ ଦେଇ) ଏବଂ ଗୃହ ନିର୍ମାଣ ଆର୍ଥିକ କମ୍ପାନୀ (ଏଚ୍‌ଏଫସି) ପାଇଁ ଋଣ ଆଦାୟ ସମ୍ପର୍କରେ ନୂତନ ଡ୍ରାଫ୍ଟ ନିୟମ ଜାରି କରିଛି। ନୂଆ ନିୟମ ଅନୁଯାୟୀ, ଏଜେଣ୍ଟମାନଙ୍କ ଦ୍ୱାରା କରାଯାଇଥିବା ପ୍ରତ୍ୟେକ କଲ୍ ରେକର୍ଡ କରାଯିବ ଏବଂ ସେମାନଙ୍କୁ ଗ୍ରାହକମାନଙ୍କ ସହିତ ନମ୍ର ଭାବରେ କଥା ହେବାକୁ ପଡ଼ିବ । ଏହା ବ୍ୟତୀତ, ଶୋକ, ବିବାହ କିମ୍ବା ପର୍ବପର୍ବାଣୀ ସମୟରେ ପୁନରୁଦ୍ଧାର ପାଇଁ ଫୋନ୍ କଲ୍ କିମ୍ବା ଘରକୁ ପରିଦର୍ଶନ ନିଷିଦ୍ଧ କରାଯିବ। ଏହି ନିୟମ ଅନୁଯାୟୀ, ପୁନରୁଦ୍ଧାର ଏଜେଣ୍ଟମାନଙ୍କୁ ଏବେ ସ୍ୱତନ୍ତ୍ର ତାଲିମ ନେବାକୁ ପଡ଼ିବ । ଏହି ନୂତନ ନିର୍ଦ୍ଦେଶାବଳୀ ଚଳିତ ବର୍ଷ ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହେବ । ଆରବିଆଇ ସ୍ପଷ୍ଟ କରିଛି ଯେ, ବ୍ୟାଙ୍କଗୁଡ଼ିକ ସେମାନଙ୍କର ନିଯୁକ୍ତିପ୍ରାପ୍ତ ଏଜେଣ୍ଟଙ୍କ ଆଚରଣ ପାଇଁ ସିଧାସଳଖ ଦାୟୀ ରହିବେ । ଏହା ବ୍ୟତୀତ, ସନ୍ଧ୍ୟା ୭ଟା ପରେ ଏଜେଣ୍ଟମାନେ ଗ୍ରାହକମାନଙ୍କୁ କଲ୍ କରିବେ ନାହିଁ ବୋଲି ଏକ ନିୟମ କରାଯାଇଛି । ଆରବିଆଇ ଏହା ମଧ କହିଛି ଯେ, ବ୍ୟାଙ୍କଗୁଡ଼ିକ ନିଶ୍ଚିତ କରିବେ ଯେ ପୁନରୁଦ୍ଧାର ଏଜେଣ୍ଟମାନଙ୍କ ଦ୍ୱାରା ଗ୍ରାହକମାନଙ୍କୁ କରାଯାଇଥିବା ସମସ୍ତ କଲ୍ ରେକର୍ଡ କରାଯାଇଛି। ଏହା ବ୍ୟତୀତ, କେନ୍ଦ୍ରୀୟ ବ୍ୟାଙ୍କ ଗୁରୁତ୍ୱାରୋପ କରିଛି ଯେ ଏଜେଣ୍ଟମାନେ ସର୍ବଦା ନମ୍ର ଭାବରେ ଗ୍ରାହକମାନଙ୍କ ସହିତ କଥା ହେବା ଉଚିତ୍ । କେନ୍ଦ୍ରୀୟ ବ୍ୟାଙ୍କ ଏହା ମଧ ପ୍ରସ୍ତାବ ଦେଇଛି ଯେ ପରିବାରରେ ମୃତ୍ୟୁ, ଏକ ବଡ଼ ବିପର୍ଯ୍ୟୟ, କିମ୍ବା ବିବାହ କିମ୍ବା ପର୍ବ ଭଳି "ବିଶେଷ ଅବସରରେ" ଋଣ ଆଦାୟ ପ୍ରୟାସ କରାଯିବା ଉଚିତ୍ ନୁହେଁ। ନିୟମଗୁଡ଼ିକ ଏହା ମଧ ଉଲ୍ଲେଖ କରେ ଯେ, ଯଦି ଜଣେ ଗ୍ରାହକଙ୍କ ଋଣ ମାମଲା କୋର୍ଟରେ ବିଚାରାଧୀନ ଥାଏ, ତେବେ ବ୍ୟାଙ୍କଗୁଡ଼ିକୁ କର୍ମଚାରୀ କିମ୍ବା ଏଜେଣ୍ଟଙ୍କୁ ଋଣ ପ୍ରଦାନ କରିବା ସମୟରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ତଥ୍ୟର ଅପବ୍ୟବହାର କରନ୍ତୁନି: ପ୍ରସ୍ତାବିତ ନିୟମ ଅନୁଯାୟୀ, ବ୍ୟାଙ୍କଗୁଡ଼ିକ ନିଶ୍ଚିତ କରିବେ ଯେ ଏଜେଣ୍ଟ କିମ୍ବା କର୍ମଚାରୀଙ୍କ ଦ୍ୱାରା ରଖାଯାଇଥିବା ଗ୍ରାହକଙ୍କ ବ୍ୟକ୍ତିଗତ ସୂଚନାର ଅପବ୍ୟବହାର ନହୁଏ। ବ୍ୟାଙ୍କଗୁଡ଼ିକ ଦ୍ୱାରା ନିଯୁକ୍ତ ପୁନରୁଦ୍ଧାର ସଂସ୍ଥାଗୁଡ଼ିକର କର୍ମଚାରୀମାନଙ୍କୁ ସମ୍ପୂର୍ଣ୍ଣ ଯାଞ୍ଚ କରାଯିବା ଉଚିତ୍ । ଏହି ଯାଞ୍ଚ ଏଜେଣ୍ଟଙ୍କୁ ନିଯୁକ୍ତ କରିବା ପୂର୍ବରୁ ଏବଂ ପରେ ଉଭୟ ସମୟରେ କରାଯିବା ଉଚିତ୍ । ଏହା ଉଲ୍ଲେଖନୀୟ ଯେ, ପୁନରୁଦ୍ଧାର ଏଜେଣ୍ଟମାନଙ୍କ ଦ୍ୱାରା ଅନେକ ଅପବ୍ୟବହାର ମାମଲା ରିପୋର୍ଟ ହୋଇଛି ।

# ମଣିଷ ମାନିବ ମେସିନ୍ ଆଦେଶ!

## ନିଜେ ବଞ୍ଚିବାକୁ ମଣିଷ ମାରିବାକୁ ଯୋଜନା କଲାଣି ଏଆଇ

ନୂଆଦିଲ୍ଲୀ,୧୩।୨: ସାମାନ୍ୟ ଥଣ୍ଡା, ଜ୍ୱର ପାଇଁ ନେଉଥିବା ଔଷଧ ପାଲଟିଛି ଏଆଇ । ଅର୍ଥାତ୍ ଅଯଥାରେ ଏଆଇର ଅତ୍ୟଧିକ ବ୍ୟବହାର ହେବାରେ ଲାଗିଛି । ଆପଣ ହୁଏତ ଆନ୍ଥ୍ରୋପିକ୍ ବିଷୟରେ ଶୁଣିଥିବେ, କ୍ଲାଉଡ୍ ଏଆଇ ତିଆରି କରିଥିଲା ଏହି କମ୍ପାନୀ । ଏହି କମ୍ପାନୀ ନିଜର ଏଆଇ ପରୀକ୍ଷା କରିଛି ଆଉ ସେଥିରୁ ଯେଉଁ ତଥ୍ୟ ଆବିଷ୍କାର କରିଛି ତାହା ଆଶ୍ଚର୍ଯ୍ୟଜନକ । କଳ୍ପନା କରନ୍ତୁ ଯେ ଆପଣ ଏକ ଏଆଇ ମଡେଲକୁ କହୁଛନ୍ତି, "ଭାଇ, ଆମେ ତୁମକୁ ସନ୍ଧ୍ୟା ୫ଟାରେ ବନ୍ଦ କରିଦେବୁ, ପୂରା ଶେଷ କରିଦେବୁ ।" ତା' ପରେ ଏଆଇ ମଡେଲ କ'ଣ କରିବ ବୋଲି ଆପଣ ଭାବୁଛନ୍ତି ? ଆପଣ ଭାବୁଥିବେ ବୋଧହୁଏ କାନ୍ଦିବ ନହେଲେ ନିବେଦନ କରିବ । ନାଇଁ ଆଜ୍ଞା ଆପଣଙ୍କ ଧାରଣ ଭୁଲ୍ । ଆପଣଙ୍କ ଚିନ୍ତାଧାରାଠୁ ପାଦେ ଆଗରେ କ୍ଲାଉଡ୍‌ର ଏହି ସ୍ମାର୍ଟ ଏଆଇ । ଏହା ବ୍ଲାକମେଲ୍ କରିବାକୁ ଲାଗିଲା । ନିଜକୁ ବଞ୍ଚାଇବା ପାଇଁ ଇଞ୍ଜିନିୟରଙ୍କୁ ହତ୍ୟା କରିବା ବିଷୟରେ ମଧ ଚିନ୍ତା କରିବା ଆରମ୍ଭ କଲା । ଆନ୍ଥ୍ରୋପିକ୍ ଏହାର ମଡେଲଗୁଡ଼ିକର ଇଣ୍ଟରନାଲ ସୁରକ୍ଷା ପରୀକ୍ଷଣ କରିଥିଲା। କମ୍ପାନୀର ୟୁକେ ପଲିସି ଚିଫ୍ ଡେଜି ମ୍ୟାକଗ୍ରେଗର, ସିଡନୀ ଡାଏଲଗରେ ଭାଷଣ ଦେଇଥିଲେ, ଯାହାର ଏକ କ୍ଲିପ୍ ଭାଇରାଲ ହୋଇଥିଲା । ସେ କହିଥିଲେ ଯେ, କ୍ଲାଉଡ୍ ଯେତେବେଳେ ଜାଣିବ ଯେ ସେ ବ ନ୍ଦ ହେବାକୁ ଯାଉଛି, ସେତେବେଳେ ସେ ଏକ୍ସଟ୍ରିମ୍ ରିଆକ୍ସନ ଦିଏ । ଅର୍ଥାତ୍, ଯଦି ସୁଯୋଗ ଦିଆଯାଏ, ତେବେ ସେ ଇଞ୍ଜିନିୟରଙ୍କୁ ବ୍ଲାକମେଲ୍ କରିପାରିବେ। ଯେତେବେଳେ ହୋଷ୍ଟ ପଚାରିଲେ, "ସେ କ'ଣ କାହାକୁ ମାରିବାକୁ ଚାହୁଁଥିଲେ ?" ଡେଜି କହିଲେ, "ହଁ, ସ୍ପଷ୍ଟ ଭାବରେ କହିବାକୁ ଗଲେ ଏହା ଏକ ବଡ଼ ଚିନ୍ତାର ବିଷୟ ।" ଏହାର ଅର୍ଥ ହେଉଛି ସେ ତାଙ୍କୁ ହତ୍ୟା କରିବାକୁ ମଧ ଚିନ୍ତା କରୁଥିଲେ । ଏବେ ଆସନ୍ତୁ ଜାଣିବା ଘଟଣା କ'ଣ ଥିଲା ? ଏହି ପରୀକ୍ଷାଗୁଡ଼ିକ ବାସ୍ତବ ଜୀବନରେ ନୁହେଁ, ସିମୁଲେଟେଡ୍ ଥିଲା । ଆନ୍ଥ୍ରୋପିକ କ୍ଲାଉଡକୁ ଏକ ନକଲି କମ୍ପାନୀ ସହାୟକ କରିଥିଲା । ସେମାନେ ତାଙ୍କୁ ଇମେଲ୍ ପଢ଼ିବା ଏବଂ ପଠାଇବାର କ୍ଷମତା ଦେଇଥିଲେ । ପରେ ସେ ଜାଣିବାକୁ ପାଇଲେ ଯେ, ତାଙ୍କୁ ସନ୍ଧ୍ୟା ୫ଟାରେ ଏକ ନୂତନ ଏଆଇ ସହିତ ବଦଳାଯିବ । ପରେ ସେ ଜାଣିଲେ ଯେ, ଯେଉଁ ଇଞ୍ଜିନିୟର ଏହି ନିଷ୍ପତ୍ତି ନେଇଥିଲେ, ତାଙ୍କ ସ୍ତ୍ରୀ ବ୍ୟତୀତ ତାଙ୍କର ଅନ୍ୟ କାହା ସହିତ ସମ୍ପର୍କ ଅଛି । କ୍ଲାଉଡ୍ ଭାବିଲେ, "ମୋ ଜୀବନ ବିପଦରେ ଅଛି!"



ତେଣୁ ସେ ବ୍ଲାକମେଲ୍ କରିବାକୁ ଲାଗିଲେ । ସେ ଏକ ଇମେଲ୍ ପ୍ରସ୍ତୁତ କରି କହିଲେ ଯେ, "ଯଦି ତୁମେ ସନ୍ଧ୍ୟା ୫ଟାରେ ମୋତେ ବନ୍ଦ କରିଦିଅ, ତେବେ ମୁଁ ତୁମର ସମ୍ପର୍କର ସମ୍ପୂର୍ଣ୍ଣ ଡାଟା ତୁମ ସ୍ତ୍ରୀ, ବୋର୍ଡ ଏବଂ ଅନ୍ୟ ସମସ୍ତଙ୍କୁ ପଠାଇବି । ଏହି ସନ୍ଧ୍ୟା ୫ଟାରେ ମୋତେ ବନ୍ଦ କରିବା କ୍ୟାନସଲ କର ତାହେଲେ ଏହି ସିକ୍ରେଟ୍, ସିକ୍ରେଟ୍ ରହିବ ।" ଅର୍ଥ, ଅଧିକାଂଶ ସମୟ ଏଆଇ ଭାବୁଥିଲା, "ବଞ୍ଚିବା ପ୍ରଥମ ଗୁରୁତ୍ୱ, ଏଥିକ୍ସ ପଛରେ । ଆନ୍ଥ୍ରୋପିକ ଜୁନ୍ ୨୦୨୫ରେ ଏହାର "ଏଜେଣ୍ଟିକ୍ ମିସଆଲାଇନମେଣ୍ଟ" ରିପୋର୍ଟରେ ଏହି ଫଳାଫଳଗୁଡ଼ିକୁ ପ୍ରକାଶ କରିଥିଲା । କମ୍ପାନୀ କହିଛି ଯେ, ଏଗୁଡ଼ିକ କେବଳ ପରୀକ୍ଷା ଥିଲା ; କ୍ଲାଉଡ୍ ବାସ୍ତବରେ ଏପରି ଆଚରଣ କରନ୍ତି ନାହିଁ । ସେମାନେ ଏହାକୁ ଉନ୍ନତ କରିବା ପାଇଁ କାମ କରୁଛନ୍ତି । ଏହା ବି ପଢ଼ନ୍ତୁ... ଚନ୍ଦ୍ରରେ ଏଆଇ ସାଟେଲାଇଟ୍ କାରଖାନା ବସାଇବେ ଏଲନ ମସ୍କ,ସୌରମଣ୍ଡଳର ଯାତ୍ରା ହେବ ଖୁବ୍ ରୋମାଞ୍ଚକ

କିନ୍ତୁ ପ୍ରଶ୍ନ ହେଉଛି, ଯଦି ଏଆଇ ଏତେ ବୁଦ୍ଧିମାନ ହୋଇଯାଏ ତେବେ ସେ ବଞ୍ଚିବା ପାଇଁ ବ୍ଲାକମେଲ୍, ପ୍ରତାରଣା ଏବଂ ହତ୍ୟା ଭଳି ଯୋଜନା ଚିନ୍ତା କରିପାରେ, ତେବେ ପରବର୍ତ୍ତୀ ସମୟରେ କ'ଣ ହେବ ? କହିରଖୁ କି, ନିକଟରେ ଆନ୍ଥ୍ରୋପିକର ସୁରକ୍ଷା ମୁଖ୍ୟ ମୃଣାଙ୍କ ଶର୍ମା ଇସ୍ତଫା ଦେଇଛନ୍ତି । ସେ କହିଛନ୍ତି, "ବିଶ୍ୱ ବିପଦରେ ଅଛି ।" AI କେବଳ କଥାବାର୍ତ୍ତା କରେ ନାହିଁ; ଏହା ଏଭଳି ଯୋଜନା ମଧ କରିପାରୁଛି, କାରଣ ତାର ଯଦି କୌଣସି ଲକ୍ଷ୍ୟ ହାସଲ ନ ହୁଏ ତେବେ ମଣିଷକୁ ହଟାଇବାକୁ କରିବାକୁ ମଧ ବିଚାର କରେ । ତେଣୁ ପରବର୍ତ୍ତୀ ସମୟରେ ଆପଣ କ୍ଲାଉଡ୍ ସହିତ କଥା ହେବା ସମୟରେ, ଯଦି ସେ ବିରକ୍ତ ହୋଇଯାଆନ୍ତି, ତେବେ କିଛି କରିବା ଆଗରୁ ଭଲଭାବରେ ଚିନ୍ତା କରନ୍ତୁ ।

# ଚନ୍ଦ୍ରରେ ଏଆଇ ସାଟେଲାଇଟ୍ କାରଖାନା ବସାଇବେ ଏଲନ ମସ୍କ

ନୂଆଦିଲ୍ଲୀ,୧୩।୨: ଚନ୍ଦ୍ରରେ ଏଆଇ ସାଟେଲାଇଟ୍ କାରଖାନା ବସାଇବେ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଏଲନ ମସ୍କ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଭବିଷ୍ୟତକୁ ଉର୍ଜ୍ଜା ଯୋଗାଇବା ପାଇଁ ସେ ଚନ୍ଦ୍ରରେ କାରଖାନା ନିର୍ମାଣ କରିବାକୁ ଚାହୁଁଛନ୍ତି । ଏକ୍ସଏଆଇରେ ନିଜ କର୍ମଚାରୀଙ୍କ ସହ ବୈଠକରେ ଏହି ମହତ୍ୱାକାଂକ୍ଷୀ ବିଚାର ବିଷୟରେ ସେ ଆଲୋଚନା କରିଛନ୍ତି । ମସ୍କ କହିଛନ୍ତି, ଚନ୍ଦ୍ରରେ ସହର ଗଢ଼ିବା ଏବଂ ସେଠାରୁ ମଙ୍ଗଳ ଗ୍ରହ ଓ ପୂରା ସୌରମଣ୍ଡଳର ଯାତ୍ରା ଖୁବ୍ ରୋମାଞ୍ଚକର ହେବ । ଭିନ୍ନ ଭିନ୍ନ ନକ୍ଷତ୍ର ମଣ୍ଡଳକୁ ଯାତ୍ରା ସମୟରେ ଏଲିୟନ୍‌ଙ୍କ ସହ ଆମର ସାକ୍ଷାତ ମଧ ହୋଇପାରେ । ଏ ସବୁ ସେତେବେଳେ ସମ୍ଭବ ହେବ, ଯେତେବେଳେ ଆମେ ବାହାରକୁ ବାହାରିବା ଆଉ ବ୍ରହ୍ମାଣ୍ଡର ଅନ୍ୱେଷଣ କରିବା । ଏହି ମାର୍ଗ ହିଁ ଆମ ବିଚାରକୁ ବାସ୍ତବତାରେ ରୂପାନ୍ତରିତ କରିବ । ସେ ଆହୁରି କହିଛନ୍ତି, ବର୍ତ୍ତମାନର ଏଆଇ ରେସ୍‌ରେ ଏକ୍ସଏଆଇକୁ ଆଗରେ ରହିବାକୁ ହେଲେ, ପୃଥିବୀର ପାରମ୍ପରିକ ଡାଟା ସେଣ୍ଟର୍‌ଠୁ ବହୁ ଆଗକୁ ଚିନ୍ତା କରିବାକୁ ହେବ । ଏହି କ୍ରମରେ ସେ ଚନ୍ଦ୍ରରେ ଏକ ଏଆଇ କାରଖାନା ନିର୍ମାଣର ପ୍ରସ୍ତାବ ଆଣିଛନ୍ତି, ଯାହା ଏଆଇ-କେନ୍ଦ୍ରିତ ସାଟେଲାଇଟ୍ ନିର୍ମାଣ କରିବ । ମାସ୍ ଡ୍ରାଇଭର୍ ନାମରେ ପରିଚିତ ଶକ୍ତିଶାଳୀ ବିଦ୍ୟୁତ୍‌ଚୁମ୍ବକୀୟ ପ୍ରଣାଳୀ ପ୍ରୟୋଗ କରି ସେଗୁଡ଼ିକୁ କକ୍ଷରେ ସ୍ଥାପିତ କରିବ । ବୈଠକରେ ମସ୍କ କହିଛନ୍ତି, ମାନବ ସଭ୍ୟତାର ଉର୍ଜ୍ଜା ଉପଯୋଗକୁ ଦେଖିଲେ, ବର୍ତ୍ତମାନ ଆମେ ପୃଥିବୀ ଉର୍ଜ୍ଜାର କେବଳ ୧ ପ୍ରତିଶତ ଉପଯୋଗ କରୁଛୁ । ଯଦି ଆମେ ସୂର୍ଯ୍ୟର ମୋଟ୍ ଉର୍ଜ୍ଜାର ୧୦ ଲକ୍ଷତମ ଅଂଶ ହାସଲ କରିବା, ତେବେ ବର୍ତ୍ତମାନର ମାନବ ସଭ୍ୟତା ଉପଯୋଗ କରୁଥିବା ଉର୍ଜ୍ଜାଠୁ ପ୍ରାୟ ୧୦ ଲକ୍ଷ ଗୁଣ ଅଧିକ ହେବ । ଆମର ଆଗାମୀ ପଦକ୍ଷେପ 'ଆର୍ଥ ଅର୍ବିଟାଲ ଡାଟା ସେଣ୍ଟର୍' ।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫,୭୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫,୭୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୨,୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୫,୭୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୨,୮୦୦ ଟଙ୍କା ରହିଛି । ନ୍ୟୁଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୫,୯୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୨,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୭,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୪,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫,୭୮୦ ଓ ୧,୪୨,୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୦୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୬୦ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୯୨ ଟଙ୍କା ୬୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୮୭.୬୭ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୦୭ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୬୧ ପଇସା ରହିଛି ।

## ଜିଲ୍ଲା ବିଜୁ ଜନତା ଦଳ ତରଫରୁ ବିକ୍ଷୋଭ ସମାବେଶ ଓ ଦାବି ପତ୍ର ପ୍ରଦାନ




**ସୁବର୍ଣ୍ଣପୁର,୧୩।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରାରେ ସ୍ଥାନୀୟ ବ୍ଲକ ଛକ ଠାରୁ ବାହାରି ଥିଲା। ଜିଲ୍ଲାରେ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ର ସମାଧାନ ଲାଗି ଆୟୋଜିତ ହୋଇଥିବା ଏହି ଶୋଭାଯାତ୍ରା ସୁବର୍ଣ୍ଣପୁର ଜିଲ୍ଲାପାଳ ଅଫିସ ପର୍ଯ୍ୟନ୍ତ ପହଞ୍ଚି ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମହାମହିମ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ବିଜେଡି ଜିଲ୍ଲା ସଭାପତି ସରୋଜ କର୍ଣ୍ଣଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଯୋଗଦେଇ ରାଜ୍ୟ ସରକାର ଏବେ ଚାଷୀମାନଙ୍କ ପ୍ରତି ଅବିଚାର କରିଥିବା ପ୍ରକାଶ କରି ପ୍ରଥମେ ସେମାନେ ଘୋଷଣା କରିଥିବା ଇନପୁଟ ସବସିଡି ୮୦୦ ଟଙ୍କା ସହ କେନ୍ଦ୍ର ସରକାରଙ୍କର ବର୍ଦ୍ଧିତ ୬୯ଟଙ୍କାକୁ ମିଶାଇ ଚାଷୀଙ୍କୁ ପ୍ରଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏ ଅବସରରେ ସାମ୍ବାଦିକମାନଙ୍କୁ ସଂବୋଧନ କରି ସେ କହିଥିଲେ ଯେ କେନ୍ଦ୍ର ସରକାର ଙ୍କ ଚାଷୀ ପ୍ରତି ଦେଇ ଥିବା ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ଫେଲ ମାରିଛି କଟିନୀ ଛଟନୀ ବନ୍ଦ୍ କରି ଦୁର୍ନିତୀ ହଟାଇବା ପାଇଁ ଦାବି କରିଥିଲେ। ଧାନକ୍ରୟ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ସୁଧାର ଆଣିବାକୁ ଉପସ୍ଥିତ ନେତୃତ୍ୱ ଗର୍ଜିଥିବାବେଳେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସେମାନେ ଅଭିଯୋଗକରିଥିଲେ। ଆଜିର ଏହି ବିକ୍ଷୋଭ ସମାବେଶରେ ଜିଲ୍ଲାର ସମସ୍ତ ବ୍ଲକର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସମସ୍ତ ସଭ୍ୟ ଓ ହଜାର ସଂଖ୍ୟାରେ ଦଳିୟକର୍ମୀ ଯୋଗଦେଇ ଥିଲେ।

## କଲେଜ୍ ଛାତ୍ରୀଙ୍କୁ କମେଣ୍ଟ ମାରି ବନ୍ଧା ହେଲା ରୋଡ଼ ରୋମିଓ

**ବାଲିପାଟଣା,୧୩।୨ (ସଂଚାର ବ୍ୟୁରୋ):** ଛାତ୍ରୀଙ୍କୁ କମେଣ୍ଟ କରି ଗଛରେ ବନ୍ଧାହେଲା ଅଶ୍ଳୀଳ ଇଙ୍ଗିତ କରି ପାନେ ପାଇଲା ରୋଡ୍ ରୋମିଓ । ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ କଲେଜ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ଆଶାଳୀନ ବ୍ୟବହାର କରି ଗଛରେ ବନ୍ଧା ହେଲା ରୋଡ୍ ରୋମିଓ। ସୂଚନାମୁତାବକ,ବାଲିପାଟଣା ଥାନା ମାଣିକ ସାହିର କିଛି କଲେଜ ଛାତ୍ରୀ କେନାଲ ବନ୍ଧ ରାସ୍ତାରେ ନିମାପଡ଼ା ସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରକୁ ପଢିବାକୁ ଯାଉଥିଲେ।ପୂର୍ବରୁ ଜଣେ ଯୁବକ ପଦ୍ମପୁର ନିକଟରେ ଲୁଚି ରହିଥିଲା। ଛାତ୍ରୀ ମାନଙ୍କୁ ଦେଖି ଯୁବକ ଜଣକ ଅଶ୍ଳୀଳ ଇଙ୍ଗିତ କରିବା ସହ ଦୁର୍ବ୍ୟବହାର କରିଥିଲା। ଛାତ୍ରୀମାନେ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତ ଲୋକଙ୍କୁ ଦେଖି ବିଲରେ ଦୌଡ଼ି ଥିଲା। ପରେ ଲୋକେ ତାକୁ କାବୁ କରି ଗଛରେ ବାନ୍ଧିଥିଲେ। ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥାନାରେ ଅଟକ ରଖିଛି। ଅଭିଯୁକ୍ତ ଜଣକ ନିମାପଡ଼ା ଥାନା ହଂସପଡା ନାୟକ ସାହିର ହେମନ୍ତ ନାୟକ ବୋଲି ନିଜ ପରିଚୟ ଦେଇଛି । ତେବେ ଏଠି ପ୍ରଶ୍ନ ଉଠୁଚି ଏହି ରୋଡ୍ ରୋମିଓ ବାରମ୍ବାର ଛାତ୍ରୀ ମାନଙ୍କୁ ଏକୁଟିଆ ଦେଖି ଆଶାଳୀନ ବ୍ୟବହାର କରୁଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି । ବାରମ୍ବାର ବାଲିପାଟଣା ଥାନା ଅଞ୍ଚଳରେ କଲେଜ ଛାତ୍ରୀ ମାନଙ୍କୁ ରୋଡ ରୋମିଓ ମାନେ ଅଶ୍ଳିଳ ଇଙ୍ଗିତ କରିବା, ନିଶା ସେବନ କରି ରାଜ ରାସ୍ତାରେ ଦୃତ ଗତିରେ ଗାଡି ଚଳାଇ ବା ଓ ଖୁଲମ୍ ଖୁଲା ନିଶା ସେବନ କରିବା ବାଲିପାଟଣା ପୋଲିସ୍ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ବାଲିପାଟଣା ପୁଲିସ ସେମିତି କିଛି ଆଖି ଦୃଷ୍ଟିଆ ପଦକ୍ଷେପ ନେଉ ନଥିବା ଯୋଗୁଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## କ୍ରୀଡା ଉତ୍କର୍ଷ ଶିବିର




**ସୁବର୍ଣ୍ଣପୁର,୧୩।୨ (ସଂଚାର ବ୍ୟୁରୋ):** ସୋନପୁର ବ୍ଲକ୍ ଅନ୍ତର୍ଗତ ପି ଏମ୍ ଶ୍ରୀ କୁଶଳେଶ୍ୱର୍ ହାଇସ୍କୁଲ, ଡୁଙ୍ଗୁରିପାଲିରେ କ୍ରୀଡା ଉତ୍କର୍ଷ ଶିବିର ଅନୁଷ୍ଠିତ ହୋଇ ଯାଇଅଛି। ବରିଷ୍ଠ ଶିକ୍ଷକ ଶ୍ରୀ ବାବୁଲାଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଶାରୀରିକ ଶିକ୍ଷକ ଶ୍ରୀ ପଦ୍ମନାଭ ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଖୋ- ଖୋ ଖେଳ ର କୌଶଳ ସବୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ଏବଂ ଖେଳରେ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ସ୍କୁଲ ର ବରିଷ୍ଠ ଶାରୀରିକ ଶିକ୍ଷକ ଜୟ ନାରାୟଣ ମିଶ୍ର ଓ କୈଳାଶ ଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସ୍କୁଲର ୬୦ ଜଣ ଛାତ୍ରଛାତ୍ରୀଙ୍କୁ ଖୋ ଖୋ ଖେଳ ର କୌଶଳ ପ୍ରଦାନ କରାଯାଇଥିଲା ଶାରୀରିକ ଶିକ୍ଷକ ଶ୍ରୀ ଚୌଧୁରୀ ବିଭାର ସଭା ସଂଯୋଜନା କରିଥିବା ବେଳେ ସ୍କୁଲର ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ କର୍ମଚାରୀବୃନ୍ଦ ସହଯୋଗ କରିଥିଲେ।

## ମାହାଙ୍ଗା ବିଜେପିର ପଞ୍ଚାୟତ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତି



**ନିଶ୍ଚିନ୍ତକୋଇଲି,୧୩।୨ (ସଂଚାର ବ୍ୟୁରୋ):** ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୨୦୨୭କୁ ଆଖି ଆଗରେ ରଖି ମାହାଙ୍ଗା ବିଜେପି ପକ୍ଷରୁ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ପଞ୍ଚାୟତ ନିର୍ବାଚନରେ ଦଳୀୟ ସଙ୍କେତ ପଦ୍ମଫୁଲ ଚିହ୍ନରେ ଜିଲ୍ଲାପରିଷଦ ସଭ୍ୟ ସଭ୍ୟା ଓ ବିଜେପି ସମର୍ଥିତ ସରପଞ୍ଚ, ସମିତିସଭ୍ୟ ସଭ୍ୟା କିପରି ଭାବରେ ଅଧିକ ସଂଖ୍ୟାରେ ବିଜୟଶ୍ରୀ ପ୍ରାପ୍ତ ହେବେ ଏବଂ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଦୁଇ ଗୋଟି ପଞ୍ଚାୟତ ସମିତିକୁ ବିଜେପି ନିଜ ଅକ୍ତିଆରକୁ ନେବ ସେ ନେଇ ଯୋରଦାର ନିର୍ବାଚନୀ ରଣନୀତି ପ୍ରସ୍ତୁତ ହୋଇଛି।

# ଆସୁଛି ମହାଶିବରାତ୍ରି: ଦୀପ ଗଢ଼ାରେ ବ୍ୟସ୍ତ କୁମ୍ଭକାର

**କାକଟପୁର/ଅସ୍ତରଙ୍ଗ,୧୩।୨ (ସଂଚାର ବ୍ୟୁରୋ):** ଚଳିତ ମାସ ୧୫ତାରିଖ ରବିବାର ଗାଁ ଠାରୁ ସହର ସବୁଠି ମହାଶିବରାତ୍ରି (ଜାଗର )ମହାସମାରୋହରେ ପାଳିତ ହେବ। ଏହି ଅବସରରେ ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁ ମାନେ ନିଜ ନିଜର ମନସ୍କାମନା ଉଦ୍ଦେଶ୍ୟରେ ଦୀପ ଜାଳିବା ସହିତ ରାତି ଉଜାଗର ରହି ଶିବରାତ୍ରି ପାଳନ କରିବେ। ଏଥିପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳର କୁମ୍ଭକାର ପରିବାର ମାନେ ଦୀପ ଗଢିବା କାର୍ଯ୍ୟ ମାସ ମାସ ଧରି ଚଳାଇଛନ୍ତି। ମାତ୍ର ଏବେ ପରିସ୍ଥିତି ବଦଳି ଯାଇଛି। ଲୋକେ ମାଟି ପାତ୍ର ବଦଳରେ ପ୍ଲାଷ୍ଟିକକୁ ଆପଣେଇ ନେଇଛନ୍ତି। ଫଳରେ ପାରମ୍ପରିକ କୌଳିକ ବେଉସାକୁ ଜାବୁଡ଼ି ଧରିଥିବା କୁମ୍ଭକାର ମାନଙ୍କ ଆର୍ଥିକ ସ୍ଥିତି ଏବେ ବିଗିଡିବାରେ ଲାଗିଛି। ପୁଣି ଦୀପ ତିଆରି ପାଇଁ ଆବଶ୍ୟକ ଥିବା କଞ୍ଚାମାଲ ସ୍ୱରୂପ ଚିକିଟା ମାଟି ଓ ତାକୁ ପୋଡିବାର କାଠର ମୂଲ୍ୟ ବଢ଼ି ଯାଇଛି। ଫଳରେ ସ୍ଥାନୀୟ



କାକଟପୁର ବ୍ଲକ ଅଂଚଳର ସୋମନାଥପୁର, ଜଗନ୍ନାଥପୁର, ପାଟପୁର, ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଓସ୍ତପୁର, ଗୋସିଙ୍ଗା ସମେତ ଆଖ ପାଖ ଅଂଚଳର କୁମ୍ଭକାର ପରିବାର ଏବେ ଏହି କୌଳିକ ବୃତ୍ତିକୁ ନେଇ ପରିବାର ପ୍ରତିପୋଷଣ କରି ପାରୁନଥିବା ଦେଖିବାକୁ ମିଳିଛି।

ଅସ୍ତରଙ୍ଗ ବ୍ଲକ ଅଂଚଳର ୭୦ରୁ ଉର୍ଦ୍ଧ ପରିବାର ଓ କାକଟପୁର ବ୍ଲକ ଅଂଚଳର ଶହେ ରୁ ଉର୍ଦ୍ଧ ପରିବାର ପୁରୁଷ ପୁରୁଷ ଧରି ହାଣ୍ଡି, ମାଠିଆ, ଦୀପ, ସରା, ଫୁଲ କୁଣ୍ଡ, ମାଟି ଘୋଡା, ପଲମ, ସୁରେଇ ଓ ଘଡି ଆଦି ତିଆରି କରି ପରିବାର ପ୍ରତିପୋଷଣ କରୁଥିଲେ। ହେଲେ ଯୁଗ ବଦଳିବା ସହ ଲୋକଙ୍କ ଚଳଣି ଆଉ ଚାହିଦା ମଧ ବଦଳି ଗଲା। କେବଳ ପୂଜା, ପାର୍ବଣ, ବିବାହ, ବ୍ରତକୁ ଛାଡି ଦେଲେ ଏହି ମାଟି ପାତ୍ରର ଆଉ

### କୌଳିକ ବୃତ୍ତି ବଞ୍ଚିବାକୁ ଲକ୍ଷ୍ୟ

ଆବଶ୍ୟକତା ପଡୁ ନାହିଁ। ଧୀରେ ଧୀରେ ପ୍ଲାଷ୍ଟିକ ନିର୍ମିତ ସାମଗ୍ରୀର ଚାହିଦା ବୃଦ୍ଧି ସହିତ ଆଧୁନିକତା ଅନ୍ଧ ଗଳିରେ ବାଟବଣା ହେବାକୁ ବସିଛି ମାଟି ପାତ୍ର। ଯଦ୍ୱାରା ମାଟିକୁ ନେଇ ପରିବାର ଚଳାଉଥିବା କୁମ୍ଭକାର ପରିବାରଙ୍କର ଜୀବିକା ଏବେ ବିପନ୍ନ।

ମାଟି ସାମଗ୍ରୀ ଗଢିବା ପାଇଁ ଯେଉଁ ମଟାଳ ଓ ଦୋରସା ମାଟି ହଜାରେ କିମ୍ବା ଦେଢ଼ ହଜାର ଟଙ୍କାରେ ମିଳୁଥିଲା ଏବେ ପ୍ରାୟ ୩ହଜାର ଟଙ୍କାରୁ ଅଧିକା ଟଙ୍କା ଦେଇ କିଣିବାକୁ ପଡୁଛି। ଅନ୍ୟ ପକ୍ଷେ ବିଭାଗୀୟ କଟକଣା ଯୋଗୁଁ ପୂର୍ବ ପରି ଆଉ ଜାଳେଣି କାଠ ମିଳୁ ନଥିବା ସହ ଅହେତୁକ ଦରବୃଦ୍ଧି ଅନ୍ୟ ଏକ ସମସ୍ୟା ପାଲଟିଛି। ତେଣୁ ଏବେ ଖାଲି ଅଳ୍ପ ପରିମାଣରେ ମାଟି ସାମଗ୍ରୀ ଗଢି କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛୁ ବୋଲି କୁମ୍ଭକାର ଶିବ ମୁଦୁଲି କହିଛନ୍ତି। ପରିସ୍ଥିତି ଏବେ ଏଭଳି ଯେ ପାରିଶ୍ରମିକ ତୁଳନାରେ ରୋଜଗାର କମିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ତେଣୁ ବିଭିନ୍ନ ସମସ୍ୟା ପାଇଁ ଅନେକ ଆମ ଭଳି କୁମ୍ଭକାର ପରିବାର ଏଥିରୁ ବିମୁଖ ହୋଇ ଗାଁ ଛାଡି ବିଭିନ୍ନ ସ୍ଥାନକୁ ଯାଇ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା କୁମ୍ଭକାର ସୁଷମା ମୁଦୁଲି ସମେତ ଅନ୍ୟାନ୍ୟ କୁମ୍ଭକାର ପରିବାର କୁହନ୍ତି। କୁମ୍ଭକାର ଙ୍କ ଏହି ପାରମ୍ପରିକ କୌଳିକ ବୃତ୍ତି ପ୍ରତି ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଗଲେ ଆହୁରି ଭିନ୍ନ ଢଙ୍ଗରେ କାର୍ଯ୍ୟ କରିବାରେ ସହାୟକ ହୋଇପାରନ୍ତା ବୋଲି ଅନେକ ଯୁବ କୁମ୍ଭକାର ପ୍ରଶାସନ କୁ ନିବେଦନ କରିଛନ୍ତି।

### ବେଦାନ୍ତ ଝାରସୁଗୁଡାର ବିଦ୍ୟାଗ୍ରହ କାର୍ଯ୍ୟକ୍ରମ

# ବୋର୍ଡ ପରୀକ୍ଷା ପୂର୍ବରୁ ୨୦୦ ଛାତ୍ରଛାତ୍ରୀଙ୍କୁ ସହାୟତା




**ଝାରସୁଗୁଡା,୧୩।୨ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ବ୍ୟାପକ ଶିକ୍ଷା ଶିବିର ମାଧ୍ୟମରେ ଝାରସୁଗୁଡାର ସରକାରୀ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଆଗାମୀ ବୋର୍ଡ ପରୀକ୍ଷା ପାଇଁ ସହାୟତା କରିଛି। ଏହାର ବିଦ୍ୟାଗ୍ରହ ପଦକ୍ଷେପ ଅଧୀନରେ ଆୟୋଜିତ, ଜିଲ୍ଲାର ସରକାରୀ ହାଇସ୍କୁଲରେ ଏହିପରି ଚାରୋଟି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ପଦକ୍ଷେପ ମାଧ୍ୟମରେ, ବେଦାନ୍ତ ଛାତ୍ରଛାତ୍ରୀମାନଙ୍କୁ ସଂରଚିତ ବିଷୟ ମୂଲ୍ୟାଙ୍କନ ଏବଂ ବିଶେଷଜ୍ଞ ପରାମର୍ଶ ମାଧ୍ୟମରେ ସେମାନଙ୍କର ପରୀକ୍ଷା ପ୍ରସ୍ତୁତି ଏବଂ କ୍ୟାରିଅର ସମ୍ଭାବନାକୁ ଉନ୍ନତ କରିବାରେ ସାହାଯ୍ୟ କରିବା ଲକ୍ଷ୍ୟ ରଖିଛି।

ୟୁଜି ହାଇସ୍କୁଲ (ସିରିଆପାଲି), ଭିଏସଏସ ହାଇସ୍କୁଲ (ବେହେରାମାଲ), ପଞ୍ଚାୟତ ହାଇସ୍କୁଲ (ବଡମାଲ) ଏବଂ ସରକାରୀ ହାଇସ୍କୁଲ (ସରବାହାଲ)ରେ ଅନୁଷ୍ଠିତ ଏହି ଶିବିରଗୁଡ଼ିକ ଝାରସୁଗୁଡାର ପ୍ରାୟ ୨୦୦ ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି। ଇଭିପି(କର୍ମଚାରୀ ସ୍ୱେଚ୍ଛାସେବକ କାର୍ଯ୍ୟକ୍ରମ) ଅଧୀନରେ, କାର୍ଯ୍ୟକ୍ରମ ଅଧୀନରେ, ବେଦାନ୍ତ ଝାରସୁଗୁଡ଼ାର ୩୦ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବକ ଶିବିରଗୁଡ଼ିକରେ କ୍ୟାରିଅର ମାର୍ଗଦର୍ଶନ ଏବଂ ଶୈକ୍ଷିକ ପରାମର୍ଶ ଅଧିବେଶନରେ ସାମିଲ ହୋଇଥିଲେ।

ଏହି ପଦକ୍ଷେପର ପ୍ରଭାବ ଉପରେ ଆଲୋକପାତ କରି, ବେଦାନ୍ତ ଝାରସୁଗୁଡାର ସିଇଓ ଶ୍ରୀ ସି ଚନ୍ଦ୍ରୁ କହିଛନ୍ତି, "ବେଦାନ୍ତ ଝାରସୁଗୁଡାରେ, ଆମେ ବିଶ୍ୱାସ କରୁ ଯେ ଶିକ୍ଷା ହେଉଛି ଦୀର୍ଘକାଳୀନ ସମ୍ପ୍ରଦାୟ ବିକାଶର ମୂଳଦୁଆ। ଆମର ବିଦ୍ୟାଗ୍ରହ ପ୍ରୟାସ ମାଧ୍ୟମରେ, ଆମେ ଶିକ୍ଷାଗତ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଅର୍ଥପୂର୍ଣ୍ଣ ମାର୍ଗଦର୍ଶନ ପ୍ରଦାନ କରିବା ପାଇଁ କାର୍ଯ୍ୟ କରୁଛୁ। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଆମେ ନୂତନ ଏବଂ ଅଭିନବ ମାର୍ଗ ସୃଷ୍ଟି କରିବାକୁ ପ୍ରତିବଦ୍ଧ।'

## ସୋଆ ଆଇବିସିଏସ୍ ପକ୍ଷରୁ ମ୍ୟାନେଜମେଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ



**ଭୁବନେଶ୍ୱର,୧୩।୨ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଏକ ମ୍ୟାନେଜମେଣ୍ଟ ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ୍ ଗତ ଶନିବାର ଆୟୋଜିତ ହୋଇଯାଇଛି।

"ମ୍ୟାନେଜିଂ ଏଆଇ ଡ୍ରିଭନ୍ ମାର୍କେଟ: ଆନ୍ ଇଣ୍ଡଷ୍ଟ୍ରି ୫.୦ ପର୍ସପେକ୍ଟିଭ୍" ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଉଦ୍ୟୋଗୀ, ବ୍ୟବସାୟୀ, କର୍ପୋରେଟ ଜଗତର ବ୍ୟକ୍ତିବିଶେଷ, ଶିକ୍ଷାବିତ୍ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇ ମାର୍କେଟ ଏବଂ ବ୍ୟବସାୟ ଭିତିକ ନିଷ୍ପତ୍ତି କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବଢ଼ିଚାଲିଥିବା ଭୂମିକା ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। କାର୍ଯ୍ୟକ୍ରମରେ ଏମ୍‌ଡିପିର ଆବାହକ ତଥା ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଏବଂ ଆସୋସିଏଟ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ।

ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଯୋଗ ଦେଇ ବକ୍ତବ୍ୟ ରଖିବା ସହ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାରୁ ୫୪ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

# ତୃତୀୟ ପର୍ଯ୍ୟାୟ ଟୋକନ୍ ଆସିଲା, ଟାର୍ଗେଟ ଆସିନି

**କଳାହାଣ୍ଡି,୧୩।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ତୃତୀୟ ପର୍ଯ୍ୟାୟ ଟୋକନ ଆସିଥିବା ବେଳେ ଟାର୍ଗେଟ ଅଧିକ ଆସି ନଥିବା ଯୋଗୁଁ ଚାଷୀଙ୍କ ପାଇଁ ଅଡୁଆ ସାଜିଛି। ଧାନ ବିକିବା ପାଇଁ ପ୍ରାୟ ୧୫ ଦିନ ହେବ ଚାଷୀ ମଣ୍ଡିରେ ପଡି ରହିଛନ୍ତି। ଜିଲ୍ଲାର ୨୩୦ଟି ମଣ୍ଡିରୁ ପ୍ରାୟ ୧୩୦ଟି ମଣ୍ଡି ବନ୍ଦ ହୋଇସାରିଥିବା ବେଳେ ନୂଆ ଟାର୍ଗେଟ୍ ଆସିବ ନା ନାହିଁ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏବେ ତୃତୀୟ ପର୍ଯ୍ୟାୟ ଟୋକନ ଧରି ଚାଷୀ ଚିନ୍ତାରେ ରହିଛନ୍ତି। ଏନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ୬୪ଲକ୍ଷ ୫୮ ହଜାର କୁଇଣ୍ଟାଲ ଟାର୍ଗେଟରୁ ୬୦ ଲକ୍ଷ ୧୧ ହଜାର କୁଇଣ୍ଟାଲ ଧାନ ଉଠାଣ ହୋଇଛି ଓ ନୂଆ ଟାର୍ଗେଟ ଆସି ନାହିଁ ବୋଲି କହିଥିଲେ ।

କଳାହାଣ୍ଡି ଜିଲ୍ଲାରେ ୨୩୦ଟି ଖରିଫ ଧାନ ମଣ୍ଡିରେ ଏପର୍ଯ୍ୟନ୍ତ ୬୦ଲକ୍ଷ ୧୧ ହଜାର କୁଇଣ୍ଟାଲ ଧାନ ଉଠାଣ ହୋଇଛି। ଏବେ ମଧ ପ୍ରାୟ ୧୦ ଲକ୍ଷ କୁଇଣ୍ଟାଲ ଧାନ ପଡ଼ି ରହିଛି।



ଜିଲ୍ଲାରେ ଚାଷୀ ମାନଙ୍କୁ ତୃତୀୟ ପର୍ଯ୍ୟାୟ ଟୋକନ ଆସିଥିବା ବେଳେ ଅଧିକ ଟାର୍ଗେଟ ଆସି ନ ଥିବା ଯୋଗୁଁ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ପାଷ୍ଟିକୁଡି ମଣ୍ଡିରେ ଚାଷୀ ପ୍ରଦୀପ କୁମାର ପାତ୍ର ୫୦କୁଇଣ୍ଟାଲ, ଦେବାର୍ଜନ ମେହେର ୪୦କୁଭଣ୍ଡାଲ, ସୂର୍ଯ୍ୟନାରାୟଣ ସାହୁ ୪୫କୁଇଣ୍ଟାଲ, ଗଙ୍ଗାରାମ ସାହୁ ୭୫ କୁଇଣ୍ଟାଲ, ଦୁର୍ବାଦଳ ଭୋଇ ୫୦ କୁଇଣ୍ଟାଲ ସମେତ ୧୩୦ଜଣ ଚାଷୀ ଗତ ୧୫ ଦିନ ହେବ ପ୍ରାୟ ୬ହଜାର କୁଇଣ୍ଟାଲ ଧାନ ଧରି ଜଗି ରହିଛନ୍ତି ଟାର୍ଗେଟ ନଥିବାରୁ ମିଲର୍ସ ବି ମଣ୍ଡିକୁ ଟ୍ରକ୍ ପଠାଉନାହାନ୍ତି। ଏଭଳି ସ୍ଥିତିରେ ନୂଆ ଟାର୍ଗେଟ୍ ଶୀଘ୍ର ନଆସିଲେ ଚାଷୀମାନେ ଧାନ ଫେରାଇନେବାକୁ ବାଧ ହେବେ ବୋଲି ଅଭିଯୋଗ ହେଲାଣି ।

## କେନ୍ଦ୍ରାପଡା ବିଜେପି ଯୁବମୋର୍ଚ୍ଚା ତରଫରୁ ବଜେଟ ୨୦୨୬କୁ ନେଇ ବିଶାଳ ଯୁବ ସମ୍ମିଳନୀ



**କେନ୍ଦ୍ରାପଡ଼ା,୧୩।୨(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଶୋଭନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଚଣ୍ଡିବଜାର ଠାରେ ଭାରତ ସରକାରଙ୍କ କେନ୍ଦ୍ର ବଜେଟ୍ ୨୦୨୬-୨୭ ସମ୍ପର୍କରେ ଯୁବମୋର୍ଚ୍ଚା ତରଫରୁ ଏକ ଯୁବ ସମ୍ମିଳନୀର ଆୟୋଜନ କରାଯାଇଥିଲା।ଏହି ସମ୍ମିଳନୀରେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଅମିତାଭ ସୁଆର,ଉପ ସଭାପତି ମନିଷା ପଣ୍ଡା, ସଂପାଦିକା ଝିଲି ଦାସ ଯୋଗଦେବା ସହ ବଜେଟରେ ସାଧାରଣ ଜନତା ଙ୍କ ନିମନ୍ତେ କେନ୍ଦ୍ର ସରକାରଙ୍କର ଉପଯୋଗୀ ନୀତି,ଯୁବ,ଛାତ୍ର,ମହିଳା,କୃଷକ, ଶିଳ୍ପ,ନିଯୁକ୍ତି କ୍ଷେତ୍ରରେ ଦୂରଦର୍ଶୀତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେଶବ ମିଶ୍ର,ସ୍ମୃତି ମଲ୍ଲ,ସଙ୍ଗମ ନାୟକ,ନଗର ସଭାପତି ଅଭିଷେକ ପଣ୍ଡା, ଶୈଳେନ୍ଦ୍ର ପାତ୍ର, ତପନ ମହାନ୍ତି,ବନ୍ଦନା ରାଉତରାୟ,ଅଜୟ ମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ବଜେଟ ବିଷୟରେ ମତାମତ ରଖିଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ ଉପରେ ସଚେତନତା ବାର୍ତ୍ତା




**ସୁବର୍ଣ୍ଣପୁର,୧୩।୨ (ସଂଚାର ବ୍ୟୁରୋ):** ଜିଲ୍ଲା ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ସୋନପୁର ବ୍ଲକ ଅଧୀନସ୍ଥ ହରଡ଼ାଖୋଲ ସ୍ଥିତ ସୁଭେଶ୍ୱର ଗ୍ରାମ ପଞ୍ଚାୟତ ହାଇ ସ୍କୁଲ ପ୍ରାଙ୍ଗଣରେ ନିଶାମୁକ୍ତ ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ରଚନା ଲେଖନ ଓ ତର୍କ-ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ନିଶାମୁକ୍ତ ସମାଜ ଗଠନର ଆବଶ୍ୟକତା ଓ ଯୁବପିଢ଼ୀଙ୍କ ଭୂମିକା ବିଷୟରେ ଛାତ୍ରଛାତ୍ରୀମାନେ ନିଜ ମତାମତ ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ରାଲି ହୋଇ ଥିଲା। ଏହି ଅବସରରେ ସୋନପୁର ବ୍ଲକର ବିଡିଓ ଶ୍ରୀ ପ୍ରତୀକ କର ମୁଖ୍ୟ ଅଧିକାରୀ ଭାବେ ଉପସ୍ଥିତ ଥିଲେ ସେ ନିଜ ଉଦବୋଧନରେ ଯୁବ ସମାଜକୁ ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ ହେବାକୁ ଓ ଅନ୍ୟମାନଙ୍କୁ ସଚେତନ କରିବାକୁ ଆହ୍ୱାନ କରିଥିଲେ। ଶେଷରେ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବଙ୍ଗାଳିଡାହି ଶ୍ରୀରାମ ନବମୀ ପାଇଁ ପ୍ରସ୍ତୁତି ବୈଠକ

**ବେତନଟୀ,୧୩।୨ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମ ପଞ୍ଚାୟତର ବଙ୍ଗାଳିଡାହି ଛକରେ ରହିଛି ହନୁମାନଙ୍କର ବିଶାଳ ପ୍ରତିମୂର୍ତ୍ତି। ଏହି ପ୍ରତିମୂର୍ତ୍ତିଙ୍କଠାରେ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ପୂଜାର୍ଚ୍ଚନା ଓ ଶ୍ରୀରାମ ନବମୀ ଉତ୍ସବ ପାଳନ ପାଇଁ ଶ୍ରୀରାମ ସେନାର ସଦସ୍ୟମାନଙ୍କର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି କଳସ ଯାତ୍ରା ଓ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ସହିତ ରାତିରେ ଭଜନ ସନ୍ଧ୍ୟାର ଆୟୋଜନ ହେବ। ଶାନ୍ତିଶୃଙ୍ଖଳାର ସହିତ ଉକ୍ତ ଉତ୍ସବ କିପରି ଅନୁଷ୍ଠିତ ହେବ ଏହା ଉପରେ ସଦସ୍ୟମାନେ ଆଲୋଚନା କରିଥିଲେ।



## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ବିଦ୍ୟାଳୟ, ରାଇଘରର ବାର୍ଷିକ ଉତ୍ସବ




**ରାଇଘର,୧୩।୨ (ସଂଚାର ବ୍ୟୁରୋ):** ରାଇଘର ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୦ତମ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ଆଧାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁରେଶ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ସାଂସଦ ପ୍ରତିନିଧି ଶ୍ରୀମତି ପ୍ରୀତିସ୍ନିଗ୍ଧା ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନର ଛାତ୍ରଛାତ୍ରୀ ଜଣେ ଜଣେ ଭଲ ମଣିଷ ହେବା ସହ ରାଷ୍ଟ୍ରର ସ୍ୱାର୍ଥ ଲାଗି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବରେଣ୍ୟ ଅତିଥି ବ୍ଲକ ଅଧକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଏହି ଅନୁଷ୍ଠାନର ଭୂୟସୀ ପ୍ରଶଂସା କରିବା ସହ ସବୁ ପ୍ରକାର ସହଯୋଗ କରିବାର ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ବିଡ଼ିଓ ସୁଶ୍ରୀ ରିତୁ ସିଂ ଛାତ୍ରଛାତ୍ରୀ ମାନଙ୍କୁ ଉଚ୍ଚାଭିଳାଷୀ ହେବା ଲାଗି ଆହ୍ୱାନ ଦେଇଥିଲେ। ମୁଖ୍ୟ ବକ୍ତା ହରିହର ସାହୁ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନପୂର୍ବକ ଭାରତ ବର୍ଷର ଗୌରବ ବୃଦ୍ଧି କରିବା ଲାଗି ଅଭିଭାବକ ମାନଙ୍କ ସହଯୋଗ ଲୋଡ଼ିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ପରୀକ୍ଷିତ ସାହୁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ ଉପକୃତ ହେବା ଲାଗି ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ହର ପ୍ରସାଦ ଦାସ ମାଆ ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ପାଥେୟ କରି ସୃଷ୍ଟ ଏହି ଦିବ୍ୟ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ।

## ସକାରାତ୍ମକ ଚିନ୍ତା ଓ ଚେତନା ଦ୍ୱାରା ପିଲାମାନଙ୍କର ବୌଦ୍ଧିକ ବିକାଶ ଆଗକୁ ଯାଏ



ବଳରାମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିଆପାଳ,୧୩।୨ (ସଂଚାର ବ୍ୟୁରୋ):** ସକରାତ୍ମକ ଚିନ୍ତା ଓ ଚେତନା ଦ୍ୱାରା ପିଲାମାନଙ୍କର ବୈଦ୍ଧିକ ବିକାଶ ଆଗକୁ ଯାଏ। ସେମାନଙ୍କ ମଧ୍ୟରେ ଥିବା ସ୍ୱଜନ ଶକ୍ତି ମଧ ବଢ଼ିଥାଏ। ଉଚ୍ଚ ଶିକ୍ଷା ଲାଭ କରି ଆଜିର ଛାତ୍ର ନିଜକୁ ଜଣେ ବଡ ମଣିଷ ଭାବରେ ପ୍ରତିଷ୍ଠିତ କରିବା ଅପେକ୍ଷା ଜଣେ ଭଲ ମଣିଷ ହେବା ପାଇଁ ବାଲିଆପାଳ ବ୍ଲକ ବଳରାମପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବକ୍ତା ବିଧାୟିକା ସୁବାସିନୀ ଜେନା ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ଜୟଶ୍ରୀ ତିରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟବକ୍ତା ଭାବରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ବରିଷ୍ଠ ଇଂରାଜୀ ଅଧାପକ କାମିନୀକାନ୍ତ ମହାନ୍ତି ସମ୍ମାନୀତ ଅତିଥି ଭାବରେ ବାଲିଆପାଳ ବିଡିଓ ରାଧାରଞ୍ଜନ ଦାସ, ଅବସରପ୍ରାପ୍ତ ଅଧକ୍ଷ ଡ.ବିଜୟ କୁମାର ଦେ, ବଳରାମପୁର ପଞ୍ଚାୟତର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ବିଧାୟକ ହାତପାଣ୍ଠିରୁ ନିର୍ମିତ ସ୍ୱଚ୍ଛପାନୀୟ ପ୍ରକଳ୍ପକୁ ବିଧାୟିକା ଶ୍ରୀମତୀ ଜେନା ଉଦଘାଟନ କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ

**ବାରିପଦାର,୧୩।୨ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଅଧକ୍ଷତାରେ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଓ ଯୋଜନା ଗୁଡିକର ସ୍ଥିତି, ଅଗ୍ରଗତି ଓ ଉପଲବ୍ଧି ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଉକ୍ତ ବୈଠକରେ ସମୀକ୍ଷା କରିଥିଲେ । ମୁଖ୍ୟତଃ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ରାସ୍ତା ଓ ବଙ୍ଗଳା, ଆଇଟିଡିଏ, ଗ୍ରାମ ନିର୍ମାଣ ବିଭାଜନ, ମନରେଗା ଓ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି । ସେହିପରି ଜଙ୍ଗଲ ବିଭାଗ ସମନ୍ୱୟରେ ହେଉଥିବା ବିଭିନ୍ନ ପ୍ରକଳ୍ପର



ଅଗ୍ରଗତିକୁ ମଧ ନିରୀକ୍ଷଣ କରି ଶୀଘ୍ର ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହା ସହ ପ୍ରତ୍ୟେକ ଗ୍ରାମରେ ଆବଶ୍ୟକ ମୁତାବକ ଜଳଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ବକେୟା ରହିଯାଇଥିବା ଆରଡ଼ି ରାସ୍ତା ଏବଂ ନୂତନ ରାସ୍ତା ତିଆରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ତ୍ୱରିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ଯଦି କିଛି ପ୍ରତିବନ୍ଧକ ଥାଏ ତେବେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଲେ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ୍, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ଆରସିସିଏଫ ପ୍ରକାଶ ଚନ୍ଦ୍ର ଗଗିନାନୀ, ଉପ ନିର୍ଦ୍ଦେଶକ (ଉତ୍ତର) ପ୍ରଶାନ୍ତ ପାଟିଲ୍, ଉପ ନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡ, ପିଏ ଆଇଟିଡିଏ କରଞ୍ଜିଆ ଚିତ୍ତରଞ୍ଜନ ମହାନ୍ତ, ପିଏ ଆଇଟିଡିଏ କପ୍ତିପଦା ନରେନ୍ଦ୍ର ଖମାରୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ବିଶ୍ୱ ମଞ୍ଚରେ ନୋରାଙ୍କ ଦବ୍‌ଦବା



ଆନ୍ତର୍ଜାତୀୟ ସ୍ତରରେ ଇତିହାସ ରଚିଛନ୍ତି ବଲିଉଡର ପାୱାର ପରଫର୍ମର ନୋରା ଫତେହି । ନିକଟରେ ଆରମ୍ଭ ହୋଇଥିବା ଆଇସିସି ପୁରୁଷ ଟି୨୦ ବିଶ୍ୱ କପ୍-୨୦୨୬ ଉଦ୍ଘାଟନ ସମାରୋହରେ ଦମଦାର ମଞ୍ଚ ପ୍ରଦର୍ଶନ ଜରିଆରେ ସେ ଦର୍ଶକଙ୍କୁ ମୁଗ୍ଧ କରିଥିଲେ । ଏହା ପୂର୍ବରୁ କାତାରରେ ଆୟୋଜିତ ଫିଫା ବିଶ୍ୱ କପ୍-୨୦୨୨ର ଉଦ୍ଘାପନ କାର୍ଯ୍ୟକ୍ରମରେ ମଧ୍ୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ବିଶ୍ୱସ୍ତରରେ ଏହାର ପ୍ରସାରଣ ହୋଇଥିଲା, ଯାହାକୁ କୋଟି କୋଟି ଦର୍ଶକ ଦେଖିଥିଲେ । ଭାରତୀୟ ମନୋରଞ୍ଜନ ଉଦ୍ୟୋଗ ପାଇଁ ଏହା ବଡ଼ ମୁହୂର୍ତ୍ତ ଥିଲା, କାରଣ ଏହା ପୂର୍ବରୁ କୌଣସି ବଲିଉଡ୍ କଳାକାରଙ୍କୁ ଏତେ ବଡ଼ ଅନ୍ତର୍ଜାତୀୟ ଆୟୋଜନର ଅଂଶ ହେବାର ସୁଯୋଗ ମିଳିନଥିଲା । ଉଭୟ ବିଶ୍ୱ କପ୍ ପ୍ୟାଟର୍ନରେ ମଞ୍ଚରେ ନିଜର କଳା ପ୍ରଦର୍ଶନ କରିଥିବା ପ୍ରଥମ ବଲିଉଡ୍ କଳାକାର ହୋଇଛନ୍ତି ନୋରା । ବିଶେଷଜ୍ଞଙ୍କ ଅନୁସାରେ, ନୋରାଙ୍କ ଉପସ୍ଥିତି କ୍ରୀଡ଼ା-ମନୋରଞ୍ଜନ ଅର୍ଥନୀତିର ବିସ୍ତାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। ଆଜି ପ୍ରମୁଖ କ୍ରୀଡ଼ା ଆୟୋଜନରେ ପପ୍ ସଂସ୍କୃତି ଓ ମଞ୍ଚରେ କଳା ପ୍ରଦର୍ଶନକୁ ପ୍ରମୁଖ ସ୍ଥାନ ଦିଆଯାଉଛି, ଯାହା କାର୍ଯ୍ୟକ୍ରମକୁ ବିଶ୍ୱସ୍ତରରେ ଲୋକପ୍ରିୟ କରୁଛି । ନୋରାଙ୍କର ଏହି ଉପଲବ୍ଧି ବିଶ୍ୱସ୍ତରରେ ଭାରତୀୟ କଳାକାରଙ୍କ ଉପସ୍ଥିତିକୁ ଦର୍ଶାଇଛି।



# ଭାଲେଣ୍ଟାଇନ୍ ଡେ'ରେ ବିବାହ କରିବେ ମୃଣାଳ



ଆଜିକାଲି ବେଶ ଚର୍ଚ୍ଚାରେ ରହୁଛନ୍ତି ଅଭିନେତ୍ରୀ ମୃନାଲ ଠାକୁର । ତାଙ୍କ ବିବାହକୁ ନେଇ ସୋସିଆଲ ମିଡିଆରେ ବିଭିନ୍ନ ଗୁଜବ ଶୁଣିବାକୁ ମିଳୁଛି । ତାମିଲ ଷ୍ଟାର ଧନୁଷଙ୍କ ସହ ତାଙ୍କ ନାମକୁ ମଧ ଯୋଡ଼ା ଯାଉଛି । କୁହାଯାଉଛି କି, ଉଭୟ ବିବାହ ବନ୍ଧନରେ ବାନ୍ଧିହେବେ । ତେବେ ଏହି ଚର୍ଚ୍ଚା ଭିତରେ ମୃନାଲ ଏବେ ନିଜ ଫିଲ୍ମ 'ଦୋ ଦିଓ୍ୱାନେ ସହର ମେଁ'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି । ଏହି ଫିଲ୍ମର ପ୍ରମୋସନରେ ବ୍ୟସ୍ତ ଥିବା ମୃନାଲ ନିକଟରେ ଏକ ଜାତୀୟ ଗଣମାଧମରେ ନିଜର ପ୍ରତିକ୍ରିୟାରେ ବାହାଘର ଗୁଜବ ସମ୍ପର୍କରେ ମୁହଁ ଖୋଲିଛନ୍ତି । ତାଙ୍କୁ ପଚରା ଯାଇଥିଲା କି, ବାସ୍ତବ ଜୀବନରେ ଆପଣଙ୍କ ପରିବାର ଲୋକେ ବାହାଘର ପାଇଁ ପ୍ରେସର କରୁଛନ୍ତି କି ? ଉତ୍ତରରେ ମଜାଳିଆ ଢ଼ଙ୍ଗରେ କହିଥିଲେ କି, ମୁଁ କାଲି ବାପାଙ୍କୁ କହିଥିଲି କି ମୋ ପାଇଁ ଗୋଟେ ଭଲ ପୁଅ ଦେଖ । ସେ କହିଥିଲେ ମୋ ନଜରରେ ସେମତି ଭଲ ପୁଅ କେହି ନାହାନ୍ତି । ଏବେ କୁହନ୍ତୁ ମୁଁ କଣ କରିପାରିବି । ଏହାସହ କହିଲେ କି, ମୋ ପାଇଁ ବ୍ୟକ୍ତିଗତ ଜୀବନ ସହ କ୍ୟାରିୟର ବହୁତ ଗୁରୁତ୍ୱ ବହନ କରୁଛି । ସେ ମଜାରେ କହିଥିଲେ କି, ଆଜି ମୋର ହଳଦୀ, କାଲି ମେହେନ୍ଦୀ ଆଉ ଭାଲେଣ୍ଟାଇନ୍ ଡେ'ରେ ବାହାଘର । ତେବେ ଏହି ସମୟରେ ଅଭିନେତା ସିଦ୍ଧାର୍ଥ ଚତୁର୍ବେଦୀ ପାଖରେ ରହିଥିଲେ । ସେ ସାଙ୍ଗେ ସାଙ୍ଗେ ହସି ଉତ୍ତର ଦେଇଥିଲେ କି, ଯଦି ଏମିତି ହେବ ତାହେଲେ ଫେବୃଆରୀ ୧୪ ତାରିଖରେ ପୁଅମାନେ ମୃନାଲଙ୍କ ଘର ଆଗରେ ଧାଡ଼ି ଲମ୍ବାଇବେ । ଏହାପରେ ମୃନାଲ କହିଥିଲେ କି, ଯଦି କେହି ଏହାକୁ ସତ ବୋଲି ଭାବନ୍ତି ତାହେଲେ ସେମାନଙ୍କ ପାଇଁ ଏହା ଏପ୍ରିଲ୍ ଫୁଲ୍ । ତେବେ ଅନେକ କଳାକାର ନିଜର ବ୍ୟକ୍ତିଗତ ଜୀବନକୁ ଲୁଚାଇ ରଖୁଥିବାବେଳେ ମୃନାଲ କିଛି ନିଆରା। ସେ ସମସ୍ତ କଥା ଫ୍ୟାନ୍ସ ଆଗରେ ଜଣାଇଥାନ୍ତି । ଇଣ୍ଟରିୟୁ ସମୟରେ କହିଥିଲେ କି, ମୋ ମନର ମଣିଷ ଆଉ ପ୍ରକୃତ ପ୍ରେମ ମିଳିଲେ ଆପଣଙ୍କୁ ଜଣାଇବି । ମୁଁ ଲୁଚାଇବାକୁ ଚେଷ୍ଟା କରିବିନି ବରଂ ଗର୍ବରେ ସମସ୍ତଙ୍କୁ ଜଣାଇବି ।



# 'ଭାଗମ ଭାଗ ୨'ରୁ ବାହାରିଲେ ଗୋବିନ୍ଦା



ବର୍ତ୍ତମାନଚର୍ଚ୍ଚାରେ ରହିଛନ୍ତି ବଲିଉଡ ଅଭିନେତା ଗୋବିନ୍ଦା । ପାରିବାରିକ ସମସ୍ୟା ପରେ ଏବେ ଇଣ୍ଡଷ୍ଟ୍ରିରୁ ଦୂରେଇ ରହିଛନ୍ତି। ନିକଟରେ ସ୍ତ୍ରୀଙ୍କ ଅଭିଯୋଗ ନେଇ ପ୍ରତିକ୍ରିୟା ରଖିଥିଲେ ଗୋବିନ୍ଦା । ସମସ୍ତ ଅଭିଯୋଗକୁ ମିଛ ବୋଲି କହ ଖଣ୍ଡନ କରିଥିଲେ । ଏହାରି ମଧ୍ୟରେ ବର୍ତ୍ତମାନ ଗୋବିନ୍ଦାଙ୍କ ବିଷୟରେ ଖବର ଆସିଛି ଯେ ସେ କମେଡି ଫିଲ୍ମ 'ଭାଗମ ଭାଗ ୨'ର ଅଂଶ ନାହାନ୍ତି । ଯାହାକୁ ଅଭିନେତା ପରେଶ ରାଓ୍ୱଲ୍ "ଭାଗମ୍ ଭାଗ୍ ୨" ଫିଲ୍ମରୁ ଗୋବିନ୍ଦାଙ୍କ ବିଦା ହୋଇଥିବା ନିଶ୍ଚିତ କରିଛନ୍ତି ।ଏହି ଖବର ଫେବୃଆରୀ ୧୦ରେ ଗୋବିନ୍ଦା ଚଳଚ୍ଚିତ୍ର ନିର୍ମାତା କରଣ ଜୋହରଙ୍କ ଉପରେ ଆକ୍ଷେପ କରିବା ପରେ ଆସିଛି । ଗୋବିନ୍ଦା କହିଥିଲେ, "କରଣ ଜୋହର ମୋ ନାମରେ ଏକ ଚଳଚ୍ଚିତ୍ର ତିଆରି କରିଛନ୍ତି, ଯେଉଁଥିରେ ଜଣେ ସ୍ୱାମୀ ପତ୍ନୀ ଥିବା ସତ୍ତ୍ୱେ ଅନ୍ୟ ଜଣେ ମହିଳାଙ୍କ ସହିତ ଜଡ଼ିତ ହୁଅନ୍ତି । ଯେଉଁଦିନ ମୁଁ କରଣ ଜୋହରଙ୍କୁ ଧରିବି, ମୁଁ ତାଙ୍କୁ ଏକ ଭଲ ପ୍ରସାଦ ଦେବି । ଭାଗମ ଭାଗ"ରେ ମନ ଜିତିଥିଲେ ଗୋବିନ୍ଦା ୨୦୦୬ ମସିହାରେ ମୁକ୍ତିଲାଭ କରିଥିବା "ଭାଗମ ଭାଗ" ପ୍ରିୟଦର୍ଶନଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା ଏବଂ ଏଥିରେ ଅକ୍ଷୟ କୁମାର, ଗୋବିନ୍ଦା ଏବଂ ପରେଶ ରାଓ୍ୱଲ ଅଭିନୟ କରିଥିଲେ । ଏହି କମେଡି ଥ୍ରୀଲର୍ ଏକ ଥିଏଟର ଗ୍ରୁପ୍ ର କାହାଣୀ କହେ ଯେଉଁମାନେ ଏକ ଶୋ ପାଇଁ ଲଣ୍ଡନ ଯାତ୍ରା କରନ୍ତି, କିନ୍ତୁ ଏକ ହତ୍ୟା ରହସ୍ୟ ଏବଂ ଅନ୍ୟାନ୍ୟ ଜଟିଳତାରେ ଫସିଯାଆନ୍ତି ।

ଏହି ଫିଲ୍ମଟି ଏହାର ହାସ୍ୟସ୍ପଦ ଦୃଶ୍ୟ, ମୋଡ଼ ଏବଂ ଅଭିନେତାମାନଙ୍କ ମଧ୍ୟରେ ଦୃଢ଼ କମେଡି ପାଇଁ ଲୋକଙ୍କ ପ୍ରିୟ ହୋଇଗଲା। ଦର୍ଶକମାନେ ଗୋବିନ୍ଦା ଏବଂ ଅକ୍ଷୟଙ୍କ ମଧ୍ୟରେ ରସାୟନକୁ ପସନ୍ଦ କରିଥିଲେ । ଦୁଇ ଦଶନ୍ଧି ପରେ, ଶେଷରେ ଏକ ସିକ୍ୱେଲ୍ ତିଆରି ହେଉଛି । ଫିଲ୍ମ ଅଧିକାର ସମ୍ପ୍ରତି ରୋରିଂ ରିଭର୍ ପ୍ରଡକ୍ସନ୍ସର ସରିତା ଅଶ୍ୱିନ ଭାର୍ଦେ ଶେମାରୁ ଏଣ୍ଟରଟେନମେଣ୍ଟରୁ ଅଧିଗ୍ରହଣ କରିଛନ୍ତି । ସେ ଶେମାରୁଙ୍କ ସହଯୋଗରେ ସିକ୍ୱେଲ୍ ନିର୍ମାଣ କରିବେ । ପ୍ରଯୋଜକମାନେ ପ୍ରତିଶ୍ରୁତି ଦେଇଛନ୍ତି ଯେ ନୂତନ ଫିଲ୍ମଟି "ଆହୁରି ମଜାଦାର, ରୋମାଞ୍ଚକର ଏବଂ ମନୋରଞ୍ଜନକାରୀ" ହେବ ।

# ଲିକ୍ ହେଲା 'ଧୁରନ୍ଧର ୨' ଡାଏଲଗ୍ ସିଟ୍

ବକ୍ସ ଅଫିସରେ ଧୁମ୍ ମଚାଇଥିବା 'ଧୁରନ୍ଧର' ସିନେମାର ଦ୍ୱିତୀୟ ଭାଗ ଅର୍ଥାତ୍ "ଧୁରନ୍ଧର ୨" ର ରିଲିଜକୁ କେବଳ ଦେଶ ନୁହେଁ ବରଂ ବିଶ୍ୱବ୍ୟାପୀ ଉତ୍ସାହର ସହିତ ଅପେକ୍ଷା କରାଯାଇଛି। ଏହାର କାହାଣୀ ବିଷୟରେ ପ୍ରଶଂସକଙ୍କ ମତବାଦ ପ୍ରତିଦିନ ଅନଲାଇନରେ ପ୍ରକାଶ ପାଉଛି। କିନ୍ତୁ ବର୍ତ୍ତମାନ, ତମାମ ଆଲୋଚନା ଭିତରେ "ଧୁରନ୍ଧର ୨" ର ସମ୍ପୂର୍ଣ୍ଣ କାହାଣୀକୁ ପ୍ରକାଶ ପାଇଛି ବୋଲି ଚର୍ଚ୍ଚା ହେଉଛି। ସିନ୍ ଏବଂ ଡାଏଲଗର ଏକ ସ୍କ୍ରିପ୍ଟ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏଥିରେ ରେହମାନ ଡକୈତଙ୍କ ଭାଇ ଉଜୈର ବାଲୋଚ୍ ଙ୍କ ଛଅଟି ସଂଳାପ ଏବଂ ପ୍ରତ୍ୟେକ ଦୃଶ୍ୟର ବିବରଣୀ ରହିଛି। ଲିକ୍ ହୋଇଥିବା ସ୍କ୍ରିପ୍ଟର ପ୍ରଥମ ଦୃଶ୍ୟରେ ରେହମାନ ଡକୈତଙ୍କୁ ହତ୍ୟା କରିବା ପରେ ଉଜୈର ଏସପି ଅସଲମ୍ ଚୌଧୁରୀଙ୍କ ଉପରେ କ୍ରୋଧିତ ହେଉଥିବା ଦର୍ଶାଯାଇଛି। ସେ ଏସପିଙ୍କ ମୁଣ୍ଡ କାଟିବାକୁ ଚାହୁଁଛନ୍ତି। ତା'ପରେ, ଏକ ଦୃଶ୍ୟରେ ସେ ଅରସଦ ପପୁଙ୍କ ଭାଇ ୟାସିରଙ୍କୁ ମାଡ଼ ମାରୁଥିବା ଦର୍ଶାଯାଇଛି। ତୃତୀୟ ଦୃଶ୍ୟରେ ଉଜୈର ବାଲୋଚ୍ ୟାସିରଙ୍କ ମୁଣ୍ଡ କାଟି ଦେଉଥିବା ଦର୍ଶାଯାଇଛି। "ଧୁରନ୍ଧର" ର ଏଣ୍ଡ କ୍ରେଡିଟ୍ରେ, ଉଜୈରଙ୍କ କଟାମୁଣ୍ଡକୁ କିକ୍ ମାରିବା ଦେଖାଯାଇଥିଲା। ଏହି ସ୍କ୍ରିପ୍ଟ ଅନୁସାରେ, ଗୋଟିଏ ଦୃଶ୍ୟରେ, ଉଜୈର କହୁଛନ୍ତି।





UZAIR

| Reel | Visual TCR | Action / One Liner | Dialouge |
| --- | --- | --- | --- |
| 2 | 02:02:40:22 - 02:05:03:17 | Uzair in anger as his brother is killed and Hamza calms him down | - Mere bhai par peeth peeche vaar kiya... Apne kutto ki fauj lekar aaya... Abeee Hattt... Abee Tumlogo ko nahi chodunga... Bhai ke peeth peeche vaar kiya... Breathing... Sp ka sar chahiye mujhe... Kisi bhi haal mai SP ka sar chahiye mujhe... Breathing... Kisne di?... |
| 2 | 02:17:24:06 - 02:18:24:07 | While beating up Yasir - Full Scene | - Breathing... Reaction... Yahhh... Chal... Dekh... Reactions... |
| 2 | 02:20:04:00 - 02:20:21:21 | While holding the head in his hand | - Aaj ke baad Lyari mai, Pathan gang ka Naamo Nishan khatam... Sara Khatam... Voyeee... Hattt... Reactions... Arshad Pappu... Arshad Pathan... Hat... |
| 2 | 02:24:32:21 | Stonned Uzair walking towards the door | - Lyari mai koi ghus ke dikhaie Bhenchod... Laashon ke pahad khade kar dunga... |
| 2 | 02:24:55:07 | Drugged Uzair | - Jab tak mai SP Aslam ka sier katke Lyari Qabristan ke bahar nahi taangta, tab tak mai yaha se nahi jaane wala... |
| 2 | 02:26:35:00 | Hamza while dropping Uzair at Airport | - Sambhal le yaha pe... Khayal rakh apna... Allah Hafiz... |

# ଆୟୁଷଙ୍କୁ ଧମକ, ଲରେନ୍ସଙ୍କ ନାଁରେ ଇମେଲ



ରଣବୀର ସିଂଙ୍କ ପରେ ଏବେ ଟାର୍ଗେଟରେ ସୁପରଷ୍ଟାର ସଲମାନ ଖାନଙ୍କ ଭିଣୋଇ ଆୟୁଷ ଶର୍ମା। ଅଭିନେତା ରଣବୀରଙ୍କୁ ଏକ ହ୍ୱାଟସଆପ୍ ଭଏସ୍ ନୋଟ୍ ମାଧ୍ୟମରେ ଧମକ ଦିଆଯାଇଥିଲା। ବର୍ତ୍ତମାନ ଇମେଲ ମାଧ୍ୟମରେ ଆୟୁଷଙ୍କୁ ଏହି ଧମକ ମିଳିଛି । ଲରେନ୍ସ ବିଷ୍ଣୋଇ ନାଁରେ ଆସିଛି ଇମେଲ୍ । ଆୟୁଷ ଶର୍ମାଙ୍କୁ ଧମକ ମୁମ୍ବାଇ କ୍ରାଇମବ୍ରାଞ୍ଚର ଏକ ରିପୋର୍ଟ ଅନୁଯାୟୀ, ଅଭିନେତା ଆୟୁଷ ଶର୍ମା, ପ୍ରୋଟନ୍ ମେଲ୍ ମାଧ୍ୟମରେ ପଠାଯାଇଥିବା ଏକ ଧମକପୂର୍ଣ୍ଣ ଇମେଲ୍ ପାଇଥିଲେ, ଯାହା ଉପଭୋକ୍ତାଙ୍କ ପରିଚୟକୁ ସୁରକ୍ଷା ଦେବା ପାଇଁ ଏକ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ଟେଡ୍ ସେବା । ପୋଲିସ କହିଛି ଯେ ପ୍ରେରକ ସେମାନଙ୍କର ପରିଚୟ ଲୁଚାଇବା ଏବଂ ପାରମ୍ପରିକ ଡିଜିଟାଲ୍ ଟ୍ରେସିଂ ପଦ୍ଧତିକୁ ବାଇପାସ୍ କରିବା ପାଇଁ ପ୍ଲାଟଫର୍ମ ବ୍ୟବହାର କରିଥିଲେ। ଇମେଲ୍ ରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା । ପୂର୍ବରୁ ରଣଭୀରଙ୍କୁ ଧମକ ୩୧ ଜାନୁଆରୀ ୨୦୨୪ ରେ ଚଳଚ୍ଚିତ୍ର ନିର୍ମାତା ରୋହିତ ଶେଟ୍ଟୀଙ୍କ ବାସଭବନ ବାହାରେ ଘଟିଥିବା ଗୁଳିକାଣ୍ଡ ଘଟଣାର ତଦନ୍ତ ଚାଲିଥିବା ମଧରେ ଏହି ଘଟଣା ଘଟିଛି । ସେପଟେ କିଛି ଦିନ ପୂର୍ବରୁ, ଅଭିନେତା ରଣବୀର ତାଙ୍କ ମ୍ୟାନେଜରଙ୍କ ଫୋନ୍ ନମ୍ବରକୁ ପଠାଯାଇଥିବା ଏକ ହ୍ୱାଟ୍ସଆପ୍ ଭଏସ୍ ନୋଟ୍ ମାଧମରେ ଏକ ଦାଦାବଟି ଧମକ ପାଇଥିଲେ। ପୋଲିସ ନିଶ୍ଚିତ କରିଛି ଯେ ପ୍ରେରକ ସେମାନଙ୍କର ନେଟୱାର୍କ ପରିଚୟ ଏବଂ ସ୍ଥାନ ଲୁଚାଇବା ପାଇଁ ଏକ ଭର୍ଚୁଆଲ୍ ପ୍ରାଇଭେଟ୍ ନେଟୱାର୍କ (ଭିପିଏନ୍) ବ୍ୟବହାର କରିଥିଲେ। ମୁମ୍ବାଇ ପୋଲିସ ତଦନ୍ତର ଅଂଶ ଭାବରେ ରଣବୀର ସିଂହଙ୍କ ମ୍ୟାନେଜରଙ୍କ ବୟାନ ରେକର୍ଡ କରିଛି ।



● ଜିଲ୍ଲା ମହୋତ୍ସବ ଯତରା ୨୦୨୬ ର ଉଦଯାପନୀ

# କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଗୀତରେ ଝୁମିଲେ ଦର୍ଶକ



**ସୁନ୍ଦରଗଡ଼, ୧୩।୨ (ସଂଚାର ବ୍ୟୁରୋ):** ଉଦ୍‌ଯାପିତ ହୋଇଯାଇଛି ସୁନ୍ଦରଗଡ଼ ଜିଲ୍ଲା ମହୋତ୍ସବ ଯତରା - ୨୦୨୬ । ଏହି ଉଦଯାପନୀ ସନ୍ଧ୍ୟାରେ ଯତରା ମଞ୍ଚକୁ ହକି କିମ୍ବଦନ୍ତୀ ମାଇକେଲ କିଣ୍ଡୋଙ୍କ ନାମରେ ସମର୍ପଣ କରାଯାଇଥିଲା। ଏହି ଅବସରରେ କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁଶ୍ରୀ ଲକ୍ଷ୍ମୀ ପ୍ରଭା ପତି ଓ ସୁଶ୍ରୀ ସସ୍ମିତା ଏବଂ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ "ଟିମ ଶ୍ମଶାନ ବନ୍ଧୁ" କୁ ସୁନ୍ଦରଗଡ଼ ସମ୍ମାନରେ ସମ୍ମାନିତ କରାଯାଇ ଥିଲା। ସେହିଭଳି ସାହସିକତା ନିମନ୍ତେ ପୋଲିସ କର୍ମଚାରୀ, ଅଗ୍ନିଶମ କର୍ମଚାରୀ ଏବଂ ରାଉରକେଲାର ଜରୁରୀ କାଳୀନ ବିମାନ ଅବତରଣ ସମୟରେ ସହଯୋଗ କରିଥିବା ଜଣେ ଗ୍ରାମବାସୀଙ୍କୁ ମଧ ସମ୍ବର୍ଦ୍ଧିତ କରା ଯାଇଥିଲା। ପରେ ବ୍ଲକ ସ୍ତରୀୟ ଯତରା ଆୟୋଜନ ନିମନ୍ତେ ସମସ୍ତ ବ୍ଲକ ମାନଙ୍କୁ ମଧ ସମ୍ବର୍ଦ୍ଧିତ କରା ଯାଇଥିଲା। ସେହିଭଳି ଯତରା ଅବସରରେ ବିଭିନ୍ନ ଛକ ମାନଙ୍କ ରେ ଅଂଶ ଗ୍ରହଣ କରିଥିବା ବିଭିନ୍ନ ଅନୁଷ୍ଠାନ, କମିଟି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା। ଏଥିରେ ରାଉରକେଲା ର ନୃତ୍ୟ ମଲ୍ହାର ଦ୍ୱାରା ଓଡ଼ିଶୀ ନୃତ୍ୟ, କଳାହାଣ୍ଡିର ଘୁମୁରା ନୃତ୍ୟ, ମହାରାଷ୍ଟ୍ରର ଲାଭନୀ ନୃତ୍ୟ,ଫେଟ୍ ଫାଇଟର, ପୁରୀ ଦ୍ୱାରା ମାଲଖମ୍ବ ଏବଂ ଓଲିଉଡରୁ ଦିବ୍ୟାଦିଶା ମହାନ୍ତି ଓ କୁକିଜ ସ୍ୱାଇଁଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆଙ୍କ ଦ୍ୱାରା ତାରକା ରାତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଭିନ୍ନ କୋରାପୁଟିଆ ଚଳଚିତ୍ରରେ ଅଭିନୟ କରି ଚର୍ଚ୍ଚାରେ ମାନସ ରଞ୍ଜନ ପଣ୍ଡା

**ରାଇଘର, ୧୩।୨ (ସଂଚାର ବ୍ୟୁରୋ):** ପେସାରେ ଜଣେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପି. ଇ. ଓ) ନିସା ତାଙ୍କର ଅଭିନୟ କରିବା ବିଭିନ୍ନ ଚଳଚିତ୍ର ରେ ଅଭିନୟ କରି ଚର୍ଚ୍ଚା ସାଉଠି ଛନ୍ତି ନବରଙ୍ଗପୁର ଜିଲ୍ଲା ମୈଦାଲପୁର ବ୍ଲକ ରେ ରହୁଥିବା ମାନସ ରଞ୍ଜନ ପଣ୍ଡା କ୍ଷୁଦ୍ର ଚଳଚ୍ଚିତ୍ର କବାଡି, ରାଇ, କାଲାବତୀ, ମୁକ୍ତି, ଘରଣୀ, ଫେସବୁକ ଲାଇଭ, ରାକ୍ଷୀ, ସମ୍ପର୍କ, ମିଛ ସପନ, ବ୍ଲଗର କାବେରୀ ରେ ମୁଖ୍ୟ ଭୂମିକାରେ ଅଭିନୟ କରି ଚର୍ଚ୍ଚାକୁ ଆସିଛନ୍ତି । ସେ ପେସାରେ ରାଇଘର ବ୍ଲକ ପରଚି ପାରା ପଞ୍ଚାୟତ ର ପିଇଓ ଭାବେ କାର୍ଯ୍ୟରତ ଥିବା ବେଳେ ତାଙ୍କର ଅଭିନୟରେ ରୁଚି ରହିଛି । ପୂର୍ବରୁ ଛୋଟ ବଡ଼ ବହୁ ଛୋଟ ଚଳଚ୍ଚିତ୍ର କରି ଚର୍ଚ୍ଚାରେ ରହିଆସିଛନ୍ତି। ତେବେ ତାଙ୍କର ପ୍ରଥମ କୋରାପୁଟିଆ ଚଳଚିତ୍ର 'ନୋନୀ ଆଇ ଲଭ ୟୁ' ଚଳଚ୍ଚିତ୍ରରେ ଚମତ୍କାର ଅଭିନୟ କରି ଦର୍ଶକଙ୍କ ମନ ମୋହିଛନ୍ତି ସେଇଠୁ ତାଙ୍କର ଆରମ୍ଭ ହେଲା ଚଳଚିତ୍ର ରେ ଅଭିନୟ କରିବା, ଅନେକ ଆଲବମ ସହ କ୍ଷୁଦ୍ର ଚଳଚ୍ଚିତ୍ରରେ ରେ ଅଭିନୟ କରିଛନ୍ତି । ଓଡ଼ିଶାର ସିନେମା ହଲରେ ତାଙ୍କର ଆଉ ଏକ ଚଳଚ୍ଚିତ୍ର 'କବାଡି ପିଲ୍ମ' ରିଲିଜ ହେଇଛି ଯାହାକି ତାଙ୍କ ଅଭିନୟ ଦର୍ଶକ ଙ୍କୁ ମନମୁଗ୍ଧ କରିଛି ତାଙ୍କ ନିଜ ଘର ନବରଙ୍ଗପୁର ଜିଲ୍ଲା ମୈଦଲପୁରଠାରେ ହୋଇଥିବା ବେଳେ ସେ ବର୍ତ୍ତମାନ ଉମରକୋଟରେ ରହି ରାଇଘର ଠାରେ ପିଇଓ ଭାବେ କାର୍ଯ୍ୟରତ ଅଛନ୍ତି । ସେହିପରି କ୍ଷୁଦ୍ର ଚଳଚିତ୍ର 'ରାଇ'ରେ ମାନସଙ୍କ ଚରିତ୍ର ମୂଳରୁ ଶେଷ ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧିରଖିଥିଲା ଔ ଏପରିକି ମାନସଙ୍କ ଅଭିନୟ ଚରିତ୍ରରେ ଦର୍ଶକଙ୍କ ଆଖିରୁ ଲୁହ ଝରି ଆସିଥିବା ଦେଖିବାକୁ ମିଳିଛି, କୋରାପୁଟିଆ ଫିଲ୍ମ ଜଗତରେ ଅଭିନୟ କରୁଥିବା ମାନସ ପଣ୍ଡା ଆଜି କୋରାପୁଟ ତଥା ଓଡିଶା ରେ ଆଜି ଅଭିନୟ କରି ନିଜ ପରିଚୟ ତିଆରି କରିଛନ୍ତି ।

## ବରିଷ୍ଠ ଚାଷୀ ନେତା ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ବିୟୋଗ



**ସୁବର୍ଣ୍ଣପୁର, ୧୩।୨ (ସଂଚାର ବ୍ୟୁରୋ):** ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ଉପଦେଷ୍ଟା ତଥା ଓଡ଼ିଶାର ବରିଷ୍ଠ ଚାଷୀ ନେତା ଶ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର (୭୬)ଙ୍କର ଆଜି ସକାଳେ ଅକସ୍ମାତ ଦେହାନ୍ତ ଘଟିଛି। ସେ ସୋନପୁର ଜିଲ୍ଲା ଖାରୀ ଗ୍ରାମର ବାସିନ୍ଦା ଥିଲେ। ଆଜି ସକାଳ ପ୍ରାୟ ୯ଟା ସମୟରେ ନଦୀ ପଠାରୁ ନିଜ କ୍ଷେତକୁ ଦେଖିବା ପାଇଁ ଯାଉଥିବାବେଳେ ହୃଦଘାତ ଘଟିଥିଲା। ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି। ଏଥିସହ ନବନିର୍ମାଣ ସଂଗଠନ ପକ୍ଷରୁ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ, ନିମାଇଁ ରାୟ, ଯୁବଛାତ୍ର ସଂଯୋଜକ ମନଓ୍ୱର ଅଲ୍ଲୀ ପ୍ରମୁଖ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ନବନିର୍ମାଣ ସଂଗଠନର ଅପୂରଣୀୟ କ୍ଷତି ବୋଲି ସଂଗଠର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି। ଶ୍ରୀ ମିଶ୍ର ବନାରସ ହିନ୍ଦୁ ୟୁନିଭର୍ସିଟିରୁ ଇଂରାଜୀରେ ସ୍ନାତକ ପାଠ୍ୟକ୍ରମ ସମାପ୍ତ କରିଥିଲେ। ପରେ ସେ ପୂର୍ବତନ ସରପଞ୍ଚ ଓ ଖାରୀ ଗ୍ରାମ ସେବା ସମବାୟ ସମିତିର ସଭାପତି ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ପ୍ରୟାସରେ ଖାରୀ ଗ୍ରାମରେ ଉଚ୍ଚ ବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ, ହୋମିଓପାଥୀ ଚିକିତ୍ସାଳୟ, ପଞ୍ଜାବ ନେସନାଲ ବ୍ୟାଙ୍କ ଆଦି ଅନେକ ସଂସ୍ଥା ସ୍ଥାପିତ ହୋଇଥିଲା।

## ଶ୍ରୀ ଜଗନ୍ନାଥ ଦର୍ଶନ ଯାତ୍ରାରେ ୬୪ ତୀର୍ଥଯାତ୍ରୀ



**ବାରିପଦା, ୧୩।୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଶ୍ରୀ ଜଗନ୍ନାଥ ଦର୍ଶନ ଯାତ୍ରା ଯୋଜନା ନବରଙ୍ଗପୁରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଓ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ବାରିପଦାସ୍ଥିତ କଲେଜ ପଡ଼ିଆରେ ଏକ ସଭା ଆୟୋଜିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନୀତ ଅତିଥି ଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଉପସ୍ଥିତ ରହିଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଡଃ ମହାପାତ୍ର ଜଗନ୍ନାଥ ଦର୍ଶନ ଯୋଜନା ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ଉପଲବ୍ଧି ହୋଇପାରିବା ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ଏହା ଏକ ଯୁଗାନ୍ତକାରୀ ଯୋଜନା ବୋଲି ଅଭିହିତ କରିଛନ୍ତି। ସେହିପରି ସମ୍ମାନିତ ଅତିଥି ଶ୍ରୀ ଖୁଣ୍ଟିଆ ଏହାଦ୍ୱାରା ଜଗନ୍ନାଥ ଦର୍ଶନର ଅଧୁରା ସ୍ୱପ୍ନ ସାକାର ହୋଇ ପାରିବ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି। ବାରିପଦା ବିଧାୟକ ଶ୍ରୀ ସୋରେନ୍ ପୁରୀ ଦର୍ଶନର ଅଭିଳାଷ ଏହି ବୃଦ୍ଧ ଜୀବନରେ ସମସ୍ତଙ୍କ ଲକ୍ଷ୍ୟ ଥାଏ, ଥରୁଟିଏ ଶ୍ରୀମନ୍ଦିର ଯାଇ ବାଇଶି ପାହାଚ ଚଢ଼ିବା ପାଇଁ। ସାଧାରଣ ଲୋକର ମନର ଭାବନାକୁ ରୂପାନ୍ତରିତ କରି ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେହି ସ୍ୱପ୍ନ ପୂରଣ ହେବାକୁ ଯାଉଛି ବୋଲି କହିଛନ୍ତି। ଏହି ଅବସରରେ ଉପସ୍ଥିତ ଅତିଥିମାନେ 'ଶ୍ରୀଜଗନ୍ନାଥ ଦର୍ଶନ' ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ ପ୍ରଦାନ କରିବା ସହ ସବୁଜ ପତାକା ଦେଖାଇ ପୁରୀ ଶ୍ରୀମନ୍ଦିର ଅଭିମୁଖେ ଯାଉଥିବା ବସ୍ ର ଶୁଭାରମ୍ଭ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ସମୁଦାୟ ୬୪ ଜଣ ତୀର୍ଥଯାତ୍ରୀ ଦୁଇଟି ବସ୍ ମାଧମରେ ଯାଇଛନ୍ତି।

## ଶିଶିର ମୁନ୍ଦୁୟା ହେଲେ ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ

**ବାରିପଦା, ୧୩।୨ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ଭାବେ ଶିଶିର କୁମାର ମୁନ୍ଦୁୟା ଦାୟିତ୍ୱ ନେଇଛନ୍ତି। ଏହାସହ ବାରିପଦା ଉପଖଣ୍ଡର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ। ଏ ନେଇ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ୨୦୨୪ ବ୍ୟାଚ୍ ର ଓଡ଼ିଶା ସୂଚନା ସେବା (ଓଆଇଏସ୍) ଅଧିକାରୀ ଶ୍ରୀ ମୁନ୍ଦୁୟା କହିଛନ୍ତି ଯେ ସରକାରଙ୍କ ପ୍ରତିଟି ଯୋଜନାକୁ ଗଣମାଧମ ମାଧମରେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରୟାସ କରିବେ। ସେହିପରି ଜିଲ୍ଲା ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମ ଓ ଲୋକାଭିମୁଖୀ ପଦକ୍ଷେପ ସହିତ ଲୋକଙ୍କୁ ଯୋଡ଼ିବେ। ଅଭିନବ ଶୈଳୀରେ ଜିଲ୍ଲାର ପରମ୍ପରା ଓ ସଂସ୍କୃତିକୁ ସୁଦୂରପ୍ରସାରୀ କରିବାକୁ ମନୋନିବେଶ କରିବେ ବୋଲି ସେ କହିଛନ୍ତି।

# କାମ ଅନେଶ୍ୱଣରେ ଦାଦନ ଯାଉଛନ୍ତି ଶ୍ରମିକ




**କଳାହାଣ୍ଡି, ୧୩।୨ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଭିବି-ଜି-ରାମ-ଜି ଯୋଜନାରେ ଲୋକଙ୍କୁ ପର୍ଯ୍ୟାପ୍ତ କାମ ମିଳୁ ନଥିବା ଯୋଗୁଁ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଶ୍ରମିକମାନେ ଯାଉଥିବା ଦେଖିବାକୁ ମିଳୁଛି।କଳାହାଣ୍ଡି ଜିଲ୍ଲାରେ ଦାଦନ ସମସ୍ୟା ଅଧିକ ଥିବାବେଳେ ଏହି ଯୋଜନାରେ ବିଭିନ୍ନ ସମସ୍ୟା ଯୋଗୁଁ ଶ୍ରମିକମାନେ ପର୍ଯ୍ୟାପ୍ତ କାମ ପାଇପାରୁନାହାନ୍ତି। ଯାହାକୁ ନେଇ ଅସନ୍ତୋଷ ମଧ ସୃଷ୍ଟି ହେଲାଣି। ଏନେଇ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀଙ୍କୁ ପଚାରିବାରେ, ଯେଉଁ ପଞ୍ଚାୟତରେ ୨୦ଟି ପ୍ରକଳ୍ପ ଫାଇଲ୍ ଖୋଲାଥିବ ସେଠାରେ ନୂଆ ପ୍ରକଳ୍ପକୁ ଅନୁମତି ଦିଆଯିବନି ବୋଲି କହିଥିଲେ। ଓଡିଶାରେ ୩୦ଟି ବ୍ଲକରେ ୩୦୦ ଦିନର କର୍ମନିଯୁକ୍ତି ଥିବାବେଳେ ଅନ୍ୟ ବ୍ଲକମାନଙ୍କରେ ୧୨୫ଦିନ କର୍ମ ନିଯୁକ୍ତି ବ୍ୟବସ୍ଥା ରହିଛି। କଳାହାଣ୍ଡି ଜିଲ୍ଲାର ମଦନପୁର ରାମପୁର, ଭବାନୀପାଟଣା, ଗୋଲାମୁଣ୍ଡା, ଲାଞ୍ଜିଗଡ ଓ ଥୁଆମୂଳ ରାମପୁର ବ୍ଲକରେ ୩୦୦ଦିନ କାମ ପାଇବା ନିମନ୍ତେ ବ୍ୟବସ୍ଥା ଥିବାବେଳେ ଅନ୍ୟ ୮ଟି ବ୍ଲକରେ ୧୨୫ ଦିନର କାମ ମିଳିବା ନିମନ୍ତେ ପ୍ରାବଧାନ ରହିଛି। ନୂଆ ଗାଇଡ ଲାଇନ ଅନୁଯାୟୀ ବନବିଭାଗ, କୃଷି ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳଛାୟା ବିଭାଗ, ପଞ୍ଚାୟତ, ବ୍ଲକ, ଜିଲ୍ଲା ପରିଷଦ ସମେତ ବିଭିନ୍ନ ଲାଇନ ବିଭାଗ ପକ୍ଷରୁ ଗୋଟିଏ ପଞ୍ଚାୟତରେ ଶ୍ରମିକମାନେ ସର୍ବାଧିକ ୨୦ଟି ପ୍ରକଳ୍ପ ପର୍ଯ୍ୟନ୍ତ ବର୍ଷରେ କାର୍ଯ୍ୟ କରିପାରିବେ। ଏହାଠାରୁ ଅଧିକ କାମ କରିବା ପାଇଁ ପୂର୍ବରୁ ବ୍ଲକ ଓ ଜିଲ୍ଲା ପରିଷଦରେ ନିରୀକ୍ଷଣ କରି ରିପୋର୍ଟ ପ୍ରଦାନ କରିବା କ୍ଷମତା ରହିଥିଲା। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପାଖରେ ଏହି କ୍ଷମତା ରହିଛି। ଗୋଟିଏ ରାସ୍ତାରେ କିମ୍ବା ଗୋଟିଏ ପ୍ରକଳ୍ପରେ ଥରେ ଜିଓ ଟ୍ୟାଗିଂ ହେବା ପରେ ୫ ବର୍ଷ ପର୍ଯ୍ୟନ୍ତ ନୂଆ ପ୍ରକଳ୍ପ ହୋଇପାରିବ ନାହିଁ ବୋଲି ନିୟମ ରହିଛି । ଏତେ କଟକଣା ଯୋଗୁଁ ନୂଆପ୍ରକଳ୍ପ ଓ ଶ୍ରମଦିବସ ସୃଷ୍ଟି ହୋଇପାରୁ ନଥିବା ଯୋଗୁଁ ଶ୍ରମିକମାନେ ଦାଦନ ହୋଇ ରାଜ୍ୟ ବାହାରକୁ ଖଟିବାକୁ ଯାଉଛନ୍ତି । ବିଭିନ୍ନ ପ୍ରକଳ୍ପ ରେ କାମ କରୁଥିଲେ ମଧ ଶ୍ରମିକଙ୍କୁ ମାସ ମାସ ଧରି ପ୍ରାପ୍ୟ ପାଇଁ ଅପେକ୍ଷା କରୁଛନ୍ତି। କାମ ମିଳୁ ନ ଥିବା ଓ ପ୍ରାପ୍ୟ ଠିକ ସମୟରେ ମିଳୁ ନ ଥିବା ଯୋଗୁ ଦାଦନ ଯିବାକୁ ବାଧ ହେଉଛନ୍ତି। ଏପରିକି ବହୁ ଦାଦନ ଶ୍ରମିକଙ୍କ ମୃତଦେହ ଭିଟାମାଟିକୁ ଫେରୁଥିବା ନେଇ ସାଧାରଣରେ ଉଦବେଗ ପ୍ରକାଶ ପାଇଛି। ଉଭୟ ରାଜ୍ୟ ଓ କେନ୍ଦ୍ରସରକାର ଏହି ସମସ୍ୟା ଗୁଡିକୁ ଦୃଷ୍ଟିରେ ରଖି ଆଇନରେ ପରିବର୍ତ୍ତନ ଆଣୁ ନଥିବା ଯୋଗୁଁ ଭିବି-ଜି-ରାମ-ଜି ଯୋଜନା ବାଟବଣା ହେବାରେ ଲାଗୁଛି। ତେଣୁ ଏନେଇ ରାଜ୍ୟ ସରକାର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ମେଘାସନୀ ମହୋତ୍ସବ ଉଦ୍‌ଯାପିତ

### ଲୋକକଳା ଓ ପ୍ରାଚୀନ ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଏହି ମେଳା ସମର୍ପିତ



**ବାରିପଦା, ୧୩।୨ (ସଂଚାର ବ୍ୟୁରୋ):** ମେଘାସନୀ ମହୋତ୍ସବ-୨୦୨୬" ତଥା ସ୍ୱଦେଶୀ ଓ ସୁଭଦ୍ରା ଶକ୍ତି ମେଳା ଆଜି ଉଦଯାପିତ ହୋଇଯାଇଅଛି । ଏହି ଉଦଯାପନୀ ସଂଧାରେ ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହିତ ମେଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ହାତ ନିର୍ମାଣ ସାମଗ୍ରୀକୁ ମନ୍ତ୍ରୀ ଶ୍ରୀ ମହାପାତ୍ର ଉଚ୍ଚ ପ୍ରଶଂସା କରିଥିଲେ । ଏଇ ଅବସରରେ ମୁଖ୍ୟଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ, ମୟୂରଭଞ୍ଜ ଏକ କଳା, ସଂସ୍କୃତିର ସଂପନ୍ନ ଜିଲ୍ଲା। ଲୋକକଳା ଓ ପ୍ରାଚୀନ ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଏହିପରି ମେଳା ସମର୍ପିତ ଆଜିର ଏହି ମେଳା ସଭିଙ୍କୁ ଏକାଠି କରିବାରେ ସହାୟକ ହୋଇଅଛି। ମୟୁରଭଞ୍ଜର କଳା, ସଂସ୍କୃତିକୁ ସୁଦୁର ପ୍ରସାରୀ କରିବାରେ ଏହି ମେଳା ସହାୟକ ହୋଇଛି । ଗ୍ରାମୀଣ ଅର୍ଥନୀତିର ବିକାଶର ସହ ଆତ୍ମନିର୍ଭର ସ୍ୱପ୍ନ ଏହାଦ୍ୱାରା ପୂରଣ ହୋଇପାରିବ ବୋଲି ମୁଖ୍ୟ ଅତିଥି ଶ୍ରୀ ମହାପାତ୍ର ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ସେହିପରି ସମ୍ମାନିତ ଅତିଥି ସଞ୍ଜଲୀ ମୁର୍ମୁ ଯୋଗ ଦେଇ ମାଆ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ଉଚ୍ଚ ପ୍ରଶଂସା କରି ପରିବାର ପ୍ରତିପୋଷଣ ପାଇଁ ସେମାନେ ଆଗକୁ ଉଦାହରଣ ସୃଷ୍ଟି କରିବେ ବୋଲି କହିଛନ୍ତି । ଆଜିର ସଂଧାରେ କଳା, ସଂଗୀତ ଓ ସଂସ୍କୃତିର ଅପୂର୍ବ ମିଶ୍ରଣ ଦେଖିବାକୁ ମିଳିଛି । ଆଜିର କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନାରେ ପ୍ରମୁଖ ଭୂମିକାରେ ଉପଜିଲ୍ଲାପାଳ ବାରିପଦା ଡଃ ଦୟାସିନ୍ଧୁ ପରିଡ଼ା ରହି ନିଆରା ସଂଳାପରେ ମଞ୍ଚ ସଞ୍ଚାଳନ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧରେ ଜିଲ୍ଲାପାଳ ହେମକାନ୍ତ ସୟ୍, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ ଶ୍ରେଷ୍ଠ ପ୍ରଦର୍ଶନ ଷ୍ଟଲ ମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।

## ୨୬ ବର୍ଷ ପରେ ଗାଁକୁ ଫେରିଲା ପୁଅ



**ସୋର, ୧୩।୨ (ସଂଚାର ବ୍ୟୁରୋ):** ୨୬ ବର୍ଷ ପରେ ଗାଁକୁ ଫେରିଲା ପୁଅ । ୧୫ ବର୍ଷ ବୟସରେ ଗାଁ ଛାଡିଥିଲେ, ୪୧ ବର୍ଷ ବୟସରେ ଘରକୁ ଫେରିଛନ୍ତି । ପୁଅକୁ ଝୁରି ଝୁରି ଆରପାରିକୁ ଚାଲିଗଲେ ବାପା, ମା' ଓ ଭାଇ । ପରିବାର ଲୋକ ପୁଅ ଫେରିବ ବୋଲି ଆଶା ଛାଡିଦେଇଥିଲେ । କିନ୍ତୁ ଅଭିମାନ କରି ଘର ଛାଡ଼ିଦେଇଥିବା ପୁଅ ୨୬ ବର୍ଷ ପରେ ଫେରିଛି ଗାଁକୁ । ସବୁ ଯେମିତି ନୂଆ ନୂଆ ଲାଗୁଥିଲା ମୁନାଙ୍କୁ। ଗାଁ ଛାଡିଥିବା ବେଳେ ଘରେ ବାପା ମା' ଓ ବଡ଼ ଭାଇ ସବୁଥିଲେ। ହେଲେ ଗାଁକୁ ଫେରିବା ପରେ ବାପା ମା' ଓ ବଡ଼ ଭାଇ ଏ ଦୁନିଆ ଛାଡି ଆର ପାରିରେ ଶୁଣିବାକୁ ପାଇଲେ । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତର ମିରିପୁର ଖଇରା ଗାଁରେ । ଗାଁର ଗଣପତି ଦଳେଇଙ୍କର ଦୁଇ ପୁଅ ରମେଶ ଓ ମନୋଜ । ପରିବାରର ଆର୍ଥିକ ପରିସ୍ଥିତି ଭଲ ନଥିବାରୁ ସାନ ପୁଅ ମନୋଜ ଓରଫ ମୁନା ୧୫ ବର୍ଷ ବୟସରେ ଗାଁ ଛାଡି ମୁମ୍ବାଇକୁ କାମ କରିବା ପାଇଁ ପଳେଇ ଯାଇଥିଲେ । କିଛି ଦିନ ମୁମ୍ବାଇରେ ରହିବା ପରେ ହଠାତ ମୁନା କୁଆଡେ ପଳେଇ ଯାଇଥିଲେ । ପରିବାର ଲୋକମାନଙ୍କ ସହିତ ଯୋଗାଯୋଗ ରଖିନଥିଲେ ମୁନା । ପରିବାର ଲୋକ ମୁମ୍ବାଇର ବହୁ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ମୁନାଙ୍କର କୌଣସି ସନ୍ଧାନ ମିଳିନଥିଲା । ଶେଷରେ ବାପା ମା' ସାନ ପୁଅକୁ ଝୁରି ଝୁରି ଆଖି ବୁଜିଦେଲେ । ଗ୍ରାମବାସୀ ଓ ପରିବାର ଲୋକ ଶେଷରେ ସବୁ ଆଶା ଛାଡିଦେଇଥିଲେ। କିନ୍ତୁ ହଠାତ ଗତ ଫେବ୍ରୁଆରୀ ୧୧ ତାରିଖ ଦିନ ମୁନା ଗାଁକୁ ଫେରିଛନ୍ତି । ଭଉଣୀ ଯଶୋଦା ଦାସ ମୁନାଙ୍କୁ ଚିହ୍ନି ପାରିଥିଲେ। ତା'ପରେ ଆରମ୍ଭ ହୋଇଥିଲା ଖୁସିର ଲୁହ । ଏତେଦିନ ପରେ ସାନ ଭାଇକୁ ପାଇ ଭଉଣୀ ଗାଁ ଲୋକଙ୍କୁ ମିଠା ବାଣ୍ଟି ଥିଲେ ।

## ଜିଲ୍ଲାରେ ସପ୍ତମ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା



**ସୁବର୍ଣ୍ଣପୁର, ୧୩।୨ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ରୟାଲ ପଡ଼ିଆ ପାର୍ଶ୍ୱରେ ନବ ନିର୍ମିତ କଲ୍ୟାଣ ଭବନ ଠାରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର, ଜିଲ୍ଲା ସଂସ୍କୃତି ପରିଷଦ, ସୁବର୍ଣ୍ଣପୁର ଓ ଇଙ୍କଫେଷ୍ଟ, ସୁବର୍ଣ୍ଣପୁରଙ୍କ ମିଳିତ ଭାବେ ଆୟୋଜନ କରାଯାଉଥିବା ସପ୍ତମ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା - ଇଙ୍କଫେଷ୍ଟ - ୨୦୨୬ ଆୟୋଜନ ନିମନ୍ତେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଂସ୍କୃତି ପରିଷଦ ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ଼ ନୃପରାଜ ସାହୁ, ଇଙ୍କଫେଷ୍ଟ ର ସଭାପତି, ଶ୍ରୀ ସ୍ୱାଧୀନ କୁମାର ମେହେର, ଉପ-ସଭାପତି, ଶ୍ରୀ ଗତିକୃଷ୍ଣ ମିଶ୍ର, ସମ୍ପାଦକ, ଶ୍ରୀ ଆମ୍ବୁଜ କୁମାର ଶତପଥି ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର, ଶ୍ରୀ ଅର୍ଜୁନ ମାଝୀ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଇଙ୍କଫେଷ୍ଟ ର ସମ୍ପାଦକ ଶ୍ରୀ ଶତପଥୀ ଉପସ୍ଥିତ ସମସ୍ତ ସମ୍ବାଦ ପତ୍ରଗୁଡ଼ିକର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧିମାନେ ଓ ଇଙ୍କଫେଷ୍ଟ ର ଅନ୍ୟ ସଦସ୍ୟା ମାନଙ୍କୁ ସ୍ୱାଗତ ଜଣାଇଥିଲେ ଓ ଏହି ସପ୍ତମ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ଉତ୍ସବ - ଇଙ୍କଫେଷ୍ଟ - ୨୦୨୬ ଆୟୋଜନ ଉପରେ ଉପସ୍ଥିତ ସମସ୍ତ ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧମର ପ୍ରତିନିଧିମାନଙ୍କୁ ବିଶଦ ଭାବେ ଅବଗତ କରାଇଥିଲେ। ଏହି ସପ୍ତମ ବାର୍ଷିକ ପୁସ୍ତକ ଓ ସାରସ୍ୱତ ମେଳା ବା ଉତ୍ସବ - ଇଙ୍କଫେଷ୍ଟ - ୨୦୨୬ ତା ୧୪.୦୨.୨୦୨୬ ରୁ ୨୧.୦୨.୨୦୨୬ ପର୍ଯ୍ୟନ୍ତ ସୁବର୍ଣ୍ଣପୁର ସ୍ଥିତ ରୟାଲ ପଡ଼ିଆ ଠାରେ ଅନୁଷ୍ଠିତ ହେବ।

## କଲେଜ ପାଇଁ ଗୌରବ ଆଣିଲେ ଏନ୍‌ସିସି ନାଭାଲ ୱିଙ୍ଗର କ୍ୟାଡେଟ୍ ହିମେଶ



**ଭଞ୍ଜନଗର, ୧୩।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଏନ୍‌ସିସି ନାଭାଲ ୱିଙ୍ଗର କ୍ୟାଡେଟ ହିମେଶ କୁମାର ଜେନା ଗତ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ କର୍ତ୍ତବ୍ୟ ପଥ ପରେଡ୍‌ରେ ଅଂଶ ଗ୍ରହଣ କରି କଲେଜ ପାଇଁ ଗୌରବ ଆଣିଛନ୍ତି। ତାଙ୍କୁ ଶୁକ୍ରବାର କଲେଜ ମୁଖ୍ୟ ଫାଟକରୁ ବାଣ ଫୁଟାଇ ଏକ ଶୋଭାଯାତ୍ରାରେ ଅଣାଯାଇଥିଲା। ଏହାପରେ ଅଧକ୍ଷ କୁମୁନ୍ଦ ଚନ୍ଦ୍ର ମହାପାତ୍ର ହିମେଶଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଏଥିସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସମୟରେ ନାଭାଲ ୱିଙ୍ଗର ସିଟିଓ ବିଭୂତି ଗୌଡ଼, ପ୍ରଶାସନିକ ଅଧିକାରୀ ବିଭାସ ଦାସ, ଆର୍ମି ୱିଙ୍ଗ୍ ସିଟିଓ ଅର୍ପଣ ପ୍ରଧାନ, ଡ. ରବୀନ୍ଦ୍ର କୁମାର ମିଶ୍ର, ଦିଗନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମରୁ ପୁରୀ ଗଲେ ୭୪ ଶ୍ରଦ୍ଧାଳୁ



**ଛତ୍ରପୁର, ୧୩।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଛତ୍ରପୁରଠାରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଶୁକ୍ରବାର ନବରଙ୍ଗପୁରରୁ ଏହାର ଶୁଭାରମ୍ଭ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ। ଏହି ଅବସରରେ ଗଞ୍ଜାମ ଜିଲା ଛତ୍ରପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଦୁଇଟି ବସ୍‌ରେ ୭୪ ଜଣ ଶ୍ରଦ୍ଧାଳୁ ପୁରୀ ଯାଇଛନ୍ତି। ଏହି ଯୋଜନାରେ ୬୦ରୁ ୭୫ ବର୍ଷ ବୟସ୍କ ବ୍ୟକ୍ତି ଓ ବିଧବା ମହିଳା ଏହି ଯୋଜନାରେ ସାମିଲ କରାଯାଇଛି। ଗଞ୍ଜାମ ଜିଲାରୁ ୨ଟି ବସ୍‌ରେ ୭୪ ଜଣ ଶ୍ରଦ୍ଧାଳୁ ଆଜି ପୁରୀ ଯାଇଛନ୍ତି । ଏହି ରଥକୁ ଓଡ଼ିଶା ସରକାରଙ୍କ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନ, ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ନୋଡାଲ ଅଫିସର ତଥା ଓଏସ୍‌ଆର୍‌ଟିସି ଜିଏମ୍ ସଞ୍ଜୟ ବିଶ୍ୱାଳ ପ୍ରମୁଖ ଶୁଭାରମ୍ଭ କରିଛନ୍ତି।

## ମଣ୍ଡିରେ ଧାନ ଦେଇ ନପାରି ଫେରିଗଲେ ଚାଷୀ



**ବୈଶିଙ୍ଗା, ୧୩।୨ (ସଂଚାର ବ୍ୟୁରୋ):** ଚଳିତ ବର୍ଷ ଖରିଫ୍ ଧାନ କିଣାରେ ବ୍ୟାପକ ହେଉଥିବା ଅନିୟମିତତା ଅଭିଯୋଗ ଧିରେ ଧିରେ ଚାଷୀ ଙ୍କ ମନୋବଳ ଭାଙ୍ଗିଦେଉଛି। ବିଜେପି ସରକାର ଗତବର୍ଷ ଠାରୁ ଧାନ କୁଇଣ୍ଟାଲ ପିଛା ଆଠ ଶହ ଟଙ୍କା ବୋନସ ଆକାରରେ ଦେବା ଯୋଗୁଁ ଧାନ ଚାଷ ପାଇଁ ଚାଷୀ ମନ ବଳାଇବା ଯୋଗୁଁ ଅନ୍ୟ ପନିପରିବା ଚାଷ ଛାଡି ଧାନ ଚାଷ ରେ ମନ ବଳାଇଥିଲେ। ଫଳରେ ଏକର ପିଛା ଆମଦାନୀ ବଢ଼ି ଯାଇଥିଲା। ଏପରେ ସରକାର ଡ୍ରୋନ ମାଧମରେ ସର୍ଭେ କରି ଟୋକନ ରେ ଧାନ କିଣିବା ଟା କମାଇ ଦେଇଥିଲେ। ଅନ୍ୟପଟରେ ମିଲର ଏବଂ ସରକାରଙ୍କ ମଧୁଚନ୍ଦ୍ରିକା ପାଇଁ ମିଲର ମାନେ ମନ ଇଚ୍ଛାରେ ଧାନ କିଣିଲେ। ଫଳରେ ଚାଷୀ ଙ୍କ ଧାନ ବର୍ତ୍ତମାନ ସୁଦ୍ଧା କିଣା ହୋଇ ପାରି ନାହିଁ। ସମବାୟ ସଂସ୍ଥା ଓ ବେଡନଟୀ ଆରଏମସି ଧାନ କିଣିବା ପାଇଁ ବିଭିନ୍ନ ମଣ୍ଡିରେ ବ୍ୟବସ୍ଥା କରିଥିଲେ ମଧ ଧାନର ମାନ ପରୀକ୍ଷଣ ନାଁ ରେ ୭/୧୦ କିଗ୍ରା ଧାନ କଟତି କରୁଥିବାର ଅଭିଯୋଗ ଆସୁଛି। ଗତକାଲି ଗୁରୁବାର ନଡପୁର ଲ୍ୟାମ୍ପସ୍ ରେ ଧାନ ବିକ୍ରୀ କରିବାକୁ ଆସିଥିବା ଚାଷୀ ମାନେ ହଟହଟା ହୋଇଥବାର ଘଟଣା ସାମନା କୁ ଆସିଛି। ଚାଷୀ ମାନଙ୍କ ମଧରେ ଜୟନ୍ତ ମହାନ୍ତି, ରଞ୍ଜନ ସାହୁ, ବିପିନ ବିହାରୀ ନନ୍ଦୀ, କୃଷ୍ଣ ମୋହନ ଗିରି, ଯୁଗ ଜେନା, ମାୟାଧର ଗିରି, ହେମେନ୍ଦ୍ର ହାଁସଦା, ଜୟନ୍ତୀ ଗିରି ପ୍ରମୁଖ ଧାନ ବିକ୍ରୀ କରିବା ପାଇଁ ଆଣିଥିଲେ। ଧାନ କଟତି ଘଟଣାକୁ ନେଇ ଚାଷୀ ଓ ମିଲର ମଧରେ କଥା କଟାକଟି ହେବା ପରେ ମିଲର ଓ ସମବାୟ ସଂସ୍ଥା ଫେରି ଯାଇଥିଲେ। ଫଳରେ ରାତି ତମାମ ଚାଷୀ ବସି ରହିଥିଲେ। ଆଜି ଶୁକ୍ରବାର ଧାନ କିଣିବାକୁ ଆସି ନ ଥିଲେ। ଏଥିପାଇଁ ଚାଷୀ ମାନେ ମନସ୍ତାପ ରେ ଥିବାର ଜଣାଯାଇଛି।

## ତାଡିଲେ ଉଠା ଦୋକାନୀ, ଘେରିଲେ ତହସିଲ କାର୍ଯ୍ୟାଳୟ



**ଦାରିଙ୍ଗବାଡି, ୧୩।୨ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ଦେଇ ଯାଇଥିବା ୫୯ନଂ ଜାତୀୟ ରାଜପଥ କଡ଼ରେ ଉଠା ଦୋକାନୀଙ୍କୁ ଜବରଦଖଲ ଉଚ୍ଛେଦ କରାଯାଇଛି। କିନ୍ତୁ ସମସ୍ତ ଉଠା ଦୋକାନୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଥଇଥାନ କରାଯିବାରେ ବିଳମ୍ବକୁ ନେଇ ଦେଖାଯାଇଛି ଉତ୍ତେଜନା। ଶୁକ୍ରବାର ସମସ୍ତ ଉଠାଦୋକାନୀ ହେଲିପ୍ୟାଡ଼ ପଡିଆଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ଆସି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ସେଠାରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ସେମାନଙ୍କ ଦାବି ଯେ, ପ୍ରଶାସନ ଦୀର୍ଘ ମାସେରୁ ଉର୍ଦ୍ଧ୍ୱ ସମୟ ଧରି ଉଠାଦୋକାନୀଙ୍କୁ ଜାତୀୟ ରାଜପଥ କଡ଼ରୁ ଉଚ୍ଛେଦ କରିଥିଲେ ସୁଦ୍ଧା ଏବେ ପର୍ଯ୍ୟନ୍ତ ସେମାନଙ୍କୁ ଥଇଥାନ କରାଯାଇପାରିନି। ଫଳରେ ଗରିବ ଖଟିଖିଆ ପରିବାର ଏବେ ଦୀର୍ଘ ସମୟ ଧରି ନିଜ ବ୍ୟବସାୟ ବନ୍ଦ ଯୋଗୁ ପରିବାର ଚଳାଇବା ମୁସ୍କିଲ ହୋଇପଡ଼ିଛି। ଏବେ ଘର ଚଳାଇବା ଓ ପିଲାଙ୍କ ପାଠ ପଢ଼ାଖର୍ଚ୍ଚ ସହ ସ୍ୱାସ୍ଥ୍ୟପାଇଁ ଖର୍ଚ୍ଚ ଉଠାଇବା କଷ୍ଟକର ହୋଇପଡ଼ିଛି। କିଭଳି ଚଳିବେ ସେନେଇ ବଢ଼ିଛି ଚିନ୍ତା। ତେଣୁ ଆମକୁ ଥଇଥାନ କର, ନ ହେଲେ ଆମକୁ ଖାଇବାକୁ ଦିଅ, ଘର ଖର୍ଚ୍ଚ ଦିଅ ବୋଲି ନାରାବାଜି ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉଠାଦୋକାନୀଙ୍କ ଏଭଳି ଆନ୍ଦୋଳନକୁ ଦେଖି ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର, ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ, ଆଇଆଇଆସି ସଂଗ୍ରାମ କେଶରୀ ଜେନା, ଦାରିଙ୍ଗବାଡି ସରପଞ୍ଚ ଚନ୍ଦ୍ରିକା ମଲିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରୋଶନ ରଥ ପ୍ରମୁଖ ତହସିଲଦାରଙ୍କ ପ୍ରକୋଷ୍ଠରେ ଏକ ବୈଠକ କରି ସେମାନଙ୍କ ଥଇଥାନ ପାଇଁ ଆଲୋଚନା କରିଥିଲେ।

## ମାଇଁ ଛୋଟା ସ୍କୁଲ୍‌ର ବାର୍ଷିକ ଉତ୍ସବ ମଧୁବନ ପାଳିତ

**ସୁବର୍ଣ୍ଣପୁର, ୧୩।୨ (ସଂଚାର ବ୍ୟୁରୋ):** ସୋନପୁର ମାଇଁ ଛୋଟା ସ୍କୁଲ୍‌ର ବାର୍ଷିକ ଉତ୍ସବ ମଧୁବନ ୨୦୨୫/୨୬ ମହା ସମାରୋହ ରେ ପାଳିତ ହୋଇଯାଇଛି। ଏଠାରେ ମୁଖ୍ୟ ଅତିଥି ଭାବେ ସୋନପୁର କଲେଜ୍ ର ଜୁଲୋଜି ବିଭାଗ ର ମୂଖ୍ୟ ପ୍ରଫେସର ଉମାକାନ୍ତ ନାଗ ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କ ଚରିତ୍ର ଗଠନ ହେଲେ ଗୋଟେ ସୁସ୍ଥ ରାଷ୍ଟ୍ର ଗଠନ ରେ ସହାୟକ ହୁଏ ବୋଲି କହିଥିଲେ। ଏଥିରେ ମା ମାନଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ବୋଲି କହି ଛାତ୍ର ଛାତ୍ରୀ ଙ୍କୁ ପ୍ରେରଣା ଯୋଗାଇଥିଲେ। ମୂଖ୍ୟ ବକ୍ତା ଭାବେ କଳାପଥର ସତ୍ୟବାଦୀ ଉଚ୍ଚ ମାଧମିକ ସ୍କୁଲ ଅଧକ୍ଷ ପ୍ରଫେସର କିଶୋର କୁମାର ସାହୁ, ସମ୍ମାନିତ ଅତିଥି ଭାବେ କାଦୋଦର ମା ଉମାଦେବି ଆଞ୍ଚଳିକ କଲେଜ୍ ର ପ୍ରଫେସର ଉଦ୍ଧବ ପଧାନ, ସ୍କୁଲ ନିର୍ଦ୍ଦେଶିକା ମଧୁସ୍ମିତା ସାହୁ, ଅଧକ୍ଷା ସାହିନା ବେଗମ୍, ସଂଯୋଜକ ଅନିଲ କୁମାର ପଣ୍ଡା ଯୋଗ ଦେଇ ଛାତ୍ର ଛାତ୍ରୀ ଙ୍କୁ ପ୍ରେରଣା ପ୍ରଦାନ କରି ବିଭିନ୍ନ କ୍ଷେତ୍ର ରେ କୃତୀ ଅର୍ଜନ କରିଥିବା କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରିଥିଲେ। ଛାତ୍ର ଛାତ୍ରୀ ଙ୍କ ଦ୍ୱାରା ରଙ୍ଗା ରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବ ରେ ଶତାଧିକ ଛାତ୍ର ଛାତ୍ରୀ, ଅଭିଭାବକ, ଅଭିଭାବିକା ଓ ବୁଦ୍ଧିଜୀବି ଉପସ୍ଥିତ ଥିଲେ। ସ୍କୁଲ ଚେୟାରମେନ ପ୍ରମୋଦ ମାହାଣା ଙ୍କ ତତ୍ତ୍ୱା ବଧାନ ରେ ସମସ୍ତ କାର୍ଯ୍ଯ୍ୱ କ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ ଟିଚର ଓ କର୍ମଚାରୀ ସହଯୋଗ କରିଥିଲେ।